ବର୍ଷ-୫୪ : ସଂଖ୍ୟା-୩ ମାର୍ଚ୍ଚ, ୨୦୨୩ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ୍, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ମାର୍ଚ୍ଚ, ୨୦୨୩


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ଯଦି ଲୋକମାନେ ଏକଥା ଜାଣିଥା'ନ୍ତେ | ··· | ଶ୍ରୀମା | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ଯୋଗ ପଥ | ··· | ଶ୍ରୀମା | ··· | ୬ |
| ଜୟ ! ଜୟ ! ଜୟ ! | ··· | ଶେଖ ଅବଦୁଲ କାଶମ | ··· | ୭ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୧୬) | ··· | ··· | ··· | ୧୦ |
| ସଂକ୍ଷେପରେ ରାମାୟଣ ଚରିତ | ··· | ରାମକୃଷ୍ଣ ଦାସ | ··· | ୧୪ |
| ଫଗୁଣ ଉଷା (କବିତା) | ··· | ସ୍ୱପ୍ନେନ୍ଦୁ କୁମାର | ··· | ୧୬ |
| ଆଧୁନିକ ଭାରତ ଓ ଯୁବ-ସମାଜ (୩) | ... | ପ୍ରପତ୍ତି | ··· | ୧୭ |
| ସମର କି ସମର୍ପଣ (କବିତା) | ··· | ସନ୍ତୋଷ ରଥ | ··· | ୨୨ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୭୧) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୩ |
| ଦ୍ୱୀପାନ୍ତରର କଥା (ତୃତୀୟ ପରିଚ୍ଛେଦ) | | | | |
| ସେଟଲ୍‌ମେଣ୍ଟର ପରିଚୟ (୧) | ··· | ବାରୀନ୍ଦ୍ର କୁମାର ଘୋଷ | ··· | ୨୬ |
| ନୀରବତା (୫) | ··· | ଗୟାଧର ଦାଶ | ··· | ୨୯ |
| ଆନନ୍ଦିବାଈ ଜୋଶୀ | ··· | ସୂର୍ଯ୍ୟକାନ୍ତି ମହାନ୍ତି | ··· | ୩୧ |
| ହେ ନିତ୍ୟ ନୂତନ ! (କବିତା) | ··· | ଝରଣା ଘୋଷାଲ | ··· | ୩୩ |
| ମୁଁ ଯେଉଁ ଦୃଶ୍ୟ ଦେଖିଥିଲି | ··· | କେ. ଅମୃତ | ··· | ୩୪ |
| ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ଭଗବାନ୍ ଶିବ | ··· | ଦେବଦତ୍ତ | ··· | ୩୫ |
| ଆମ ଶିକ୍ଷାର ଲକ୍ଷ୍ୟ | ··· | ପ୍ରସାଦ ତ୍ରିପାଠୀ | ··· | ୩୭ |
| ସନାତନ ଧର୍ମ (୪) | ··· | କୁମାର ଚନ୍ଦ୍ର ମିଶ୍ର | ··· | ୪୦ |
| ଟେଡ଼ି ଷ୍ଟୋଡ଼ାର୍ଡ଼ ଏବଂ ଶ୍ରୀମତୀ ଥମ୍ପସନ୍ | ··· | ··· | ··· | ୪୫ |
| ଇତିହାସର କେତୋଟି ମୁହୂର୍ତ୍ତ : | | | | |
| ରହସ୍ୟମୟ ସାନ୍ତାକ୍ଲଜ୍ | ··· | ମନୋଜ ଦାସ | ··· | ୪୮ |
| ଏକଲବ୍ୟର ସାଧନା (୭) | ··· | ··· | ··· | ୪୯ |
| ଅଳୀକ ଅହମିକା | ··· | ମନୋଜ ଦାସ | ··· | ୫୨ |
| ବିଷକୁମ୍ଭ | ··· | ··· | ··· | ୫୪ |
| କୁଶକ୍ତିର କରାମତି | ··· | ମନୋଜ ଦାସ | ··· | ୫୭ |


❖

# ପ୍ରାର୍ଥନା

ତୁମେହିଁ ଚେତନା ଏବଂ ଆଲୋକ । ସବୁକିଛିର ଗଭୀରରେ ତୁମେହିଁ ଶାନ୍ତି, ନବରୂପାୟନକାରୀ ଦିବ୍ୟପ୍ରେମ, ଅନ୍ଧକାର ଉପରେ ବିଜୟକ୍ଷମ ଜ୍ଞାନ । ତୁମକୁ ଅନୁଭବ କରିବା ପାଇଁ ଏବଂ ତୁମ ଦିଗରେ ଆସ୍ପୃହା ପୋଷଣ କରିବା ପାଇଁ ଜଣେ ଅବଚେତନାର ବିଶାଳ ସମୁଦ୍ରରୁ ଉତ୍ତୀର୍ଣ୍ଣ ହୋଇଥିବା ଲୋଡ଼ା, ଜଣେ ନିଜେ ସୁସଂଗଠିତ ହେବାକୁ ଆରମ୍ଭ କରିଥିବା ଲୋଡ଼ା, ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିତ୍ୱସମ୍ପନ୍ନ ହେବା ଲୋଡ଼ା, ଯାହା ଫଳରେ ସେ ନିଜକୁ ଜାଣିବ ଏବଂ ନିଜକୁ ଦେଇଦେବ — ଯେମିତିକି ନିଜ ଅଧିକାରଭୁକ୍ତ ବସ୍ତୁକୁହିଁ ଜଣେ ଦେଇ ଦେଇପାରେ । ଆଉ ଏହି ଆତ୍ମ-ସୁସଂଗଠନ ପାଇଁ, ପରିବେଶର ଅନିର୍ଦ୍ଦିଷ୍ଟ ଅବସ୍ଥାରୁ ଉତ୍ତୀର୍ଣ୍ଣ ହେବା ପାଇଁ କେତେ ପ୍ରୟାସ ଓ ସଂଗ୍ରାମ ଲୋଡ଼ା ହୁଏ ସତେ ! ଏବଂ ଥରେ ବ୍ୟକ୍ତିତ୍ୱ ସୁସଂଗଠିତ ହୋଇଯିବା ଅନ୍ତେ ନିଜକୁ ଦେଇ ଦେବାକୁ, ସମର୍ପଣ କରିବାକୁ ଆହୁରି କେତେ ପ୍ରୟାସ ଓ ସଂଗ୍ରାମ ଲୋଡ଼ା ହୁଏ !

ଅଳ୍ପ ସଂଖ୍ୟକ ଲୋକହିଁ ସ୍ୱେଚ୍ଛାକ୍ରମେ ଏହି ପ୍ରୟାସ କରିବାକୁ ସମ୍ମତ ହୁଅନ୍ତି; ଅତଏବ ଜୀବନ ତା'ର ନିର୍ମମ ଅପ୍ରତ୍ୟାଶିତ ଘଟଣାବଳି ଭିତର ଦେଇ ମଣିଷଙ୍କୁ ଅନଭିପ୍ରେତ ଭାବେ ଏହା କରିବାକୁ ବାଧ୍ୟ କରେ, କାରଣ ଅନ୍ୟଥା ସେମାନେ ଏହା କରିପାରିବେ ନାହିଁ । ଏବଂ ସମସ୍ତ ବାଧାବିଘ୍ନ ସତ୍ତ୍ୱେ ଅଳ୍ପ ଅଳ୍ପ ମାତ୍ରାରେ ତୁମ କାର୍ଯ୍ୟ ହୁଏ ସମାହିତ ।

ମାର୍ଚ୍ଚ ୨୦, ୧୯୧୪ — ଶ୍ରୀମା

# ଯଦି ଲୋକମାନେ ଏକଥା ଜାଣିଥା'ନ୍ତେ

The first thing one learns on the way is that the joy of giving is far greater than the joy of taking.

Then gradually one learns that to forget oneself is the source of immutable peace. Later on, in this self-forgetfulness, one finds the Divine, and that is the source of an ever-increasing bliss.

Sri Aurobindo told me one day that if men knew this and were convinced of it, they would all want to do yoga.

(*CWM Vol. 16* - pp. 432 - 433) – The Mother

*9 February 1972*

ଯୋଗପଥରେ ଯେଉଁ ପ୍ରଥମ କଥା ବ୍ୟକ୍ତି ଶିକ୍ଷାଲାଭ କରେ ତାହା ହେଉଛି ଅର୍ପଣର ଆନନ୍ଦ ଗ୍ରହଣର ଆନନ୍ଦ ଅପେକ୍ଷା ବହୁଗୁଣରେ ବେଶୀ ।

ତା'ପରେ ଧୀରେ ଧୀରେ ବ୍ୟକ୍ତି ଶିକ୍ଷା କରେ ଯେ ନିଜକୁ ଭୁଲିଯିବା ହେଉଛି ଅପରିବର୍ତ୍ତନୀୟ ଶାନ୍ତିର ଉତ୍ସ । ପରେ ଏହି ଆତ୍ମବିସ୍ମୃତି ମଧ୍ୟରେ ବ୍ୟକ୍ତି ଭଗବାନଙ୍କୁ ଆବିଷ୍କାର କରେ, ଏବଂ ତାହାହିଁ ହେଉଛି କ୍ରମବର୍ଦ୍ଧମାନ ଆନନ୍ଦର ଉତ୍ସ ।

ଶ୍ରୀଅରବିନ୍ଦ ଦିନେ ମୋତେ କହିଥିଲେ ଯେ ଯଦି ଲୋକମାନେ ଏଇ କଥା ଜାଣିଥା'ନ୍ତେ ଓ ଏ ବିଷୟରେ ନିଶ୍ଚିତ ହୋଇଥା'ନ୍ତେ, ତେବେ ସମସ୍ତେ ଯୋଗ କରିବାକୁ ଚାହୁଁଥା'ନ୍ତେ ।

— ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

## (୧୨୬)

## ଶ୍ରୀଅରବିନ୍ଦ

A master and slave of stark phenomenon,
She travels on the roads of erring sight
Or looks upon a set mechanical world
Constructed for her by her instruments.
ନିରାଟ ବାସ୍ତବ ଘଟନାର ଜଣେ ପ୍ରଭୁ ଏବଂ ଦାସ, ସିଏ ଯାତ୍ରା କରୁଥାଏ ବିଭ୍ରାନ୍ତକାରୀ ଦୃଷ୍ଟିର ପଥଚୟ ଉପରେ ଅଥବା ତାହାରି ହତିଆର ଦ୍ୱାରା ତାଙ୍କ ପାଇଁ ନିର୍ମିତ ଏକ ଧରାବନ୍ଧା ଯାନ୍ତ୍ରିକ ଜଗତ୍ ଉପରେ ଦୃଷ୍ଟିପାତ କରୁଥାଏ ।

A bullock yoked in the cart of proven fact,
She drags huge knowledge-bales through Matter's dust
To reach utility's immense bazaar.
ପ୍ରମାଣିତ ତଥ୍ୟର ଶଗଡ଼ରେ ଯୋଚା ଯାଇଥିବା ବଳଦଟିଏ ସେ, ଜଡ଼ର ଧୂଳି ଭିତର ଦେଇ ସେ ବିଶାଳ ଜ୍ଞାନ-ଗଣ୍ଠିଲିଗୁଡ଼ିକୁ ଟାଣି ଟାଣି ନେଉଥାଏ ପ୍ରୟୋଜନୀୟତାର ବିପଣିରେ ପହଞ୍ଚିବା ଲାଗି ।

Apprentice she has grown to her old drudge;
An aided sense is her seeking's arbiter.
ଆପଣା ପୁରୁଣା ନିରସ କର୍ମର ଶିକ୍ଷାନବିସ ପାଲଟିଛି ସେ; ତା' ଏଷଣାର ଚୂଡ଼ାନ୍ତ ନିଷ୍ପତ୍ତିକାରୀ ହେଉଛି ଏକ ସାହାଯ୍ୟ ପ୍ରାପ୍ତ ବୋଧେନ୍ଦ୍ରିୟ ।

This now she uses as the assayer's stone.
ତା'କୁହିଁ ସେ ଏବେ ବ୍ୟବହାର କରେ କଷଟି ପଥର ରୂପେ ।

As if she knew not facts are husks of truth,
The husks she keeps, the kernel throws aside.
ସତେ ଯେମିତି ସେ ଜାଣି ନଥାଏ ତଥ୍ୟସବୁ ହେଲା ସତ୍ୟର ଚଷୁ, ଚଷୁତକହିଁ ସେ ରଖେ, ଶସକୁ ଅଲଗା କରି ଫିଙ୍ଗିଦିଏ ।

An ancient wisdom fades into the past,
The ages' faith becomes an idle tale,
God passes out of the awakened thought,
An old discarded dream needed no more:
Only she seeks mechanic Nature's keys.
ଅତୀତ ମଧ୍ୟରେ ମିଳାଇ ଯାଏ ଏକ ପୁରାତନ ପ୍ରଜ୍ଞା, ଯୁଗ ଯୁଗର ବିଶ୍ୱାସ ହୋଇଉଠେ ଏକ ଅଳସ କାହାଣୀ, ଜାଗ୍ରତ୍ ଭାବନାରୁ ଭଗବାନ୍ ଅପସରି ଯାଆନ୍ତି, ଯେପରି ଏକ ପୁରୁଣା ପରିତ୍ୟକ୍ତ ସ୍ୱପ୍ନର ଆଉ ଏଣିକି ଆବଶ୍ୟକତାହିଁ ନଥାଏ : ସେ କେବଳ ଖୋଜୁଥାଏ ଯାନ୍ତ୍ରିକ ପ୍ରକୃତିର ଯେତେସବୁ ଚାବିକାଠି ।

Interpreting stone-laws inevitable
She digs into Matter's hard concealing soil,
To unearth the processes of all things done.
ପାଷାଣ-ନିୟମାବଳୀକୁ ଅବଶ୍ୟମ୍ଭାବୀ ବୋଲି ବ୍ୟାଖ୍ୟା କରି ଜଡ଼ର ସୁକଠିନ ସଂଗୋପକ ମୃତ୍ତିକାକୁ ସେ ଖୋଳୁଥାଏ, ସକଳ କୃତକାର୍ଯ୍ୟର ପ୍ରକ୍ରିୟାରାଜିକୁ ଉଦ୍ଧାର କରିବାକୁ ସେ ଚାହେଁ ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

# ଯୋଗ ପଥ

## ଶ୍ରୀମା

### ଯୋଗ ପଥ ଲାଗି ଆହ୍ୱାନ

ଯେଉଁ ପ୍ରଶ୍ନଟିର ତୁମେ ଉତ୍ତର ଦେବା ଉଚିତ, ତାହାହେଲା : ତୁମେ ଈଶ୍ୱରଙ୍କ ପାଇଁ ଯୋଗ କରିବାକୁ ଚାହୁଁଛ କି ? ଈଶ୍ୱର ତୁମ ଜୀବନର ପରମ ଅବଲମ୍ବନ କି ? ଈଶ୍ୱର ତୁମ ପାଇଁ ଏତେ ଶ୍ରେୟଃ ଯେ ତାଙ୍କୁ ଛାଡ଼ି ତୁମେ ଦଣ୍ଡେ ଚଳିପାରିବ ନାହିଁ ? ତୁମେ କ'ଣ ଏପରି ଅନୁଭବ କର ଯେ ଈଶ୍ୱରହିଁ ତୁମ ଜୀବନର ମୁଖ୍ୟ ଆକର୍ଷଣ ଓ ତାଙ୍କୁ ଛାଡ଼ିଦେଲେ ତୁମ ଅସ୍ତିତ୍ୱର କୌଣସି କିଛି ମୂଲ୍ୟ ନାହିଁ ? ଯଦି ଏସବୁ ପ୍ରଶ୍ନର ଉତ୍ତର ତୁମ ପାଇଁ ''ହଁ'' ହୁଏ, ତା'ହେଲେ ଯାଇ ବୁଝିବ ଯେ ଏ ଯୋଗ ପଥରେ ଯିବା ପାଇଁ ତୁମ ଭିତରୁ ଏକ ଆହ୍ୱାନ ଆସିଛି ।

ଏହାହିଁ ହେଲା ପ୍ରଥମ ଆବଶ୍ୟକତା — ଈଶ୍ୱରଙ୍କ ପାଇଁ ଅଭୀପ୍ସା ।

ତା' ପରବର୍ତ୍ତୀ କଥା ହେଲା ଏହି ଅଭୀପ୍ସାଟିକୁ ତୁମେ ତୁମ ହୃଦୟରେ ପୋଷଣ କରିବ, ସବୁବେଳେ ତାକୁ ଜାଗ୍ରତ୍ କରି ରଖିବ, ସତର୍କ ରହିବ, ସଂଜୀବିତ କରି ରଖିବ । ଏବଂ ସେଥିଲାଗି ଯାହା ଆବଶ୍ୟକ ତାହା ହେଲା — ଏକାଗ୍ରତା, ଈଶ୍ୱରଙ୍କ ଉପରେ ଏକାଗ୍ରତା । ତୁମେ ଏପରି ଭାବେ ଏକାଗ୍ର ହେବ ଯାହା ଫଳରେ କି ଈଶ୍ୱରଙ୍କ ଇଚ୍ଛା ଓ ଉଦ୍ଦେଶ୍ୟ ପାଖରେ ତୁମେ ତୁମର ସବୁକିଛିକୁ ସଂପୂର୍ଣ୍ଣ ଭାବେ ସମର୍ପଣ କରି ପାରିବ ।

ନିଜ ହୃଦୟ ଭିତରେ ଏକାଗ୍ର ହୁଅ । ତା' ଭିତରକୁ ପ୍ରବେଶ କର; ଭିତରକୁ ଭିତରକୁ ଯାଅ, ଖୁବ୍ ଦୂରକୁ ଆଉ ଗଭୀରକୁ ଯାଅ, ଯେତେଦୂର ପାର ନିଜ ଅନ୍ତରର ଗଭୀରତା ଭିତରକୁ ପ୍ରବେଶ କର । ତୁମ ଚେତନାର ଯେତେ ଯେତେ ସୂତାଖିଅ ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଛି — ସେଗୁଡ଼ିକୁ ଗୋଟାଇ ଆଣି ଏକତ୍ରିତ କର । ତାକୁ ଧରି ନିଜର ଗଭୀରତା ଭିତରକୁ ଡେଇଁ ପଡ଼ ଓ ଅତଳ ଗଭୀରତା ମଧ୍ୟରେ ବୁଡ଼ିଯାଅ ।

ତା'ରି ଭିତରେହିଁ ଏକ ଅଗ୍ନି ଜଳୁଛି; ତୁମ ହୃଦୟର ଗଭୀର ନୀରବତା ଓ ପ୍ରଶାନ୍ତି ଭିତରେ ଅଗ୍ନିଶିଖାଟିଏ ଜଳିଜଳି ଉପରକୁ ଉଠୁଛି । ତାହା ହେଉଛି ତୁମ ଭିତରର ଈଶ୍ୱର ବା ଦିବ୍ୟତା — ତାହାହିଁ ହେଉଛି ତୁମର ସତ୍ୟସତ୍ତା । ତା'ର ସ୍ୱରକୁ କାନପାତି ଶୁଣ,...

### ଈଶ୍ୱରଙ୍କ ଭିତରକୁ ଡେଇଁପଡ଼

ହଠଯୋଗ ଓ ରାଜଯୋଗ ନାମରେ କେତେକ ଯୌଗିକ ନୀତିନିୟମସବୁ ରହିଛି — ସେଗୁଡ଼ିକୁ ଜଣେ ସାଧନ କରିପାରେ, ମାତ୍ର ଆଧ୍ୟାତ୍ମିକ ଜୀବନ ସହିତ ଏସବୁର ବିଶେଷ କିଛି ସମ୍ବନ୍ଧ ନାହିଁ । ପ୍ରଥମଟି ମୁଖ୍ୟତଃ ଦେହକୁ ସଂଯତ କରିଥାଏ ଓ ଦ୍ୱିତୀୟଟି ମାନସିକ ସଂଯମ ଆଣିଥାଏ । କିନ୍ତୁ ଆଧ୍ୟାତ୍ମିକ ଜୀବନ ଭିତରେ ପ୍ରବେଶ କରିବା ଅର୍ଥ ଈଶ୍ୱରଙ୍କ ଭିତରକୁ ସିଧା ଡେଇଁପଡ଼ିବା, ଯେମିତି ତୁମେ ସମୁଦ୍ର ଭିତରକୁ ଲମ୍ଫ ଦେଇଥାଅ । କିନ୍ତୁ ତାହା ମଧ୍ୟ ଆଧ୍ୟାତ୍ମିକ ଜୀବନର ଅୟମାରମ୍ଭ ମାତ୍ର — ଶେଷକଥା ଆଦୌ ନୁହେଁ । କାରଣ, ଈଶ୍ୱରଙ୍କ ଭିତରକୁ ଡେଇଁ ପଡ଼ିଲା ପରେ ତୁମକୁ ଈଶ୍ୱରଙ୍କ ଭିତରେ ରହି କିପରି ବଞ୍ଚିବାକୁ ପଡ଼େ ତାହା ଶିକ୍ଷା କରିବାକୁ ପଡ଼ିବ । ଏହା ତୁମେ କିପରି କରିବ ? ତୁମକୁ କେବଳ ସହଜ ଭାବେ ତା' ଭିତରକୁ ଡେଇଁ ପଡ଼ିବାକୁ ହେବ ଏବଂ ଆଦୌ ଭାବିବ ନାହିଁ ଯେ ''କେଉଁଠି ମୁଁ ଯାଇ ପଡ଼ିବି ? ମୋର ସତରେ କ'ଣ ହେବ ?'' ଏହା ହେଉଛି ତୁମ ମନର ଦ୍ୱିଧା ଭାବ ଯାହା ତୁମକୁ ଡେଇଁ ପଡ଼ିବାରେ ବାଧା ଦିଏ । ତୁମେ ସହଜରେ ନିଜକୁ ପୂରା ଛାଡ଼ିଦେବ । ତୁମେ ଯଦି ସମୁଦ୍ରକୁ ଡେଇଁ ପଡ଼ିବା ପାଇଁ ଇଚ୍ଛା କରୁଥିବ, ଅନ୍ୟ ପକ୍ଷରେ ସର୍ବଦା ମନ ଭିତରେ ଶଙ୍କା କରୁଥିବ ଯେ, ''ଆଃ, କାଳେ ଏଠି ଗୋଟାଏ ପଥର ଥିବ କି ସେଠି ଗୋଟେ ପଥର ଥିବ'', ତା'ହେଲେ ତୁମେ କେବେ ବି ଡେଇଁପାରିବ ନାହିଁ ।

...ଏକାବେଳେକେ ସବୁ ଛାଡ଼ିଛୁଡ଼ି ଦେଇ ସାହସ ବାନ୍ଧି ଡେଇଁପଡ଼ । ତା'ହେଲେ ଯାଇ ତୁମକୁ ଏଇ ସବୁ ବାରଚାଉଳିଆ ବାହ୍ୟ ଚିନ୍ତାରୁ ମୁକ୍ତି ମିଳିବ । ସେତେବେଳେ ଯାଇ ତୁମେ ସତକୁ ସତ ଆଧ୍ୟାତ୍ମିକ ଜୀବନର ଅଭିଜ୍ଞତା ଲାଭ କରିପାରିବ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ଜୟ ! ଜୟ ! ଜୟ !

## ଶେଖ ଅବଦୁଲ କାଶମ

ମାଆ ତାଙ୍କର "Prayers and Meditations" ପୁସ୍ତକରେ ଲେଖିଛନ୍ତି – "Victory, Victory, Victory ! We want the victory of Transfiguration !" ଅର୍ଥାତ୍ ''ଜୟ ! ଜୟ ! ଜୟ ! ଆମେ ଚାହୁଁ ପରମ ରୂପାନ୍ତରର ବିଜୟ !'' ନିଶ୍ଚେତନା ମଧ୍ୟରେ ପ୍ରସୁପ୍ତ ଚେତନା କ୍ରମବିକଶିତ ହୋଇ ଜଡ଼, ପ୍ରାଣ ଓ ମନ ସ୍ତରକୁ ଆସିବା ପରେ ଅତିମାନସର ଆବିର୍ଭାବ ଘଟିଛି ଯାହା ଫଳରେ ମନ-ପ୍ରଧାନ ମନୁଷ୍ୟ ମଧ୍ୟରେ ଅତିମାନସର କାର୍ଯ୍ୟ ଆରମ୍ଭ ହୋଇଛି । ଯୁଗ ଯୁଗ ଧରି ସଂଘଟିତ ଏହି ଆଧ୍ୟାତ୍ମିକ ବିବର୍ତ୍ତନର ପ୍ରତ୍ୟେକଟି ସୋପାନ ପରମ ସତ୍ତାଙ୍କର ଏକ ଏକ ବିଜୟକୁ ପ୍ରତିନିଧିତ୍ୱ କରୁଛି । ମନୁଷ୍ୟର ସମଗ୍ର ପ୍ରକୃତି ଅତିମାନସ ଚେତନା ଦ୍ୱାରା ରୂପାନ୍ତରିତ ହେଲେ ଯେଉଁ ନିର୍ଣ୍ଣୟାତ୍ମକ ମହାନ୍ ବିଜୟ ଲାଭ ହେବ ତା'ର ନିଶ୍ଚିତତାକୁ ଉଦ୍‌ଘୋଷଣା କରି ମାଆ ଉପରୋକ୍ତ ବାଣୀ ପ୍ରକାଶ କରିଥିଲେ ।

ମାଆ କହନ୍ତି ଯେ ଏକମାତ୍ର ବିଜୟ ଯାହା ଆବଶ୍ୟକ ତାହା ହେଲା ମିଥ୍ୟା ଉପରେ ବିଜୟ, ଆପଣାର ସୃଷ୍ଟି ଉପରେ ପରମ ପ୍ରଭୁଙ୍କ ବିଜୟ । ଅଜ୍ଞାନ ଓ ମିଥ୍ୟା ପୃଥିବୀକୁ ଅଧିକାର କରି ରହିଛି; ଫଳରେ ମନୁଷ୍ୟ ଦୁଃଖ, ଯନ୍ତ୍ରଣା, ଅଶାନ୍ତି ଓ ମୃତ୍ୟୁର ଦାସ ହୋଇ ରହିଛି । ଯୁଗ ଯୁଗ ଧରି ମନୁଷ୍ୟ ସତ୍ୟ, ଚେତନା, ମୁକ୍ତି, ଆନନ୍ଦ ଓ ଅମରତ୍ୱର ଅଭୀପ୍ସା କରି ଆସିଛି । ସେ ମିଥ୍ୟା, ଅଜ୍ଞାନ ଓ ମୃତ୍ୟୁ ବିରୋଧରେ ସଂଗ୍ରାମ ଜାରି ରଖିଛି । ମାତ୍ର ପୂର୍ଣ୍ଣ ବିଜୟ ଏପର୍ଯ୍ୟନ୍ତ ସମ୍ଭବ ହୋଇ ନାହିଁ । ଦିବ୍ୟ ଜନନୀ ଶ୍ରୀମା ପୃଥିବୀପୃଷ୍ଠରେ ଆବିର୍ଭୂତ ହୋଇ ବାରଂବାର ଆଶ୍ୱାସନା ଦେଇ କହିଛନ୍ତି ଯେ ଏଥର ବିଜୟ ସୁନିଶ୍ଚିତ । ୧୯୪୨ ମସିହାରେ ମାଆ ଏକ ବାଣୀ ଦେଇ କହିଥିଲେ – "The ultimate victory of the Divine is certain beyond all doubt." ଅର୍ଥାତ୍, ''ଭଗବାନଙ୍କର ଅନ୍ତିମ ବିଜୟ ସୁନିଶ୍ଚିତ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।''

ମୁଣ୍ଡକ ଉପନିଷଦ୍‌ରେ ମଧ୍ୟ ସତ୍ୟର ବିଜୟ କଥା ଘୋଷଣା କରାଯାଇଥିଲା – ''ସତ୍ୟମେବ ଜୟତେ ନାନୃତଂ ସତ୍ୟେନ ପନ୍ଥା ବିତତୋ ଦେବଯାନଃ ।'' (୭.୧.୬)

ଅର୍ଥାତ୍, ''ସତ୍ୟରହିଁ ଜୟ ହୁଏ, ମିଥ୍ୟାର ନୁହେଁ । ସତ୍ୟ ଦ୍ୱାରାହିଁ ଦେବତାମାନଙ୍କର ପଥ (ବିଜୟ ପଥ) ପ୍ରସ୍ତୁତ ହୁଏ ।'' ସତ୍ୟର ବିଜୟ ବିଭିନ୍ନ ପର୍ଯ୍ୟାୟ ଦେଇ ଗତି କରୁଛି ମିଥ୍ୟା ଶକ୍ତି ବିରୋଧରେ । ସଂଗ୍ରାମରେ ଅତୀତରେ ଯେତେ ବିଜୟ ଲାଭ ହୋଇଛି ତାହା ହେଉଛି ଆଂଶିକ ଓ ଅପୂର୍ଣ୍ଣ । ୧୯୫୬ ମସିହା ଫେବ୍ରୁଆରୀ ୨୯ ତାରିଖରେ ପୃଥିବୀପୃଷ୍ଠରେ ଅତିମାନସ ଚେତନା ଓ ଶକ୍ତି ଆବିର୍ଭୂତ ହେଲା ପରେ ଅନ୍ତିମ ବିଜୟ ସୁନିଶ୍ଚିତ ଓ ନିକଟତର ହୋଇ ଯାଇଛି ।

ମାଆ କହନ୍ତି – "The victory of love seems to be the final victory." ଅର୍ଥାତ୍, ''ପ୍ରେମର ବିଜୟ ଚୂଡ଼ାନ୍ତ ବିଜୟ ବୋଲି ମନେ ହୁଏ ।'' 'ସାବିତ୍ରୀ' ମହାକାବ୍ୟରେ ଶ୍ରୀଅରବିନ୍ଦ ଦର୍ଶାଇଛନ୍ତି ଯେ ପ୍ରେମହିଁ ମୃତ୍ୟୁ ଉପରେ ବିଜୟ ଲାଭ କରିପାରିବ । ଅନନ୍ୟା ସାଧିକା ଓ ପତିପରାୟଣା ସାବିତ୍ରୀ ନିଜର ବିଶୁଦ୍ଧ କାଳଜୟୀ ପ୍ରେମ ବଳରେ ସତ୍ୟବାନଙ୍କୁ ମୃତ୍ୟୁ ମୁଖରୁ ଉଦ୍ଧାର କରି ଆଣିଛନ୍ତି । ମୃତ୍ୟୁ ଉପରେ ବିଜୟ ଲାଭ ନ କରିବା ପର୍ଯ୍ୟନ୍ତ ବିଜୟ ସମ୍ପୂର୍ଣ୍ଣ ହୁଏ ନାହିଁ ।

ସାମୂହିକ ସ୍ତରରେ ବିଜୟ ଲାଭ ପୂର୍ବରୁ ବ୍ୟକ୍ତିଗତ ସ୍ତରରେ ବିଜୟ ଲାଭ କରିବାକୁ ହେବ । ସାଧକ ମଧ୍ୟରେ ଅହଂ, କାମନା-ବାସନା, କ୍ରୋଧ, ଲୋଭ, ମୋହ, ଆସକ୍ତି, ଈର୍ଷା, ଅସୂୟା ଆଦି ଅନେକ ଶତ୍ରୁ ତା'ର ଅଗ୍ରଗତି ପଥରେ ବାଧା ସୃଷ୍ଟି କରନ୍ତି । ସେମାନଙ୍କୁ ପରାଭୂତ କରିବା ପାଇଁ ପ୍ରଥମେ ଚୈତ୍ୟ ଚେତନାର ଉପଲବ୍ଧି ଆବଶ୍ୟକ । ପରେ ସମଗ୍ର ପ୍ରକୃତିରେ ରୂପାନ୍ତର ଲାଗି ଅତିମାନସ ଆଲୋକ ଓ ଶକ୍ତି ଆବଶ୍ୟକ ହେବ । ଶ୍ରୀଅରବିନ୍ଦ 'ସାବିତ୍ରୀ' ମହାକାବ୍ୟରେ କହନ୍ତି ଯେ ଆମ ଭିତରେ ବିରୋଧୀ ଶକ୍ତି ବା ଶତ୍ରୁଟିଏ ଲୁଚି ରହିଛି । ସେହି ଲୁକ୍କାୟିତ ଶତ୍ରୁ ଉପରେ ବିଜୟ ଲାଭ ନ କଲେ ଆମେ ଉଚ୍ଚତର ନିୟତିକୁ ହରାଇ ବସିବା । ତେଣୁ ତା' ସହିତ ସଂଗ୍ରାମ ଅନିବାର୍ଯ୍ୟ ।

"This hidden foe lodged in the human breast
Man must overcome or miss his higher fate.
This is the inner war without escape."

(Savitri, P. 448)

ବ୍ୟକ୍ତିର ବାହାରେ ମଧ୍ୟ ଅନେକ ଶତ୍ରୁ ରହିଥା'ନ୍ତି । ବାହ୍ୟ ପରିବେଶ ଓ ପରିସ୍ଥିତି ଅନେକ ପ୍ରକାରେ ଅଗ୍ରଗତିରେ ବାଧା ଦିଅନ୍ତି । ବିରୋଧୀ ଶକ୍ତି ବା ଆସୁରିକ ଶକ୍ତିଗୁଡ଼ିକ ବ୍ୟକ୍ତିକୁ ପରାଜୟ, ପତନ ଓ ବିପର୍ଯ୍ୟୟ ଆଡ଼କୁ ନେଇ ଯିବା ପାଇଁ ସର୍ବଦା ଜଗି ରହିଥା'ନ୍ତି । ବ୍ୟକ୍ତିର ସାମାନ୍ୟ ଅସାବଧାନତା, ଦୁର୍ବଳତା ଓ ଅଚେତନାର ସୁଯୋଗ ନେଇ ସେମାନେ ଆକ୍ରମଣ କରନ୍ତି । ତେଣୁ ସାଧନା କରୁଥିବା ବ୍ୟକ୍ତି ସର୍ବଦା ସତର୍କ ରହିବା ଆବଶ୍ୟକ । ମା'ଙ୍କୁ ନିରନ୍ତର ସ୍ମରଣ କରିବାକୁ ହେବ ତଥା ତାଙ୍କଠାରେ ନିଜର ସମଗ୍ର ସତ୍ତାକୁ ସମର୍ପଣ କରିବାକୁ ହେବ । ମା'ଙ୍କର ସହାୟତା ବିନା ସଂଗ୍ରାମରେ ବିଜୟ ଅସମ୍ଭବ । ନିଜ ଉପରେ ବିଜୟ ଲାଭ ଦ୍ୱାରା ବ୍ୟକ୍ତି ସମ୍ପୂର୍ଣ୍ଣ ଭାବେ ଓ ଏକାନ୍ତ ଭାବେ ଭଗବାନଙ୍କର ହୋଇଯାଏ ।

ପରମ ସତ୍ୟକୁ ପ୍ରାପ୍ତ ହେବା ସହଜସାଧ୍ୟ ନୁହେଁ । ଏଥିପାଇଁ ବ୍ୟକ୍ତିକୁ ଏକ ଯଥାର୍ଥ ଯୋଦ୍ଧା ହେବାକୁ ପଡ଼ିବ । କୌଣସି ଭୟ ବା ଦୁର୍ବଳତାକୁ ପ୍ରଶ୍ରୟ ନ ଦେଇ ମା'ଙ୍କ ଉପରେ ଅବିଚଳ ବିଶ୍ୱାସ ଓ ଭରସା ରଖିବାକୁ ହେବ । ଅସୀମ ଧୈର୍ଯ୍ୟ, ସହନଶୀଳତା ଓ ସ୍ଥିରତା ଆବଶ୍ୟକ । ମାଆ କହନ୍ତି – "Victory goes to the enduring." ଅର୍ଥାତ୍, ''ସହିଷ୍ଣୁ ବ୍ୟକ୍ତିହିଁ ବିଜୟ ପ୍ରାପ୍ତ ହୁଏ ।''

ପୁନଶ୍ଚ – "To the most stubborn goes the victory."

ଅର୍ଥାତ୍, (ସଂକଳ୍ପ ଓ ପ୍ରୟାସରେ) ''ସବୁଠୁ ଦୁର୍ଦମନୀୟ ବ୍ୟକ୍ତିହିଁ ବିଜୟମଣ୍ଡିତ ହୁଏ ।'' ମନୁଷ୍ୟ ଭିତରେ କେତେ କେତେ କୁଣ୍ଠା, ତାମସିକତା, ଆସକ୍ତି, ଭୟ, ସଂଶୟ ଓ ଦୁର୍ବଳତା ବିଜୟ ପଥରେ ଅନ୍ତରାୟ ସୃଷ୍ଟି କରେ । ଏସବୁ ସତ୍ତ୍ୱେ ଭଗବାନଙ୍କର ବିଜୟ ସୁନିଶ୍ଚିତ । ମାଆ କହିଛନ୍ତି – "No human will can finally prevail against the Divine's Will. Let us put ourselves deliberately and exclusively on the side of the Divine, and the Victory is ultimately certain."

(MCW, Vol. 6, p. 454)

ଅର୍ଥାତ୍, ''କୌଣସି ମାନୁଷୀ ସଂକଳ୍ପ ଭଗବତ୍ ସଂକଳ୍ପ ବିରୋଧରେ ଶେଷ ପର୍ଯ୍ୟନ୍ତ ତିଷ୍ଠି ପାରିବ ନାହିଁ । ଆମକୁ ଇଚ୍ଛାକୃତ ଭାବେ ଏବଂ ଅନନ୍ୟ ଭାବେ ଭଗବାନଙ୍କ ପକ୍ଷ ଗ୍ରହଣ କରିବାକୁ ହେବ । ତାହାହେଲେ ପରିଶେଷରେ ବିଜୟ ସୁନିଶ୍ଚିତ ।''

ଅଜ୍ଞାନ, ଅସଙ୍ଗତି, ଦୁଃଖ, ରୋଗ ଓ ମୃତ୍ୟୁ – ଏସବୁ ଏକ ଏକ ମିଥ୍ୟା ଓ ଅମଙ୍ଗଳ । ଏସବୁ ମନ୍ଦ ଜିନିଷ ବିରୋଧରେ ସଂଗ୍ରାମ କରି ବିଜୟ ଲାଭ କରିବାରେ ମନୁଷ୍ୟର ପୁରୁଷାର୍ଥ ନିହିତ । ସମାଜ ପାଇଁ ସଙ୍ଗତି ହେଉଛି ଏକ ବିଜୟ, ଶରୀର ପାଇଁ ଉତ୍ତମ ସ୍ୱାସ୍ଥ୍ୟ ହେଉଛି ଏକ ବିଜୟ । ମନ୍ଦ ଉପରେ ବିଜୟ ପ୍ରାପ୍ତ କରିବାକୁ ହେଲେ ଆମକୁ ତା'ଠାରୁ ଅଧିକ ଶକ୍ତିଶାଳୀ ହେବାକୁ ପଡ଼ିବ; ଅର୍ଥାତ୍, ଏକ ବୃହତ୍ତର ଓ ଉଚ୍ଚତର ଶକ୍ତିହିଁ ସକଳ ମନ୍ଦ ଉପରେ ବିଜୟ ଆଣିଦେବ –

"A power greater than that of Evil can alone win the victory." – The Mother

ମାଆ କହନ୍ତି ଯେ ବିଜୟକୁ ସୁନିଶ୍ଚିତ କରିବାକୁ ହେଲେ ଆନ୍ତରିକତା ଅପରିହାର୍ଯ୍ୟ ଅଟେ – "In sincerity is the certitude of victory." – The Mother । ବ୍ୟକ୍ତିର ଆନ୍ତରିକତା ଥିଲେ ସେ ସକଳ ପ୍ରକାର ଅଗ୍ନି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରେ । ଜୀବନ-ଯୁଦ୍ଧରେ ଯେତେବେଳେ ବାଧାବିପତ୍ତି ଆସେ ସେତେବେଳେ ଭୀରୁତା ପ୍ରକାଶ କରି ତା' ଆଗରେ ନତମସ୍ତକ ହେବା ଆଦୌ ପୌରୁଷର ଲକ୍ଷଣ ନୁହେଁ । ତା' ଉପରେ ବିଜୟ ଲାଭ କରିବାକୁ ଯଦି ଚେଷ୍ଟା କରାଯାଏ ତାହାହେଲେ ଜଣେ ନିଶ୍ଚିତ ହୋଇ ପାରିବ ଯେ ଦିବ୍ୟଶକ୍ତି ତା'ର ସହାୟତା ପାଇଁ ପୃଷ୍ଠଭାଗରେ ଛିଡ଼ା ହୋଇଛନ୍ତି । ଅନ୍ୟପକ୍ଷରେ ଯଦି ଜଣେ ସଂଗ୍ରାମ ନ କରି ଭୀରୁ ଭାବରେ ଅସ୍ତ୍ର ତ୍ୟାଗ କରେ ତାହାହେଲେ ସେ ଭଗବାନଙ୍କ ଉପସ୍ଥିତିକୁ ଆଦୌ ଅନୁଭବ କରିପାରିବ ନାହିଁ । ଅର୍ଥାତ୍ ଆମର ଭୀରୁତାହିଁ ଭଗବାନଙ୍କ ସହ ଆମର ସମ୍ପର୍କକୁ ଛିନ୍ନ କରିଦିଏ । ଘଟଣା ବା ପରିସ୍ଥିତି ଯେତେ ଦୁଃଖଦାୟକ ଓ ପ୍ରତିକୂଳ ହେଲେ ମଧ୍ୟ ଯଦି ଜଣେ ଆନ୍ତରିକ ହୋଇଥିବ, ତା'ହେଲେ ଶୀଘ୍ର ହେଉ ବା ବିଳମ୍ବରେ ହେଉ ତା'ର ବିଜୟ ସୁନିଶ୍ଚିତ । ମାଆ ଆମକୁ ଭରସା ଦେଇଛନ୍ତି ଯେ ସେ ଆମକୁ କେବେ ବି ପରିତ୍ୟାଗ କରନ୍ତି ନାହିଁ । ମା'ଙ୍କ ଉକ୍ତିରେ, "You are never abandoned." । ପୁନଶ୍ଚ ସେ ପ୍ରେମ ଓ ଅଭୟର ବାଣୀ ଶୁଣାଇ କହିଛନ୍ତି – "I shall always be with you, my dear little child, in the struggle and in the victory."

(CWM, Vol. 16, p. 90)

ଅର୍ଥାତ୍, ''ହେ ମୋର ପ୍ରିୟ ଶିଶୁ, ମୁଁ ତୋ' ସହିତ ସଦା-ସର୍ବଦା ରହିଥିବି, ଉଭୟ ସଂଗ୍ରାମ ଓ ବିଜୟ ଲାଭ ସମୟରେ ।''

ମନୁଷ୍ୟର ଦୃଷ୍ଟି ସୀମିତ । ଏହା ଆଗକୁ ବେଶୀ ଦୂର ଦେଖିପାରେ ନାହିଁ । ଏହି ଦୃଷ୍ଟି ସରଳରୈଖିକ (linear) । ଏହା ବସ୍ତୁ ଓ ଘଟଣା ସକଳକୁ ଗୋଟିଏ ପରେ ଗୋଟିଏ ଦେଖେ । ମାତ୍ର ଭଗବାନଙ୍କ ଦୃଷ୍ଟି ହେଉଛି ବୃତ୍ତାକାର ବା ସାମଗ୍ରିକ ଦୃଷ୍ଟି (global vision) । ଏହା ଏକ ସମସ୍ୟାକୁ ସମଗ୍ର ରୂପରେ ଦେଖେ, ବସ୍ତୁର ବାହ୍ୟ ରୂପକୁ ଦେଖିବା ସଙ୍ଗେ ସଙ୍ଗେ ଗଭୀରତମ ରୂପକୁ ବି ଦେଖେ । ଏହା ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଏକ ସମୟରେ ଦେଖିପାରେ । ତେଣୁ ମାଆ ମାନବ ସମାଜର ଭବିଷ୍ୟତର ବିଜୟକୁ ସ୍ପଷ୍ଟ ଭାବରେ ଦେଖି ଏହା ସୁନିଶ୍ଚିତ ଓ ଅବଶ୍ୟମ୍ଭାବୀ ବୋଲି ନିର୍ଭୟବାଣୀ ଶୁଣାଇ ଥିଲେ । ପଥ ଯେତେ ଦୀର୍ଘ, ଅଙ୍କାବଙ୍କା ଓ ବିପଦ-ସଙ୍କୁଳ ହେଲେ ମଧ୍ୟ ଅତିମାନସ-ସତ୍ୟ-ଆଧ୍ୟାତ୍ମିକ ନୂତନ ଜଗତ୍ ଯେ ଦିନେ ପ୍ରତିଷ୍ଠିତ ହେବ ଏହା ସେ ନିଃସନ୍ଦିଗ୍ଧ ଭାବରେ ପ୍ରକାଶ କରିଥିଲେ ।

ମାଆ ଅତିମାନସିକ ବିଜୟ (supramental victory) ବିଷୟରେ କହିଛନ୍ତି । ଏହାର ଅର୍ଥ ହେଲା ଜଡ଼, ପ୍ରାଣ, ମନ ଓ ଚୈତ୍ୟର ଭୂମିରେ ଅତିମାନସ ଚେତନା ଅବତୀର୍ଣ୍ଣ ହୋଇ ତାକୁ ଦିବ୍ୟ ତତ୍ତ୍ୱରେ ସମ୍ପୂର୍ଣ୍ଣ ଭାବେ ରୂପାନ୍ତରିତ କରିବ । ଶରୀର ମଧ୍ୟ ଜ୍ୟୋତିର୍ମୟ ଓ ଅମର ହେବ । ପାର୍ଥିବ ଜୀବନର ଟିକିନିଖି ସକଳ ଅଙ୍ଗରେ ଅତିମାନସ ଆଲୋକ ଉଦ୍ଭାସିତ ହୋଇ ସବୁକିଛିକୁ ଦିବ୍ୟ ଓ ମହିମାମୟ କରିଦେବ । ଶ୍ୱେତ ମୟୂର ହେଉଛି ପୂର୍ଣ୍ଣବିଜୟ (Integral victory)ର ପ୍ରତୀକ । ସୁବର୍ଣ୍ଣ ପୁଚ୍ଛ ବିଶିଷ୍ଟ ଶ୍ୱେତ ମୟୂର ହେଉଛି ଅତିମାନସିକ ବିଜୟର ପ୍ରତୀକ ।

ମାଆଙ୍କ ବିଜୟ ହେଉଛି ମୂଳତଃ ଆମ ପ୍ରତ୍ୟେକଙ୍କର ବିଜୟ । ଅନ୍ତିମ ବିଜୟ ଆଉ ବେଶୀ ଦୂରରେ ନାହିଁ । ମାଆ ଘୋଷଣା କରିଛନ୍ତି – ସ୍ୱର୍ଗ ରାଜ୍ୟରେ ବିଜୟର ମନ୍ତ୍ର ଧ୍ୱନି ଶୁଭିଲାଣି (The heavens are ringing with chants of victory !) । ମାତ୍ର ପୃଥିବୀପୃଷ୍ଠରେ ଯେଉଁ ମହାନ୍ ବିଜୟ ସମ୍ଭବ ହେବାକୁ ଯାଉଛି ତାହା ନୀରବତା ମଧ୍ୟରେହିଁ ସଂଘଟିତ ହେବ; କାରଣ ମାଆଙ୍କ ଭାଷାରେ – "The greatest victories are the least noisy."

ମାଆଙ୍କ ଉପଦେଶ ହେଲା ଆମେ ଦୁଇଟି ଜିନିଷ ଆଦୌ ଭୁଲି ଯିବା ନାହିଁ – ଶ୍ରୀଅରବିନ୍ଦଙ୍କ କରୁଣା ଓ ମା'ଙ୍କ ପ୍ରେମ । ଏ ଦୁଇଟିକୁ ପାଥେୟ କରି ଆମେ ଯଦି ଅମିତ ଧୈର୍ଯ୍ୟ ଓ ସାହସ ସହିତ ବିରୋଧୀଶକ୍ତିଙ୍କ ସହ ଅବିରତ ସଂଘର୍ଷ କରି ଚାଲିବା ତେବେ ବିଜୟ ସୁନିଶ୍ଚିତ । ଆମର ଏକନିଷ୍ଠ ସଂକଳ୍ପ ଓ ଅପ୍ରତିହତ ସଘନ ଆସ୍ପୃହା ସେହି ବିଜୟକୁ ଶୀଘ୍ର ଘଟାଇବାରେ ସାହାଯ୍ୟ କରିବ ।

ଶ୍ରୀଅରବିନ୍ଦ ତାଙ୍କର ଏକ କାରିକା(Aphorism)ରେ ଆମକୁ ଆହ୍ୱାନ ଦେଇ କହୁଛନ୍ତି –

"O soldier and hero of God, where for thee is sorrow or shame or suffering? For thy life is a glory, thy deeds a consecration, victory thy apotheosis, defeat thy triumph."

(CWSA, Vol. 10, p. 293)

ଅର୍ଥାତ୍, ''ହେ ଭଗବାନଙ୍କ ବୀର ସୈନିକ ! ତୁମ ପାଇଁ କେଉଁଠି ରହିଛି ଦୁଃଖ, ଅପମାନ ଓ ଯନ୍ତ୍ରଣା ? କାରଣ ତୁମର ଜୀବନ ହେଉଛି ଏକ ମହିମା, ତୁମର କର୍ମ ହେଉଛି ଏକ ପବିତ୍ର ଉତ୍ସର୍ଗ, ବିଜୟ ହେଉଛି ତୁମର ଦେବତ୍ୱକୁ ଉତ୍ତରଣ, ପରାଜୟ ହେଉଛି ତୁମର ବିଜୟ ।''

ଭୟ ନୁହେଁ, ଏକ ସକ୍ରିୟ, ଅଟଳ ବିଶ୍ୱାସ ଓ ଭରସା ହେଉଛି ଆମର ସୁରକ୍ଷାର ମାର୍ଗ । ଅହଂ ଓ ସ୍ୱାର୍ଥ ନୁହେଁ, ବିଶୁଦ୍ଧ ପ୍ରେମ ଓ ସର୍ବାଙ୍ଗୀନ ସମର୍ପଣ ହେଉଛି ଆମ ସାଧନାର ମୂଳମନ୍ତ୍ର । ଗତକାଲି ଆମେ ଯାହା ସିଦ୍ଧ କରିପାରି ନାହୁଁ, ଆଗାମୀ କାଲି ଆମେ ତାହା ସିଦ୍ଧ କରିପାରୁ । ଅତୀତର ବିଜୟ ଆଗାମୀର ବିଜୟ ପଥରେ ହେବ ଗୋଟିଏ ପାହାଚ । ଆମେ ମନେ ରଖିବା ଆମର ଜଣେ ମାତ୍ର ବିଜେତା ରହିଛନ୍ତି, ସେ ହେଉଛନ୍ତି ଆମର ପରମା ଜନନୀ । ସେହି ଦିବ୍ୟ ବିଜୟିନୀଙ୍କୁ ମାଆ ପ୍ରାର୍ଥନା କରି କହିଛନ୍ତି –

"O divine Victor, all the earth sings Thy praises, and all forces will obey Thee.

For the Lord has said: "The hour has come."

And all obstacles will be surmounted."

(Sept. 6, 1914)

ଅର୍ଥାତ୍, ''ହେ ବିଶ୍ୱ ବିଜୟିନୀ ଜନନୀ ! ସମଗ୍ର ପୃଥିବୀ ତୁମ ମହିମା କୀର୍ତ୍ତନ କରେ, ଯାବତୀୟ ଶକ୍ତି ତୁମର ଅନୁଗତ ହେବ ।

କାରଣ ଭଗବାନ୍ କହିଛନ୍ତି – ''ସମୟ ଆସିଛି''

ଏବଂ ସକଳ ବାଧା ଅତିକ୍ରାନ୍ତ ହେବ ।'' ❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୧୬)

### ସମବେତ ଅଧ୍ୟାତ୍ମ-ସାଧନାରେ ଧ୍ୟାନଧାରଣାର ଅଭ୍ୟୁଦୟ (୨)

ଆଶ୍ରମର ପ୍ରତ୍ୟେକ ସାଧକ ଜଣଙ୍କ ପରେ ଜଣେ ଶ୍ରୀମା'ଙ୍କର ଅନୁମତି ପ୍ରାପ୍ତ ହୋଇ ସାଧିକାମାନଙ୍କ ସହ ତାଙ୍କର ଅନୁଷ୍ଠିତ ସମବେତ ଧ୍ୟାନରେ ଯୋଗ ଦେବାକୁ ଆରମ୍ଭ କଲେ । ଫଳରେ ଶ୍ରୀଅରବିନ୍ଦଙ୍କ କକ୍ଷରେ ଅନୁଷ୍ଠିତ ଏହି ସମବେତ ଧ୍ୟାନଟି ଉପର ମହଲା ବାରଣ୍ଡାକୁ ସ୍ଥାନାନ୍ତରିତ ହେଲା, ସୁତରାଂ ସ୍ୱାଭାବିକ ରୂପେ ବାରଣ୍ଡାରେ ଅନୁଷ୍ଠିତ ହେଉଥିବା ଶ୍ରୀଅରବିନ୍ଦଙ୍କ ସହିତ ସାନ୍ଧ୍ୟ ସମବେତ ଧ୍ୟାନଟି ବନ୍ଦ ହେଲା ଏବଂ ନିଜର ସାଧନାରେ ସମ୍ପୂର୍ଣ୍ଣ ଏକାଗ୍ର ହେବା ଉଦ୍ଦେଶ୍ୟରେ ସେ ଅନ୍ତରାଳରେ ରହିଲେ ଏବଂ ଶ୍ରୀମା ସମସ୍ତ ଅନ୍ତେବାସୀଙ୍କର ଆନ୍ତର ଓ ବାହ୍ୟ ଉନ୍ନତିର ଭାର ଗ୍ରହଣ କରି ସମ୍ମୁଖକୁ ଆସିଲେ ।

ଶ୍ରୀମା'ଙ୍କର ଏହି ସମୟର ସମବେତ ଧ୍ୟାନ ଖୁବ୍ ସମ୍ଭବତଃ ୧୫ ଅଗଷ୍ଟ ୧୯୨୬ ପରେ ପରେ ଆରମ୍ଭ ହୋଇ କିଛି ମାସ ପର୍ଯ୍ୟନ୍ତ ଚାଲୁ ରହିଥିଲା ।

ଶ୍ରୀମା'ଙ୍କ ଉକ୍ତିରେ :

''ଅତିମାନସ ଅଭିବ୍ୟକ୍ତିକୁ ତ୍ୱରାନ୍ୱିତ କରାଇବା ଉଦ୍ଦେଶ୍ୟରେ ନିଜକୁ ଅଭିନିବିଷ୍ଟ କରି ରଖିବା ସକାଶେ ଶ୍ରୀଅରବିନ୍ଦ ନିଜକୁ ପ୍ରତ୍ୟାହୃତ କରି ନେବାକୁ ଇଚ୍ଛା କରିଥିଲେ ଏବଂ ତେଣୁ ମୋ ଉପରେ ବାହ୍ୟ କାର୍ଯ୍ୟର ଦାୟିତ୍ୱଟିକୁ ଅର୍ପଣ କରିଥିଲେ ।... ହଠାତ୍ ସବୁ କଥା ଏକ ନିର୍ଦ୍ଦିଷ୍ଟ ରୂପ ନେବାକୁ ଆରମ୍ଭ କଲା : ଏକ ଅତ୍ୟନ୍ତ ଚମତ୍କାର ସୃଷ୍ଟି ଅସାଧାରଣ ଭାବରେ ଟିକିନିଖି ବ୍ୟାପାର ସହିତ କାର୍ଯ୍ୟକାରୀ ହେବାକୁ ଲାଗିଲା, କେତେକ ବିସ୍ମୟକାରୀ ଅନୁଭୂତି ମିଳିଲା, କେତେକ ଦିବ୍ୟ ସତ୍ତାଙ୍କ ସହିତ ସମ୍ପର୍କ ସ୍ଥାପିତ ହେବାକୁ ଲାଗିଲା, ଏବଂ ଅଲୌକିକ ବୋଲି ବିଚାର କରାଯାଉଥିବା ବିଭିନ୍ନ ଅଭିବ୍ୟକ୍ତିସବୁ ସଂଘଟିତ ହେବାକୁ ଲାଗିଲା । ଅନୁଭୂତି ପରେ ଅନୁଭୂତିମାନ ଉପଲବ୍ଧ ହେଲା ଏବଂ ସତରେ ସବୁକିଛି ବିଷୟ ଅତ୍ୟନ୍ତ ଚମତ୍କାର ଭାବରେ ଉଦ୍‌ଘାଟିତ ହୋଇ ଯାଉଥିଲା ଏବଂ ମୁଁ ଅବଶ୍ୟ କହିବି ଯେ ସବୁକିଛି ଏକ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ଭାବରେ ବିକଶିତ ହୋଇ ଉଠୁଥିଲା ।''

('ମାତୃରଚନାବଳି' : ୯ମ ଖଣ୍ଡ, ପୃ. ୨୨୨)

ଶ୍ରୀଅରବିନ୍ଦଙ୍କ ଉକ୍ତିରେ : ''(ଏହା ଥିଲା) ଆଶ୍ରମ ଇତିହାସରେ ଉଜ୍ଜ୍ୱଳତମ ସମୟ ।''

('ନିଜ ସମ୍ବନ୍ଧେ ଓ ଶ୍ରୀମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ' : ପୃ. ୨୭୮)

ଉପରୋକ୍ତ ସମବେତ ଧ୍ୟାନ ସମ୍ବନ୍ଧରେ ନଳିନୀଙ୍କର ବର୍ଣ୍ଣନାରୁ : ''ଶ୍ରୀମା ନିତି ଆମ ସମସ୍ତଙ୍କୁ ନେଇ ଧ୍ୟାନରେ ବସୁଥିଲେ — ସନ୍ଧ୍ୟା ପରେ, ରାତ୍ରିରେ; ପ୍ରତ୍ୟେକଙ୍କର ବସିବାର ପଦ୍ଧତି ସେ ନିଜେ ଠିକ୍ କଲେ — ତାଙ୍କ (ସମ୍ମୁଖରେ) ଦକ୍ଷିଣ ପାର୍ଶ୍ୱରେ ଜଣଙ୍କ ପରେ ଜଣେ ଏକ ଗୋଷ୍ଠୀ ବସିଲେ, ଅନ୍ୟ ଗୋଷ୍ଠୀଟି ତଦନୁରୂପ ଭାବରେ ବାମ ପାର୍ଶ୍ୱରେ । ଦକ୍ଷିଣ ପାର୍ଶ୍ୱଟି ଥିଲା ତାଙ୍କ ଜ୍ୟୋତିଃର ଏବଂ ବାମଟି ତାଙ୍କ ଶକ୍ତିର ପ୍ରତୀକଭାବେ ପ୍ରତିନିଧିତ୍ୱ କରୁଥିଲା । ଆମର ପ୍ରକୃତି ଓ ସ୍ୱଧର୍ମ ଅନୁସାରେ ଆମେ ସମସ୍ତେ ସେଥିରେ ସ୍ଥାନ ପାଇଲୁ ।...

''ଶ୍ରୀମା'ଙ୍କର ତଦାନୀନ୍ତନ ପ୍ରଚେଷ୍ଟା ଥିଲା ଏକ ନବସୃଷ୍ଟି — ଏକ ଆନ୍ତର ଦିବ୍ୟ-ଚେତନାର ଜଗତ୍ । ସେ ସେତେବେଳେ ଊର୍ଦ୍ଧ୍ୱତର ଶକ୍ତିରାଜିର ଅର୍ଥାତ୍ ଦେବଗଣଙ୍କୁ ଅବତରଣ କରାଇ ଆମର ପାର୍ଥିବ ବାତାବରଣ ମଧ୍ୟରେ, ଆମର ଆନ୍ତର ସତ୍ତାରେ, ଆନ୍ତର ଚେତନାରେ ପ୍ରତିଷ୍ଠିତ କରାଇଲେ । ଏହି ନବସୃଷ୍ଟିର ବିଶେଷତ୍ୱ ଥିଲା — ଆମ ପ୍ରତ୍ୟେକଙ୍କୁ ସେ ସଂଯୁକ୍ତ କରି ଦେଇଥିଲେ ପ୍ରତ୍ୟେକଙ୍କର ଆନ୍ତର ଦେବତାଙ୍କ ସହିତ । ଯାହାକି ଆମ ପ୍ରତ୍ୟେକଙ୍କର ରହିଛି, ଯାହାକୁ ଆମେ କହିପାରୁ ଆଧ୍ୟାତ୍ମିକ ବଂଶାନୁକ୍ରମ । ପ୍ରତ୍ୟେକ ବ୍ୟଷ୍ଟି-ଚେତନାରେ ଅବତରଣ କରି ଆସିଛି ମହାଶକ୍ତିଙ୍କର ଏକ ଏକ ଭାଗବତ ବ୍ୟଷ୍ଟି-ସତ୍ତା, ଏକ ଏକ ଦେବତା — ଏକ ଏକ ବିଭୂତିର ପ୍ରକାଶଧାରା ଅବଲମ୍ବନ କରି । ଅନ୍ତରର ଏହି ଦିବ୍ୟ ମହାଭାବକୁ ଧାରଣ କରି ପ୍ରତ୍ୟେକ ବ୍ୟଷ୍ଟି-ସତ୍ତାରେ ତାଙ୍କୁ ପ୍ରତିଷ୍ଠିତ କରିବା, ସେଥିରେ ଅଭିନିବିଷ୍ଟ ଓ ଏକାତ୍ମ ହୋଇ ବାହ୍ୟ ଜୀବନରେ ସେଇଟିକୁ ପରିପ୍ରକାଶ କରି ଜୀବନଯାପନ

କରିବା – ଏହା ଥିଲା ସେତେବେଳକାର ସାଧନାର ଲକ୍ଷ୍ୟ ।... ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଚେତନାକୁ ସର୍ବଦା ତା'ର ସ୍ୱୀୟ ଊର୍ଦ୍ଧ୍ୱସ୍ଥିତି ବଜାୟ ରଖିବା ସକାଶେ, ସେଇଟିକୁ ବିଶୁଦ୍ଧ ଓ ଅଟଳ ରଖିବା ସକାଶେ ଥିଲା ଏହି ବ୍ୟବସ୍ଥା – ବାହାର ଜଗତ୍ ସହିତ ଆମର ଆଦାନ-ପ୍ରଦାନ ଖୁବ୍ କମ୍ ଥିଲା, ଅତି ସନ୍ତର୍ପଣରେ ତା' କରାଯାଉଥିଲା, ଆମମାନଙ୍କର ଚତୁଃପାର୍ଶ୍ୱରେ ଏକ ଶକ୍ତ ଆବେଷ୍ଟନୀ ରହିଥିଲା; ଏପରିକି ଆମମାନଙ୍କ ପରସ୍ପର ମଧ୍ୟରେ ବି ଦେଖା-ସାକ୍ଷାତ୍ କରିବା, କାହାରି ବାସସ୍ଥାନକୁ ଯିବା – ଏସବୁ କ୍ରିୟାକଳାପ ସ୍ୱଳ୍ପତମ ମାତ୍ରାରେ କରାଯାଉଥିଲା ।...

''କିନ୍ତୁ ଏହି ଧାରାରେ କିଛି ଅଗ୍ରଗତି କରି ଶ୍ରୀମା ଲକ୍ଷ୍ୟ କଲେ ଯେ ଏ ଧରଣର ସାଫଲ୍ୟଲାଭ କଲେ ମଧ୍ୟ ସେହି ନବସୃଷ୍ଟିଟି ହେବ ଏକ ସଂକୀର୍ଣ୍ଣ ଗୋଷ୍ଠୀଗତ ଏବଂ ପ୍ରଭୂତ ମାତ୍ରାରେ ଅନ୍ତଃକ୍ରିୟାଗତ । କିନ୍ତୁ ତାଙ୍କର ଲକ୍ଷ୍ୟ ତ ସମଗ୍ର ମାନବଜାତିକୁ ଆଲିଙ୍ଗନ କରି ଧାରଣ କରିବାକୁ ହେବ, ନବ ମାନବଜାତିର ସୃଷ୍ଟି କରିବାକୁ ହେବ ।*... ଅର୍ଥାତ୍ ଆମମାନଙ୍କୁ ଅବତରି ଆସିବାକୁ ହେଲା ନିମ୍ନତର ଚେତନା ମଧ୍ୟରେ, ସେହି ସ୍ତରରେ ପରିଶୁଦ୍ଧିର କ୍ରିୟା ଆରମ୍ଭ କରିବାକୁ ହେଲା । ଊର୍ଦ୍ଧ୍ୱତର ଚେତନାକୁ ଏହି ସ୍ତରରେ ଅବତରଣ କରାଇ ଆଣି ତାକୁ ଉନ୍ନୀତ କରି, ସେଇଟିକୁ ଆଧାର କରି ଗଢ଼ି ତୋଳିବାକୁ ଯଥାସାଧ୍ୟ ପ୍ରଚେଷ୍ଟା ଚଳାଇଲୁ । ଏହି କର୍ମଟିକୁ ଏବେ ବି କରି ଚାଲିଛୁ – ଉତ୍ଥାନ-ପତନ ଓ ବନ୍ଧୁର ପନ୍ଥା ଭିତର ଦେଇ ।...

(ଗତ ଶତାବ୍ଦୀର ଚାଳିଶ, ପଚାଶ ଦଶକରେ ଲିଖିତ)

ପୁନଶ୍ଚ ନଳିନୀକାନ୍ତଙ୍କ ଉକ୍ତିରୁ ''(ଫଳତଃ) ଏଠାରେ ଆମମାନଙ୍କ ମଧ୍ୟରେ ଯେଉଁ ରୂପାନ୍ତର ସାଧନ କରିପାରିବୁ, ପୃଥିବୀର ସକଳ ମନୁଷ୍ୟଙ୍କ ମଧ୍ୟରେ ବି ସେଇ ରୂପାନ୍ତରର ସୂତ୍ରପାତ ହେବ । ସୁତରାଂ ପୁନର୍ବାର ଏକାନ୍ତ ବହିର୍ମୁଖୀ ହୋଇ ନୁହେଁ, ଅଧୁନା ଯେଉଁ ଦିଗରେ ଆମର (ଆଶ୍ରମର) ବେଶୀ ଝୁଙ୍କ୍ ହୋଇ ଉଠିଛି – ମୋର କହିବାର ଅର୍ଥ ସମବେତ ଜୀବନଧାରାର କଥା । ଏହା ସାଙ୍ଗକୁ ସମୁଚିତ ଭାବରେ ଅନ୍ତର୍ମୁଖୀ ଅଧ୍ୟାତ୍ମ-ସାଧନାର ଧାରା ପ୍ରତି ମଧ୍ୟ ଉନ୍ମୁକ୍ତ ରହିବାକୁ ହେବ । ଏକାନ୍ତ ଭାବରେ ଏହି ଦୁଇଟିର, ଅର୍ଥାତ୍ ଏବେକାର ଏକେବାରେ ବହିର୍ମୁଖୀ ଜୀବନଧାରା ଏବଂ ଅତୀତର ସେଇ ଏକେବାରେ ଅନ୍ତର୍ମୁଖୀ ଜୀବନଧାରାର ଏକତ୍ୱ ସାଧନ କରିବାକୁ ହେବ – ଉଭୟଟିର ବିୟୋଗ ନୁହେଁ, ଯୋଗହିଁ ଯୋଗ ।''

('ରଚନା ସଂଗ୍ରହ' : ୫ମ ଖଣ୍ଡ; ପୃ. ୩୦୨-୩୦୪)

ତେଣୁ ଚାଲୁ ରହିଥିବା 'ବ୍ୟକ୍ତିଧର୍ମୀ ନବସୃଷ୍ଟି' ଅର୍ଥାତ୍, ଅଧିମାନସ ସୃଷ୍ଟିଟି ଅନ୍ତର୍ହିତ ହେବାର ଠିକ୍ ପରମୁହୂର୍ତ୍ତରୁହିଁ ଶ୍ରୀମା ନୂତନ କରି ଅନ୍ୟ ଏକ ସ୍ଥିତିରୁ ଅର୍ଥାତ୍ ପୃଥିବୀପୃଷ୍ଠରେ ଅତିମାନସ ପ୍ରତିଷ୍ଠାର 'ଗୋଷ୍ଠୀଧର୍ମୀ ବ୍ୟକ୍ତିତ୍ୱ'ଟିର ସମବେତ ପ୍ରଚେଷ୍ଟା ଆରମ୍ଭ କଲେ । ଫଳତଃ, ଆଶ୍ରମର ଅନ୍ତେବାସୀଙ୍କର ଆନ୍ତର ଜୀବନଧାରାରେ ବେଶ୍ କିଛି ଓଲଟପାଲଟ ହେବାକୁ ଲାଗିଲା । ଏ ସମ୍ବନ୍ଧରେ ଶ୍ରୀମା ଏହି ମର୍ମରେ ଉଲ୍ଲେଖ କରିଥିଲେ :

''ଏହା ଦ୍ୱାରା ଆଶ୍ରମର ବାହ୍ୟ ଜୀବନଧାରାରେ ନୁହେଁ, କିନ୍ତୁ ଗଭୀରତର ଚେତନା ସ୍ତରରେ ଓଲଟପାଲଟ ଅନୁଭୂତ ହେଲା । **ଏବଂ ସର୍ବୋପରି**, ମୁଁ ଏହି କଥାଟି ଉପରେ ଗୁରୁତ୍ୱ ଦେଇ କହିବାକୁ ଇଚ୍ଛା କରୁଛି ଯେ ଏହା ଫଳରେ ପରସ୍ପର ମଧ୍ୟରେ ଏକ ଆନ୍ତର ନିର୍ଭରତା ସୃଷ୍ଟ ହୋଇ ପାରିଲା, ଯାହାକି ସ୍ପଷ୍ଟତଃ ବ୍ୟକ୍ତିଗତ ସ୍ତରଟିକୁ ଟିକିଏ ଖସାଇ ଆଣିଲା – ଅବଶ୍ୟ ଯେଉଁମାନେ ଇତିପୂର୍ବରୁ ଏକ ଆନ୍ତର ଉପଲବ୍ଧି ପ୍ରାପ୍ତ ହୋଇଥିଲେ ଏବଂ ମୁଁ ଯାହାକୁ ହୁଏତ ଏକ 'ସମସ୍ତରୀକରଣ' ('levelling') ବୋଲି କହି ପାରିବି, ଯେଉଁମାନେ ଉପୁଜିଥିବା ଓଲଟପାଲଟଟିର ପ୍ରତିରୋଧ କରିବା ସକାଶେ ଉପଲବ୍ଧିଟିକୁ ଯଥେଷ୍ଟ ଶକ୍ତିଶାଳୀ କରି ଗଢ଼ିଥିଲେ, ସେମାନେ ଏଇ କ୍ଷେତ୍ରରେ ନିଶ୍ଚିତ ରୂପେ ବ୍ୟତିକ୍ରମ ହୋଇ ରହିଲେ । ତେଣୁ ଏହି କାରଣରୁହିଁ ଆଶ୍ରମ ଜୀବନଧାରାରେ ସାଧାରଣ ସ୍ତରଟି ଏବେ ତଳକୁ ଖସି ପଡ଼ିଛି ବୋଲି ଏକ ଧାରଣା ଅନୁଭୂତ ହେବା ସତ୍ତ୍ୱେ ଏହା ଏକ ଉଚ୍ଚତର ଭୂମିରେ ରହିଛି, ମାତ୍ର ଅନେକ କ୍ଷେତ୍ରରେ ବ୍ୟକ୍ତିଗତ ସ୍ତରଟି ପ୍ରକୃତରେ ତଳକୁ ଖସି ପଡ଼ିଛି ।... ଏହି ପରିଣାମଟି ଅତ୍ୟନ୍ତ ସାମୟିକ ଏବଂ ଏହା ଦ୍ୱାରା ଆଶ୍ରମର ସାମୂହିକ ସ୍ତରଟି କଦାପି ତଳକୁ ଖସି ଯାଇ ନାହିଁ, ବରଂ ଏହା ଏକ ବୃହତ୍ତର ଉନ୍ନୟନ ଆଡ଼କୁ, ଏକ ଅତ୍ୟନ୍ତ ମୂର୍ତ୍ତ ସାଧାରଣ ଅଗ୍ରଗତି ଆଡ଼କୁ ପରିଚାଳିତ କରି ନେଇଯିବ ।

''ଅବଶ୍ୟ ଏକଥା ନିଶ୍ଚିତ ଯେ ଯଦି ପ୍ରତ୍ୟେକ ବ୍ୟକ୍ତି

* ଏ ସମ୍ବନ୍ଧରେ ସବିଶେଷ ଜାଣିବାକୁ ଚାହିଁଲେ ଶ୍ରୀମା'ଙ୍କର 'ମାତୃରଚନାବଳି' : ୯ମ ଖଣ୍ଡ, ପୃ. ୨୨୨-୨୩; (୧୦ ଜୁଲାଇ ୧୯୫୭ର ପ୍ରଶ୍ନ ଓ ଉତ୍ତର) ଅବଶ୍ୟ ପଠନୀୟ ।

ସଚେତନ ରହନ୍ତେ, ଗୋଷ୍ଠୀଗତ ସ୍ତରକୁ ଖସି ପଡ଼ିବାର ପ୍ରଭାବଟିକୁ ଯଦି ସ୍ୱୀକାର ନକରି ପ୍ରତ୍ୟେକ ବ୍ୟକ୍ତି ଗୋଷ୍ଠୀଠାରୁ ଗ୍ରହଣ କରୁଥିବା ଯାବତୀୟ ଉପାଦାନ, ପ୍ରଭାବ ଏବଂ ପ୍ରବାହସବୁକୁ ସ୍ୱଚେଷ୍ଟାରେ ରୂପାନ୍ତରିତ, ପରିବର୍ତ୍ତିତ ଏବଂ ଉତ୍ତୋଳିତ କରିନେଇ ପାରିବା ଲାଗି ଉପଯୁକ୍ତ ପ୍ରତିରୋଧ କରି ପାରନ୍ତେ, ତେବେ ସମଗ୍ର ଗୋଷ୍ଠୀଟି ଆଗରୁ ଯେଉଁ ସ୍ତରରେ ଥିଲା, ଅଧୁନା ସେଇଟି ତା'ଠାରୁ ଆହୁରି ଅନେକ ସମ୍ମୁଖରେ ଥିବା ଏକ ଉଚ୍ଚତର ଚେତନା ମଧ୍ୟକୁ ଉତ୍ତୋଳିତ ହୋଇଯାଇ ପାରନ୍ତେ ।

''ଏକ ପ୍ରୟାସ କରିବା ଲାଗି ଅଧିକରୁ ଅଧିକ ଏକ ଜରୁରୀ ପ୍ରୟୋଜନ ରହିଛି ବୋଲି ମୁଁ ଯେତେବେଳେ ତୁମମାନଙ୍କୁ କହୁଥିଲି, ସେତେବେଳେ ଉପରୋକ୍ତ କଥାଟିହିଁ ମୋର ଉଦ୍ଦେଶ୍ୟ ଥିଲା ।... ତୁମେ ଜଣେ ବ୍ୟକ୍ତି ହିସାବରେ ଯେଉଁ ଉଦ୍ୟମଟି କରିବ, ସେଇଟି କେବଳ ଏକ ବ୍ୟକ୍ତିଗତ ଅଗ୍ରଗତି ସକାଶେ ସହାୟକ ନହୋଇ, କହିବାକୁ ଗଲେ ଏହା ନିଜକୁ ବ୍ୟାପ୍ତ କରିଦେବ, ଅର୍ଥାତ୍ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଏକାଧିକ ସାମୂହିକ ଫଳାଫଳକୁ ମଧ୍ୟ ନିଶ୍ଚିତ ରୂପେ ଘଟାଇ ପାରିବ ।... ଅନେକ ମାସ ଧରି ମୁଁ (ଭକ୍ତବୃନ୍ଦଙ୍କର) ବ୍ୟକ୍ତିଗତ ଚେତନାକୁ ପ୍ରଥମେ ପ୍ରସ୍ତୁତ କରିବାକୁ ଚାହୁଁଥିଲି, ଯେପରିକି ଏହା ଏକ ସାମୂହିକ ବ୍ୟକ୍ତିତ୍ୱ (collective individuality)ର ପ୍ରୟୋଜନକୁ ସ୍ୱୀକାର କରିନେଇ ପାରିବ, ମୁଁ ଏପରି କହିପାରେ ଯେ ହୁଏତ ଏହା ଏକ ପ୍ରୟୋଜନ ବୋଲି ହୃଦୟଙ୍ଗମ ବି କରିପାରିବ ।... ଯଦି ପ୍ରତ୍ୟେକ ବ୍ୟକ୍ତି ସଚେତନ ଭାବରେ ଓ ସଦିଚ୍ଛା ସହିତ ସହଯୋଗିତା କରନ୍ତି, ତେବେ ଏହା ଆହୁରି ଦ୍ରୁତ ଗତିରେ ଅଗ୍ରସର ହୋଇ ପାରିବ ।''

('ମାତୃରଚନାବଳି' : ୯ମ ଖଣ୍ଡ; ପୃ. ୨୫୮-୨୫୯)

ପୁନଶ୍ଚ ଶ୍ରୀମା'ଙ୍କର ଅନ୍ୟ ଏକ 'ପ୍ରଶ୍ନୋତ୍ତର' କ୍ଲାସରୁ ଉଦ୍ଧୃତି – ସେଦିନ ଥିଲା ୨୧ ଡିସେମ୍ବର ୧୯୫୫; ଶ୍ରୀମା 'ଯୋଗ-ସମନ୍ୱୟ' ପୁସ୍ତକରୁ 'ଆତ୍ମୋତ୍ସର୍ଗ' ଅଧ୍ୟାୟରୁ କିଛି ପାଠ କଲେ । ସେଇଠୁ ତାଙ୍କୁ ପ୍ରଥମ ପ୍ରଶ୍ନ :

*(ମା, ଏଥିରେ ବର୍ଣ୍ଣିତ ହୋଇଛି) ସାଧକ ଅନେକ ସମୟରେ ଜ୍ଞାତ ହୁଏ ଯେ ନିଜ ସାଧନା ପଥରେ କୌଣସି ଏକ ବାଧାବିପତ୍ତିକୁ ଜୟ କରିବା ସକାଶେ ଦୃଢ଼ ଭାବର ଅଧ୍ୟବସାୟୀ ହୋଇ ସଂଘର୍ଷପୂର୍ବକ ସେଥିରେ ବିଜୟ ହାସଲ କରିଥାଏ, ତଥାପି ସେଇ ବାଧାଟିର ବାର ବାର ସମ୍ମୁଖୀନ ହୋଇ ତାକୁ ବିଜୟ ହାସଲ କରିବାକୁ ପଡ଼ିଥାଏ ।*

ଶ୍ରୀମା : ହଁ, ସେଇଠୁ କ'ଣ ହେଲା ?

ପ୍ରଶ୍ନ : ତେବେ ଏହାର ଅର୍ଥ କ'ଣ ଏହି ଯେ ତା'ର ସାଧନା ଫଳରେ ଅନ୍ୟମାନେ ମଧ୍ୟ ଲାଭବାନ୍ ହୁଅନ୍ତି ?

ଶ୍ରୀମା : ତୁମେ ବୁଝିପାରୁଛ, ପ୍ରତ୍ୟେକ ବ୍ୟକ୍ତି (ସାଧକ) ସକାଶେ ଏହା ଠିକ୍ ଏମିତି ।

(ଏହି ସାଧନା ସକାଶେ) ଯଦି କେବଳ ଜଣେ ବ୍ୟକ୍ତି ରହିଥାଏ, ତେବେ ତାହା ହୁଏତ ଏହିପରି ହୁଅନ୍ତା : ଯେ କେବଳ ସେ ନିଜେ ସମସ୍ତଙ୍କ ସକାଶେ କରିପାରିବ; କିନ୍ତୁ ଯଦି ପ୍ରତ୍ୟେକେ ଏହା କରନ୍ତେ ... ବୁଝିପାରୁଛ ...

ତୁମେମାନେ ପଚାଶ ଜଣ ପୂର୍ଣ୍ଣଯୋଗର ସାଧନା କରୁଛ । ଯଦି ପଚାଶ ଜଣଙ୍କ ମଧ୍ୟରୁ ମାତ୍ର ଜଣେ ତାହା କରୁଥାଏ, ତେବେ ସିଏ ସମଗ୍ର ପଚାଶ ଜଣଙ୍କ ଲାଗିହିଁ ତାହା କରୁଛି । କିନ୍ତୁ ପଚାଶ ଜଣଙ୍କ ମଧ୍ୟରୁ ଯଦି ପ୍ରତ୍ୟେକେ ତାହା କରନ୍ତି, ତେବେ ପ୍ରତ୍ୟେକେ ସମଗ୍ର ପଚାଶ ଜଣଙ୍କ ସକାଶେହିଁ ତାହା – ସେ ପ୍ରକୃତରେ ନିଜେହିଁ ନିଜ ପାଇଁ କରୁଥାଏ, କାରଣ ସମସ୍ତେ ସମସ୍ତଙ୍କ ସକାଶେ ତା' କରୁଥା'ନ୍ତି ।

*ପ୍ରଶ୍ନ : କିନ୍ତୁ ଏହା ଫଳରେ ସାଧନାର ମାର୍ଗଟି ଅନେକ ସୁଦୂର-ପ୍ରସାରୀ ହୋଇଉଠିବ ?*

ଶ୍ରୀମା : ଜଣେ ନିଜକୁ ନିଶ୍ଚିତ ରୂପେ ବିସ୍ତାରିତ କରି ଦେବ ।

(ସାଧନାର) ଏହି ପ୍ରକ୍ରିୟାଟି ଅଧିକ ଜଟିଳ, ଅଧିକ ସମ୍ପୂର୍ଣ୍ଣ, ଏହା ଏକ ଅଧିକତର ଶକ୍ତି, ଏକ ଅଧିକତର ବିସ୍ତାର, ଏକ ଅଧିକତର ଧୈର୍ଯ୍ୟ, ଏକ ଅଧିକତର ସହିଷ୍ଣୁତା, ଏକ ଅଧିକତର ସହନଶୀଳତା ଦାବି କରିଥାଏ; ଏହି ସମସ୍ତ ଗୁଣ ଆବଶ୍ୟକ । କିନ୍ତୁ, ପ୍ରକୃତରେ ଯଦି ପ୍ରତ୍ୟେକେ ନିଜ ନିଜ କର୍ତ୍ତବ୍ୟ-କର୍ମଟିକୁ ସମ୍ପୂର୍ଣ୍ଣ ଭାବରେ, ଦୋଷଶୂନ୍ୟ ଭାବରେ କରନ୍ତି, ତେବେ ତା'ର ସମଗ୍ର ସାଧନାଟି କେବଳ ଜଣେ ବ୍ୟକ୍ତିର ସାଧନା ହୋଇ ଆଉ ରହେ ନାହିଁ : କେବଳ ଜଣେ ବ୍ୟକ୍ତି ସମସ୍ତଙ୍କ ସକାଶେ ଏହା କରୁ ନଥାଏ; କିନ୍ତୁ ଏବେ ସମସ୍ତେ ମିଶି କେବଳ ଜଣେ ବ୍ୟକ୍ତିରେ ପରିଣତ ହୋଇଉଠନ୍ତି, ଯିଏକି ପୂରା ଗୋଷ୍ଠୀଟି ସକାଶେ ଏହା କରନ୍ତି ।

ଏହା ଦ୍ୱାରା ଏହି ସାଧନାଟିକୁ ଅଭ୍ୟାସ କରୁଥିବା ସମସ୍ତଙ୍କ ମଧ୍ୟରେ ଯଥେଷ୍ଟ ମାତ୍ରାରେ ଏକ ପ୍ରକାର ଐକ୍ୟ ରହିଥିବା ଆବଶ୍ୟକ, ଯଦ୍ଦ୍ୱାରା ସେମାନଙ୍କ ମଧ୍ୟରେ ଆଉ ପାର୍ଥକ୍ୟ ଅନୁଭୂତ ହେଉ ନଥିବ । ଏହିପରି ଭାବରେହିଁ ଏହି ସାଧନାଟିକୁ ପ୍ରକୃତରେ ସର୍ବୋତ୍କୃଷ୍ଟ ଭାବରେ ଅନୁଶୀଳନ

କରିହେବ : ଅର୍ଥାତ୍ ସେମାନେ ସମସ୍ତେ ମିଶି ଏକକ ଭାବରେ ବିବେଚିତ ଏକ ଦଳ ହୋଇ ଉଠିବେ, ଏକକ ବ୍ୟକ୍ତିତ୍ୱରେ ପରିଣତ ହେବେ । ଏବଂ ସେମାନେ ପରସ୍ପରଙ୍କ ମଧ୍ୟରେ ଆଦୌ କୌଣସି ପାର୍ଥକ୍ୟ ନରଖି ଯୁଗପତ୍ ଭାବରେ ପ୍ରତ୍ୟେକେ ନିଜ ସକାଶେ ତଥା ଅନ୍ୟ ସମସ୍ତଙ୍କ ସକାଶେ ସାଧନାରେ ବ୍ରତୀ ରହିବେ ।

ପ୍ରକୃତରେ କହିଲେ, ମୁଁ ଶ୍ରୀଅରବିନ୍ଦଙ୍କୁ ଭେଟିବା ସମୟରେ ଏହିଟି ଥିଲା ମୋର ପ୍ରଥମ ପ୍ରଶ୍ନ ।... ଜଣେ କ'ଣ ନିଜର ସାଧନାରେ ବ୍ରତୀ ରହି ଲକ୍ଷ୍ୟରେ ଉପନୀତ ହେବା ପରେ ଯାଇ ଅନ୍ୟମାନଙ୍କୁ ସାଧନାରେ ସାହାଯ୍ୟ କରିବାର ଭାର ଗ୍ରହଣ କରିବ ଅଥବା ସିଏ ସମାନ ଅଭୀପ୍ସା ରହିଥିବା ସମସ୍ତଙ୍କୁ ନିଜ ପାଖକୁ ଆସିବାକୁ ତତ୍‌କ୍ଷଣାତ୍ ଅନୁମତି ଦେବ ଏବଂ ସମସ୍ତଙ୍କ ସହିତ ଏକତ୍ର ଲକ୍ଷ୍ୟ ଦିଗରେ ଅଗ୍ରଗତି କରିବ ?...

ଏହି ନିଷ୍ପତ୍ତିଟି ଆଦୌ ମନଃସ୍ତରର ଏକ ନିର୍ବାଚନ ନଥିଲା । ଏହା ସ୍ୱତଃସ୍ଫୂର୍ତ୍ତ ଭାବରେ ଉପଲବ୍ଧ ହୋଇଥିଲା । ପରିସ୍ଥିତିମାନ ଏପରି ହୋଇ ରହିଥିଲା ଯେ ନିର୍ବାଚନ କରିବାର କୌଣସି ଅବକାଶହିଁ ନଥିଲା; ଅର୍ଥାତ୍, ଅତ୍ୟନ୍ତ ସ୍ୱାଭାବିକ ଭାବରେ, ସ୍ୱତଃସ୍ଫୂର୍ତ୍ତ ଭାବରେ ଗୋଷ୍ଠୀଟି ଏପରି ଭାବରେ ଗଢ଼ି ଉଠିଥିଲା ଯେ ତାହା ଏକ ଅପରିହାର୍ଯ୍ୟ ଆବଶ୍ୟକତାରେ ପରିଣତ ହୋଇ ଉଠିଲା । ଏବଂ ତେଣୁ, ଆମେ ଥରେ ଏହିପରି ଭାବରେ ଆରମ୍ଭ କରିଦେବା ପରେ, ଏହାକୁହିଁ ଚୂଡ଼ାନ୍ତ ନିଷ୍ପତ୍ତି ବୋଲି ମାନି ନେବାକୁ ହେଲା ଏବଂ ଆମକୁ ଶେଷ ଅବଧି ଏହି ଧାରାରେହିଁ ଯିବାକୁ ହେବ ।

ପ୍ରଥମେ ପାଞ୍ଚ ଜଣ ଥିଲେ, ଦଶ ଜଣ, ଦଶରୁ ଅଧିକ ନଥିଲେ । ଅନେକ ଦିନ ପର୍ଯ୍ୟନ୍ତ ପାଞ୍ଚ ଜଣ କି ଛଅ ଜଣହିଁ ରହିଥିଲେ । ତା'ପରେ ଦଶ ଜଣ, ବାର ଜଣ, ପ୍ରାୟ କୋଡ଼ିଏ ଜଣ ହେଲେ; ତା'ପରେ ତିରିଶ, ପଇଁତିରିଶ । ଏହି ସଂଖ୍ୟାଟି ବେଶ୍ ଅନେକ ଦିନ ପର୍ଯ୍ୟନ୍ତ ରହିଥିଲା । ତା'ପରେ ହଠାତ୍ ଅନେକଙ୍କର ଆଗମନ ହେବାକୁ ଆରମ୍ଭ କଲା* ଏବଂ ଏହି ମାର୍ଗରେ ଆସି ଯୋଗ ଦେଲେ । ଏବେ ଆମର ସର୍ବଶେଷ ସଂଖ୍ୟା ଏଗାର ଶହରୁ ଅଧିକରେ ଆସି ଉପନୀତ ହୋଇଛି । ଆମର ଗୋଷ୍ଠୀଟି ବୃଦ୍ଧି ପାଇବାରେ ଲାଗିଛି ।

ବର୍ତ୍ତମାନ ଏହି ବ୍ୟକ୍ତିମାନଙ୍କ ମଧ୍ୟରେ ଏମିତି ବହୁଲୋକ ଅଛନ୍ତି, ଯେଉଁମାନେ କି ସାଧନା କରୁ ନାହାନ୍ତି, ସେମାନଙ୍କ ସକାଶେ ଆଦୌ ସମସ୍ୟାଟି ଉଠୁ ନାହିଁ । ମାତ୍ର ଯେଉଁମାନେ ଏହା କରୁଛନ୍ତି, ସେମାନଙ୍କ ସକାଶେ ବ୍ୟାପାରଟି ଏହିପରି ହୋଇ ରହିଛି – ଏ କ୍ଷେତ୍ରରେ ଶ୍ରୀଅରବିନ୍ଦ ଯେମିତି ବର୍ଣ୍ଣନା କରି କହିଛନ୍ତି, ଏହା ଠିକ୍ ସେହିପରି । ଏବଂ ଯଦି ଜଣେ ବ୍ୟକ୍ତି (ଆମର) ଏହି ସାଧନାକୁ ନିଃସଙ୍ଗ ମାର୍ଗରେ ଏକାକୀ କରିବାକୁ ଚାହେଁ, ତେବେ ଏହାକୁ ସମ୍ପୂର୍ଣ୍ଣ ଭାବରେ ସାଧନ କରିବାକୁ ତା'ପକ୍ଷରେ ଏକାନ୍ତ ଅସମ୍ଭବ ହୋଇ ପଡ଼ିବ ।...

(ଇତି ପୂର୍ବରୁ ଉଲ୍ଲେଖ କରିଛୁ) ଏକ ଅତ୍ୟନ୍ତ ପ୍ରାଚୀନ ପରମ୍ପରାରେ ଏକଥା କୁହାଯାଇଛି ଯେ ବାର ଜଣ ଏକାଠି ହେଲେ ନିଶ୍ଚୟ ଯଥେଷ୍ଟ; କିନ୍ତୁ ଆଧୁନିକ ଜୀବନର ବହୁ ଜଟିଳତା ଦୃଷ୍ଟିରୁ ବିଚାର କରି ଦେଖିଲେ ଏହା ଆଦୌ ସମ୍ଭବ ବୋଲି ବୋଧ ହେଉ ନାହିଁ । ଏଥିସକାଶେ ଏକ ନିର୍ବାଚିତ ପ୍ରତିନିଧିଙ୍କ ଦ୍ୱାରା ସୃଷ୍ଟ ଗୋଷ୍ଠୀଟିଏ ଅବଶ୍ୟ ରହିଥିବା ଆବଶ୍ୟକ ।...

''ତେଣୁ ବର୍ତ୍ତମାନ ପରିସ୍ଥିତିରେ ତୁମେ ସମ୍ପୂର୍ଣ୍ଣ ଓ ନିଷ୍କ୍ରିୟ ଭାବରେ ମୋ ଦିବ୍ୟ ସହାୟତା ଉପରେ ଏକାନ୍ତ ନିର୍ଭର ନକରି ତୁମ ପ୍ରତ୍ୟେକଙ୍କୁ ନିଶ୍ଚିତ ରୂପେ ନିଜ ପାରୁପର୍ଯ୍ୟନ୍ତ, ସାମାନ୍ୟ ହେଲେ ବି, ନିଜର ପ୍ରଚେଷ୍ଟା ଚଳାଇ ରଖିବା ଉଚିତ, ସତରେ କହିବାକୁ ଗଲେ, ଏହା ହେବ ସର୍ବୋତ୍କୃଷ୍ଟ ପନ୍ଥା ।''

(MCW. Vol. 6; p.297)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

---

* ୧୯୨୬ ରୁ ୧୯୩୮ ପର୍ଯ୍ୟନ୍ତ ଆଶ୍ରମ ଜୀବନଧାରା ସୁରୁଖୁରୁରେ ଚାଲୁଥିଲା । ଦ୍ୱିତୀୟ ମହାଯୁଦ୍ଧ (୧୯୩୯-୪୫) ଆରମ୍ଭ ହୋଇ ସାରିଥାଏ । ୧୯୪୦ ଦଶକର ପ୍ରାରମ୍ଭରେ ଜାପାନୀ ସୈନ୍ୟ ବର୍ମା ଅଧିକାର କରି ଭାରତର ଉତ୍ତର-ପୂର୍ବାଞ୍ଚଳ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଥିଲା । ଏହି ଭୟାବହ ପରିସ୍ଥିତିରେ ବେଙ୍ଗଲରେ ରହୁଥିବା ଶ୍ରୀମାଶ୍ରୀଅରବିନ୍ଦଙ୍କର ଭକ୍ତବୃନ୍ଦ ସେମାନଙ୍କର ପରିବାରବର୍ଗ ସହିତ ଆଶ୍ରମରେ ଆଶ୍ରୟ ପାଇବାକୁ ଶ୍ରୀମା'ଙ୍କୁ ସନିର୍ବନ୍ଧ ଅନୁରୋଧ ଜଣାଇବାରୁ ଶ୍ରୀମା ଅନନ୍ୟୋପାୟ ହୋଇ ଆଶ୍ରମରେ ଆଶ୍ରୟ ଦେଲେ । ଆଶ୍ରମକୁ ପିଲାମାନଙ୍କର ଆଗମନ ହେଲା ।

ନୀରଦବରଣଙ୍କ ଉକ୍ତିରେ : ''ଆମର ଆଶ୍ରମ ଜୀବନଧାରା ଏକ ଭିନ୍ନ ରୂପ ଧାରଣ କଲା ।... ଆମେ ସମସ୍ତେ ଅତି ଶୀଘ୍ର ହୋଇ ଉଠିଲୁ ଏକ ଆଧ୍ୟାତ୍ମିକ ପରିବାର ।'' ('Twelve years with Sri Aurobindo', p.104)

# ସଂକ୍ଷେପରେ ରାମାୟଣ ଚରିତ

## ରାମକୃଷ୍ଣ ଦାସ

### ନୈତିକ ଏବଂ ଅଧ୍ୟାତ୍ମ ଧର୍ମର ସାମଞ୍ଜସ୍ୟ

ନୈତିକ ଧର୍ମ ବ୍ୟକ୍ତିର ଲକ୍ଷ୍ୟ ନୁହେଁ । ଏହା ଅଧ୍ୟାତ୍ମ ଧର୍ମରେ ପହଞ୍ଚିବାର ସୋପାନ ବା ଉପାୟ । କିନ୍ତୁ ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ ଅଧ୍ୟାତ୍ମ ସିଦ୍ଧି ବା ଭଗବତ୍ ପ୍ରାପ୍ତି । ମନୁଷ୍ୟ ନୈତିକ ଧର୍ମ ପାଳନ କରୁଥାଏ ଅଧ୍ୟାତ୍ମ ସତ୍ୟରେ ଉପନୀତ ହେବା ସକାଶେ । ଅଧ୍ୟାତ୍ମ ସତ୍ୟ ପ୍ରାପ୍ତ ହେବା ପରେ ନୈତିକ ଧର୍ମ ଅଧ୍ୟାତ୍ମ ଧର୍ମର ସାହାଯ୍ୟକାରୀ ହେଲେ ତାହା ରଖା ହୁଏ, ଅନ୍ୟଥା ମାଟି ଛାଞ୍ଚରେ ଧାତୁ ପାତ୍ର ତିଆରି ହେବା ପରେ ମାଟି ଛାଞ୍ଚକୁ ଭାଙ୍ଗି ଦେବା ସଦୃଶ ନୈତିକ ଧର୍ମକୁ ତ୍ୟାଗ କରାହୁଏ ।

ଅଧିକାଂଶ ବ୍ୟକ୍ତି ଏହି ରହସ୍ୟ ବୁଝି ନ ପାରି ନୈତିକତାକୁ ଜୀବନର ଲକ୍ଷ୍ୟ ମାନି ନେଇ ଜୀବନର ଅଧ୍ୟାତ୍ମ ଲକ୍ଷ୍ୟ ଭଗବତ୍ ପ୍ରାପ୍ତିକୁ ଭୁଲିଯା'ନ୍ତି । ଆଉ କେତେକ ବ୍ୟକ୍ତିଙ୍କୁ ଜୀବନର ଲକ୍ଷ୍ୟ-ଜ୍ଞାନ ପ୍ରାପ୍ତ ହେଲେ ସେମାନେ ନୈତିକ ଧର୍ମକୁ ପୂର୍ଣ୍ଣ ରୂପେ ବର୍ଜନ କରି କେବଳ ଅଧ୍ୟାତ୍ମ ସତ୍ୟର ସନ୍ଧାନ କରନ୍ତି । ଏହାହିଁ ଜୀବନର ଯଥାର୍ଥ ଲକ୍ଷ୍ୟ । ଏହି ବ୍ୟକ୍ତିମାନେ ଗାର୍ହସ୍ଥ୍ୟ ଆଶ୍ରମ ବ୍ୟକ୍ତିଙ୍କର ପୂଜ୍ୟ ମଧ୍ୟ ହୁଅନ୍ତି, କିନ୍ତୁ ଆଦର୍ଶ ହୋଇ ପାରନ୍ତି ନାହିଁ । ଆଦର୍ଶ ହୋଇଛନ୍ତି ଶ୍ରୀ ଚକ୍ରବର୍ତ୍ତୀ ମହାରାଜା ଦଶରଥ । ତାଙ୍କ ଜୀବନରେ ନୈତିକତା ଏବଂ ଅଧ୍ୟାତ୍ମ ସତ୍ୟ ଉପାୟ ଆଦର୍ଶ ପୂର୍ଣ୍ଣ ରୂପେ ଆଚରିତ ହୋଇଛି । ନିଜ ବଚନ ରକ୍ଷା କରିବା ସକାଶେ, ଅଲୌକିକ ପ୍ରତିଭାସମ୍ପନ୍ନ, ପିତୃଭକ୍ତ, ସର୍ବଦୋଷବିହୀନ, ସର୍ବାଙ୍ଗସୁନ୍ଦର, ମଧୁରଭାଷୀ, ପ୍ରାଣୀମାତ୍ରର ପ୍ରିୟ, ସକଳ ଦିବ୍ୟଗୁଣ ବିଭୂଷିତ ପ୍ରାଣପ୍ରିୟ ପୁତ୍ର ଶ୍ରୀରାମଙ୍କୁ ବନବାସ ଦେଇ ନୈତିକ ନିଷ୍ଠା ରକ୍ଷା କରିଛନ୍ତି । ପୁତ୍ର ରୂପେ ଭଗବାନ୍ ଶ୍ରୀରାମଙ୍କୁ ପ୍ରାପ୍ତ କରି ତାଙ୍କର ବିୟୋଗରେ ଶରୀର ତ୍ୟାଗ କରି ଅଧ୍ୟାତ୍ମ ନିଷ୍ଠା ପାଳନ କରିଛନ୍ତି ।

### ନୈତିକତାର ଆଧାର ଅଧ୍ୟାତ୍ମ ଧର୍ମ

ସଂସାରରେ ନୈତିକ ଧର୍ମ ମାନଦଣ୍ଡ । ସଂସାରର ସମସ୍ତ ବ୍ୟକ୍ତି ନୈତିକ ଧର୍ମର ଅର୍ଥ ଜାଣନ୍ତୁ ବା ନ ଜାଣନ୍ତୁ କିଛି ଅଂଶରେ ପାଳନ କରନ୍ତି । ଯେଉଁମାନେ ନୈତିକ ଧର୍ମ ପାଳନ ନ କରନ୍ତି ସେହିମାନେ ପତିତ ବା ଦୁରାଚାରୀ ରୂପେ ମାନ୍ୟ ହୁଅନ୍ତି । ନୈତିକ ଧର୍ମ ଅନୁସାରେ ପୁତ୍ର ମାତାପିତାଙ୍କୁ ଭକ୍ତି କରେ, ସେବା କରେ, ସେମାନଙ୍କ ଆଜ୍ଞା ପାଳନ କରେ । ସ୍ତ୍ରୀ ପତିକୁ ହୃଦୟର ଦେବତା ରୂପେ ପୂଜା କରେ ଏବଂ ପାତିବ୍ରତ୍ୟ ଧର୍ମ ପାଳନ କରେ । ରାଜା ରାଜ୍ୟଶାସନ କରନ୍ତି ନୈତିକ ଧର୍ମ ଅନୁସାରେ । ବ୍ୟକ୍ତି ନୈତିକ ଧର୍ମ ଉଲଂଘନ କରି ଅନ୍ୟର ଅନିଷ୍ଟ, ଚୋରି, ଡକାୟତି କଲେ ରାଜବିଧାନ ଦ୍ୱାରା ଦଣ୍ଡ ପାଏ । ଅର୍ଥାତ୍ ନୈତିକ ଧର୍ମ ଦ୍ୱାରା ସଂସାର ପରିଚାଳିତ ହୁଏ ଏବଂ ଶୃଙ୍ଖଳିତ ହୁଏ । ଏହି ନୈତିକ ଧର୍ମ ହେଉଛି ମାନସିକ ବିଧାନ । ଏହାରି ଦ୍ୱାରା ହୁଏ ପରିବାର ତଥା ସମାଜ ଶୃଙ୍ଖଳିତ । ଏହି ନୈତିକ ଧର୍ମ ସ୍ୱୟଂ ଦୁର୍ବଳ ଏବଂ ଅଧ୍ୟାତ୍ମ ଧର୍ମର ଆଶ୍ରିତ । ପୃଥିବୀରେ ଅଧ୍ୟାତ୍ମ ଧର୍ମ ଶକ୍ତିଶାଳୀ ହେବା ସମୟରେ ନୈତିକ ଧର୍ମ କ୍ରିୟାଶୀଳ ଥାଏ । ଅଧ୍ୟାତ୍ମ ଧର୍ମ ହ୍ରାସ ହେଲେ ନୈତିକ ଧର୍ମର ପତନ ହୁଏ ଓ ସଂସାରରେ ଅନ୍ୟାୟ, ଅସତ୍ୟ ବୃଦ୍ଧି ହୁଏ । ନୈତିକ ଧର୍ମର ସର୍ବାଙ୍ଗୀଣ ରୂପେ ପୁନରୁତ୍ଥାନ କରିବାକୁ ହେଲେ ସ୍ୱୟଂ ଭଗବାନ୍ ମନୁଷ୍ୟ ଶରୀରରେ ନିଜ ପରିଚାରବର୍ଗଙ୍କ ସହିତ ପୃଥିବୀରେ ଅବତାର ନିଅନ୍ତି । ଭିନ୍ନ ଭିନ୍ନ ରୂପେ ଅନୁଚରଙ୍କ ସହିତ ସ୍ୱୟଂ ଧର୍ମ ଆଚରଣ କରି ପୃଥିବୀରେ ଆଦର୍ଶ ସ୍ଥାପନ କରନ୍ତି । ସେହି ଆଦର୍ଶ ବହୁ ବର୍ଷ ପର୍ଯ୍ୟନ୍ତ ପ୍ରଚଳିତ ହୋଇ ଆସୁଥାଏ ।

ଭଗବାନ୍ ଶ୍ରୀରାମଚନ୍ଦ୍ର ପୃଥିବୀକୁ ଆସିଥିଲେ ନୈତିକ ଧର୍ମ ପ୍ରତିଷ୍ଠା କରିବା ସକାଶେ । ନୈତିକ ଧର୍ମ ଅଧ୍ୟାତ୍ମ ଧର୍ମର ଆଶ୍ରିତ ହୋଇଥିବାରୁ ଅଧ୍ୟାତ୍ମ ଧର୍ମର ଯେପରି ଭିନ୍ନ ଭିନ୍ନ ଧାରା ବା ଅଙ୍ଗ ସେହିପରି ନୈତିକ ଧର୍ମର ଭିନ୍ନ ଭିନ୍ନ ଧାରା ବା ଅଙ୍ଗ । ରାମାୟଣରେ ଯେତେ ଚରିତ୍ର ବର୍ଣ୍ଣନା ହୋଇଛି ସମସ୍ତ ନୈତିକ ଏବଂ ଅଧ୍ୟାତ୍ମ ଧର୍ମର ଭିନ୍ନ ଭିନ୍ନ ଭାବର ଶିକ୍ଷାପ୍ରଦ ଆଦର୍ଶ । ବ୍ୟକ୍ତି ନିଜ ସ୍ୱଭାବ ଅନୁସାରେ ସେହି ଶିକ୍ଷାପ୍ରଦ ଚରିତ୍ରର ଅଭ୍ୟନ୍ତରରେ ନିହିତ ଥିବା ସତ୍ୟକୁ ଗ୍ରହଣ କଲେ ନିଜ ଜୀବନ ମହାନ୍ ଉନ୍ନତ ହୋଇପାରେ ଏବଂ ଜୀବନର ଲକ୍ଷ୍ୟରେ ପହଞ୍ଚିବାରେ ଅଧିକ ସାହାଯ୍ୟ ମିଳିପାରେ ।

ଶ୍ରୀରାମଙ୍କ ଅବତାର ଥିଲା ନୈତିକ ଧର୍ମ ଅନୁସାରେ ଗାର୍ହସ୍ଥ୍ୟ ଧର୍ମର ଆଦର୍ଶ ପୃଥିବୀରେ ସ୍ଥାପନ କରିବା । ସେ ପୁରୁଷଜାତିର ପ୍ରତିନିଧି ରୂପେ ଶୁଦ୍ଧ, ପବିତ୍ର ଗାର୍ହସ୍ଥ୍ୟ ଧର୍ମ ଅନୁସାରେ ମାତାପିତାଙ୍କ ଆଜ୍ଞା ପାଳନ, ସତ୍ୟ ଆଚରଣ, ଏକ ପତ୍ନୀବ୍ରତ ଏବଂ ପ୍ରଜାଙ୍କୁ ପୁତ୍ରବତ୍ ପାଳନ କରିଥିଲେ । ତାଙ୍କ ଧର୍ମପତ୍ନୀ ସୀତାଦେବୀ ନାରୀମାନଙ୍କ ପ୍ରତିନିଧି ହୋଇ ସେମାନଙ୍କ ସମ୍ମୁଖରେ ପାତିବ୍ରତ୍ୟ ଧର୍ମର ଆଦର୍ଶ ପ୍ରସ୍ଥାପିତ କରିଥିଲେ । କିନ୍ତୁ ରାଜା ଚକ୍ରବର୍ତ୍ତୀ ଦଶରଥ ମହାରାଜାଙ୍କ ଜୀବନରେ ହୋଇଥିଲା ଅଧ୍ୟାତ୍ମ ତଥା ନୈତିକ ଧର୍ମର ମିଳନ ।

## ନୈତିକତା ଏବଂ ଆଧ୍ୟାତ୍ମିକତାର ମିଳନ

ଚକ୍ରବର୍ତ୍ତୀ ମହାରାଜା ଦଶରଥ ଥିଲେ ଭଗବାନଙ୍କର ଅନନ୍ୟ ଭକ୍ତ । ସେ ନୈତିକତା ଧର୍ମ ପାଳନପୂର୍ବକ ଭଗବତ୍ ଭକ୍ତି ପ୍ରଭାବରେ ମୁନିମନଅଗମ୍ୟ ପରମବ୍ରହ୍ମ ପରମାତ୍ମାଙ୍କୁ ପୁତ୍ର ରୂପେ ପ୍ରାପ୍ତ କରି ଦିବାନିଶି ଭଗବତ୍ ଆନନ୍ଦ-ସମୁଦ୍ରରେ ବୁଡି ରହୁଥିଲେ । ସତ୍ୟବଚନ ରକ୍ଷା କରି ନୈତିକ ଧର୍ମ ମଧ୍ୟ ପାଳନ କରିଥିଲେ । ନୈତିକ ଏବଂ ଅଧ୍ୟାତ୍ମ ଏହି ଉଭୟ ଧର୍ମ ଏକ ସଙ୍ଗେ ବିକାଶ ହୋଇଥିଲା ତାଙ୍କ ଜୀବନରେ । ଅଧ୍ୟାତ୍ମ ଧର୍ମରେ ପ୍ରବେଶ କରିବା ସକାଶେ ନୈତିକ ଧର୍ମ ସୋପାନ ସଦୃଶ । କିନ୍ତୁ ନୈତିକ ଧର୍ମ ସଙ୍କୁଚିତ, ସୀମିତ, ମାନସିକ ନିୟମରେ ଆବଦ୍ଧ । ଅଧ୍ୟାତ୍ମ ଧର୍ମ ମହାନ୍, ବିଶାଳ, ଉଦାର; ନୈତିକ ଧର୍ମର ବହୁ ଊର୍ଦ୍ଧ୍ୱରେ । ନୈତିକ ଧର୍ମ ଅଧ୍ୟାତ୍ମ ଧର୍ମର ସୋପାନ ହେବା ସତ୍ତ୍ୱେ ଅଧ୍ୟାତ୍ମ ସତ୍ୟ ଉପଲବ୍ଧି ହେବା ପରେ ନୈତିକ ଧର୍ମ ପ୍ରତିବନ୍ଧକ ହେଲେ ତାହା ବର୍ଜନ କରାହୁଏ ।

ସାମୀପ୍ୟ ହେଲା ଚରମ ଅଧ୍ୟାତ୍ମ ଧର୍ମ । ଭକ୍ତ ଭଗବାନଙ୍କ ସାମୀପ୍ୟ ବା ସେବା ସକାଶେ ନୈତିକତା ବା ଅନ୍ୟ ସମସ୍ତଙ୍କୁ ତ୍ୟାଗ କରିପାରେ । ଶ୍ରୀଚକ୍ରବର୍ତ୍ତୀ ଦଶରଥ ମହାରାଜା ସ୍ୱୟଂ ଭଗବାନ୍‌ଙ୍କୁ ପୁତ୍ର ରୂପେ ପ୍ରାପ୍ତ ହୋଇଥିଲେ । ଭଗବତ୍ ସାମୀପ୍ୟ ପ୍ରାପ୍ତି – ଏହି ଅଧ୍ୟାତ୍ମ ଧର୍ମର ବିରୋଧରେ ସତ୍ୟବଚନ ରକ୍ଷା ନୈତିକତା ଉପସ୍ଥିତ ହୋଇଥିଲା । ଯେଉଁଥିରେ ଭଗବାନଙ୍କ ସାମୀପ୍ୟରୁ ବଞ୍ଚିତ ହୋଇ ତାଙ୍କୁ ବନବାସ ଦେଇଥିଲେ । ଦଶରଥ ମହାରାଜା ଯଦି ନୈତିକ ଧର୍ମ ତ୍ୟାଗ କରି ଶ୍ରୀରାମଙ୍କୁ ବନକୁ ନ ପଠାଇ ଗୃହରେ ରଖି ଥାଆନ୍ତେ ତେବେ ତାଙ୍କୁ କୌଣସି ପାପ ବା ଦୋଷ ହୋଇ ନ ଥା'ନ୍ତା ବରଂ ତାହା ଅଧ୍ୟାତ୍ମ ଧର୍ମର ସମର୍ଥକ ହୋଇଥାଆନ୍ତା । କିନ୍ତୁ ସେ ନୈତିକ ଏବଂ ଅଧ୍ୟାତ୍ମ, ଏହି ଉଭୟ ସାମଞ୍ଜସ୍ୟ ଧର୍ମର ଆଦର୍ଶ ହୋଇ ନ ଥା'ନ୍ତେ । ତାଙ୍କ ଜୀବନରେ ଉଭୟ ଧର୍ମ ନିଖୁଣ ଭାବେ ପ୍ରକାଶ ହୋଇ ଥିବାରୁ ତାଙ୍କ ଚରିତ୍ର ଅତୁଳନୀୟ ହୋଇଅଛି । ପ୍ରାଣପ୍ରିୟ ପୁତ୍ରକୁ ବନବାସ ଦେବାରୁ ତାଙ୍କ ନୈତିକ ଧର୍ମ ରକ୍ଷା ହୋଇଅଛି । ଶ୍ରୀରାମଙ୍କ ବିୟୋଗରେ ଶରୀର ତ୍ୟାଗ କରି ଥିବାରୁ ଅଧ୍ୟାତ୍ମଧର୍ମ ପାଳନ ହୋଇଅଛି । ତାଙ୍କ ଜୀବନରେ ହୋଇଛି ଅଧ୍ୟାତ୍ମ ଧର୍ମ ତଥା ନୈତିକତାର ମିଳନ । ଗଭୀର ଭାବେ ବିଚାର କଲେ ଦେଖିପାରିବା ରାମାୟଣ ଗୋଟିଏ ଅତୁଳନୀୟ ଗ୍ରନ୍ଥ । ତା'ର ପ୍ରତ୍ୟେକ ଚରିତ୍ର ଭିନ୍ନ ଭିନ୍ନ ଆଦର୍ଶ ରୂପେ ପ୍ରତିଷ୍ଠିତ ହୋଇଅଛି, ଏପରିକି ରାବଣ ମହାନ୍ ଶକ୍ତିଶାଳୀ ଐଶ୍ୱର୍ଯ୍ୟଯୁକ୍ତ ଯୋଦ୍ଧା ରାଜନୀତିଜ୍ଞ ପଣ୍ଡିତ ଥିବା ସତ୍ତ୍ୱେ ମୋହ ତଥା ଅହଂବଶ ହେବାରୁ କିପରି ତାଙ୍କର ନାଶ ହୋଇଅଛି ଏଥିରୁ ଆମ୍ଭେ ଶିକ୍ଷା ପାଇପାରୁ; କିନ୍ତୁ ତାହା ଆଦର୍ଶ ରୂପେ ଗ୍ରହଣ କରିପାରୁ ନାହିଁ । ଆଦର୍ଶ ରୂପେ ଗ୍ରହଣ କରୁ ଦଶରଥଙ୍କ ଚରିତ୍ରକୁ । ଦଶରଥ ମହାରାଜା ଥିଲେ ତ୍ରେତା ଯୁଗରେ । ତାଙ୍କର ସତ୍ୟପାଳନ ପ୍ରଭାବରୁ ଆଜି ବି ସେ ପ୍ରତ୍ୟେକ ଲୋକର ହୃଦୟରେ ଆଦର ଓ ସମ୍ମାନର ପାତ୍ର ହୋଇଅଛନ୍ତି । ଯେପର୍ଯ୍ୟନ୍ତ ରାମାୟଣ ଗ୍ରନ୍ଥ ଥିବ ସେପର୍ଯ୍ୟନ୍ତ ସେ ସମ୍ମାନିତ ହେଉଥିବେ । ତାଙ୍କ ଚରିତ୍ରରୁ ପ୍ରତ୍ୟେକ ବ୍ୟକ୍ତି ସତ୍ୟ ବଚନର ଆଦର୍ଶ ଗ୍ରହଣ କରିବା ଉଚିତ । ପାଠକ ଚକ୍ରବର୍ତ୍ତୀ ମହାରାଜାଙ୍କ ଚରିତ୍ରରୁ ଦେଖି ପାରିବେ ତାଙ୍କ ଜୀବନରେ ସତ୍ୟବଚନ ପାଳନ ଯେପରି ଉଚ୍ଚରୁ ଉଚ୍ଚ ଶିଖରରେ ପହୁଞ୍ଚିଥିଲା ସେହିପରି ତାଙ୍କ ଅଗାଧ ଭଗବତ୍ ଭକ୍ତିସମୁଦ୍ରର ଥଳକୂଳ ନ ଥିଲା । ସେଇ ଅକଳ୍ପନୀୟ ଭକ୍ତି ପ୍ରଭାବରେ ସେ ମନ-ବଚନ ଅଗୋଚର ପରମବ୍ରହ୍ମ ପୁରୁଷୋତ୍ତମ ପରମାତ୍ମାଙ୍କୁ ପୁତ୍ରରୂପେ ପ୍ରାପ୍ତ କରିଥିଲେ ଏବଂ ଭଗବତ୍ ଦିବ୍ୟ ଆନନ୍ଦ-ସମୁଦ୍ରରେ ଦିବାନିଶି ବୁଡି ରହୁଥିଲେ । ସେ ତାଙ୍କୁ ଖେଳାଇ ଥିଲେ, କୋଳ କରୁଥିଲେ, ନିଜ ସଙ୍ଗେ ଖୁଆଇ ଥିଲେ ଏବଂ ବାତ୍ସଲ୍ୟ ଭାବ ସମୁଦ୍ରରେ ଦିବାନିଶି ବୁଡି ରହୁଥିଲେ । ଯେଉଁ ବିଶ୍ୱପିତା ପରମାତ୍ମାଙ୍କୁ ଋଷିମାନେ କଠୋର ସାଧନା କରି ଧ୍ୟାନ ଦ୍ୱାରା ହୃଦୟ-ମନ୍ଦିରରେ ବହୁତ କଷ୍ଟରେ ଦର୍ଶନ ପାଉଥିଲେ – ସେହି ସଚ୍ଚିଦାନନ୍ଦ ବ୍ରହ୍ମଙ୍କୁ ଚକ୍ରବର୍ତ୍ତୀ ମହାରାଜା ଖୁଆଇ ଦେଇଥିଲେ,

ଅଙ୍ଗୁଳି ଧରି ଚାଲିବାକୁ ଶିଖାଇ ଥିଲେ, ନାନା ପ୍ରକାର ଗଳ୍ପ କହି ତାଙ୍କ ମନକୁ ଆକର୍ଷିତ କରୁଥିଲେ । ସେହି ପ୍ରଭୁ ଦଶରଥ ମହାରାଜାଙ୍କ ଭକ୍ତିରେ ବଶ ହୋଇ ପୁତ୍ରାନନ୍ଦର ସମୁଦ୍ର ତାଙ୍କ ହୃଦୟରେ ଢାଳି ଦେଇଥିଲେ । ସେହି ଆନନ୍ଦ-ସମୁଦ୍ରରେ ମହାରାଜା ନିଜ ମନକୁ ମୀନବତ୍ କରି ରଖିଥିଲେ । ଜଳରୁ ମୀନ ପୃଥକ୍ ହେଲେ ଶରୀର ତ୍ୟାଗ କରିବା ସଦୃଶ ଶ୍ରୀରାମଙ୍କ ବିୟୋଗରେ ସେ ଇହଧାମ ତ୍ୟାଗ କରିଥିଲେ ।

(କ୍ରମଶଃ)

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ, ଦ୍ୱିତୀୟ ଖଣ୍ଡ, ପୃ. ୬୬୬ -୬୬୮) ❑

# ଫଗୁଣ ଉଷା

## ସ୍ୱପ୍ନେନ୍ଦୁ କୁମାର

କେଉଁ ଯଜ୍ଞର ଅନଳ ଜଳଇ
ପଳାଶର ଫୁଲେ ଫୁଲେ
ଏ ଘୋର ଫଗୁଣ
କୁହୁ ଘନ ଘନ
ମହା ବିରହର ଏ କି ଆୟୋଜନ
ଆକୁଳ ମନ ମୋ ମିଳନର ସ୍ମୃତି
ସାଇତି ରଖିବା ଭୁଲେ ।

ମଳୟ ସମିରେ
ଆମ୍ର ମୁକୁଳ ମହକ ଆସଇ ଭାସି ।
ବାର ବାର ମନେ ଜାଗରିତ ହୁଏ
ତୁମକୁ ପାଇବା ବାସନା ମୋ ଅବିନାଶୀ ।

ଜଳ ଭ୍ରମେ କେତେ ମରୀଚିକା ପଛେ ଧାଏଁ
ତୀର ଅପହଞ୍ଚ ଅତଳ ସାଗରେ
ଜୀବନର ଭ୍ରମେ ମରଣ ନଉକା ବାହେ ।

ସାଗର ସେପାରୁ ଭାସି ଆସେ ଯେବେ
ତୁମରି ବଂଶୀ ସ୍ୱର
ପୁଣି ହଜିଯାଏ ପୁଣି ଶୁଭିଯାଏ
ହୃଦୟ ଦହନେ ପ୍ରାଣ ମୋ ଆତୁର
ଏଇ ଖେଳ ପରା ତୁମକୁ ଲାଗଇ ଭଲ ।

ତୁମ ନୀଳିମାର ଜ୍ୟୋତିଃ ଭରା ସେଇ
ଘନ ଅନ୍ଧାର ଆସେ ଘୋଟି
ସୂର୍ଯ୍ୟ, ଚନ୍ଦ୍ର କି ତାରକା ତ ନାହିଁ ସେଠି
(*ନ ତତ୍ର ସୂର୍ଯ୍ୟ ଭାତି ନ ଚନ୍ଦ୍ର ତାରକା*)

ସେଇ ଅନ୍ଧାର ଜଠରୁ ବିଦାରି
ସ୍ୱର୍ଣ୍ଣ ଅବିର ଉଭାସେ ଯାଏ ଝଳି
ଦିଗେ ଦିଗେ ଆଜି
ନିତ୍ୟ ଫଗୁଣ ଉଷା କି ପଡୁଛି ଫାଟି !

❑❑❑



# ଆଧୁନିକ ଭାରତ ଓ ଯୁବ-ସମାଜ

## (୩)

## ପ୍ରପତ୍ତି

### ଆଧୁନିକ ଭାରତର ଉତ୍ଥାନ (୨) :

ଆମ୍ଭେମାନେ ଗତ ସଂଖ୍ୟାରେ ଏହି ଶିରୋନାମାରେ ଲିଖିତ ପ୍ରବନ୍ଧରେ ଭାରତୀୟ ସଂସ୍କୃତିର ମୂଳତତ୍ତ୍ୱ କ'ଣ ଏବଂ କିପରି ଭାବରେ ଆଧୁନିକ ଭାରତର ଅଭ୍ୟୁତ୍ଥାନ ସମ୍ଭବ ହେଲା ଏବଂ କିପରି ଭାରତର ଏହି 'ନବଜନ୍ମ' ଓ ନବୀନ ଉତ୍ଥାନ ପଥରେ ଏକ ମହତୀ ଦିବ୍ୟ ଭୂମିକା ରହିଛି ତାହାର ଆଭାସ ଦେଇଛୁ । ଅଭ୍ୟୁତ୍ଥାନର ଏହି ପ୍ରଥମ ପର୍ବର ସୂତ୍ରଧର ହେଲେ ପରମ ପୁରୁଷ ଶ୍ରୀରାମକୃଷ୍ଣ ପରମହଂସ ଓ ତଦୀୟ ଶିଷ୍ୟ ସ୍ୱାମୀ ବିବେକାନନ୍ଦ । ରାଜନୀତି କ୍ଷେତ୍ରରେ ଯେଉଁମାନେ ଏକ ଗଭୀର ଆଧ୍ୟାତ୍ମିକ ପରମ୍ପରାକୁ ଉଜ୍ଜୀବିତ କରି ନୂତନ ଭାବେ ଜାତୀୟ ଜୀବନରେ ପୂର୍ଣ୍ଣ ରୂପେ ପ୍ରୟୋଗ କରିଥିଲେ ସେମାନଙ୍କ ମଧ୍ୟରେ ସର୍ବାଗ୍ରଣୀ ହେଲେ ଶ୍ରୀଅରବିନ୍ଦ, ବିପିନଚନ୍ଦ୍ର ପାଲ, ବାଳ ଗଙ୍ଗାଧର ତିଳକ, ଲାଲା ଲଜପତ୍ ରାୟ ଓ ଅନ୍ୟାନ୍ୟ ସ୍ୱନାମଧନ୍ୟ ଜାତୀୟ ନେତୃବୃନ୍ଦ ।

ଭାରତ ଅଭ୍ୟୁତ୍ଥାନର ଦ୍ୱିତୀୟ ପର୍ବରେ ଦେଖାଦେଲେ ମହାତ୍ମା ଗାନ୍ଧୀ । ଗାନ୍ଧୀଜୀଙ୍କର ଚିନ୍ତାଧାରା ଓ ଜୀବନ-ଦର୍ଶନ ପୂର୍ଣ୍ଣ ରୂପେ ଭାରତୀୟ ଥିଲା କି ନଥିଲା ଏହି ସମ୍ବନ୍ଧରେ ବହୁ ମତଦ୍ୱୈଧ ରହିଛି । ଭାରତୀୟତାର ମୂଳତତ୍ତ୍ୱ ଯଦି ହୁଏ ଆଧ୍ୟାତ୍ମିକତା ଯାହାର ଅର୍ଥହିଁ ଏକ ଶୁଦ୍ଧ ଭାଗବତ ଚେତନା ମଧ୍ୟରେ ବାସ କରିବା ଏବଂ ସେହି ଚେତନାରୁ ଉଦ୍ଭୂତ ଭାଗବତ ଶକ୍ତି ଓ ଜ୍ଞାନ ଦ୍ୱାରା କର୍ମ ସମ୍ପାଦନ କରିବା, ତେବେ ଏପରି ଅର୍ଥରେ ଗାନ୍ଧୀଜୀ ଆଧ୍ୟାତ୍ମିକ ନଥିଲେ । ଗାନ୍ଧୀଜୀ ଥିଲେ ନୀତିବାଦୀ, ଶୃଙ୍ଖଳାପରାୟଣ, ସତ୍ୟନିଷ୍ଠ-ଅହିଂସାବାଦୀ ସାଧୁ, ସନ୍ଥ । ତାଙ୍କ ବ୍ୟକ୍ତିତ୍ୱରେ ବହୁ ବ୍ୟକ୍ତିତ୍ୱ ଓ ଦୃଷ୍ଟିର ସମନ୍ୱୟ ଘଟିଥିଲା – ରସ୍କିନ୍, ଟଲଷ୍ଟୟ, ଯିଶୁ, ବୁଦ୍ଧ ଓ ରାମ । ତାଙ୍କର ସମଗ୍ର ଦୃଷ୍ଟିକୋଣ ଗୋଟାଏ ଗଭୀର ବୈଷ୍ଣବୀୟ ଭାବଧାରା ଦ୍ୱାରା ରଞ୍ଜିତ ହୋଇଥିଲା । ସେ ଥିଲେ ଧର୍ମପ୍ରାଣ, ଭକ୍ତ, ନୀତିବାଦୀ, ସଂଯମୀ ପୁରୁଷ । ପୁନଶ୍ଚ ସେ ଭଗବଦ୍ ଗୀତାକୁ ଜାତୀୟ ପ୍ରେରଣାର ମୂଳ ଉତ୍ସ ବୋଲି ଜାଣିଥିଲେ । ଗାନ୍ଧୀଜୀ ବାରଂବାର କହୁଥିଲେ ଯେ ତାଙ୍କର ରାଜନୈତିକ ଜୀବନ ତାଙ୍କର ଧର୍ମ-ଜୀବନର ଗୋଟାଏ ସମ୍ପ୍ରସାରଣ (extension) ମାତ୍ର । ନୈତିକତା ଓ ମାନବବାଦ ଉପରେ ପ୍ରତିଷ୍ଠିତ ଗାନ୍ଧୀବାଦ ଦେଶକୁ ସ୍ୱାଧୀନତା ପଥରେ ଆଗେଇ ନେଲା ଏବଂ ଗାନ୍ଧୀଜୀଙ୍କର ପ୍ରତ୍ୟକ୍ଷ ଚାଳନାରେ ଦେଶ ସ୍ୱାଧୀନତା ପ୍ରାପ୍ତ ହେଲା । କିନ୍ତୁ ସେହି ସ୍ୱାଧୀନତା ପ୍ରାପ୍ତି ସଙ୍ଗେ ସଙ୍ଗେ ତାଙ୍କର ଭାବଧାରା ମଧ୍ୟ ଦେଶରୁ ଅନ୍ତର୍ହିତ ହେଲା । ଦେଶ, ଜାତି, ସମାଜ ବା ଗୋଷ୍ଠୀ କୌଣସି କ୍ଷେତ୍ରରେ ତାଙ୍କର ଆଦର୍ଶ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ । ତାଙ୍କ ସ୍ୱପ୍ନର ଭାରତ, ତାଙ୍କ ରାମରାଜ୍ୟ, ଦଣ୍ଡ ନିରପେକ୍ଷ, ଅହିଂସାମୁଖୀ ସମାଜ ଗଠିତ ହୋଇ ପାରିଲା ନାହିଁ । ତାଙ୍କର ଅନୁଚରବର୍ଗ ତାଙ୍କର ବିଭିନ୍ନ ନୀତିଚୟକୁ ରକ୍ଷା କରିବାକୁ ସକ୍ଷମ ହେଲେ ନାହିଁ । ବୈଜ୍ଞାନିକ ପ୍ରଣାଳୀରେ ଗୁରୁଶିଳ୍ପ ପ୍ରତିଷ୍ଠା ଏବଂ ସମଗ୍ର ଦେଶକୁ ଶିଳ୍ପ ଓ ବ୍ୟବସାୟ ଯୋଜନା ଦ୍ୱାରା ସମୃଦ୍ଧ କରିବା ନିମିତ୍ତ ଦୃଢ଼ ପଦକ୍ଷେପ ନିଆଗଲା । ଗାନ୍ଧୀବାଦ ସଙ୍ଗେ ଯେପରି ବିଶାଳ ଯନ୍ତ୍ର ଓ ଶିଳ୍ପ ଯୁଗର କୌଣସିଠାରେ କିଛି ଅମେଳ ରହିଗଲା । ପରିଣାମରେ ଏପରି ଏକ ମନୋଗତ, ନୈତିକ ଆଦର୍ଶ ଦେଶକୁ ଯଥାର୍ଥ ଦୃଷ୍ଟିରେ ପରିଚାଳିତ କରିପାରିଲା ନାହିଁ ବା ଯୁବ-ସମାଜକୁ ପ୍ରଭାବିତ କରି ପାରିଲା ନାହିଁ । ଅବଶ୍ୟ ଗାନ୍ଧୀଜୀଙ୍କ ଆଦର୍ଶର ଦୁଇଟି ଦିଗ ଅଛି – ଗୋଟିଏ ନୈତିକତା, ଧର୍ମ ଓ ମାନବବାଦ; ଅନ୍ୟଟି ରାଜନୀତି, ଭାରତର ସ୍ୱାଧୀନତା ପ୍ରାପ୍ତି । ଗାନ୍ଧୀଜୀ ନିଜ ଜୀବନରେ ପ୍ରଥମ ସ୍ଥାନ ଦେଇଥିଲେ ସତ୍ୟ, ଅହିଂସା, ନ୍ୟାୟ, ପ୍ରେମ ଓ ଭ୍ରାତୃତ୍ୱକୁ । ରାଜନୀତିକୁ ସେ ଜୀବନରେ ଏକ ଗୌଣ ସ୍ଥାନ ଦେଇଥିଲେ । କିନ୍ତୁ ତାଙ୍କ ଶିଷ୍ୟବର୍ଗ ତାଙ୍କ ବ୍ୟକ୍ତିତ୍ୱର ଗୌଣ ଦିଗଟିକୁ ଗ୍ରହଣ କଲେ, ରାଜନୀତି ଓ ରାଷ୍ଟ୍ରୀୟ ବ୍ୟାପାରରେ ଅଧିକ ଲିପ୍ତ ରହି ମୁଖ୍ୟ ଦିଗଟିକୁ ସମ୍ପୂର୍ଣ୍ଣ ଭୁଲି ଗଲେ । ଫଳରେ ଗାନ୍ଧୀଜୀଙ୍କର ତିରୋଧାନ ସଙ୍ଗେ ସଙ୍ଗେ ତାଙ୍କର ନୈତିକ ଆଦର୍ଶ ଓ ଅହିଂସା ପନ୍ଥାରେ ସମାଜ ଓ ଦେଶ ଗଠନ ନୀତି ଜାତୀୟ ସରକାର ଗ୍ରହଣ କଲେ ନାହିଁ । କହିବାକୁ ଗଲେ, ଜାତୀୟ ଜୀବନରେ କୌଣସି ଖାଣ୍ଟି, ଦୃଢ଼ ଓ ଉଜ୍ଜ୍ୱଳ

ଆଦର୍ଶ ରହିଲା ନାହିଁ – ରହିଲା କ୍ଷମତାସୀନ ହୋଇ ଦେଶକୁ ପାଶ୍ଚାତ୍ୟ ରୀତିରେ ଶାସନ କରିବା । କେବଳ ଦେଶର ଜାତୀୟ ସରକାର ନୁହଁନ୍ତି; ଭାରତୀୟ ସାମାଜିକ ଜୀବନରୁ ମଧ୍ୟ ସକଳ ପ୍ରକାର ଆଧ୍ୟାତ୍ମିକ, ଧାର୍ମିକ ଓ ନୈତିକ ଆଦର୍ଶର ମୂଳଦୂଆ ଦୋହଲି ଗଲା । ଯେଉଁମାନେ ଦେଶରେ ନେତୃତ୍ୱର ସ୍ଥାନ ନିଅନ୍ତି, ସେମାନଙ୍କୁ ଦେଶ ଓ ଜାତି ଗଭୀର ଶ୍ରଦ୍ଧା ସହ ଅପେକ୍ଷା କରେ; କିନ୍ତୁ ଏପରି ନେତୃସ୍ଥାନୀୟ ବ୍ୟକ୍ତିଙ୍କର କୌଣସି ଗଭୀରତର, ମହତ୍ତର ଆଦର୍ଶ ଓ ଦୃଷ୍ଟିଭଙ୍ଗୀ ପ୍ରତି ନଜର ରହିଲା ନାହିଁ, ତାହାର ପ୍ରତିକ୍ରିୟା ନିମ୍ନ ସ୍ତରରେ ଆହୁରି ଭୟଙ୍କର ହୋଇ ଉଠିଲା । ସମଗ୍ର ଜାତୀୟ ଜୀବନ ଗୋଟିଏ ନୂତନ ସ୍ତରରେ ଉପନୀତ ହେଲା । ଗାନ୍ଧୀଜୀଙ୍କର ଦାୟାଦ ରୂପେ ସ୍ୱର୍ଗତ ପଣ୍ଡିତ ନେହେରୁ ଦେଶରେ ଅର୍ଥନୀତିକ ବିପ୍ଳବ ସଙ୍ଘଟନ କରି 'ଗଣତାନ୍ତ୍ରିକ ସମାଜବାଦ' ଭାରତୀୟ ରାଷ୍ଟ୍ରର ଲକ୍ଷ୍ୟ ବୋଲି ଘୋଷଣା (ଅବଶ୍ୟ ବହୁ ବିଳମ୍ବରେ) କଲେ । ଏଠାରେ ଭାରତୀୟ ଜାତୀୟ ଜୀବନରେ ଏକ ଓଲଟପାଲଟ ଦେଖା ଦେଲା । ଏହାହିଁ ଭାରତୀୟ ଜାତୀୟ ଜୀବନର ଅଭ୍ୟୁତ୍ଥାନର ତୃତୀୟ ସ୍ତର – ଗଣତାନ୍ତ୍ରିକ ସମାଜବାଦ । ଏହାର ଦୃଷ୍ଟିଭଙ୍ଗୀ କିପରି ପାଶ୍ଚାତ୍ୟ, ବୈଜ୍ଞାନିକ ଏବଂ ଭାରତୀୟ ପରମ୍ପରାଠାରୁ ସମ୍ପୂର୍ଣ୍ଣ ଭିନ୍ନ ତାହା ଏଠାରେ ଟିକିଏ ଗଭୀର ଭାବେ ଆଲୋଚନା କରିବା । ଏହିପରି ଏକ ଆଦର୍ଶ ଆମର ବୃହତ୍ତର ଜାତୀୟ ହିତ ଦୃଷ୍ଟିରୁ ଏବଂ ଭାରତୀୟ ପରମ୍ପରା ଦୃଷ୍ଟିରୁ କେତେଦୂର ଗ୍ରହଣଯୋଗ୍ୟ ତାହା ମଧ୍ୟ ବିଚାର କରିବା । ଏହା ଦ୍ୱାରା ଯଥାର୍ଥରେ ଭାରତୀୟ ଜାତୀୟ ଉତ୍ଥାନ ସମ୍ଭବ ହେବ କି ନାହିଁ, ତାହା ମଧ୍ୟ ଦେଖିବା ।

### ଆର୍ଥନୀତିକ ଦୃଷ୍ଟିକୋଣର ଐତିହାସିକ ଭୂମିକା :

ପ୍ରାୟ ସପ୍ତଦଶ ଶତାବ୍ଦୀରେ ସମଗ୍ର ପାଶ୍ଚାତ୍ୟ ଭୂଖଣ୍ଡରେ ଏକ ଶିଳ୍ପଗତ, ଯାନ୍ତ୍ରିକ ବିପ୍ଳବ ସୃଷ୍ଟି ହେଲା । ତା'ର ଠିକ୍ ପରେ ପରେ ଏକ ବୁଦ୍ଧିଗତ ବିପ୍ଳବ ଆରମ୍ଭ ହେଲା ଏବଂ ବିଗତ ଦୁଇ ଶତାବ୍ଦୀ ମଧ୍ୟରେ ଶିଳ୍ପ-ପରିକଳ୍ପନା ଓ ଯନ୍ତ୍ରବାଦ ଏପରି ଦ୍ରୁତ ଗତିରେ ଉନ୍ନତି ଲାଭ କରିଛି ଯାହା ମନୁଷ୍ୟ ଚିନ୍ତା କଲେ ଅବାକ୍ ହୁଏ । ଏପରି ଏକ ସର୍ବବ୍ୟାପୀ ବିପ୍ଳବ ମାନବ ଇତିହାସରେ କ୍ୱଚିତ୍ ଦୃଷ୍ଟିଗୋଚର ହୁଏ । ଶିଳ୍ପୀକରଣ (Industrialisation) ଏବଂ ଯନ୍ତ୍ରବାଦ (Technocracy)ର ମୂଳ ପ୍ରେରଣା ହେଲା ମନୁଷ୍ୟ ନିଜକୁ ଆହୁରି ଉନ୍ନତ, ବିକଶିତ, ସ୍ୱଚ୍ଛନ୍ଦ କରିବାକୁ ଚାହେଁ ଏବଂ ତତ୍ ସଙ୍ଗେ ସଙ୍ଗେ ବାହ୍ୟ ପ୍ରକୃତିକୁ କରାୟତ କରି ତାହାର ସମସ୍ତ ଐଶ୍ୱର୍ଯ୍ୟରେ ନିଜକୁ ଐଶ୍ୱର୍ଯ୍ୟବାନ୍ କରିବାକୁ ଚାହେଁ । ଉନ୍ନତି, ଅଗ୍ରଗତି, ଉତ୍ତରୋତ୍ତର ବିକାଶ, ପ୍ରକୃତିର ଭୋଗ, ତାହା ଉପରେ ଅଧିକ ଆଧିପତ୍ୟ – ଏହି ଚିନ୍ତା ମନୁଷ୍ୟକୁ ଏକ ଅପୂର୍ବ ସୁଯୋଗ ଦେଲା । ବିଜ୍ଞାନର ବହୁବିଧ ନୂତନ ଆବିଷ୍କାର ଏବଂ ବାହ୍ୟ ପରିବେଶ ମଧ୍ୟରେ ତାହାର ପ୍ରୟୋଗ ଓ ପ୍ରକୃତି ଉପରେ ବିଜୟ ମନୁଷ୍ୟକୁ ଏକ ନୂତନ ଦିଗନ୍ତର ସୂଚନା ଦେଲା । ଏହି ସମୟରେ ଅଗ୍ରଗତିର ଭାବ (Idea of progress) ମନୁଷ୍ୟ ମନକୁ ଏପରି ଅଧିକାର କଲା ଯେ ତାହାର ଉନ୍ନତିର ସୀମା ଅନନ୍ତ, ଅକ୍ଷୁଣ୍ଣ ଓ ସର୍ବବ୍ୟାପକ ବୋଧ ହେଲା । ଏହି ସମୟ (୧୭୪୩-୧୭୪୯)ରେ ଜନୈକ ଫ୍ରେଞ୍ଚ୍ ଦାର୍ଶନିକ ଲେଖିଛନ୍ତି :

"There is no limit set to the perfecting of the powers of man. The progress of this perfectibility, henceforth, independent of any power that might wish to stop it, has no other limit than the duration of the globe upon which nature has placed us."

ଅର୍ଥାତ୍, ''ମନୁଷ୍ୟ ଶକ୍ତିଚୟର ପୂର୍ଣ୍ଣତା ପ୍ରାପ୍ତିରେ କୌଣସି ସୀମା ନାହିଁ । ପୂର୍ଣ୍ଣତା ପ୍ରାପ୍ତି ନିମିତ୍ତ ଅଗ୍ରଗତିର ଭାବକୁ ବର୍ତ୍ତମାନ କେହି ବାଧା ଦେଇ ପାରିବେ ନାହିଁ ଏବଂ ଏହି ପୂର୍ଣ୍ଣତାର ସୀମା ହେଲା ପୃଥିବୀର ଅସ୍ତିତ୍ୱର ସୀମା, ଯେଉଁ ପୃଥିବୀ ଉପରେ ପ୍ରକୃତି ଆମ୍ଭମାନଙ୍କୁ ସ୍ଥାନ ଦେଇଛି ।''

ଏହି ସମୟରେ ୟୁରୋପରେ ଏକ ନୂତନ ଦୃଷ୍ଟିଭଙ୍ଗୀର ଉଦ୍ଭବ ପଥରେ କେତୋଟି ବିଶିଷ୍ଟ ଭାବଧାରା କାର୍ଯ୍ୟ କରିଛି – The Age of Enlightenment (ସଂସ୍କାରବିମୁକ୍ତ ନବଯୁଗ), The Age of Reason (ବୌଦ୍ଧିକ ଯୁଗ), ଏବଂ The Age of Science (ବୈଜ୍ଞାନିକ ଯୁଗ) । ଏହି ପ୍ରତ୍ୟେକଟି ବିଶିଷ୍ଟ ଭାବଧାରା ପରସ୍ପରଠାରୁ ବିଚ୍ଛିନ୍ନ ନୁହନ୍ତି କିନ୍ତୁ ଏହିସବୁର ଏକତ୍ର ସମାବେଶରେ ଏକ ନୂତନ ପରିସ୍ଥିତିର ଉଦ୍ଭବ ହେଲା । ମନୁଷ୍ୟର ଦୃଷ୍ଟିଭଙ୍ଗୀ ବିଜ୍ଞାନ ଦ୍ୱାରା ପରିଚାଳିତ ହୋଇ ସମାଜର ବିଭିନ୍ନ ଉତ୍ପାଦିକା ଶକ୍ତି ଉପରେ ନିବଦ୍ଧ ହେଲା । ମନେ ହେଲା, ଏବଂ ବହୁ ପରିମାଣରେ ଏହା ସତ୍ୟ ଯେ

ପ୍ରାକୃତିକ ଶକ୍ତିର ଯଥାଯଥ ଯୋଗ-ବିନିଯୋଗ, ସମାଜସ୍ଥ ବିଭିନ୍ନ ଉତ୍ପାଦନକାରୀ ଶକ୍ତିଗୁଡ଼ିକର ପ୍ରୟୋଗ, ସାମାଜିକ ଜୀବନକୁ ଉନ୍ନତ ଓ ବିକଶିତ କରିବ । ୧୮୪୭ ସାଲର କମ୍ୟୁନିଷ୍ଟ ମ୍ୟାନିଫେଷ୍ଟୋ (Communist Manifesto - 1847) ରେ ମାର୍କସ୍ ଏବଂ ଏଞ୍ଜେଲସ୍ ଏହି ପରିବର୍ତ୍ତନର ସୂଚନା ଦେଇ ଲେଖିଛନ୍ତି :

"Subjugation of nature's forces to man, machinery, application of chemistry to industry and agriculture, steam navigation, railways and electric telegraphs, clearing of whole continents for cultivation, canalization of rivers, whole population conjured out of the ground – what earlier century had even a presentiment that such productive forces slumbered in the lap of social labour ?"

ଅର୍ଥାତ୍, ''ପ୍ରାକୃତିକ ଶକ୍ତିକୁ ମନୁଷ୍ୟର ପାଦତଳେ ଖଟାଇବା, ଯନ୍ତ୍ର ସାହାଯ୍ୟରେ ତା'ର ଉପଯୋଗ କରିବା, ରସାୟନ ବିଦ୍ୟାକୁ ଶିଳ୍ପ ଏବଂ କୃଷି କ୍ଷେତ୍ରରେ ପ୍ରୟୋଗ କରିବା, ପୁଣି ବାଷ୍ପୀୟ ପୋତ, ରେଳଗାଡ଼ି, ବୈଦ୍ୟୁତିକ ଶକ୍ତି, ଟେଲିଗ୍ରାଫ୍, ସମଗ୍ର ମହାଦେଶରୁ ଜଙ୍ଗଲ ପରିଷ୍କାର କରି ଚାଷୋପଯୋଗୀ କରିବା, ନଦୀ ମଧ୍ୟରୁ କେନାଲ ଆଣି ଜଳସେଚନ କରିବା ଯେପରି କୁହୁକ ବଳରେ ସମସ୍ତେ କର୍ମଚଞ୍ଚଳ – ଅତୀତରେ କେଉଁ ଶତାବ୍ଦୀରେ ମନୁଷ୍ୟ ଏପରି କଳ୍ପନା କରି ପାରିଥିଲା ଯେ ସାମାଜିକ-ଶ୍ରମ କୋଳରେ ଏହିସବୁ ଉତ୍ପାଦନକାରୀ ଶକ୍ତି ସୁପ୍ତ ରହିଛି ?''

ସାମାଜିକ ଶ୍ରମ ଓ ବିଜ୍ଞାନର ପ୍ରୟୋଗ ଫଳରେ ଶିଳ୍ପ, କଳକାରଖାନା ଏବଂ ଉତ୍ପାଦନର ଏକ ଅଭିନବ ସମୃଦ୍ଧି ଦେଖାଦେଲା । ଯୁଗ ଯୁଗର ସ୍ଥାଣୁ ସମାଜ ଓ ଜୀବନ ହଠାତ୍ କର୍ମବ୍ୟସ୍ତ ଓ ଗତିଶୀଳ ହୋଇ ଉଠିଲା । କିନ୍ତୁ ଏହି ଶିଳ୍ପବିପ୍ଳବ ନିମିତ୍ତ ମନୁଷ୍ୟକୁ ବହୁ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିଲା । ପୁଞ୍ଜି ସଂଗ୍ରହ କରି ବିଭିନ୍ନ କଳକାରଖାନା ବସାଇବା ନିମିତ୍ତ ଶ୍ରମିକ ଶ୍ରେଣୀର ନିର୍ମମ ଶୋଷଣ ଆରମ୍ଭ ହେଲା । କଳକାରଖାନାମାନଙ୍କରେ ଶ୍ରମିକମାନଙ୍କର ଅବସ୍ଥା ଅତି ଶୋଚନୀୟ ହୋଇ ଉଠିଲା । ବସବାସ, ସ୍ୱାସ୍ଥ୍ୟ, ଶିକ୍ଷା ମଧ୍ୟ ଅତି ନିମ୍ନ ଓ ଜଘନ୍ୟ ଅବସ୍ଥାରେ ପହଞ୍ଚିଲା । ଶସ୍ତା ଶ୍ରମର ବିନିଯୋଗରେ ବହୁ ଉତ୍ପାଦନ ଲକ୍ଷ୍ୟ ହେଲା । ଏହାର ପରିଣାମରେ ଏକ ସମ୍ପୂର୍ଣ୍ଣ ନୂତନ ପରିବେଶ ଓ ବିଚାର ଦେଖା ଦେଲା । ବିଜ୍ଞାନର ପ୍ରୟୋଗ ଫଳରେ ଉତ୍ପାଦନ ବୃଦ୍ଧି କରି ମନୁଷ୍ୟକୁ ସୁଖ ଓ ସମ୍ଭୋଗ ଦେବାର ଯେଉଁ ଆଶା ଥିଲା ତାହା କ୍ରମଶଃ ବ୍ୟର୍ଥତାରେ ପରିଣତ ହେଲା । ପୁଞ୍ଜିପତି ଓ ଶ୍ରମିକମାନଙ୍କ ମଧ୍ୟରେ କ୍ରମଶଃ ତିକ୍ତତା, ସଂଘର୍ଷ ଓ ବୈରଭାବ ବୃଦ୍ଧି ପାଇଲା । ଏହାର ବିରୋଧରେ ଏକଜୁଟ ହୋଇ ପ୍ରତିବାଦ ଓ ଆବଶ୍ୟକ ହେଲେ ଧର୍ମଘଟ କରିବା ପାଇଁ ଶ୍ରମିକ-ସଂଘ, ଟ୍ରେଡ୍ ଇଉନିୟନ୍ ପ୍ରଭୃତି ଗଠିତ ହେଲା । ଏହିଠାରୁହିଁ କାର୍ଲମାର୍କସ୍‌ଙ୍କ କଥିତ ଶ୍ରେଣୀ-ସଂଘର୍ଷ ସମସ୍ୟା ସୁସ୍ପଷ୍ଟ ହେଲା ଏବଂ ସମାଜରେ ପୁଞ୍ଜିପତି ଓ ସର୍ବହରା ଶ୍ରମିକ ନାମରେ ଦୁଇଟି ଶ୍ରେଣୀ ସ୍ପଷ୍ଟ ରୂପେ ଦେଖା ଦେଲା ।

ଦ୍ୱିତୀୟତଃ, ଶିଳ୍ପ ବିପ୍ଳବ ଓ ବିଭିନ୍ନ କଳକାରଖାନା ସ୍ଥାପନ ଫଳରେ ଗୋଟାଏ ବ୍ୟାପକ ନୀତିହୀନତା ଦେଖା ଦେଲା । ବୁଦ୍ଧିବାଦୀମାନେ ଆଶା କରୁଥିଲେ ଯେ ବିଜ୍ଞାନର ବିଜୟ ଫଳରେ କ୍ରମଶଃ ବେଶୀ ବେଶୀ ନୈତିକ ଉନ୍ନତି ହେବ ଏବଂ ସର୍ବତ୍ର ସତ୍ୟର ଅନୁସନ୍ଧିତ୍ସା ବଢ଼ିବ, ମାତ୍ର ଦୁଃଖର ବିଷୟ ଏହା ସମ୍ଭବ ହେଲା ନାହିଁ ।

ତୃତୀୟତଃ, ଫରାସୀ ରାଷ୍ଟ୍ରବିପ୍ଳବ ସମୟରେ ସ୍ୱାଧୀନତା, ସାମ୍ୟ ଓ ଭ୍ରାତୃତ୍ୱର ଯେଉଁ ମହାମନ୍ତ୍ର ଉଚ୍ଚାରିତ ହୋଇଥିଲା ତାହା କାର୍ଯ୍ୟରେ ପରିଣତ ହୋଇ ପାରିଲା ନାହିଁ । ଯେଉଁ ଗଣତାନ୍ତ୍ରିକ ପଦ୍ଧତି ଓ ଶାସନ ନିମିତ୍ତ ବହୁ ଲୋକ ଆତ୍ମବଳି ଦେଲେ ତାହା ଏକ ଅପୂର୍ଣ୍ଣ ଓ ଅପରିଣତ ବସ୍ତୁରେ ପର୍ଯ୍ୟବସିତ ହେଲା । ଅର୍ଥନୈତିକ ସାମ୍ୟ ତ ଦୂରର କଥା, ରାଜନୈତିକ ସମତା କେବଳ ଗୋଟାଏ 'ଭୋଟ ଦେବା' ପ୍ରଥାରେ ପରିଣତ ହେଲା । ପୃଥିବୀରେ ଖୁବ୍ କମ୍ ଦେଶରେ ପ୍ରକୃତରେ ଗଣତନ୍ତ୍ର ପ୍ରତିଷ୍ଠିତ ହୋଇପାରିଲା । ସ୍ୱାଧୀନତା, ସାମ୍ୟ ଓ ଭ୍ରାତୃତ୍ୱର ଭିତ୍ତି ଏବେ ବି ମନୁଷ୍ୟ ଖୋଜି ପାଇପାରି ନାହିଁ ।

କିନ୍ତୁ ଏସବୁ ସତ୍ତ୍ୱେ ଶିଳ୍ପ-ବିପ୍ଳବ, କଳକାରଖାନା ପ୍ରତିଷ୍ଠା, ଉତ୍ପାଦନ ବୃଦ୍ଧି, ପୁଞ୍ଜିବୃଦ୍ଧିର ପରିଣାମ ଫଳରେ କେତେକ ସୁଫଳ ମଧ୍ୟ ଦେଖାଦେଲା । ଧର୍ମ ଓ ନୈତିକତାର ଯୁଗରୁ ଆମ୍ଭେମାନେ ବିଜ୍ଞାନ, ଅର୍ଥନୀତି ଓ ଯନ୍ତ୍ରବାଦର ଯୁଗରେ ପ୍ରବେଶ କଲୁ । ଏହି ସମୟରେ ଦାସତ୍ୱ ପ୍ରଥା ଲୋପ ପାଇଲା, କିଶୋର ବା ଅଳ୍ପ ବୟସ୍କମାନଙ୍କୁ କଳକାରଖାନାରେ କାମ କରିବା

ନିଷେଧ ହେଲା । ଶ୍ରମିକ ସଂସ୍ଥାମାନେ ନିଜର ଅଧିକାର ଯଥା : ଶିକ୍ଷା, ସ୍ୱାସ୍ଥ୍ୟ, ବାସଗୃହ ଇତ୍ୟାଦି ପ୍ରତି ସଚେତନ ହେଲେ । ଶ୍ରମିକ ଆଇନ ମଧ୍ୟ ପ୍ରଣୀତ ହେଲା । ବୈଜ୍ଞାନିକ ଗତିଶୀଳତା ମନୁଷ୍ୟ ଜୀବନକୁ ଯେପରି ପ୍ରଭାବିତ କଲା, ସେହିପରି ଆର୍ଥନୀତିକ ଦୃଷ୍ଟିଭଙ୍ଗୀ ମଧ୍ୟ ବୃଦ୍ଧି ପାଇଲା । ମନୁଷ୍ୟ ଭାବିଲା ଯେ ବିଜ୍ଞାନର ପ୍ରୟୋଗ ଫଳରେ ଏବଂ ଉତ୍ପାଦନ ବୃଦ୍ଧି ଫଳରେ ନିଜେ ପ୍ରଚୁର ଭାବେ ଜୀବନକୁ ଉପଭୋଗ କରିପାରିବ । କିନ୍ତୁ ଏହି ବିରାଟ ଆଶା ଯେ ବିଫଳତାରେ ପରିଣତ ହେଲା ତାହା ଊନବିଂଶ ଶତାବ୍ଦୀର ଶେଷ ଭାଗକୁ ସ୍ପଷ୍ଟ ଜଣାଗଲା । ମହାମନୀଷୀ ସ୍ପେଙ୍ଗଲର୍ ତାଙ୍କ ରଚିତ "Decline of the West" ('ପାଶ୍ଚାତ୍ୟ ସଭ୍ୟତାର ଅଧୋଗତି') ଗ୍ରନ୍ଥରେ ପାଶ୍ଚାତ୍ୟ ଜୀବନଧାରା ଯେ ଏକ ଅନ୍ଧ ଗଳିରେ ପହଞ୍ଚିଛି ତାହା ଦେଖାଇ ଦେଲେ । ଏକଥା ସେ କହିବାକୁ ବାକୀ ରଖିଲେ ନାହିଁ ଯେ ଆମ୍ଭେମାନେ ଅତୀତ ସଭ୍ୟତାଠାରୁ କିଛି ମହତ୍ତର ଓ ଉଜ୍ଜ୍ୱଳତର ଗଢ଼ିପାରିବୁ ନାହିଁ । ଏହିପରି ଏକ ନୈରାଶ୍ୟଜନକ ଏବଂ ବିସଦୃଶ ପରିସ୍ଥିତି ସୃଷ୍ଟି ହେଲା ।

ଏହା ସଙ୍ଗେ ସଙ୍ଗେ ବିଭିନ୍ନ ଦେଶରେ ରାଜନୈତିକ ବିପ୍ଲବ ସଂଘଟିତ ହୋଇ ଉତ୍ପାଦିକା ଶକ୍ତିକୁ ଜାତୀୟ-କରଣ କରିବା, ଅର୍ଥର ସମବଣ୍ଟନ କରିବା, ପ୍ରତ୍ୟେକ ବ୍ୟକ୍ତିକୁ ତାହାର ସାମର୍ଥ୍ୟାନୁସାରେ ସୁଯୋଗ ଦେଇ ତାହାକୁ କାର୍ଯ୍ୟ ଯୋଗାଇ ଦେବା, କଳକାରଖାନା, ରାସ୍ତାଘାଟ, ସ୍କୁଲ, କଲେଜ, ଡାକ୍ତରଖାନା, ବସବାସ ଇତ୍ୟାଦି ସରକାରୀ ନିୟନ୍ତ୍ରଣାଧୀନ କରିବା ପ୍ରଭୃତି ଭାବ ଗଭୀର ଭାବରେ ବୃଦ୍ଧି ପାଇ ଶେଷରେ ''ଜନମଙ୍ଗଳ ରାଷ୍ଟ୍ର'' (Welfare State) ଗଠନ କରିବାର ଆଦର୍ଶ ଦେଖା ଦେଲା । ବ୍ୟକ୍ତି ବା ବ୍ୟଷ୍ଟି ସମାଜର ହିତ ଦୃଷ୍ଟିରୁ ସବୁକିଛି ତ୍ୟାଗ କରିପାରେ, କରିବା ଉଚିତ ମଧ୍ୟ – ଏହି ଧାରଣା କ୍ରମଶଃ ବଳବତ୍ତର ହେଲା । ସମାଜବାଦ ଢାଞ୍ଚାରେ ସମାଜ-ଗଠନର ଯେଉଁ ପରିକଳ୍ପନା ତାହାର ମୂଳତତ୍ତ୍ୱ ଏହିଠାରେ ।

''ଜନମଙ୍ଗଳ ରାଷ୍ଟ୍ର''ର ପରିକଳ୍ପନା ଭାରତୀୟ ଚିନ୍ତାଧାରାରେ ନୂତନ ନୁହେଁ; କିନ୍ତୁ ଜନମଙ୍ଗଳ ରାଷ୍ଟ୍ରର ଭିତ୍ତି ଓ ମନୋଭାବ ପ୍ରାଚୀନ ଭାରତର ପରମ୍ପରାରେ ଥିଲା ଆତ୍ମିକ, ଆଧ୍ୟାତ୍ମିକ, ଐଶ୍ୱରିକ – ବାହ୍ୟିକ, ଭୌତିକ ଓ ଅର୍ଥନୈତିକ ନଥିଲା । ଭଗବାନ୍ ଶ୍ରୀକୃଷ୍ଣ ମହାଭାରତ ଯୁଦ୍ଧର ପ୍ରାରମ୍ଭରେ ଧର୍ମର ଭିତ୍ତିରେ ସମଗ୍ର ଭାରତରେ ଏକତ୍ୱ ପ୍ରତିଷ୍ଠା କରି 'ଜନମଙ୍ଗଳ ରାଷ୍ଟ୍ର'ର ପ୍ରତିଷ୍ଠା ନିମିତ୍ତ ଅର୍ଥାତ୍ 'ଲୋକସଂଗ୍ରହାଳୟ' ନିମିତ୍ତ ଅର୍ଜୁନଙ୍କୁ ଆହ୍ୱାନ କରିଥିଲେ । ବହୁବିଧ ଧର୍ମ ଓ ଆଧ୍ୟାତ୍ମିକ ସଂସ୍ଥାମାନଙ୍କରେ ଏବଂବିଧ ଜନହିତକର ରାଜ୍ୟ ସ୍ଥାପନାର ବିଷୟ ପରିକଳ୍ପିତ ହୋଇଛି । କିନ୍ତୁ ଏସବୁର ଭିତ୍ତି ଓ ପ୍ରତିଷ୍ଠାର ମୂଳ ପ୍ରେରଣା ଭାଗବତୀୟ, ଐଶ୍ୱରିକ – ଐହିକ ବା ବୈଜ୍ଞାନିକ ନୁହେଁ ।

ଯେକୌଣସି ପ୍ରକାରରେ ସମାଜବାଦ ଯେ ଭବିଷ୍ୟତ୍ ରାଷ୍ଟ୍ରୀୟ ବ୍ୟବସ୍ଥାର ମୁଖ୍ୟ ଉପାୟ ଏବଂ 'ଜନକଲ୍ୟାଣ ରାଷ୍ଟ୍ର' ପ୍ରତିଷ୍ଠା ଯେ ଏକ ଅବଶ୍ୟମ୍ଭାବୀ ପରିଣାମ ଏଥିରେ କୌଣସି ଦ୍ୱିଧା ନାହିଁ । କିନ୍ତୁ ଆଧୁନିକ ଗଣତାନ୍ତ୍ରିକ ସମାଜବାଦ ହେଉ ବା ଆମେରିକାର ପୁଞ୍ଜିବାଦ ହେଉ ଏହାର ପ୍ରଧାନ ଦୃଷ୍ଟିକୋଣ ହେଉଛି ଅର୍ଥନୀତିକ । ଏଥିରୁ ଉଭବ 'ଜନକଲ୍ୟାଣ ରାଷ୍ଟ୍ର'ରେ ଆଧ୍ୟାତ୍ମିକ ବା ଆତ୍ମିକ ପ୍ରଗତି ନିମିତ୍ତ କୌଣସି ଯୋଜନା ନାହିଁ । ନୈତିକ ବା ଆଧ୍ୟାତ୍ମିକ ଉନ୍ନତି ଗୋଟାଏ ବ୍ୟକ୍ତିଗତ ବ୍ୟାପାର ଏବଂ ତହିଁରେ ସମଷ୍ଟି ବା ଗୋଷ୍ଠୀର କିଛି ଯାଏ ଆସେ ନାହିଁ । ତେବେ ''ଜନକଲ୍ୟାଣ ରାଷ୍ଟ୍ର'' ପ୍ରତିଷ୍ଠିତ ହେବ କେଉଁ ଭିତ୍ତିରେ ? ଏହା ପ୍ରତିଷ୍ଠିତ ହେବ ବୈଜ୍ଞାନିକ ଭିତ୍ତିରେ, ଯୁକ୍ତି-ବୁଦ୍ଧି ଉପରେ ଅର୍ଥନୀତିକ ଆଭିମୁଖ୍ୟର ଭିତ୍ତିରେ । ମୂଳ ଉଦ୍ଦେଶ୍ୟ ବା ଲକ୍ଷ୍ୟ ହେଲା ଅର୍ଥନୀତିକ ସମୃଦ୍ଧି – ସମ୍ପତ୍ତିର ବୃଦ୍ଧି ଓ ଉତ୍ପାଦନର ବୃଦ୍ଧି, ସୁଖ ସମ୍ଭୋଗ, ଆରାମ ଓ ବିଶ୍ରାମର ବୃଦ୍ଧି । ଯନ୍ତ୍ରବାଦ (Technocracy)ର କଲ୍ୟାଣରେ ଯେଉଁ ବିବିଧ କଳ ବା ଯନ୍ତ୍ର ପ୍ରଭୃତି ଉଦ୍ଭାବିତ ହୋଇଛି ତାହା ଦ୍ୱାରା ମନୁଷ୍ୟ ନିଜକୁ ବହୁଭାବେ ସୁଖୀ କରି ପାରିବ, ଅଧିକା ପରିଶ୍ରମ, କ୍ଲାନ୍ତି ଏବଂ ନାନା ପ୍ରକାର ପାରିପାର୍ଶ୍ୱିକ ଦୁର୍ଘଟଣାରୁ ରକ୍ଷା ପାଇ ପାରିବ । ଏହି ''ସୁଖୀ ସମାଜ'' (Affluent Society) ଗଠନ ନିମିତ୍ତ ଆର୍ଥିକ ଉନ୍ନତି ଯେ ମୁଖ୍ୟ ଆବଶ୍ୟକ ଏକଥା ଆଧୁନିକ ଚିନ୍ତାଶୀଳ ବ୍ୟକ୍ତିଗଣ ବାରଂବାର ଘୋଷଣା କଲେ । ପାଶ୍ଚାତ୍ୟ ଦେଶ ବିଜ୍ଞାନ, ଯୁକ୍ତି, କର୍ମଦକ୍ଷତା ଜୀବନବାଦକୁ ଜୀବନର ମୁଖ୍ୟ ଆଦର୍ଶ ରୂପେ ମାନି ନେଲା । ଧନ, ସମ୍ପତ୍ତି ଓ ପ୍ରଚୁର ବିଭବ ମଧ୍ୟରେ ଜୀବନ-ସମ୍ଭୋଗର ଅପରିସୀମ ଆଶା ଓ ଆକାଂକ୍ଷା ବଢ଼ି ଉଠିଲା । ଏହା ସଙ୍ଗେ ବିଜ୍ଞାନର ଉନ୍ନତି ଏପରି ଆଶ୍ଚର୍ଯ୍ୟଜନକଭାବେ ବଢ଼ି ଚାଲିଲା ଯେ ସାମାଜିକ ଜୀବନ ଆମୂଳଚୂଳ ପରିବର୍ତ୍ତିତ ହୋଇଗଲା । ଏପରି ସଭ୍ୟତା ଓ ସଂସ୍କୃତିକୁ କେହି ଗାଡ୍‌ଗେଟ୍ ସଭ୍ୟତା (Civilisation of Gadgets), କେହି କେହି ପ୍ରାଚୁର୍ଯ୍ୟର ସଭ୍ୟତା (Civilisation of Plenty), କେହି କେହି ବିଶ୍ରାମର ସଭ୍ୟତା (Civilisation

of Leisure) ବୋଲି କହନ୍ତି । ପ୍ରାଚ୍ୟର ଦରିଦ୍ରତା ସଙ୍ଗେ ପାଶ୍ଚାତ୍ୟର ବିଭବ ଏକ ଗଭୀର ବିରୋଧ ରୂପେ ଛିଡ଼ା ହେଲା । ଆମେରିକାର ଧନ-ସମ୍ପଦ ଏତେ ବଢ଼ିଲା ଯେ ସେହି ଧନ-ସମ୍ପଦ ଉତ୍ପାଦନ ବୃଦ୍ଧି ଦ୍ୱାରା ସେମାନେ କ'ଣ କରିବେ ସେ ବିଷୟରେ ବ୍ୟଥିତ ହୋଇ ପଡ଼ିଲେ । ଏପରି ଐଶ୍ୱର୍ଯ୍ୟ-ବୃଦ୍ଧି, ଲାଳସା-ବାସନାର ତୃପ୍ତି, ସୁଖ-ସମ୍ଭୋଗର ଅବାଧ ଓ ଅବୈଧ ଲୀଳା ସମଗ୍ର ପାଶ୍ଚାତ୍ୟ ଦେଶ ବିଶେଷତଃ ଆମେରିକାରେ ଗୋଟାଏ ବିଷମ ପରିସ୍ଥିତି ସୃଷ୍ଟି କରିଛି । ଜୀବନର ଲକ୍ଷ୍ୟ କ'ଣ, ରାଷ୍ଟ୍ରର ଯଥାର୍ଥ ଲକ୍ଷ୍ୟ କ'ଣ, ଏ ବିଷୟରେ ଏ ସଭ୍ୟତାର ଉଦ୍ଦେଶ୍ୟ କ'ଣ ତାହା ମଧ୍ୟ ଜନ-ସାଧାରଣ ଭୁଲିଗଲେ । କୋଟିପତି, ବିଶ୍ୱସୁନ୍ଦରୀ ଚିତ୍ରତାରକା ମେରିଲିନ୍ ମନରୋ ଏହି ଅକଳନୀୟ ମାନସିକ ଅଶାନ୍ତିରେ ବ୍ୟତିବ୍ୟସ୍ତ ହୋଇ ଆତ୍ମହତ୍ୟା କରିବା ସମ୍ଭବ ହୋଇପାରିଲା । ନାନା ପ୍ରକାର ଦୁଷ୍ପ୍ରବୃତ୍ତି, ଦୋଷ, ଦୁର୍ବଳତା, ମାନସିକ ବିକୃତି ଓ ବୀଭତ୍ସତା ବଢ଼ି ଚାଲିଲା । ଏହି ସମ୍ବନ୍ଧରେ ଆମେରିକାର ବିଖ୍ୟାତ ପତ୍ରିକା ''ଲାଇଫ୍'' (Life, 15th Aug, 1960) କିଛି ବର୍ଷ ପୂର୍ବେ ଲେଖିଥିଲେ :

"Many thoughtful Americans are disturbed because as a nation we seem bereft of a sense of purpose. We have the mood and the stance of a people who have 'arrived' and have nowhere else to go ... ... we have tried to fill ourselves with science and education, with better living and pleasure, with the many other things we thought we wanted, but we are still empty and bored. We are confused by the prejudice, hatred, greed and lust that are within us. We seem to be caught helpless in quicksand : we want out of our human dilemma but are powerless, the American genius has enabled us to change everything but oursleves. ... ... It is absolutely impossible to change society and reverse the moral trend, unless we ourselves are changed from the inside out."

ଅର୍ଥାତ୍, ''ବହୁ ଚିନ୍ତାଶୀଳ ଆମେରିକାନ୍‌ମାନେ ଆଜି ବିବ୍ରତ ଯେ ଜାତି ହିସାବରେ ସେମାନଙ୍କର ଉଦ୍ଦେଶ୍ୟ ବା ଲକ୍ଷ୍ୟ କ'ଣ — ଏହି ବୋଧ ନାହିଁ । ଆମ୍ଭମାନଙ୍କ ମନୋଭାବ ଏବଂ ଧାରଣା ଯେ ଜାତି ଓ ଦେଶ ହିସାବରେ ଆମ୍ଭେମାନେ ଆମର ଲକ୍ଷ୍ୟରେ ପହଞ୍ଚି ସାରିଛୁ — ଆଉ କିଛି ଆମ୍ଭର ଲକ୍ଷ୍ୟ ସାଧନ କରିବାର ନାହିଁ ... ... ଆମ୍ଭେମାନେ ବିଜ୍ଞାନ, ଶିକ୍ଷା, ଉଚ୍ଚତର ଜୀବନଚର୍ଯ୍ୟା, ସୁଖସମ୍ଭୋଗ ଏବଂ ଅନ୍ୟାନ୍ୟ ବହୁ ବିଷୟରେ ନିଜକୁ ଭରପୂର କରି ରଖିବାକୁ ଚାହିଁଛୁ, ମାତ୍ର ଆମ ଜୀବନ ଆଜି ଶୂନ୍ୟତା ଏବଂ ବିରକ୍ତିରେ ପୂର୍ଣ୍ଣ । ଆମ୍ଭେମାନେ ଆମ୍ଭମାନଙ୍କ ମଧ୍ୟରେ ଥିବା ଈର୍ଷା, ଦ୍ୱେଷ, ଘୃଣା, କାମ ଏବଂ ଲୋଭ ଦ୍ୱାରା ବ୍ୟତିବ୍ୟସ୍ତ ହୋଇ ପଡ଼ିଛୁ । ଆମ୍ଭର ମନେ ହେଉଛି ଆମ୍ଭେମାନେ କୌଣସି ଚୋରାବାଲି ଉପରେ ଗୋଡ଼ ପକାଇ ଅସହାୟ ହୋଇ ପଡ଼ିଛୁ : ଆମ୍ଭେମାନେ ମାନବିକ ସମସ୍ୟାର ଏହି ଦ୍ୱନ୍ଦ୍ୱ ମଧ୍ୟରୁ ମୁକ୍ତି ଚାହୁଁ କିନ୍ତୁ ଉପାୟହୀନ । ଆମେରିକାନ୍ ପ୍ରତିଭା ଆମ୍ଭମାନଙ୍କର ପ୍ରାୟ ସବୁକିଛି ପରିବର୍ତ୍ତନ କରିଛି କିନ୍ତୁ ଆମ ନିଜକୁ ନୁହେଁ । ... ... ମନୁଷ୍ୟ ସମାଜକୁ ପରିବର୍ତ୍ତନ କରିବା ଏବଂ ଆଜିର ନୈତିକଧାରାକୁ ଓଲଟେଇ ଦେବା ଏକେବାରେ ଅସମ୍ଭବ ଯଦି ଆମ୍ଭେମାନେ ଆମ୍ଭ ନିଜକୁ ଭିତରୁ ପରିବର୍ତ୍ତିତ ନ କରୁ ।''

(କ୍ରମଶଃ) ❑

ଯାହାକିଛି ବାଧାବିପତ୍ତି ବା ଜଟିଳ ପରିସ୍ଥିତି ସୃଷ୍ଟି ହେଉ ନା କାହିଁକି, ଏଥିରେ ତୁମେ ସମ୍ପୂର୍ଣ୍ଣ ଦୃଢ଼ନିଶ୍ଚିତ ରହିବ ଯେ ପ୍ରତ୍ୟେକଟି ମନ୍ଦ ପରିସ୍ଥିତି ମଧ୍ୟଦେଇ ମୁଁ ତୁମକୁ ସିଧା ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକ ଜୀବନ ଦିଗରେ ପରିଚାଳିତ କରୁଛି ।

— ଶ୍ରୀଅରବିନ୍ଦ

ସିନ୍ଧୁରୁ ବିନ୍ଦୁଏ :

# ସମର କି ସମର୍ପଣ

## ସନ୍ତୋଷ ରଥ

ବଣ ବରକୋଳି ସ୍ୱାଦ ଭଳି ଭଳି
ଚାଖି ମୁଁ ରଖିଛି ବାଛି
ଅଧର ତୁମର ହୋଇବ ମଧୁର
ଭେଟି ଦେବି ଅଣ୍ଟି ପୋଛି । (୧)

ଆଣିନି ବେଭାର ହୀରା, ଲୀଳା ଭାର
ଅମଳାନ ପୀତାମ୍ବରୀ
ଆସିଛି କତିକି ଥିଲା ମୋ ଯେତିକି
ଖୁଦ ଭଜା ମୁଠେ ଧରି । (୨)

ହେଲେ ବି ଅତିଥି ମୋ ଭାଗ୍ୟ ଏମିତି
ନାହିଁ ଖିରି, ପୁଳି ଥାଳ
ବ୍ୟଞ୍ଜନ ନ ଦେଇ ଶାଗ ଭଜା ଥୋଇ
ସରମେ ବାଢ଼େ ପଖାଳ । (୩)

ନାହିଁ ମୋ ଶକତି ଦେବି ମୁଁ କେମିତି
ଅଛୁଆଁ ମୋହରି ତୁଠ
ଦେଉଛି ପଠାଇ ରଖିବ ଗୋସେଇଁ
ମୋ ବାଡ଼ି ନଡ଼ିଆ ଭେଟ । (୪)

ନିଅଣ୍ଟ ମୋହର ହୃଦୟ ବେଭାର
ହେବା ପାଇଁ ତୁମ ସଖା
ବିଦୁର ଭକତି ସୁଦାମାର ପ୍ରୀତି
ନୁହେଁ ମୋ କରମ ଲେଖା । (୫)

ନ ହେଲେ ନ ହେବି ଦାସିଆ, ଶବରୀ
ଭାବରେ ହେବି ବଇରୀ
କରିବି ମୁଁ ରଣ ନ ଯାଇ ଶରଣ
ଜଗତେ ପଡ଼ିବ ହୁରି । (୬)

ଗୁହାରି ଏତିକି ଆସିବ ସତେ କି
ଅପେକ୍ଷା କରେ ତୁମକୁ
ମୋ ଶେଷ ଆକୁତି ଭୀତି ମିଶା ପ୍ରୀତି
ଅରପିବି ଶ୍ରୀତନୁକୁ । (୭)

ସମର, ଶରଣ ସମାନ କାରଣ
ଏକ ନଦୀ ଦୁଇ ତଟ
ଶତ୍ରୁ ମିତ୍ର ଭାବ ଭବ୍ୟ ଅନୁଭବ
ଅନ୍ତିମେ ତୁମରି ଭେଟ । (୮) ❑

"If you cannot make God love you, make Him fight you. If He will not give you the embrace of the lover, compel Him to give you the embrace of the wrestler."

(Thoughts and Aphorisms - 419) – Sri Aurobindo

''ଭଗବାନ୍ ତୁମକୁ ଭଲ ପାଆନ୍ତୁ ବୋଲି ଯଦି ନିଜକୁ ପ୍ରସ୍ତୁତ ନକରି ପାରୁଛ, ତେବେ ଯୁଦ୍ଧ ପାଇଁ ତାଙ୍କୁ ଆବାହନ କର । ଯଦି ସେ ତୁମକୁ ଜଣେ ପ୍ରେମିକର ଆଲିଙ୍ଗନ ପ୍ରଦାନ ନ କରୁଛନ୍ତି ତେବେ ଜଣେ ଯୋଦ୍ଧାର ଆଲିଙ୍ଗନ ପ୍ରଦାନ କରିବା ପାଇଁ ତାଙ୍କୁ ବାଧ କର ।''

– ଶ୍ରୀଅରବିନ୍ଦ

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୭୧)

## ମହେନ୍ଦ୍ରନାଥ ସ୍ୱାଇଁ

**ଦିବ୍ୟ ଉପସ୍ଥିତି :**

ବର୍ତ୍ତମାନ ସମାଜରେ ଅପରାଧ ସଂଖ୍ୟାର ରେଖାଚିତ୍ରର 'ଗ୍ରାଫ୍' ଊର୍ଦ୍ଧ୍ୱମୁଖୀ ହେବାରେ ଲାଗିଛି । ସମସ୍ତ କ୍ଷେତ୍ରରେ ଠକାମିର ଶିକାର ହେଉଛନ୍ତି ଅନେକ ସାଧାରଣ, ସରଳ, ଲୋଭଗ୍ରସ୍ତ, କାମନାବାସନା ଦ୍ୱାରା ଜର୍ଜରିତ ଭାବପ୍ରବଣ, ସଂବେଦନଶୀଳ ଜନସମାଜ । ନିଜର ଅଜାଣତରେ ଅନେକ ବ୍ୟକ୍ତି ଅପରାଧୀମାନଙ୍କ କବଳରେ ପଡ଼ି ସର୍ବସ୍ୱ ହରାଉଛନ୍ତି; ତଥାପି ସଂସାର ତା'ର ନିର୍ଦ୍ଧାରିତ ପଥରେ ଅଗ୍ରସର ହୋଇ ଚାଲିଛି, ତା'ର ଲକ୍ଷ୍ୟସ୍ଥଳ ଉପରେ ଦୃଷ୍ଟି ରଖି । ଏତେ ଅସୁବିଧା ସତ୍ତ୍ୱେ, ପତ୍ରଝଡ଼ା ପରେ ଗଛରେ ନୂଆପତ୍ର କଅଁଳୁଛି, ଶିଶୁମାନଙ୍କର ଓଠରେ ପୂର୍ବବତ୍ ସ୍ମିତହାସ୍ୟର ମାଧୁରିମା, ପକ୍ଷୀମାନଙ୍କର କାକଳୀରେ ଅପୂର୍ବ ମୂର୍ଚ୍ଛନା, ଯେତେ ଯାହା ହେଲେ ମଧ୍ୟ ଏମାନଙ୍କର ସେଥିପ୍ରତି ଭ୍ରୂକ୍ଷେପ ନାହିଁ; ଏହାର କାରଣ ଦିବ୍ୟଜନନୀ ଶ୍ରୀମା ଜାନୁଆରୀ ୨୯, ୧୯୧୪ ପ୍ରାର୍ଥନାଟିରେ ଅତ୍ୟନ୍ତ କୋମଳ, ସାବଲୀଳ ଭାଷାରେ ଉଲ୍ଲେଖ କରିଛନ୍ତି । ତାହା ହେଲା –

"IT is Thy Presence in every being, O divine Master of love, that makes it possible for every man, even the most cruel, to be open to pity and even the most vile to respect, almost despite himself, honour and justice. It is Thou who, beyond all conventions and prejudices, illuminest with a special light, divine and pure, all that we are and all that we do, and makest us see clearly the difference between what we actually are and what we could be.

Thou art the impassable barrier set up against the excess of evil, darkness and ill-will; Thou art the living hope in every heart of all possible and future perfections.

To Thee all the fervour of my adoration.

Thou art the gateway within reach of our conception leading to unsuspected and inconceivable splendours, splendours which will be revealed to us progressively."

(Prayers and Meditations, Page. 60)

''ହେ ପ୍ରେମର ଦିବ୍ୟ ପ୍ରଭୁ, ପ୍ରତ୍ୟେକ ସତ୍ତା ମଧ୍ୟରେ ତୁମ ଦିବ୍ୟ ଉପସ୍ଥିତି ରହିଛି ବୋଲି ପ୍ରତ୍ୟେକ ମନୁଷ୍ୟ, ଏପରିକି ସବୁଠାରୁ ନିଷ୍ଠୁର ବ୍ୟକ୍ତି ମଧ୍ୟ ଦୟାର୍ଦ୍ର ହୋଇପାରେ, ଏବଂ ସବୁଠାରୁ ହୀନ ବ୍ୟକ୍ତି ବିଶେଷ, ଯାହାଙ୍କ ଭିତରେ ଏହିସବୁ ଅନିଚ୍ଛା ଅନେକାଂଶରେ ରହିଥିବା ସତ୍ତ୍ୱେ ମଧ୍ୟ ସେ ଅନ୍ୟକୁ ସମ୍ମାନ ପ୍ରଦର୍ଶନ କରେ ଏବଂ ନ୍ୟାୟ ପ୍ରତି ମର୍ଯ୍ୟାଦା ପ୍ରଦର୍ଶନ କରିବାର ସମ୍ଭାବନା ତାଙ୍କ ଭିତରେ ଦେଖା ଦେଇଥାଏ । ହେ ପ୍ରଭୁ, ତୁମେ ପୂର୍ବରୁ ସ୍ଥିର କରାଯାଇଥିବା ସକଳ ପ୍ରକାର ବିଧିବ୍ୟବସ୍ଥା ଏବଂ ପ୍ରଥାର ଊର୍ଦ୍ଧ୍ୱରେ ରହି ତୁମର ବିଶେଷ ଦିବ୍ୟ, ବିଶୁଦ୍ଧ ଆଲୋକ ଦ୍ୱାରା ଆମେ ଯାହାସବୁ ହୋଇଛୁ ଏବଂ ଯାହାସବୁ କରୁଛୁ ସେସବୁକୁ ଆଲୋକିତ କରୁଛ । ଆମେ ପ୍ରକୃତରେ ଯାହା ହୋଇଛୁ ଏବଂ ଭବିଷ୍ୟତରେ କିପରି ହେବୁ ସେସବୁ ମଧ୍ୟରେ ସ୍ଥିତ ପାର୍ଥକ୍ୟକୁ ପରିଷ୍କାର ଭାବରେ ଆମେ ଯେପରି ଦେଖିପାରିବୁ ଆମକୁ ସେହିପରି ପ୍ରସ୍ତୁତ କରୁଛ ।

''ତୁମେ ହେଉଛ ଏକ ଅଲଙ୍ଘନୀୟ ପ୍ରତିବନ୍ଧକ ଯାହା ମାତ୍ରାଧିକ ଅମଙ୍ଗଳ, ଅନ୍ଧକାର, ଏବଂ ଅଶୁଭ ଇଚ୍ଛା ବିରୋଧରେ ଦୃଢ଼ ଭାବରେ ବ୍ୟବସ୍ଥିତ ହୋଇ ଦଣ୍ଡାୟମାନ; ଭବିଷ୍ୟତର ସକଳ ପ୍ରକାର ପରିପୂର୍ଣ୍ଣତା ଏବଂ ସମ୍ଭାବନାର ହୃଦୟ ଭିତରେ ତୁମେ ହେଉଛ ଜୀବନ୍ତ ପ୍ରତ୍ୟାଶା ।

''ହେ ପ୍ରଭୁ, ତୁମ ଉଦ୍ଦେଶ୍ୟରେ ମୋର ଆରାଧନାର ସକଳ ଦୃଢ଼ ଅନୁଭବକୁ ମୁଁ ନିବେଦିତ କରୁଅଛି ।

''ଆମ ଧାରଣାର ପରିସର ମଧ୍ୟରେ ପହଞ୍ଚିବା ନିମନ୍ତେ

ତୁମେ ହେଉଛ ଏକ ତୋରଣ ଯାହା ଆମକୁ ବାଟ କଢ଼ାଇ ନେଇ ଯାଇଥାଏ ଏକ କଳ୍ପନାତୀତ ଏବଂ ଆମ ଧାରଣାରେ ଧରା ଦେଉ ନଥିବା ଏକ ଉଜ୍ଜ୍ୱଳ ଦୀପ୍ତି ଅଭିମୁଖେ, ଯାହା କ୍ରମଶଃ ଆମ ସମ୍ମୁଖରେ ପ୍ରକଟ ହୋଇ ଉଠିବ ।''

ଆଲୋଚ୍ୟ ପ୍ରାର୍ଥନାଟିରେ ଦିବ୍ୟଜନନୀ ଶ୍ରୀମା କହୁଛନ୍ତି ଯେ ପରମପ୍ରଭୁଙ୍କ ଉପସ୍ଥିତି ମାନବ ହୃଦୟ ମଧ୍ୟରେ ବିରାଜିତ, ପ୍ରତ୍ୟେକ ବସ୍ତୁ ମଧ୍ୟରେ ସ୍ଥିତ; ସେଥିପାଇଁ ବ୍ୟକ୍ତିର ନିଷ୍ଠୁର ହୃଦୟ ଏକ ରାସାୟନିକ ପ୍ରତିକ୍ରିୟା ଦ୍ୱାରା ପରିବର୍ତ୍ତିତ ହୋଇଯାଇ ତା' ସ୍ଥାନରେ ଦେଖାଦିଏ ଦୟା, କ୍ଷମା, ପ୍ରେମ ଓ ସମସ୍ତଙ୍କୁ ନିଜର କରି ନେବାର ଭାବ । ଅନ୍ୟମାନଙ୍କୁ ସମ୍ମାନ ଦେଇ ଜାଣି ନଥିବା ବ୍ୟକ୍ତିଟିଏ, ଅହଂକାରର ଅନ୍ଧକାର ଭିତରେ ବୁଡ଼ି ରହି ହୀନମନ୍ୟ ହୋଇ ଯାଇଥିବା ବ୍ୟକ୍ତିଟିଏ ଅନ୍ୟମାନଙ୍କୁ ଯଥାଯୋଗ୍ୟ ସମ୍ମାନ ପ୍ରଦର୍ଶନ କରିବାକୁ ପଶ୍ଚାତ୍‌ପଦ ହୋଇ ନଥାଏ । ସେହିପରି ଆମେ ସକଳ ପ୍ରକାର ପାରମ୍ପରିକ ପ୍ରଥା, ବିଧିବ୍ୟବସ୍ଥା, ସାମାଜିକ ଚଳଣି ଭିତରେ ପଡ଼ି ରହିଛେ, ଆଗକୁ ବଢ଼ିବାକୁ ପଥ ପରିଷ୍କାର ଭାବରେ ଦେଖା ଯାଉଥିଲେ ମଧ୍ୟ ସେଥିରେ ପାଦ ଦେବାକୁ ସାହସ ସଞ୍ଚୟ କରି ପାରୁ ନାହିଁ । ଯେତେବେଳେ ଅସହାୟ ହୋଇ ପଡୁଛେ, ଠିକ୍ ସେତିକିବେଳେ ପରମପ୍ରଭୁଙ୍କ ଉପସ୍ଥିତି ଆମ ଭିତରେ ଅଛି ବୋଲି ଏକ ବିଦ୍ୟୁତ୍ ଝଲକ ସଦୃଶ ଆଲୋକରେ ଦେଖି ଦେଉଛେ – ତା'ପରେ ଘଟୁଛି ଅଲୌକିକ ଚମତ୍କାର ଘଟଣା । ଆମେ ଯାହା ହୋଇଛେ, କେତେ ବିଫଳତା ଓ କେତେ ସଫଳତା ଲାଭ କରିଛେ, ଆଗକୁ କ'ଣ କ'ଣ ଘଟିବ ତାହାସବୁ ଆମ ଚକ୍ଷୁ ସମ୍ମୁଖରେ ଚଳମାନ ଚିତ୍ର ସଦୃଶ ପ୍ରତିଭାତ ହୋଇ ଉଠୁଛି । ଯେତେସବୁ ବିଫଳତାକୁ ହାତରେ ଧରି ସଫଳତା ବୋଲି କହି ହେଉଛେ, ତାହା ସବୁ ବାରି ହୋଇ ଯାଉଛି, ପଦାରେ ପଡ଼ି ଯାଉଛି । ପୁନଶ୍ଚ ଆଗକୁ ଭବିଷ୍ୟତରେ କ'ଣ ହେବ ବା ଆମ ପାଇଁ କ'ଣ ସବୁ ଅପେକ୍ଷା କରି ରହିଛି ତାହା ସ୍ପଷ୍ଟ ଦେଖା ଯାଉଛି କେବଳ ପ୍ରଭୁଙ୍କ ଉପସ୍ଥିତି ସମ୍ପର୍କରେ ସଚେତନ ହେବା ଫଳରେ । ଯେତେବେଳେ ଆମ ଆଡ଼କୁ ଅମଙ୍ଗଳ ଏବଂ ଅଶୁଭ ଘଟଣାମାନ ମାଡ଼ି ଆସୁଥା'ନ୍ତି, ପ୍ରଭୁ ତାଙ୍କ ଅଭୟ ପ୍ରଦାନକାରୀ ହସ୍ତ ଦୁଇଟିକୁ ପ୍ରସାରିତ କରି ସେମାନଙ୍କ ସମ୍ମୁଖରେ ଠିଆ ହୋଇ ଯାଆନ୍ତି ଏବଂ ସେହି ଦିବ୍ୟ ଉପସ୍ଥିତିର ସମ୍ମୁଖରେ କିଏ ବା ଠିଆ ହୋଇ ପାରିବ ! ସକଳ ପ୍ରକାର ଅଘଟଣ, ଅନ୍ଧକାର ପ୍ରଭୁଙ୍କ ଉପସ୍ଥିତି ସମ୍ମୁଖରେ ନତମସ୍ତକ ହୋଇ ରୂପାନ୍ତରିତ ହୋଇ ଯାଇଥା'ନ୍ତି ପ୍ରେମ, ଦୟା, କ୍ଷମା ଆଦି ଦିବ୍ୟ ଗୁଣରେ । ପଥ ପରିଷ୍କାର ହୋଇଯାଏ; ଭବିଷ୍ୟତର ଗର୍ଭରେ ଥିବା ସକଳ ପ୍ରକାର ଅପହଞ୍ଚ ସମ୍ଭାବନା ନିକଟରୁ ନିକଟତର ହୋଇ ଆସନ୍ତି ଏବଂ ପରିପୂର୍ଣ୍ଣତା ଭିତରେ ପରମ ପ୍ରଭୁ ଦିବ୍ୟ ଜ୍ୟୋତିର୍ମୟ ସ୍ୱରୂପରେ ଦଣ୍ଡାୟମାନ ହୋଇଥିବାର ସରଳ ହୃଦୟବାନ୍ ବ୍ୟକ୍ତିଟିଏ, ଭକ୍ତ-ସାଧକଟିଏ ସ୍ପଷ୍ଟ ଦେଖିପାରେ ।

ପ୍ରାର୍ଥନାଟିର ତୃତୀୟ ଅନୁଚ୍ଛେଦରେ ଦିବ୍ୟ ଜନନୀ ଶ୍ରୀମା ତାଙ୍କର ଦିବ୍ୟ ଭାଷାରେ ପ୍ରଭୁଙ୍କ ଶ୍ରୀପୟରରେ ବିନମ୍ର ତଥା ଦୃଢ଼ ଆରାଧନାରୁ ପ୍ରାପ୍ତ ଅନୁଭବକୁ ଢାଳି ଦେଇ କହୁଛନ୍ତି, "To Thee all the fervour of my adoration." "Fervour" ଶବ୍ଦଟିର ଅଭିଧାନିକ ଅର୍ଥ ହେଉଛି – "Very strong feeling about something." । ''କୌଣସି ବିଷୟରେ ଏକ ଦୃଢ଼ ଶକ୍ତିଶାଳୀ ଅନୁଭବ'' – ଏହି ଅନୁଭବଟିକୁ ଶ୍ରୀମା ପ୍ରାର୍ଥନାର ଶେଷ ଭାଗରେ ଉଲ୍ଲେଖ କରିଛନ୍ତି । ଶ୍ରୀମା ପ୍ରଭୁଙ୍କୁ ସମ୍ବୋଧନପୂର୍ବକ କହୁଛନ୍ତି, ''ହେ ପ୍ରଭୁ, ଆପଣ ହେଉଛନ୍ତି ଏପରି ଏକ ତୋରଣ ବା ପ୍ରବେଶ ପଥ ଯାହା ଆମର ଧାରଣାତୀତ, କଳ୍ପନାତୀତ ମହାନ୍ ଐଶ୍ୱର୍ଯ୍ୟ ଆଡ଼କୁ, ସନ୍ଦେହ ରହିତ ଏକ ଚମତ୍କାରିତାର ଅଭିମୁଖେ ଆମକୁ ପଥ କଢ଼ାଇ ନେଇ ଯାଉଛି ।''

ଏହି ପରିପ୍ରେକ୍ଷୀରେ ଆଶ୍ରମ ପ୍ରତିଷ୍ଠାର ପ୍ରାରମ୍ଭ କାଳରେ ଘଟିଥିବା ଏକ ଘଟଣା ଉଲ୍ଲେଖ କଲେ ଅତ୍ୟୁକ୍ତି ହେବ ନାହିଁ ।

ଏକଦା ଚନ୍ଦନ ନଗରରୁ ଜନୈକ ସାଧକ ପ୍ରଭୁ ଶ୍ରୀଅରବିନ୍ଦଙ୍କ ଦର୍ଶନ ନିମନ୍ତେ ପଣ୍ଡିଚେରୀ ଆସିଥିଲେ । ସେ ତୀର୍ଥ ଭ୍ରମଣରେ ବାହାରି ଥିଲେ ଏବଂ ବାଟରେ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରି ଯିବା ପାଇଁ ଇଚ୍ଛା କରିଥିଲେ । ତା' ପରଦିନ ଜୟା ଦେବୀ, ଆଶ୍ରମର ଜନୈକା ବଙ୍ଗାଳୀ ସାଧିକା ସକାଳ ଆଠଟାରେ ଶ୍ରୀଅରବିନ୍ଦଙ୍କ ପ୍ରକୋଷ୍ଠକୁ ଦର୍ଶନ ଓ ପ୍ରଣାମ ନିବେଦନ କରିବାକୁ ଗଲେ ଏବଂ କହିଲେ ''ପ୍ରଭୁ, ଜଣେ ସାଧୁ ଚନ୍ଦନ ନଗରରୁ ଆସିଛନ୍ତି, ଏଠାରେ ଅଛନ୍ତି, ସେ ଆପଣଙ୍କ ଦର୍ଶନ ନିମନ୍ତେ ଆସିବେ ।'' ଶ୍ରୀଅରବିନ୍ଦ କହିଲେ, ''ତୁମେ ତାଙ୍କୁ ଦେଖିଛ କି ?'' ଜୟାଦେବୀ କହିଲେ, ''ପ୍ରଭୁ, ମୁଁ କିଛି ଜାଣି ନାହିଁ । କିନ୍ତୁ ସେ ଉନ୍ମୁକ୍ତ ଏବଂ ଶୁଦ୍ଧ ପ୍ରତୀୟମାନ ହେଉ ନାହାନ୍ତି, ସେ କ'ଣ ଆପଣଙ୍କୁ ଦର୍ଶନ କରି ପାରିବେ ?''

ଜୟାଦେବୀ ପ୍ରଭୁ ଶ୍ରୀଅରବିନ୍ଦଙ୍କ ପାଖରୁ ଫେରିଲା

ପରେ ଦେଖିଲେ ସାଧୁ ଜଣକ ଉପରକୁ ଯାଉଛନ୍ତି । ତାଙ୍କୁ ଦେଖି ସେ କହିଲେ, ''ଦିଦି, ମୁଁ ଦର୍ଶନ ପାଇଁ ଯାଉଛି; କିନ୍ତୁ ମୋତେ ଭୟ ଲାଗୁଛି ।'' ଜୟା ଦେବୀଙ୍କ ଉତ୍ତର – ''ଜଣେ ଦିବ୍ୟ ପୁରୁଷଙ୍କୁ ଦର୍ଶନ କରିବାକୁ ଯିବାରେ ଭୟର କାରଣ କ'ଣ ଥାଇପାରେ ? ତୁମେ ଯାଅ ।''

ସାଧୁ ଜଣକ ଉପରକୁ ଉଠିଲେ; କିନ୍ତୁ ସେ ଶିଡ଼ିରେ ପାଦ ଦେଲା ମାତ୍ରକେ ତାଙ୍କର ଛାତି ଥରିବାକୁ ଲାଗିଲା । ଉପର ବାରଣ୍ଡାର ଦ୍ୱାର ନିକଟରେ ପହଞ୍ଚି ସେ ଦେଖିଲେ ଏକ ଆଲୋକ ମଣ୍ଡଳର ଜ୍ୟୋତିଃ ଶ୍ରୀଅରବିନ୍ଦଙ୍କ ଦିବ୍ୟ ଶରୀରରୁ ବିଚ୍ଛୁରିତ ହେଉଛି । ତାଙ୍କର ଚକ୍ଷୁଦ୍ୱୟ ସେହି ଜ୍ୟୋତିଃରେ ଝଲସି ଗଲା ଓ ସେ ଦର୍ଶନ କରିବାକୁ ସକ୍ଷମ ହୋଇ ପାରିଲେ ନାହିଁ । ଜୟାଦେବୀ ବସିଥିବା ପ୍ରକୋଷ୍ଠରେ କୌଣସି ମତେ ସେ ଆସି ପହଞ୍ଚି ଗଲେ ଏବଂ ପହଞ୍ଚିବା ମାତ୍ରକେ ସଂଜ୍ଞାହୀନ ହୋଇ ତଳେ ପଡ଼ିଗଲେ । କିଛି ସମୟ ପରେ ଉଠିଲେ ଏବଂ କହିଲେ, ''ଦିଦି ମୁଁ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବାକୁ ସକ୍ଷମ ହୋଇ ପାରିଲି ନାହିଁ । ଏତେ ଶକ୍ତି ସହ୍ୟ କରିବାକୁ ମୁଁ ସମ୍ପୂର୍ଣ୍ଣ ଅକ୍ଷମ, ମୁଁ ଏବେ ଏଠାରୁ ପଳାଇ ଯାଉଛି ।''

ତା' ପରଦିନ ଦର୍ଶନ ସମୟରେ ଜୟାଦେବୀ ଶ୍ରୀଅରବିନ୍ଦଙ୍କୁ କହିଲେ, ''ପ୍ରଭୁ, ସାଧୁ ଜଣକ ଆପଣଙ୍କୁ ଦର୍ଶନ କରିପାରିଲେ ନାହିଁ । ସେ ଶିଡ଼ି ଚଢ଼ି ଉପରକୁ ଆସିବା ସମୟରେ ତାଙ୍କର ଛାତି ଭୟରେ ଥରିବାକୁ ଲାଗିଲା । ତଥାପି କୌଣସି ମତେ ଉପରକୁ ଆସିଥିଲେ, କିନ୍ତୁ ହଠାତ୍ ଏକ ପ୍ରଜ୍ୱଳିତ ଆଲୋକ ଶିଖା ତାଙ୍କ ଆଖିକୁ ଅନ୍ଧ କରି ଦେଲା, ତାଙ୍କର ଚେତା ବୁଡ଼ିଗଲା । ସେ ଏଠାରେ ଗୋଟିଏ ମୁହୂର୍ତ୍ତ ରହି ପାରିବେ ନାହିଁ ବୋଲି କହି ରାତାରାତି ଏଠାରୁ ଚାଲି ଯାଇଛନ୍ତି ।'' ଶ୍ରୀଅରବିନ୍ଦ ସବୁ ଶୁଣିଲେ ଏବଂ କହିଲେ, ''ସେ ଜଣେ ଠକ, ପ୍ରବଞ୍ଚକ, ନିଜକୁ ସମ୍ପୂର୍ଣ୍ଣ ରୂପେ ଆବଦ୍ଧ କରି ରଖିଛନ୍ତି ଓ କେବଳ ନିଜର ଶକ୍ତିକୁ ଅପଚୟ କରୁଛନ୍ତି । ଚାରିପାଦ ମଧ୍ୟ ଆଗେଇ ପାରିଲେ ନାହିଁ ।''... ...

ଜୟାଦେବୀଙ୍କ ପ୍ରଶ୍ନ, ''ପ୍ରଭୁ ଆପଣ ତାଙ୍କୁ କିଛି ଦେଲେ ନାହିଁ ?''

– ''ଶକ୍ତି ଗ୍ରହଣ କରିବାକୁ ହେଲେ ଶକ୍ତିମାନ୍ ହେବା ଆବଶ୍ୟକ । କେବଳ କହିଦେଲେ ବ୍ୟକ୍ତି ତାହା ପାଇବ ନାହିଁ । ଆଗକୁ ଚାରିପାଦ ପକାଇବା ନିମନ୍ତେ ସାଧୁଙ୍କୁ ଦୀର୍ଘ ସମୟ ଲାଗିବ । ଏ ଜୀବନରେ ସେ ଏହା କରିବାକୁ ସମର୍ଥ ହୋଇ ପାରିବା ସନ୍ଦେହଜନକ ।'' – ଏହା କହି ପ୍ରଭୁ ଶ୍ରୀଅରବିନ୍ଦ ନୀରବ ରହିଲେ ।

(''ସୁଧା ସମାଚାର'' ପୁସ୍ତକରୁ ସଂଗୃହୀତ, ପୃଷ୍ଠା. ୨୪-୨୫)

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) Prayers and Meditations – The Mother;
(୨) Musing on the Mother's Prayers and Meditations – Shyam Kumari

ଜୀବନର ଯଥାର୍ଥ ଲକ୍ଷ୍ୟ ହେଉଛି ନିଜ ଅନ୍ତରର ଗଭୀରତାରେ ପରମେଶ୍ୱରଙ୍କ ଦିବ୍ୟ ଉପସ୍ଥିତିକୁ ଆବିଷ୍କାର କରିବା ଏବଂ **ଏହା** ନିକଟରେ ନିଜକୁ ସମର୍ପିତ କରିବା ଯାହାଫଳରେ **ଏହା** ଜୀବନର, ସକଳ ଅନୁଭୂତିର ଏବଂ ଶରୀରର ସକଳ କର୍ମର ନେତୃତ୍ୱ ନେଇଥାଏ । ଏହା ଜୀବନକୁ ଏକ ଯଥାର୍ଥ ଓ ସମୁଜ୍ଜ୍ୱଳ ଲକ୍ଷ୍ୟ ପ୍ରଦାନ କରିଥାଏ ।

– ଶ୍ରୀମା

# ଦ୍ୱୀପାନ୍ତରର କଥା

## (ତୃତୀୟ ପରିଚ୍ଛେଦ)

## ବାରୀନ୍ଦ୍ର କୁମାର ଘୋଷ

### ସେଟଲ୍‌ମେଣ୍ଟର ପରିଚୟ
### (୧)

ଜେଲର ଏକ ମୋଟାମୋଟି ସ୍ୱରୂପ ଚିତ୍ରିତ ହୋଇଛି । ବର୍ତ୍ତମାନ ଜେଲ ବାହାରର ବ୍ୟବସ୍ଥାଟିକୁ ଥରେ ବର୍ଣ୍ଣନା କରିବା ଆବଶ୍ୟକ । 'ମହାରାଜା' ଜାହାଜଟି କଏଦୀମାନଙ୍କୁ ଆଣିଥାଏ, ପ୍ରତି ଚାଳିଶ ଦିନରେ ଥରେ ସେ କଲିକତା ଯାଏ, ଏଇ ଚାଳିଶ ଦିନ ମଧ୍ୟରେ ଦୁଇଥର ରେଙ୍ଗୁନ ଓ ଥରେ ମାନ୍ଦ୍ରାଜରୁ ବୁଲି ଆସେ । ଧରାଯାଉ ଗୋଟିଏ କଲିକତା ଚାଲାଣ ଏକ ଶହ କଏଦୀ ନେଇ ଆସିଲା; ଏଇ କଲିକତା ଚାଲାଣରେ ବଙ୍ଗାଳି, ପଞ୍ଜାବୀ, ହିନ୍ଦୁସ୍ଥାନୀ, ଓଡ଼ିଆ, ମାନ୍ଦ୍ରାଜୀ ଏବଂ ଆସାମୀ ବନ୍ଦି ଥିଲେ । ଆମ ସମୟରେ ସେତେବେଳେ ସାଧାରଣ କଏଦୀର ଚାଲାଣ ଆସିଲେ ପ୍ରଥମେ ପ୍ରଥମେ ସେମାନଙ୍କୁ ହୋପ୍ ଟାଉନ୍ ପାଖରେ, ପ୍ଲେଗ୍ କ୍ୟାମ୍ପ (Quarrantine camp)ରେ ଓହ୍ଲାଇ ଦିଆଯାଏ । ଏହି କ୍ୟାମ୍ପଟି ମାଉଣ୍ଟ ହ୍ୟାରିଏଟେର୍ ଠିକ୍ ତଳେ, ଜଣେ କଏଦୀ କମ୍ପାଉଣ୍ଡର ଓ ଆଉ ଜଣେ କଏଦୀ ଜମାଦାରର ଅଧୀନରେ ଥା'ନ୍ତି; ଯେତେବେଳେ ଏଠାକୁ ନୂତନ କଏଦୀ ଆସିବାର ଥାଏ ସେତେବେଳେ ଅନ୍ୟ କଏଦୀମାନଙ୍କର ଆସିବା ନିଷେଧ । ପୋର୍ଟ ବ୍ଲେୟାରରେ କୌଣସି ପ୍ଲେଗ୍ ବା ସେହିପରି କୌଣସି ସଂକ୍ରାମକ ରୋଗ ନ ହେଉ, ସେଥିପାଇଁ ନୂତନ ଚାଲାଣକୁ ଏହି ଭାବରେ ଦୁଇ ସପ୍ତାହ ଅଟକ ରଖିବାର ବ୍ୟବସ୍ଥା ଥିଲା । ଏଠାକୁ ଏଇ କେତେ ଦିନ ହେବ କଏଦୀମାନେ ଯେଉଁପରି ଅବସ୍ଥାରେ ଆସିଥା'ନ୍ତି, ସେହିପରି ପାଦରେ ବେଡ଼ି ପିନ୍ଧି ରହିଥା'ନ୍ତି, ଏବଂ ମଝିରେ ମଝିରେ ଘାସ କଟା, ରାସ୍ତା ସଫା କରିବା – ଏମିତି ସାମାନ୍ୟ କିଛି କାର୍ଯ୍ୟ କରନ୍ତି ।

ଯେଉଁଦିନ ଷୋହଳ ଦିନ ସେଇଦିନ ଏଇ ଚାଲାଣ ପ୍ଲେଗ୍ କ୍ୟାମ୍ପରୁ ଜେଲକୁ ଆସିବାର ନିୟମ ଥିଲା । ଏମାନଙ୍କର ଜେଲକୁ ଆସିବାଟା ଏକ ଅଦ୍ଭୁତ ଦୃଶ୍ୟ ! ବିଛଣାପତ୍ରର ପୁଟୁଳିକୁ କାନ୍ଧରେ ରଖି ପିଠି କୁଜା କରି ନଇଁ ନଇଁ ଏଇ ନୂତନ ଦଳ ଝମର ଝମ୍, ଝମର ଝମ୍ ନୂପୁର ଜାତୀୟ ପାଉଁଜି ବଜାଇ ଭୟରେ ଜୁଲୁ ଜୁଲୁ କରି ଚାହିଁ ଚାହିଁ ଧାଡ଼ି ଧାଡ଼ି ହୋଇ ଆସନ୍ତି । ଆଗରେ, ପଛରେ, ଏପଟେ, ସେପଟେ ଲାଲ ପଗଡ଼ି ଓ୍ୱାର୍ଡ଼ରମାନଙ୍କର ଦଳ – ''ଏଇ ଇଧର୍'', ''ସିଧା ଚଲୋ'', ''ବୈଠ ଯାଓ'', ''ସରକାର'' ଏହିପରି ନାନା ଶବ୍ଦ କରି ସେଇ ନବାଗତ ଭୟ ବିବ୍ରତ ଗୋରୁ ପଲକୁ ଅଡ଼ାଇ ନେଇ ଆସନ୍ତି । ଏତେ ବଡ଼ କିଲା ଭଳି ଘର । କଳା ପୋଷାକଧାରୀ ପେଟି ଅଫିସର ଜମାଦାର ଟିଣ୍ଡାଲର ହାତରେ ଲାଠି, ଲାଲ ପଗଡ଼ି ମୂର୍ତ୍ତି ଏବଂ ଓ୍ୱାର୍ଡ଼ରମାନଙ୍କର ଭୀମ ଗର୍ଜନରେ ବିଚରାମାନଙ୍କର ଆତ୍ମପକ୍ଷୀ ପ୍ରାୟ ପଞ୍ଜୁରିରୁ ବାହାରି ପଳାଇବାର ଅବସ୍ଥା ପରି ନୁହେଁ ତ ଆଉ କ'ଣ ! ତା'ପରେ ବେଡ଼ି କଟା ଏବଂ ଲୁଗାପଟା ବଦଳାଇବାର ଆସର, ଏବଂ ତା' ପରଦିନ ମାରେ ସାହେବଙ୍କର ଡାକ୍ତରଙ୍କ ଭଳି ପରୀକ୍ଷା ପରେ ବ୍ୟାରୀ ସାହେବଙ୍କର କାର୍ଯ୍ୟ ଦେବା (କମାଣ ବାଣ୍ଟିବା) । ସେ କମାଣ କମାଣ ନୁହେଁ ତ ଏକେବାରେ ତୋପ ! ପ୍ରକାଣ୍ଡ ପେଟ, ଚେପ୍‌ଟା ନାକ, ରକ୍ତବର୍ଣ୍ଣ ମୁଖମଣ୍ଡଳରେ ସେଇ ଗୋଜିଆ ଗୋଜିଆ ବହଳିଆ ନିଶର ଜଙ୍ଗଲ ସହ ଏକ ଚାରି ଇଞ୍ଚ ମୋଟାର ବର୍ମା ଚୁରୁଟ ମୁଖରେ ଦେଇ, କାଖତଳେ ଲାଠି ନେଇ ଏଇ ଜେଲଖାନାର ଯମରାଜାଟି ସେଇ ଧାଡ଼ି ବନ୍ଧା କଏଦୀମାନଙ୍କ ସାମନାରେ ଚାଲବୁଲ କରୁଥାଆନ୍ତି, ଏବଂ ଟିପ୍ପଣୀମାନଙ୍କରେ ଲେଖୁ ଲେଖୁ କହି କହି ଚାଲି ଥାଆନ୍ତି, ''ଛଅ ମାସ କୋଠରି ବନ୍ଦ, ଦୁଇ ପାଉଣ୍ଡ ନଡ଼ିଆକତା କୁଟ'', ''ଏକ ବର୍ଷ ଜେଲ ବନ୍ଦ, ହାତରେ ଘଣା ଚଲାଓ'', ଦୁଇ ବର୍ଷ ଜେଲ ବନ୍ଦ, ଛଅ ମାସ କୋଠରି ବନ୍ଦ, ଶାବଳ ଚଳାଅ;'' ''ଛଅ ମାସ ଜେଲ ବନ୍ଦ, ତିନି ପାଉଣ୍ଡ ଦଉଡ଼ି ତିଆରି କର'', ''ଛଅ ମାସ ଜେଲ ବନ୍ଦ, ପାଣିବାଲା ତିନି ନମ୍ବର'' ଇତ୍ୟାଦି । ଯେଉଁମାନେ ଘଣା (କଲୁର୍) ଚଲାଇବା କାର୍ଯ୍ୟ ପାଇଲେ, ତାଙ୍କୁ ସେଇ ରାତିରେ ଦୁର୍ଶ୍ଚିନ୍ତାରେ ନିଦ ହୁଏନା; ଯେଉଁମାନେ ପାଣି ବାଲା ଅବା ଝାଡୁବାଲା ହେଲେ ଅବା ରସି ବଳିବା କାର୍ଯ୍ୟ ପାଇଲେ

ସେମାନେ ଟିକିଏ ନିଃଶ୍ୱାସ ମାରିଲେ, ଏବଂ ଯେଉଁମାନେ କତା (ଛିଲ୍‌କା) କୁଟିବା କାର୍ଯ୍ୟକୁ ଗଲେ, ସେମାନେ ବଞ୍ଚିଲେ କି ମରିଲେ ତାହା ବୁଝି ନ ପାରି ସଂଶୟରେ ଝୁଲିବାକୁ ଲାଗିଲେ, କାରଣ କତା କୁଟିବା ଘଣା ପେଲିବାଠାରୁ ହାଲୁକା ହେଲେ ବି କଠିନ କାର୍ଯ୍ୟ ତ ନିଶ୍ଚୟ ।

ଏଇ ଭାବରେ ସୁଖେ ଦୁଃଖେ ଛଅ ମାସ ଅବା ଏକ ବର୍ଷ ଯାହାର ଯେଉଁ ''ଶାସ୍ତି'' କଟାଇ ଦିନେ ଏମାନେ ଜେଲରୁ ଛାଡ଼ପତ୍ର ନେଇ ମୁକ୍ତ ହୁଅନ୍ତି । ସେତେବେଳେ ଆଉ ଏମାନେ ପୂର୍ବର ସେଇ ଭୀତତ୍ରସ୍ତ ଅନାଡ଼ି ସରଳ ମଣିଷ ନୁହନ୍ତି, ଅନେକ ସହ୍ୟ କରି କରି ଠକି ଓ ଠକାଇ ଓସ୍ତାତ ପୁରୁଣା କଏଦୀ (Jail-bird)ମାନଙ୍କ ହାତରୁ ଶିକ୍ଷାଲାଭ କରି ଠିକ୍ ରୂପେ ଶଠ ଚୂଡ଼ାମଣି ନ ହେଲେ ବି ସେଇ ପଥରେ ଅନେକ ଦୂର ଅଗ୍ରସର ହୋଇ ଯାଇଛନ୍ତି । ଯେଉଁଦିନ ସେମାନଙ୍କୁ ଜେଲରୁ ରିହାତି ମିଳିବ ତା'ର ପୂର୍ବଦିନ ଏବାର୍ଡିନ୍ ଷ୍ଟେସନରୁ ଟେଲିଫୋନ ପାଇ ସେଠାରୁ ଜଣେ ଟିଣ୍ଡାଲ୍ ଏବଂ ଚାରି ପାଞ୍ଚଜଣ ପେଟି ଅଫିସର ଚାଲାଣ ନେବାକୁ ଜେଲର ଫାଟକ ପାଖରେ ଆସି ହାଜର ହୋଇ ଯାଆନ୍ତି । କଏଦୀମାନେ ଦେଶୀୟ ଜେଲରୁ ଧୋତି, କୁର୍ତ୍ତା ଏବଂ ପଗଡ଼ି ପିନ୍ଧି ଆସନ୍ତି, ଏଠାରେ ଜଂଘିଆ, କୁର୍ତ୍ତା ଓ ଟୋପି ପିନ୍ଧି ଜେଲରେ ପଶନ୍ତି, ପୁଣି ଛାଡ଼ ପାଇବା ବେଳେ ସେଇ ପୋଷାକ ଛାଡ଼ି ପୁରୁଣା ପୋଷାକ ଯଥା ଆଣ୍ଠୁ ଉପରକୁ ଧଡ଼ି ଥିବା ଧୋତି, କୁର୍ତ୍ତା ଏବଂ ପଗଡ଼ି ପିନ୍ଧି ପୁଣି ପୁନର୍ମୂଷିକ ହେବାକୁ ହୁଏ । ଜେଲର ମୁଖ୍ୟ ଓଭରସିଅର ବ୍ୟାରୀ ସାହେବ ଏବଂ ଦରଓ୍ୱାନ (Gate keeper) ମାୟ ବିଛଣା, ବାସନ ଏବଂ କପଡ଼ା ସହ ଏଇ ଷାଠିଏ, ସତୁରି ଅବା ଅଶୀ ଜଣଙ୍କୁ ସେଇ ବାହାରେ ଟିଣ୍ଡାଲ୍ ହାତରେ ସମର୍ପି ଦିଅନ୍ତି । ସେମାନେ ଏମାନଙ୍କୁ ''ଯୋଡ଼ା ଯୋଡ଼ା ହୋ ଯାଓ'', ''ଖାଡ଼ା ହୋ ଯାଓ'', ଇତ୍ୟାଦି ରଡ଼ି କରି ପୁଣି ସଚକିତ ସନ୍ତ୍ରସ୍ତ କରି ପୁଟୁଳି ସବୁ ପିଠିରେ ଲଦି ଟାପୁ ବା ଷ୍ଟେସନକୁ ନେଇ ଯାଆନ୍ତି । ଟାପୁରେ ପୂର୍ବ ଦିନରୁ ଉପର ହାକିମଙ୍କଠାରୁ ହୁକୁମ ଆଣି ରଖା ହୋଇଥାଏ, ମୁନ୍‌ସୀ ଏବଂ ଜମାଦାର ସେଇ ଆଦେଶ ଅନୁଯାୟୀ ଏଇ ଅଶୀ ଜଣଙ୍କୁ ଭାଗ କରି ଦଶ ଜଣ, ବାର ଜଣ କରି ଗୋଟିଏ ଗୋଟିଏ ଟାପୁକୁ ପଠାନ୍ତି ।

ପୋର୍ଟ ବ୍ଲେୟାର ସେତେବେଳେ ଚାରୋଟି ଜିଲ୍ଲାରେ ବିଭକ୍ତ ଥିଲା – ରସ୍ ଜିଲ୍ଲା, ପୂର୍ବ ଜିଲ୍ଲା (Eastern District), ପଶ୍ଚିମ ଜିଲ୍ଲା (Western District) ଏବଂ ଜେଲ ଜିଲ୍ଲା । ରସ୍ ଦ୍ୱୀପ ରାଜଧାନୀ ବୋଲି ନିଜେ ଗୋଟିଏ ଜିଲ୍ଲା । ପୂର୍ବ ଜିଲ୍ଲାରେ ଏଇ କେତୋଟି ଟାପୁ ବା ଷ୍ଟେସନ ଅଛି; ଏବାର୍ଡିନ୍, ଫିନିକ୍ସ-ବେ, ମିଡ଼ଲ ପଏଣ୍ଟ ନେଭି-ବେ, ପାହାଡ଼ ଗାଁ ଓ ହ୍ୟାଡ଼ୋ । ଏବାର୍ଡିନ୍‌ର ବିଶେଷ କାର୍ଯ୍ୟ ହେଲା ରାସ୍ତାଘାଟ ନିର୍ମାଣ, ଇଞ୍ଜିନିୟରିଂ ଗୋଦାମ, ନାରିକେଳ ଫାଇଲ, ଜେଟିକୁ ମାଲ ବୋହିବା, ପଥର ଭଙ୍ଗା ଏବଂ ଝାଡୁ ଦେବା । ଫିନିକ୍ସ-ବେରେ ବିରାଟ ସରକାରୀ କାରଖାନା, ସେ କାରଖାନାରେ ଲୁହା, ପିତଳ, ଶାମୁକା, କଚ୍ଛପର ହାଡ଼ ଏବଂ କାଠରୁ ନାନାପ୍ରକାର ଶିଳ୍ପଜାତ ଦ୍ରବ୍ୟ ତିଆରି ହୁଏ, ସେଠାରେ ତିନି ଶହ, ଚାରି ଶହ ଲୋକ ଖଟନ୍ତି । ତା'ଛଡ଼ା ଟାପୁର ସାଧାରଣ କାର୍ଯ୍ୟ, ଯେପରି ଝାଡୁ ଦେବା, ରାସ୍ତା ତିଆରି କରିବା, ପଥର ଭଙ୍ଗା, ପାଣି ବୋହିବା, ନାରିକେଳ ଫାଇଲ – ଏସବୁ ତ ଅଛି ନିଶ୍ଚୟ । ମିଡିଲ୍ ପଏଣ୍ଟ (କଏଦୀମାନେ ରଖିଛନ୍ତି)ର ନାମ ଛୋଲଦାରୀ; ଏଠାକାର ଲୋକମାନେ ସାଧାରଣ ଟାପୁର କାର୍ଯ୍ୟ ବ୍ୟତୀତ ହଡ୍ଡୋ (Hoddo) ବଗିଚାରେ ଓ ଇଞ୍ଜିନିୟରିଂ ଗୋଦାମରେ ମଧ୍ୟ କାର୍ଯ୍ୟ କରିବାକୁ ଯାଆନ୍ତି । ନେଭି-ବେ ଟାପୁରେ ଖୁବ୍ ବଡ଼ ପନିପରିବା ଏବଂ ଫଳର ବଗିଚା ଅଛି, ସମୁଦ୍ରର ବନ୍ଧ ମରାମତିର କାର୍ଯ୍ୟ ମଧ୍ୟ ଅଛି । ପାହାଡ଼ ଗାଁରୁ ଏଇ ବଗିଚାକୁ କଏଦୀମାନେ କାମ କରିବାକୁ ଆସନ୍ତି । ବନ୍ଧକୁ ବି ଯାଆନ୍ତି; ଜଙ୍ଗଲକୁ ବେତ, ବାଉଁଶ କାଟିବାକୁ ବି ଯାଆନ୍ତି । ହଡ୍ଡୋରେ ବଗିଚା, ଇଞ୍ଜିନିୟରିଂ ଗୋଦାମ, ବଡ଼-ହସ୍‌ପିଟାଲ ଅଛି ।

ତା'ପରେ ପଶ୍ଚିମ ଜିଲ୍ଲାରେ ଏଇ କେତୋଟି ଟାପୁ ଅଛି – ଛଥାମ୍, ଶୋର ପଏଣ୍ଟ, ଜଙ୍ଗଲୀ ବ୍ୟାରାକ, ଡୁଣ୍ଡାସ୍ ପଏଣ୍ଟ, ଭାଇପାର୍, ୟୁମ୍ବେର୍ଲିଗଞ୍ଜ, କାଲାଟାଂ ଏବଂ ବ୍ୟାର୍‌ଟାଙ୍ଗ ।* ଛଥାମ୍‌ରେ ପ୍ରସିଦ୍ଧ କାଠ କାରଖାନା (Saw mill), ଏଠାରେ ସମସ୍ତ ଆଣ୍ଡାମାନୀ ବନବିଭାଗର କାଠ ମେସିନରେ କାଟି ଖଟ, ବ୍ୟାଟନ୍, କଡ଼ି ଓ ବରଗା ତିଆରି ହୁଏ । ଶୋରପେଟ୍ ବା ଶୋର ପଏଣ୍ଟରେ ମାଛର ଫାଇଲ, ନାରିକେଳ ଫାଇଲ (gang) ଓ ଇଞ୍ଜିନିୟରିଂ ଗୋଦାମ ଅଛି, ଅନ୍ୟାନ୍ୟ ସାଧାରଣ କାର୍ଯ୍ୟ ମଧ୍ୟ ଅଛି । ଜଙ୍ଗଲୀ ବ୍ୟାରାକର

* (Chatham, Shore Point, Dundas Point, Viper and Wimberleygunj.)

କଥା ଏ ଦେଶର ବଣୁଆମାନଙ୍କ ପ୍ରସଙ୍ଗରେ କହିଛି । ଡୁଣ୍ଡାସ୍ ପଏଣ୍ଟ (Dundas point) ଇଟା ପୋଡ଼ା ଏବଂ କାରଖାନା (Brick kiln) ପାଇଁ ବିଖ୍ୟାତ, ଏଠାରେ କେତେ ଶହ ଲୋକ କାର୍ଯ୍ୟ କରନ୍ତି; ଟାପୁର ସାଧାରଣ କାର୍ଯ୍ୟ ଖୁବ୍ କମ୍ । ଭାଇପାର ପଶ୍ଚିମ ଜିଲ୍ଲାର ରାଜଧାନୀ, ଏଠାରେ ଜିଲ୍ଲା ଅଫିସରମାନଙ୍କର ଅଦାଲତ ଏବଂ ବଙ୍ଗଳା ଅଛି । ଏଇ ତରଙ୍ଗ-ବିକ୍ଷୁବ୍ଧ ତରଳ ନୀଳର ବକ୍ଷରେ ରସ ପରି ଭାଇପାର୍ ବି ଏକ ହରିତ ସ୍ୱପ୍ନ । ଏଠାକାର ପ୍ରଧାନ କାର୍ଯ୍ୟ ହେଲା ପନିପରିବା ବଗିଚା, ଜେଟି ଫାଇଲ, ଖେଳ ପଡ଼ିଆର (Lawn) କାର୍ଯ୍ୟ, ବେତ ଓ ବାଉଁଶ କଟା, ଝାଡ଼ୁ ଫାଇଲ ଓ ହସ୍‌ପିଟାଲ । ୟୁମ୍ବର୍ଲିଗଞ୍ଜରେ ଦହି ଘର ଓ ଛୋଟ ମାଛ ଇତ୍ୟାଦିର ଫାଇଲ ଅଛି, ଏଇ ସ୍ଥାନରୁ ଠିକ୍ ବନ ବିଭାଗର ଆରମ୍ଭ, ବ୍ୟାରାଟାଂ ପର୍ଯ୍ୟନ୍ତ ଲମ୍ବିଥାଏ । କାଲାଟାଂ ଘୋର ଜଙ୍ଗଲ ମଧ୍ୟରେ । ଏଠାରେ ବିଖ୍ୟାତ ଯମରାଜାତୁଲ୍ୟ ମିଣ୍ଟୋ ସାହେବ (Mr. Minto, Manager)ଙ୍କର ଚା ବଗିଚା; କଏଦୀ ପକ୍ଷରେ ଏଇ ସ୍ଥାନ ଖୁବ୍ ଭୟଙ୍କର, କାରଣ ଚା' ବଗିଚାରେ ଖୁବ୍ କଠିନ କାର୍ଯ୍ୟ । ବ୍ୟାରାଟାଂ ଘୋର ନିର୍ଜନ ବନରେ ଅବସ୍ଥିତ, — ବନ ବିଭାଗର ଏହା ହେଉଛି ଏକ ବଡ଼ ଆଡ୍‌ଡ଼ା !

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଶୁଭ୍ରା ଦାସ ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ନୀରବତା

## (୫)

## ଗୟାଧର ଦାଶ

ଯେଉଁ 'ନୀରବତା' ଉର୍ଦ୍ଧ୍ୱରେ ଅଛି, ସେହି ନୀରବତା ଆମର ଅନ୍ତର ଭିତରେ ରହିଛି । ନିଶ୍ଚେତନା ମଧ୍ୟରେ ଯେଉଁ ନୀରବତା, ପରମ ଚେତନା ମଧ୍ୟରେ ସେହି ନୀରବତା । ବ୍ୟଷ୍ଟିଗତ, ବିଶ୍ୱଗତ ଓ ବିଶ୍ୱାତୀତ କ୍ଷେତ୍ରରେ ସେହି ନୀରବତା ବିରାଜମାନ । ପରମ ଚେତନା ବା ପରଂବ୍ରହ୍ମ ସ୍ୱୟଂ ପରମ ନୀରବତା (Supreme Silence) । ସେହି ନୀରବତାହିଁ ପୂର୍ଣ୍ଣ ଏବଂ ସେହି ପୂର୍ଣ୍ଣରୁ ସକଳ ସୃଷ୍ଟିର ସର୍ଜନା ହୋଇଛି । ବେଦରେ ପରଂବ୍ରହ୍ମଙ୍କୁ ପରମ ନୀରବତା (Absolute Silence) ବୋଲି କୁହାଯାଇଛି । ଉପନିଷଦ୍‌ରେ 'ନୀରବତା'କୁ ନିଃଶବ୍ଦ ବ୍ରହ୍ମ (The soundless Word) ବୋଲି କୁହାଯାଇଛି ଯେଉଁଠି ସବୁକିଛି ନିଶ୍ଚଳ । ସେହି ସ୍ଥିତିରେ ପହଞ୍ଚିଲେ ସବୁକିଛି ନିଶ୍ଚଳ ହୋଇଯାଏ ଏବଂ ଗଭୀର ଶାନ୍ତି ଓ ଆନନ୍ଦ ମଧ୍ୟରେ ଜଣେ ସମାହିତ ହୋଇଯାଏ । ଶ୍ରୀଅରବିନ୍ଦଙ୍କ 'ସାବିତ୍ରୀ' ମହାକାବ୍ୟର ପ୍ରତିଟି ଶବ୍ଦ ସେହି ନୀରବତାରୁ ସ୍ଫୁରିତ ହୋଇଛି । ଅନେକ ସ୍ଥାନରେ ସେ 'ନୀରବତା'ର ସ୍ୱରୂପ ଚିତ୍ରଣ କରିଛନ୍ତି ।

"Silence, the nurse of the Almighty's power,
The omniscient hush, womb of
the immortal Word,
And of the Timeless the still brooding face,
And the creative eye of Eternity."

(Savitri, p. 41)

''ସର୍ବଶକ୍ତିମାନ୍‌ଙ୍କ ଶକ୍ତିର ଧାତ୍ରୀ ଯେଉଁ ନୀରବତା,
ଅମର ବାକ୍‌ର ଗର୍ଭ ଯେଉଁ ସର୍ବଜ୍ଞ ସ୍ତବ୍ଧତା,
ଏବଂ କାଳାତୀତର ନିଶ୍ଚଳ ଭାବନାମଗ୍ନ ମୁଖ,
ଏବଂ ଶାଶ୍ୱତର ସୃଜନଶୀଳ ଚକ୍ଷୁ ।''

ପୁନଶ୍ଚ ସେ କହନ୍ତି –

"In absolute silence sleeps an absolute Power."

(Savitri, p. 311)

''ପରମ ନୀରବତା ମଧ୍ୟରେ ନିଦ୍ରିତ ଥାଏ ଏକ ପରମା ଶକ୍ତି ।''

ସେହି ପରମା ଶକ୍ତିହିଁ ସ୍ୱୟଂ ଦିବ୍ୟଜନନୀ । ସେହିଁ ସକଳ ବିଶ୍ୱର ଜନନୀ, ସକଳ ଆତ୍ମା, – "A wonderful Mother of unnumbered souls." । ଶ୍ରୀଅରବିନ୍ଦ ସ୍ପଷ୍ଟ ଭାବରେ କହିଛନ୍ତି –

"She is the golden bridge, the wonderful fire.
The luminous heart of the Unknown is she,
A power of silence in the depths of God;
She is the Force, the inevitable Word,"

(Savitri, p. 314)

''ସ୍ୱର୍ଣ୍ଣମୟ ସେତୁ ସେ ଯେ, ବହ୍ନି ଅନୁପମ
ସେ ଯେ ଅଜ୍ଞାତର ହୃଦ ଜ୍ୟୋତିର୍ମୟ,
ବିଧାତାର ମୂକ ଗର୍ଭେ ବୀର୍ଯ୍ୟ ନୈଃଶବ୍ଦର;
ସେ ଯେ ପରାଶକ୍ତି, ମହାକାବ୍ୟ ଅନାହତ,''

ଶ୍ରୀଅରବିନ୍ଦଙ୍କ ଭାଷାରେ :

"The silent and the active Brahman are not different, opposite and irreconcilable entities,... they are one Brahman in two aspects, positive and negative,... It is out of this Silence that the Word which creates the worlds for ever proceeds; for the Word expresses that which is self-hidden in the Silence."

(CWSA, Vol. 21, p. 30-31)

ଅର୍ଥାତ୍, ''ନିଷ୍କ୍ରିୟ ଓ ସକ୍ରିୟ ବ୍ରହ୍ମ ପରସ୍ପରଠାରୁ ଭିନ୍ନ ନୁହେଁ, ପରସ୍ପରର ବିପରୀତ ନୁହେଁ କିଂବା ଅସାମଞ୍ଜସ୍ୟ ସତ୍ତା ନୁହଁନ୍ତି... ଉଭୟେ ହେଉଛନ୍ତି ଏକ ବ୍ରହ୍ମର ଦୁଇଟି ବିଭାବ – ଭାବାତ୍ମକ ଓ ଅଭାବାତ୍ମକ,... ଯେଉଁ ଶବ୍ଦରୁ ବିଶ୍ୱଭୁବନଗୁଡ଼ିକର ସୃଷ୍ଟି ହୋଇଛି ତାହା ଏହି ନୀରବତାରୁ ଜାତ ହୋଇଛି; କାରଣ ନୀରବତା ଭିତରେ ଯାହା ନିଜକୁ ଲୁଚାଇ ରଖିଛି, ଶବ୍ଦ ତାହାକୁହିଁ ପ୍ରକାଶ କରୁଛି ।''

ଚେତନା ଓ ଶକ୍ତି ପରି ନିଷ୍କ୍ରିୟ ଓ ସକ୍ରିୟ ବ୍ରହ୍ମ ଏକ ଓ

ଅଭିନ୍ନ । ଶ୍ରୀମଦ୍ ଭଗବଦ୍ ଗୀତାରେ ସ୍ୱୟଂ ବାସୁଦେବ କହନ୍ତି – 'ମୌନଂ ଚୈବାସ୍ମି ଗୁହ୍ୟାନାମ୍'– ଅର୍ଥାତ୍, 'ମୁଁ ହିଁ ସେହି ଗୁହ୍ୟ ଜ୍ଞାନ ମଧ୍ୟରେ ନୀରବତା' ।

ସେହି ନୀରବତାହିଁ ସକଳ ବିଶ୍ୱର ଜନନୀ, ପରମାଶକ୍ତିଙ୍କର ଆରୋଗ୍ୟକାରୀ ଶକ୍ତି, ଅମର ଶବ୍ଦର ଆଧାର । ସେହି ନୀରବତା ସର୍ବତ୍ର ବିଦ୍ୟମାନ । ସୂର୍ଯ୍ୟର ଆଲୋକ, ଅଗ୍ନିର ତେଜ, ଜଳର ଶୀତଳତା, ଫୁଲର ମଧୁରତା, ଶିଶୁର ହସ, ପକ୍ଷୀର କାକଳୀ ସବୁରି ଭିତରେ ନୀରବତା ପ୍ରକାଶିତ । ପ୍ରକୃତିର ପ୍ରତିଟି ଛନ୍ଦରେ ନୀରବତା କଥା କହେ । ସାଧନାର ମୂଳଭିତ୍ତି ହେଉଛି ନୀରବତା । ସେଥିପାଇଁ ଶ୍ରୀଅରବିନ୍ଦ ତାଙ୍କର 'The Silence' କବିତାରେ ଲେଖିଛନ୍ତି –

"Into the Silence, into the Silence,
Arise, O Spirit immortal,"...

(CWSA, Vol. 2, p. 581)

ଅର୍ଥାତ୍,

''ହେ ଅମର ଆତ୍ମା ! ଜାଗ୍ରତ୍ ହୁଅ,
ସେହି ନୀରବତା ମଧ୍ୟକୁ ଉଠିଯାଅ,''...

ସକଳ ତପଃ ଶକ୍ତିକୁ ଆଧାର କରି ପ୍ରକୃତିର କବଳରୁ ମୁକ୍ତ ହୋଇ ସେହି ଅନନ୍ତ ମହାସାଗର ଭିତରକୁ ପ୍ରବେଶ କର ।

ଏହାହିଁ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣ ଯୋଗର ଆରୋହଣ ପଥ । ପୁନଶ୍ଚ 'Beyond the Silence' କବିତାରେ ସେ କହନ୍ତି –

"Out from the Silence, out from the Silence,
Carrying with thee the ineffable Substance,
Carrying with thee the splendour
and wideness,
Ascend, O Spirit immortal."

(CWSA, Vol. 21, p. 30-31)

ଏହାର ମର୍ମାର୍ଥ ହେଲା : ସେହି ନୀରବତା ଭିତରୁ ଉଠିଆସ ହେ ଅମର ଆତ୍ମା ! ସେହି ଅନିର୍ବଚନୀୟ ଐଶ୍ୱର୍ଯ୍ୟ, ମହିମା ଓ ବିସ୍ତୃତିକୁ ବହନ କରି ଏହି ଜଗତକୁ ଉତରି ଆସ ଏବଂ ଏହି ମାନବକୁ ତଥା ଜଗତକୁ ତା'ର ମୂଳ ତତ୍ତ୍ୱରେ ରୂପାନ୍ତର କର । ଏହାହିଁ ହେଉଛି ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ଅସଲ ଉଦ୍ଦେଶ୍ୟ ।

ମାଆ ଓ ଶ୍ରୀଅରବିନ୍ଦ ପ୍ରତିଟି ମାନବାତ୍ମାକୁ ଆହ୍ୱାନ କରିଛନ୍ତି । ହେ ମାନବାତ୍ମା ! ତୁମେ ସେହି ବିଶାଳ ନୀରବତାକୁ ଉଠିଯାଅ । ତୁମ ଭିତରେ ଥିବା ଅନନ୍ତ ଶକ୍ତି ଭଣ୍ଡାରର ଦ୍ୱାର ଖୋଲିଦିଅ । ସତ୍ୟର ସୂର୍ଯ୍ୟ ଜଗତ୍ ଓ ଜୀବନକୁ ଆଲୋକିତ କରୁ । ସେହି ବିଶାଳ ନୀରବତା ମଧ୍ୟରୁ କବିତା, ସଙ୍ଗୀତ, କଳା, ପ୍ରେରଣାଦାୟୀ ଦେବତାମାନେ ଅବତରଣ କରନ୍ତି । ସେହି ନୀରବତାର ଜ୍ଞାନ, ଶକ୍ତି, ଶାନ୍ତି, ପ୍ରେମ ଓ ଆନନ୍ଦ ମଧ୍ୟରେ ବୁଡିଯାଅ ଏବଂ ସେହି ସ୍ଥିତିରେ ଅବସ୍ଥାନ କରି ସକଳ ଐଶ୍ୱର୍ଯ୍ୟକୁ ବହନ କରି ଏହି ବିଶ୍ୱଭୁବନରେ ମୁକ୍ତଭାବେ ବିଚରଣ କର ଏବଂ ଏହି ବିଶ୍ୱକୁ ଉଠାଇ ନିଅ ସେହି ଅମର ଆଲୋକ ଅଭିମୁଖେ । ଭରି ଦିଅ ପ୍ରତିଟି ଛନ୍ଦରେ ସେହି ବିଶାଳ ଶାନ୍ତି ଓ ନୀରବତା ।

ଆମେ ସମସ୍ତେ ସେହି ନୀରବତାକୁ ଆବାହନ କରିବା ଏବଂ ନୀରବତାର କମଳଟି ପ୍ରତ୍ୟେକ ବ୍ୟକ୍ତିର ହୃଦୟରେ ଫୁଟି ଉଠୁ, ଜଗତର କୋଳାହଳକୁ ଶାନ୍ତ କରୁ ବୋଲି ଆମେ ପ୍ରାର୍ଥନା କରିବା । ମା'ଙ୍କ ଭାଷାରେ ଆମେ ପରମ ପ୍ରଭୁଙ୍କୁ ଏପରି ପ୍ରାର୍ଥନା କରିବା :

"Grant that our silence may be filled with Your Presence and that we may be fully conscious of it.

"Grant that we may know that You are our life, our consciousness and our being, and that without You everything is merely illusion."

(CWM, Vol. 16, p. 437)

''ହେ ପ୍ରଭୁ ! ତାହାହିଁ ମଞ୍ଜୁର କର ଯେପରି ଆମର ନୀରବତା ତୁମର ଦିବ୍ୟ ଉପସ୍ଥିତିରେ ଭରି ଉଠୁ ଏବଂ ପୂର୍ଣ୍ଣତଃ ଆମ୍ଭେମାନେ ଏ ସମ୍ପର୍କରେ ସଚେତନ ହୋଇପାରୁ ।

''ହେ ପ୍ରଭୁ ! ତାହାହିଁ ମଞ୍ଜୁର କର ଯେପରି ଆମେ ଜାଣିପାରୁ ଯେ ତୁମେ ଆମର ଜୀବନ, ଆମର ଚେତନା, ଆମର ସତ୍ତା ଏବଂ ତୁମ ବିନା ସବୁକିଛି ଅଳୀକ ମାତ୍ର ।''

(ସମାପ୍ତ)

❑❑❑

ପ୍ରଣାମ ନାରୀଶକ୍ତି (୭) :

# ଆନନ୍ଦିବାଈ ଜୋଶୀ

## ସୂର୍ଯ୍ୟକାନ୍ତି ମହାନ୍ତି

ଆନନ୍ଦିବାଈ ଜୋଶୀଙ୍କ ୧୫୩ତମ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ତାଙ୍କ ଜୀବନୀ ଓ ମହିଳାଙ୍କ ସୁସ୍ଥତା ଉପରେ ପର୍ଯ୍ୟବସିତ ଏକ ଗୁଗୁଲ୍ ଡୁଡୁଲ୍ ସଂସ୍ଥା ଦ୍ୱାରା ନିର୍ମିତ ହିନ୍ଦୀ ଦୂରଦର୍ଶନ ସିରିଏଲ୍ ମହାରାଷ୍ଟ୍ର ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା । ଅଧିକାଂଶଙ୍କ ମତରେ ସେ ହେଉଛନ୍ତି ପାଶ୍ଚାତ୍ୟ ଚିକିତ୍ସା ଶାସ୍ତ୍ରରେ ଡିଗ୍ରୀ ଲାଭ କରିବାରେ ପ୍ରଥମ ଭାରତୀୟ ମହିଳା ।

ଆନନ୍ଦିବାଈ ଜନ୍ମଗ୍ରହଣ କରିଥିଲେ ୧୮୬୫ ମସିହାରେ ମହାରାଷ୍ଟ୍ରର ଥାନେ ଜିଲ୍ଲା କଲ୍ୟାଣରେ ଏକ ରକ୍ଷଣଶୀଳ ଜମିଦାର ହିନ୍ଦୁ ପରିବାରରେ । ସେତେବେଳେ ତାଙ୍କର ନାମ ରଖା ଯାଇଥିଲା ଯମୁନା । ତେବେ ବିବାହ ପରେ ନାମ ପରିବର୍ତ୍ତନ ହୋଇ ଆନନ୍ଦିବାଈ ହୋଇଥିଲା । ମାତ୍ର ନଅବର୍ଷ ବୟସରେ ତାଙ୍କର ବିବାହ ହୋଇଥିଲା ତାଙ୍କଠାରୁ ବୟସରେ କୋଡ଼ିଏ ବର୍ଷ ବଡ଼ ଥିବା ବିପତ୍ନୀକ ଗୋପାଳ ରାଓ ଜୋଶୀଙ୍କ ସହିତ । ଆନନ୍ଦି ଚଉଦ ବର୍ଷ ବୟସରେ ମାତୃତ୍ୱ ଲାଭ କରିଥିଲେ ହେଁ ଜନ୍ମ ହେବାର ମାତ୍ର ଦଶଦିନ ପରେ ତାଙ୍କର ପୁତ୍ର ସନ୍ତାନକୁ ସେ ହରାଇ ଥିଲେ । ତେବେ ସ୍ୱାମୀ ଗୋପାଳଙ୍କର ପ୍ରଗତିଶୀଳ ଚିନ୍ତାଧାରା ପାଇଁ ଆନନ୍ଦିଙ୍କର ପ୍ରବେଶ ହୋଇଥିଲା ଚିକିତ୍ସା ଶାସ୍ତ୍ରର ଶିକ୍ଷା କ୍ଷେତ୍ରରେ । ମାତ୍ର ସେତେବେଳେ ପରାଧୀନ ଭାରତରେ ନାରୀମାନଙ୍କ ପାଇଁ ଏ ପ୍ରକାର ଶିକ୍ଷା ଏକଦମ ବିରଳ ଥିଲା । ସେଥିପାଇଁ ଆନନ୍ଦିଙ୍କର ଜୀବନ ଥିଲା ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ । ସେ ସମୟରେ ଭାରତର କୌଣସି ମହିଳା ଚିକିତ୍ସା ଶାସ୍ତ୍ରକୁ ନିଜ ଜୀବନରେ ବୃତ୍ତି ଭାବରେ ଗ୍ରହଣ କରିବା ଥିଲା ସ୍ୱପ୍ନାତୀତ । ମହିଳାମାନେ କେବଳ ଧାଈ ଭାବରେ କାର୍ଯ୍ୟ କରି ପାରୁଥିଲେ, ଏପରିକି ମାନ୍ଦ୍ରାଜରେ ଡାକ୍ତରୀ ଶିକ୍ଷା ଉପଲବ୍ଧ ଥିଲେ ମଧ୍ୟ ଶିକ୍ଷକମାନେ ଥିଲେ ଅତ୍ୟନ୍ତ ରକ୍ଷଣଶୀଳ । ଏହିପରି ଭାବରେ ଦେଶରେ ମହିଳା ଡାକ୍ତରଙ୍କ ଅଭାବ ଅତ୍ୟନ୍ତ ଉତ୍କଟ ଥିବା ବେଳେ ପୁରୁଷ ଡାକ୍ତରଙ୍କ ସାହାଯ୍ୟ ନେବାକୁ ନାରୀମାନେ ଅସ୍ୱସ୍ତିକର ମନେ କରୁଥିଲେ ।

୧୮୮୦ ମସିହାରେ ଗୋପାଳରାଓ ଏକ ଚିଠି ପଠାଇଥିଲେ ଜଣେ ବିଖ୍ୟାତ ଆମେରିକୀୟ ଧର୍ମ ପ୍ରଚାରକ Royal Wilder ଙ୍କୁ । ଏଥିରେ ସେ ଅନୁରୋଧ କରିଥିଲେ ଆନନ୍ଦିଙ୍କର ସ୍ୱାସ୍ଥ୍ୟ ଶିକ୍ଷା ପାଇଁ କିଛି ଆର୍ଥିକ ସହାୟତା ତଥା ନିଜ ପାଇଁ କିଛି କାର୍ଯ୍ୟର ସୁଯୋଗ ଦେବା ନିମିତ୍ତ । ଏହାର ଉତ୍ତରରେ Wilderଙ୍କର ଏକ ସର୍ତ୍ତ ଥିଲା ଯେ ଜୋଶୀଦ୍ୱୟ ନିଜର ଧର୍ମ ପରିବର୍ତ୍ତନ କରି ଖ୍ରୀଷ୍ଟିଆନ ହେବେ । ତେବେ ଏ ବ୍ରାହ୍ମଣ ଦମ୍ପତ୍ତି ଧର୍ମାନ୍ତରୀକରଣର ଉପଯୋଗିତା ଜାଣିଥିବା ସତ୍ତ୍ୱେ ଏପ୍ରକାର ସର୍ତ୍ତର ଦୃଢ଼ ବିରୋଧ କରିଥିଲେ ଏବଂ ଆନନ୍ଦି ପ୍ରକାଶ କରିଥିଲେ ଯେ ଜଣେ ଇଂରେଜ ପୋଷାକ ପିନ୍ଧିଥିବା ମହିଳାଙ୍କୁ ସ୍ଥାନୀୟ ଲୋକମାନେ କେହି ଅନାନ୍ତି ନାହିଁ କିଂବା ତାଙ୍କ ବିରୋଧରେ ଅପବାଦ ପ୍ରଚାର କରନ୍ତି ନାହିଁ, ଯାହା ହିନ୍ଦୁନାରୀମାନଙ୍କୁ ସମାଜରେ ସମ୍ମୁଖୀନ ହେବାକୁ ପଡ଼ିଥାଏ । ତଥାପି ବି ସେ ନିଜର ଶିକ୍ଷା ପାଇଁ ଏ ପରିସ୍ଥିତିର ମୁକାବିଲା କରିବାକୁ ପ୍ରସ୍ତୁତ ଥିଲେ । ରକ୍ଷଣଶୀଳ ଉଚ୍ଚ ଜାତିର ହିନ୍ଦୁ ସମାଜରେ ସମୁଦ୍ର ପାର ହୋଇ ବିଦେଶକୁ ଯିବାକୁ ପାପ ବୋଲି ବିବେଚନା କରାଯାଉଥିଲା । ତେବେ ଯାହାହେଉ ୧୮୮୩ ମସିହାରେ ଆମେରିକାକୁ ଯିବା କଥା ଶୁଣି ସମାଜର ସମସ୍ତ ସମ୍ପ୍ରଦାୟ ଏହି ଦମ୍ପତିଙ୍କୁ ଘୋର ହଇରାଣ ଓ ଅପମାନିତ କରିବା ଆରମ୍ଭ କରି ଦେଲେ । ଏପରିକି ସେମାନଙ୍କ ଘର ଉପରକୁ ଟେକା ପଥର ଓ ଗୋବର ଆଦି ଫୋପାଡ଼ିବାକୁ ଲାଗିଲେ । ମାତ୍ର ଜୋଶୀଦ୍ୱୟଙ୍କର ଦୃଢ଼ ଇଚ୍ଛାଶକ୍ତି ବଳବତ୍ତର ରହିଲା ।

ସେରାମପୁର କଲେଜ (Bengal)ହଲ୍‌ରେ ଏହି ଅଠର ବର୍ଷିୟା ଆନନ୍ଦିଙ୍କର ବକ୍ତବ୍ୟ ଥିଲା ଯେ ଚିକିତ୍ସା ଶାସ୍ତ୍ର ଅଧ୍ୟୟନ କରିବା ପାଇଁ ସେ ଆମେରିକା ଯାଉଛନ୍ତି । ୟୁରୋପୀୟ ତଥା ସ୍ଥାନୀୟ ମହିଳାମାନେ ପୁରୁଷ ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ହେବାକୁ ସମ୍ପୂର୍ଣ୍ଣ ଭାବେ ଅନିଚ୍ଛୁକ ହେଉଥିବାରୁ ମହିଳା ଡାକ୍ତରଙ୍କର ନିତାନ୍ତ ଆବଶ୍ୟକତା ରହିଛି । ଏହି କାରଣରୁ ସେ ଡାକ୍ତରୀ ଶିକ୍ଷା ପ୍ରତି ନିଜକୁ ପ୍ରସ୍ତୁତ କରୁଛନ୍ତି, ତାହା ସେ ପ୍ରକାଶ କରିଥିଲେ । ଅବଶ୍ୟ ଏଥିପାଇଁ ସେ ସମାଜକୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ କେବେ ବି ନିଜ ଧର୍ମ ପରିବର୍ତ୍ତନ କରି ଖ୍ରୀଷ୍ଟିଆନ ହୋଇଯିବେ ନାହିଁ

ବରଂ ଶିକ୍ଷା ସମାପ୍ତ କରି ଫେରିବା ପରେ ଭାରତରେ ନାରୀମାନଙ୍କ ପାଇଁ ଏକ ମେଡ଼ିକାଲ କଲେଜ ଖୋଲିବାର ଆଶା ରଖିଛନ୍ତି ବୋଲି ଜଣାଇ ଥିଲେ । ଆମେରିକାନ୍ କନସୁଲ୍ ଜେନେରାଲ(American Consul General)ଙ୍କର ଉପସ୍ଥିତିରେ ଆନନ୍ଦିବାଈଙ୍କର ଏ ଭାଷଣ ଶ୍ରୋତାମାନଙ୍କୁ ବହୁ ଭାବରେ ପ୍ରଭାବିତ କରିଥିଲା । ତାଙ୍କ ଜୀବନର ଏ ପ୍ରକାର ମହତ୍ ଉଦ୍ଦେଶ୍ୟ ପାଇଁ ଭାରତର କୋଣ ଅନୁକୋଣରୁ ଆର୍ଥିକ ସାହାଯ୍ୟ ପହଞ୍ଚିବାରେ ଲାଗିଲା । ଏପରିକି ସେ ସମୟର ଭାଇସ୍‌ରୟ Marqness of Ripon ମଧ୍ୟ ଆନନ୍ଦିଙ୍କର ଶିକ୍ଷା ସହାୟତା  ନିମିତ୍ତ ଦୁଇଶହ ଟଙ୍କା ପ୍ରଦାନ କରିଥିଲେ ।

ଆନନ୍ଦିଙ୍କର American Medical Collegeରେ ନାମ ଲେଖା ହୋଇ ନଥିଲେ ସୁଦ୍ଧା ଏହି ସମୟରେ ଜଣେ ଭାରତୀୟ ମହିଳାଙ୍କର ଏ ପ୍ରକାର ମାନସିକ ଦୃଢ଼ତା ବିଷୟରେ Princeton University ପତ୍ରିକାରେ ଏକ ପ୍ରବନ୍ଧ ପ୍ରକାଶିତ ହେବା ପରେ  New Jerseyର ଜନୈକ ମହିଳା ଆନନ୍ଦିଙ୍କର ଶିକ୍ଷା ଯାତ୍ରାରେ ଯଥାସମ୍ଭବ ସହଯୋଗ କରିବାକୁ ଚାହାନ୍ତି ବୋଲି ଜଣାଇଲେ । ଏହାପରେ ଆନନ୍ଦି ଓ ଏହି ମହିଳାଙ୍କ ମଧ୍ୟରେ ସ୍ନେହର ସମ୍ପର୍କ ଅତି ନିବିଡ଼ ହେବାରେ ଲାଗିଲା । ଏପରିକି ଆନନ୍ଦିଙ୍କୁ ଆମେରିକାସ୍ଥିତ ଏ ମହିଳା ନିୟୁୟର୍କରୁ ପାଛୋଟି ନେଇ ନିଜ ଘରେ ରଖିବାର ବ୍ୟବସ୍ଥା କରିଥିଲେ ।

Pennsylvaniaର Women's Medical Collegeର ସୁପରିନ୍‌ଟେଣ୍ଡେଣ୍ଟଙ୍କୁ ଆନନ୍ଦି ଏକ ଦରଖାସ୍ତରେ ଲେଖିଥିଲେ ଯେ ଏହି ଶିକ୍ଷାଲାଭ ପାଇଁ ମୋ ଦେଶରେ ମୋ ଜାତି ଏବଂ ମୋର ବନ୍ଧୁଗଣ ମିଳିତ ଭାବେ ମୋତେ ଘୋର ବିରୋଧ କରିଥିବା ସତ୍ତ୍ୱେ ଦୃଢ଼ ମନୋବଳ ମୋତେ ଆପଣଙ୍କ ଦେଶକୁ ନେଇ ଆସିଛି; ମୋର ଉଦ୍ଦେଶ୍ୟ ହେଉଛି ଅତ୍ୟନ୍ତ ଦୟନୀୟ ଭାବରେ କଷ୍ଟ ପାଉଥିବା ମୋ ଦେଶର ମହିଳାମାନଙ୍କର ସଠିକ ସ୍ୱାସ୍ଥ୍ୟ ଚିକିତ୍ସା କରିବା । ସେମାନଙ୍କର ଅବସ୍ଥା ଏପରି ଯେ ପୁରୁଷ ଡାକ୍ତରଙ୍କ ସାହାଯ୍ୟ ଗ୍ରହଣ କରିବା ଅପେକ୍ଷା ବରଂ ସେମାନେ ମୃତ୍ୟୁ ବରଣ କରିବାକୁ ଶ୍ରେୟ ମଣନ୍ତି ।

ଆହୁରି ମଧ୍ୟ ସେ ପ୍ରକାଶ କରିଥିଲେ, ମାନବିକତାର ସ୍ୱର ମୋ ଭିତରେ ଅଛି ଏବଂ ମୁଁ କେବେ ଅକୃତକାର୍ଯ୍ୟ ହେବି ନାହିଁ । କଷ୍ଟ ପାଉଥିବା ମହିଳାମାନଙ୍କୁ ସାହାଯ୍ୟ କରିବାକୁ ମୋ ଆତ୍ମା ଦୃଢ଼ ପ୍ରତିଜ୍ଞ । ଆନନ୍ଦିଙ୍କର ଏ ବିବୃତି ଥିଲା ହୃଦୟସ୍ପର୍ଶୀ । ଏହା ଶୁଣି କଲେଜର Dean Rachel Bodley ଅଭିଭୂତ ହୋଇଥିଲେ ଏବଂ ଆନନ୍ଦିଙ୍କ ନାମ ଲେଖାଇବାର ବ୍ୟବସ୍ଥା କଲେ । ଏପରିକି ପ୍ରତ୍ୟେକ ମାସରେ ଛଅଶହ ଡଲାରର ଏକ ବୃତ୍ତିର ବି ବ୍ୟବସ୍ଥା କଲେ, ଯାହା ତିନିବର୍ଷ ପାଇଁ ଚାଲୁ ରହିଥିଲା । ଏହିପରି ଆନନ୍ଦିଙ୍କର ଦୃଢ଼ ସଂକଳ୍ପ ଓ ଅଧ୍ୟବସାୟ ଫଳରେ ସେ M. D. ଡିଗ୍ରୀ ଲାଭ କରିବାରେ ସକ୍ଷମ ହୋଇ ପାରିଥିଲେ । ପୁନଶ୍ଚ ସେ ଆର୍ଯ୍ୟ ହିନ୍ଦୁ ମହିଳାଙ୍କୁ ନେଇ ସ୍ତ୍ରୀରୋଗ ବିଶେଷ (Obstetrics) ଉପରେ ଏକ ଉପାଦେୟ ନିବନ୍ଧ (Thesis) ପ୍ରକାଶ ମଧ୍ୟ କରିଥିଲେ ।

ତେବେ ଆନନ୍ଦିଙ୍କ ସହିତ ଅନ୍ୟ ତିନିଜଣ ମହିଳା ମଧ୍ୟ ପାଶ୍ଚାତ୍ୟ ଚିକିତ୍ସା ଶାସ୍ତ୍ରରେ ଡିଗ୍ରୀ ହାସଲ କରିଥିଲେ । ଏମାନେ ହେଲେ ଜାପାନର Kei Okami ଏବଂ ସିରିଆର Tabat Islambooly ଏମାନେ ମଧ୍ୟ ସେମାନଙ୍କ ଦେଶରେ ପ୍ରଥମ ମହିଳା ଡାକ୍ତର ହୋଇଥିଲେ । ୧୮୮୬ ମସିହା ମାର୍ଚ୍ଚ ୧୧ ତାରିଖ ଦିନ ସମାବର୍ତ୍ତନ ଉତ୍ସବରେ ସାତଟି ଭାଷାରେ ଭାଷଣ ଦେଇ ପାରୁଥିବା ଆନନ୍ଦି ଲାଭ କରିଥିଲେ ଏକ ମର୍ଯ୍ୟାଦା ସମ୍ପନ୍ନ ସମ୍ବର୍ଦ୍ଧନା ଏବଂ କଲେଜ ସଭାପତିଙ୍କଠାରୁ ଏକ ଅଭିନନ୍ଦନ ପତ୍ର । ଏଥିରେ ଲେଖା ଥିଲା – ''ମୁଁ କହିବାକୁ ଗର୍ବ ଅନୁଭବ କରୁଛି ଯେ ଏ କଲେଜରେ ଐତିହାସିକ ଆଖ୍ୟାନ ଭାବରେ ଆଜିର ଦିନଟି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଜଣେ ପ୍ରଥମ ଭାରତୀୟ ମହିଳା ମେଡ଼ିସିନ୍‌ରେ ଡିଗ୍ରୀ ଲାଭ କରି ଏ ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି ।''

ଏପରିକି ଡିନ୍‌ଙ୍କଠାରୁ ସନ୍ଦେଶ ପ୍ରାପ୍ତ ହୋଇ ବ୍ରିଟେନର ରାଣୀ ଭିକ୍‌ଟୋରିଆଙ୍କ ଠାରୁ ଆନନ୍ଦି ତାଙ୍କୁ ଉଚ୍ଛ୍ୱସିତ ପ୍ରଶଂସା କରାଯାଇଥିବା ଏକ ଅଭିନନ୍ଦନ ପତ୍ର ଲାଭ କରିଥିଲେ । ଏହାପରେ ଭାରତକୁ ପ୍ରତ୍ୟାବର୍ତ୍ତନ କାଳରେ ଏକୋଇଶ ବର୍ଷିୟା ଆନନ୍ଦି ନିଯୁକ୍ତ ହୋଇଥିଲେ Princely state of Kolhapur ରେ ଥିବା Albert Edward Hospital ଫିମେଲ୍ ୱାର୍ଡ଼ରେ Physician-in-charge ଭାବରେ ।

'କେଶରୀ' ନାମକ ଏକ ମରାଠୀ ଦୈନିକ ସମ୍ବାଦପତ୍ରର ପ୍ରତିଷ୍ଠାତା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଲୋକମାନ୍ୟ ବାଳ ଗଙ୍ଗାଧର ତିଳକ ଆନନ୍ଦିଙ୍କୁ ସାକ୍ଷାତ୍ କରିଥିଲେ ଏବଂ ଏକ ଚିଠିରେ ସେ ଲେଖିଥିଲେ, ''ମୁଁ ଜାଣେ କିପରି ବହୁ ସମସ୍ୟାର ସମ୍ମୁଖୀନ ହେବା ସତ୍ତ୍ୱେ ଆପଣ ବିଦେଶକୁ ଯାଇ କଠିନ ଶ୍ରମ ଓ ଅଧ୍ୟବସାୟ ବଳରେ ମେଡ଼ିକାଲ ଡିଗ୍ରୀ ଲାଭ କଲେ ।

ଆଧୁନିକ ଯୁଗର ଶ୍ରେଷ୍ଠ ମହିଳାମାନଙ୍କ ମଧ୍ୟରେ ଆପଣ ଅନ୍ୟତମ ।''

ତେବେ ସବୁଠାରୁ ଦୁଃଖଦ ସମ୍ବାଦ ଏହି ଯେ ୧୮୮୭ ମସିହା ଫେବ୍ରୁଆରୀ ୨୬ ତାରିଖ ଦିନ ମାତ୍ର ବାଇଶ ବର୍ଷ ବୟସରେ ଯକ୍ଷ୍ମାରେ ପୀଡ଼ିତ ହୋଇ ଆନନ୍ଦି ଇହଲୀଳା ସମ୍ବରଣ କଲେ । ଏହା ସହିତ ପ୍ରତିଷ୍ଠା କରିବାକୁ ଥିବା ତାଙ୍କର ସ୍ୱପ୍ନର ମେଡ଼ିକାଲ କଲେଜ ଭାଙ୍ଗିରୁଜି ଚୁରମାର୍ ହୋଇଗଲା । ଏଥିରେ ତାଙ୍କର ପ୍ରଗତିଶୀଳ ଚିନ୍ତାଧାରା ଥିବା ସ୍ୱାମୀ ଗୋପାଳ ରାଓ ଅତ୍ୟନ୍ତ ଦୁଃଖରେ ମ୍ରିୟମାଣ ହୋଇଥିଲେ ।

ଏହିପରି ଭାବରେ ଏକ ଚମତ୍କାର ଓ ଅସାଧାରଣ ଜୀବନର ଆକସ୍ମିକ ପରିସମାପ୍ତି ଘଟିଥିଲା । ମାତ୍ର ଏହା ଯୁଗ ଯୁଗ ଧରି ଅବିସ୍ମରଣୀୟ ହୋଇ ରହିବ କିପରି ରକ୍ଷଣଶୀଳ ହିନ୍ଦୁ ବ୍ରାହ୍ମଣ ପରିବାରର ଜଣେ ମହିଳା ଏକ ଜାତି ଓ ସମ୍ପ୍ରଦାୟର ବୃହତ୍ତର ଓ ମହତ୍ତର ଉଦ୍ଦେଶ୍ୟ ପୂରଣ ପାଇଁ ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରି ବିଦେଶରେ ଚିକିତ୍ସା ଶାସ୍ତ୍ର ଅଧ୍ୟୟନ କରି ପାରିଥିଲେ । ଏହା ଯୁଗ ଯୁଗର ପିଢ଼ି ପିଢ଼ି ଧରି ସମାଜରେ ପ୍ରେରଣାର ସ୍ରୋତ ହୋଇ ବୋହି ଚାଲିଥିବ ।

ଏ ବିଷୟରେ ନିଉୟର୍କର Poughkeepsieରେ ଥିବା ଏକ ସମାଧି ସ୍ଥାନରେ ଲେଖାଅଛି ଯେ – ''ଆନନ୍ଦି ବାଇ ଜୋଶୀ (୧୮୬୫-୧୮୮୭) – ନାରୀ ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରଥମ ପଥ ପ୍ରଦର୍ଶକ ଏବଂ ଭାରତର ପ୍ରଥମ ବ୍ରାହ୍ମଣ ମହିଳା, ଯିଏ ଭାରତରୁ ଆସିଥିଲେ ଶିକ୍ଷାଲାଭ କରିବା ପାଇଁ ।''

ଏହି ମହାନ୍ ବ୍ୟକ୍ତିତ୍ୱଙ୍କୁ ଏ ଜାତିର କୋଟି କୋଟି ପ୍ରଣାମ ।

(ତଥ୍ୟସବୁ Internet ରୁ ସଂଗୃହୀତ ।)

❑❑❑

# ହେ ନିତ୍ୟ ନୂତନ !

## ଝରଣା ଘୋଷାଲ

ହେ ନିତ୍ୟ ନୂତନ !
ସୂର୍ଯ୍ୟୋଦୟର ବର୍ଣ୍ଣମୟ ଅନନ୍ତ ସମ୍ଭାବନା ନେଇ
ଅବତରି ଆସ ଆମର ଏଇ ସରାଗସିକ୍ତ
ଧରଣୀର ଶ୍ୟାମଳ ଉର୍ବର ଉପତ୍ୟକାରେ ।
ତୁମ ଆଗମନର କମନୀୟ ପେଲବ ଅନୁଭୂତି
ମଞ୍ଜରିତ ହେଉ ବ୍ୟାପ୍ତ ଏଇ ବିଶ୍ୱ ଚରାଚରେ ।

ବିପନ୍ନ ପୃଥିବୀର ପ୍ରତିଟି ଜୀବନର
ଧ୍ୱନି ପ୍ରତିଧ୍ୱନିରେ ପ୍ରମୂର୍ତ୍ତ ହେଉ
ଓଁକାରର ମୁଗ୍ଧ ମନ୍ମୟତା –
ପରିସ୍ଥିତିକୁ ମୁକାବିଲା କରିବାର ଦୃଢ଼ତା
ପାଣି ପରି, ନିଃଶ୍ୱାସ ପରି, ସ୍ପର୍ଶ ପରି
ସଞ୍ଚାରିତ ହୋଇଯାଉ
ଧମନୀର ପ୍ରତିଟି ଶିରା ଉପଶିରାରେ
ଦିବ୍ୟ ଆଲୋକର ସ୍ନିଗ୍ଧ ଉଜ୍ଜ୍ୱଳ ଆଭା ।

ପୋଛି ଦେଉ ଅନ୍ଧାରର କାଳି ଓ କଳୁଷ
ପ୍ରଗାଢ଼ ଅନୁଭବର ନିବିଡ଼ ଅନୁଭବରେ
ସାକାର ହେଉ ମନର ମାନଚିତ୍ର
ହଜିଯାଉ ବିଦ୍ୱେଷ, ପରଶ୍ରୀକାତରତା ।

ଜନ୍ମ-ଜନ୍ମାନ୍ତରର ଆକୁଳ ପ୍ରତୀକ୍ଷାର ଆବେଦନରେ
ଭଗୀରଥର ତପସ୍ୟା ସାର୍ଥକ ହେଉ
ସ୍ୱର୍ଗରୁ ମନ୍ଦାକିନୀର ଧରାବତରଣ,
ଧୋଇ ଦେଉ ଧରଣୀର ଯନ୍ତ୍ରଣା ଜର୍ଜର ବ୍ୟଥା
ପଲ୍ଲବିତ ଓ ପୁଷ୍ପିତ ହୋଇଉଠୁ
ପ୍ରତିଟି ମାନବର ଦିନ, ପ୍ରତିଦିନ
ହେ ନିତ୍ୟ ନୂତନ ! ତୁମ ଉପସ୍ଥିତି
ଭରି ଦେଉ ପ୍ରଗତିର ସ୍ୱପ୍ନ ।

ପ୍ରତିଟି ମୁହୂର୍ତ୍ତ ତୁମ ପାଦେ ସମର୍ପିତ
ତୁମକୁ ଆମ ହୃଦୟର ଶ୍ରଦ୍ଧାପୂର୍ଣ୍ଣ
ବିନମ୍ର ପ୍ରଣାମ । ❑

# ମୁଁ ଯେଉଁ ଦୃଶ୍ୟ ଦେଖିଥିଲି

## କେ. ଅମୃତ

ପ୍ରଥମ ଥର ଶ୍ରୀଅରବିନ୍ଦଙ୍କ ଗୃହକୁ ଯିବା ପାଇଁ ମୁଁ ଏକ ଲମ୍ବା ବାରଣ୍ଡା ଦେଇ ତଳେ ଥିବା ଏକ ବିସ୍ତୃତ ପ୍ରାଙ୍ଗଣକୁ ନ ଦେଖିପାରି ପ୍ରଥମ ମହଲାରେ ଉପସ୍ଥିତ ହୋଇଥିଲି । ସେଠାରେ ବଡ଼ ବଡ଼ ଝରକା ମଧ୍ୟ ଦେଇ ଦକ୍ଷିଣ ଦିଗରେ ଥିବା ସୁଦୂର ପ୍ରସାରୀ ଦୃଶ୍ୟ ସବୁ ଦେଖା ଯାଉଥିଲା... ସବୁଆଡ଼ ଖୋଲା ଥିଲା ଏବଂ ପ୍ରତ୍ୟେକ ଜିନିଷ ଉପରେ ଦିବ୍ୟ-ଆଲୋକ ବିଚ୍ଛୁରିତ ହୋଇ ପଡୁଥିଲା । ସବୁଆଡ଼ ଖାଲି ଆଲୋକ ଓ ଆଲୋକ, ଆଉ କିଛି ନୁହେଁ... ସେହି ଆଲୋକରେ କିଛି ହେଲେ ଅପ୍ରକଟ ହୋଇ ନଥିଲା... ଏପରିକି କୌଣସି ଦାଗ ମଧ୍ୟ ସେହି ଆଲୋକ ଠାରୁ ଲୁଚି ପାରି ନଥିଲା । ମୋର ହୃଦୟ ମଧ୍ୟ ଅଜ୍ଞାତସାରରେ ଲୁଚି ପାରି ନଥିଲା, ସେଠାରେ କୌଣସି ଦରଜା ନଥିଲା ବନ୍ଦ କରିବାକୁ କିମ୍ବା କିଛି ଲୁଚେଇ ଦେବାକୁ । ତାହା ସମସ୍ତ ବିଶୃଙ୍ଖଳା କିଂବା ଜଟିଳତାରୁ ମୁକ୍ତ ଥିଲା । ନିରବଚ୍ଛିନ୍ନ ଉଲ୍ଲାସରେ ହୃଦୟ ମୋର ବିଗଳିତ ହେଉଥିଲା ! ମୁଁ ଏହିପରି ଅବସ୍ଥାରେ ଥିଲି ଏବଂ ଶ୍ରୀଅରବିନ୍ଦ ସେଠାରେ ଠିଆ ହୋଇଥିଲେ, ତାଙ୍କର ଚକ୍ଷୁ ଦକ୍ଷିଣାଭିମୁଖ ହୋଇ କିଛି ସ୍ଥିର ଦୃଷ୍ଟିରେ ନିରୀକ୍ଷଣ କରୁଥିଲା ... ତାଙ୍କର କମନୀୟ ପାଦ ଯୁଗଳ ମୋ ଆଖିରେ ଦୁଇଟି ଲାଲ ପଦ୍ମ ପରି ପ୍ରତୀୟମାନ ହେଉଥିଲା । ତାଙ୍କ କେଶର କିଛି ଅଂଶ ଛାତି ଉପରେ ପଡ଼ିଥିଲା ଏବଂ ଅନ୍ୟ କିଛି ଅଂଶ ପିଠି ଉପରେ ପଡ଼ିଥିଲା । ସେହି କେଶଗୁଡ଼ିକ ସ୍ନାନ ପରେ କିଛି ଓଦା ଥିଲା ଏବଂ ସେହି ଓଦା କେଶରୁ ବିନ୍ଦୁ ବିନ୍ଦୁ ହୋଇ ପାଣି ତଳେ ପଡୁଥିଲା । ତାଙ୍କର ନିରାବରଣ ମୁକ୍ତ ବିସ୍ତୃତ ବକ୍ଷସ୍ଥଳ ଅତ୍ୟନ୍ତ ମନୋମୁଗ୍ଧକର ଦେଖା ଯାଉଥିଲା । ତାଙ୍କର ସେହି ସ୍ୱର୍ଗୀୟ ସ୍ଥିର ଦୃଷ୍ଟି ତଥାପି ମୋ ଆଡ଼କୁ ଘୁରି ଦେଖି ନଥିଲା ।...

ବିଜୟକାନ୍ତ ପ୍ରଥମେ ଉଠିଗଲେ, ମୁଁ ତାଙ୍କୁ ଅନୁସରଣ କରି ସେହି ଲମ୍ବା ବାରଣ୍ଡାର ଶେଷ ପ୍ରାନ୍ତରେ ପହଞ୍ଚିଗଲି । ମୁଁ ଠିକ୍ ସେଠି ଠିଆ ହେବା ମାତ୍ରେ ଶ୍ରୀଅରବିନ୍ଦ, ଯିଏକି ମୋ ଠାରୁ ମାତ୍ର ୨୦ ଫୁଟ ଦୂରରେ ଥିଲେ, ହଠାତ୍ ମୋ ଆଡ଼କୁ ତାଙ୍କର ଚକ୍ଷୁ ଫେରାଇଲେ । ମୁଁ ତାଙ୍କ ନିକଟକୁ ଚାଲି କରି ଗଲି କି ଲମ୍ଫ ମାରି ତାଙ୍କ ପାଖକୁ ଗଲି ତାହା ମନେ ନାହିଁ । ମୋର ଯାହା ସ୍ମରଣ ଅଛି, ହଠାତ୍ ମୋ ଭିତରର ସବୁଆଡ଼େ ଯେପରି ଏକ ପ୍ରଦୀପ ଜଳି ଉଠିଲା । ମୁଁ ସ୍ୱତଃସ୍ଫୂର୍ତ୍ତ ଓ ସ୍ୱେଚ୍ଛା ପ୍ରଣୋଦିତ ହୋଇ ମୋ ସାମନାରେ ଏକ ତୀବ୍ର ସ୍ୱର୍ଗୀୟ ସୌନ୍ଦର୍ଯ୍ୟର ଚଳନ ଦେଖିବାକୁ ପାଇଲି । ମୋର ସତ୍ତା ଅଜାଣତରେ ଯେପରି ଏକ ନିରବ, ନିଶ୍ଚଳ ସମୁଦ୍ର ଭିତରେ ସନ୍ତରଣ କରିବାକୁ ଲାଗିଲା । ସଙ୍ଗେ ସଙ୍ଗେ ମୋର ସତ୍ତା ଶ୍ରୀଅରବିନ୍ଦଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରିବାକୁ ତାଙ୍କ ପାଦପଦ୍ମରେ ପଡ଼ିଗଲା । ସେତେବେଳେ ମୋର ସତ୍ତା ପଦେ ବି ଉଚ୍ଚାରଣ କରି ନାହିଁ, — ''ଏହା ମୋର ଆଶ୍ରୟସ୍ଥଳ, ଏହା ମୋର ଆଶ୍ରୟସ୍ଥଳ'' ବୋଲି ।

କିନ୍ତୁ ମୋର ଶରୀର, ମନ ଓ ପ୍ରାଣ ଏକ ହୋଇ ଶ୍ରୀଅରବିନ୍ଦଙ୍କ ଚରଣ ତଳେ ପଡ଼ି ରହିଲା । ଶ୍ରୀଅରବିନ୍ଦ ତାଙ୍କର ପୁଷ୍ପସମ ହସ୍ତରେ ମୋତେ ସ୍ପର୍ଶ କଲେ ଏବଂ ଠିଆ କରାଇଲେ । ଶ୍ରୀଅରବିନ୍ଦ ଯେଉଁ ପାନୀୟ ମୋତେ ଦେଲେ, ମୁଁ ତାକୁ ପାନ କଲି । ସେହି ସ୍ୱର୍ଗୀୟ ଦୃଶ୍ୟ ଏପର୍ଯ୍ୟନ୍ତ ବି ମୋର ପୂରାପୂରି ସେହିପରି ଭାବେ ସ୍ମରଣ ରହିଛି । ମୁଁ ଜାଣେ ନାହିଁ ଶ୍ରୀଅରବିନ୍ଦଙ୍କୁ ଆଲିଙ୍ଗନ କରିବା ବେଳେ ମୁଁ କାହିଁକି କଇଁ କଇଁ ହୋଇ କାନ୍ଦି ଉଠିଲି । ମୋର ଦୁଇ ଚକ୍ଷୁରୁ ଲୋତକ ଧାରା ବହି ଚାଲିଲା । ତାହା କ'ଣ ଆନନ୍ଦ, ଉଲ୍ଲାସର ଲୁହ ଯେଉଁଥିରୁ ମୁଁ ଏକ ସ୍ୱର୍ଗୀୟ ଇନ୍ଦ୍ରଲୋକର ଆନନ୍ଦ ପାଇଥିଲି କିଂବା ତାହା ମୋର ଅହଂର ଅନୁଶୋଚନା — ଯାହାର ଅନ୍ତ ଆସନ୍ନ ? ମୁଁ କହି ପାରୁନି । ଭକ୍ତି ହେଉଛି ଏକ ଦିବ୍ୟ ସ୍ୱର୍ଗୀୟ ଉପାର୍ଜିତ ବିଦ୍ୟା, ଏକ ଆଶ୍ଚର୍ଯ୍ୟଜନକ, ବିସ୍ମୟକର ବିଷୟ । ଭଗବତ୍ କୃପା ବିନା ଏହି ଭକ୍ତିର ଜନ୍ମ ହୋଇପାରେ ନାହିଁ । ଯେତେବେଳେ ଜଣକର ହୃଦୟ ଏହି ସର୍ବସିଦ୍ଧାନ୍ତ କୃପା ଦ୍ୱାରା ନିଦ୍ରାରୁ ଜାଗ୍ରତ୍ ହୁଏ, ଠିକ୍ ସେତିକିବେଳେ ସେ ଏହି ବିପୁଳ କୃପା ଓ କରୁଣାକୁ ଦର୍ଶନ କରିପାରେ । ଏହି ଦୃଶ୍ୟ ଦେଖିବା ଅତ୍ୟନ୍ତ ଆହ୍ଲାଦଜନକ ହୋଇଥାଏ । ଜଣେ ସେତେବେଳେ କେବଳ ଜୀବନରେ ପ୍ରଭୁଙ୍କର ସାର୍ବଜନୀନ ବିପୁଳତା ଏବଂ ଲୋକୋତ୍ତର ମର୍ଯ୍ୟାଦାକୁ ଦର୍ଶନ କରିବାର ସୁଯୋଗ ଲାଭ କରେ । ସେ ତତ୍କ୍ଷଣାତ୍ ଜାଣିପାରେ କିପରି ଭାବେ ଏହି ତିନି ସ୍ୱର୍ଗୀୟ ବାତାବରଣରେ ବଞ୍ଚିବାକୁ ପଡ଼େ ।

*(ଅବଶିଷ୍ଟାଂଶ ପୃଷ୍ଠା ୩୬ରେ ଦେଖନ୍ତୁ)*

# ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ଭଗବାନ୍ ଶିବ

## ଦେବଦତ୍ତ

ଶିବତତ୍ତ୍ୱକୁ ଚିନ୍ତନ ଓ ଅଭୀପ୍ସା କରିବା ଦ୍ୱାରା ଆଜି ଯାହାକିଛିର ସୃଷ୍ଟି ହୋଇଛି ସେସବୁର ସହଜ ସମାବେଶ ଏଠାରେ କରାଯାଇଛି । ଶିବତତ୍ତ୍ୱ ଯେ କେବଳ ବିନାଶ ପାଇଁ ସୃଷ୍ଟ, ତା' ନୁହେଁ; ଏହି କଳ୍ପନାଶାସ୍ତ୍ର ସତ୍ୟର ଏକ କ୍ଷୁଦ୍ର ଅଂଶକୁ ଆଧ୍ୟାତ୍ମିକ ଦୃଷ୍ଟି ଦ୍ୱାରା ପ୍ରକଟିତ କରିଥାଏ । ଏଥିପାଇଁ ଶ୍ରୀଅରବିନ୍ଦ ଏହାକୁ ଏଭଳି ଭାବରେ ବୁଝାଇବାକୁ ଚେଷ୍ଟା କରିଛନ୍ତି ଯେ ବ୍ରହ୍ମା ଅମର ଓ ବିଷ୍ଣୁ ସନାତନ ଏବଂ ଶିବ ଅନନ୍ତ ।

ଏହି ଆନନ୍ତ୍ୟର ଛନ୍ଦ, ଉଲ୍ଲାସ, ଆବେଶ ଏବଂ ଧ୍ୟାନ ଯେତେବେଳେ ଆଧ୍ୟାତ୍ମିକତାର ମନ୍ତ୍ରଦ୍ରଷ୍ଟାଙ୍କୁ ସାମାନ୍ୟ ଟିକିଏ ଝଲକ ମାତ୍ର ଦେଖାଇଦିଏ, ସେତେବେଳେ ସେ ଶିବଙ୍କର ବିଭିନ୍ନ ମୂର୍ତ୍ତିମାନଙ୍କରେ କୌଣସିଠାରେ ଦର୍ଶନ, ସ୍ପର୍ଶ ବା ଅନୁଭବ ପ୍ରାପ୍ତ ହୁଅନ୍ତି; ଏଥିପାଇଁ ଅଭୀପ୍ସା ଓ ତପସ୍ୟାର ଶକ୍ତି ମଧ୍ୟ ଶିବଙ୍କଠାରୁ ତାଙ୍କୁ ପ୍ରାପ୍ତ ହୋଇଥାଏ । ଏଇ ଶକ୍ତି ଅସହାୟ ଭକ୍ତ ଆଗରେ ଆଶୁତୋଷ ରୂପେ ପ୍ରକଟ ହୁଅନ୍ତି ।

ଶିବଙ୍କର ଏହି ତପୋମୟ, ଛନ୍ଦୋମୟ ଧ୍ୟାନମୂର୍ତ୍ତିରୁ ନୃତ୍ୟର ବିକାଶ ହୋଇଥାଏ । ସେ ନଟରାଜ ହୋଇଉଠନ୍ତି । ସଂପୂର୍ଣ୍ଣ ବ୍ରହ୍ମାଣ୍ଡରେ ସର୍ବେଶ୍ୱରଙ୍କର ଲୀଳାର ଉଚ୍ଛ୍ୱାସ ତାଙ୍କର ଅଙ୍ଗପ୍ରତ୍ୟଙ୍ଗରେ ତରଙ୍ଗାୟିତ ହୋଇ ଫୁଟିଉଠେ । ଏଇ ନଟରାଜଙ୍କ ନିକଟରୁ ସମୁଦାୟ ନିୟମ, ବ୍ୟାକରଣର ବିଧିସବୁ ଆରମ୍ଭ ହୋଇଛି । ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ନଟରାଜ ସଂହାର-କର୍ତ୍ତା ହେଲେହେଁ କେବଳ ନିଜର ବୈଭବବଶତଃ ସେ ଶକ୍ତି, ଶାନ୍ତି, ସଂଯମ ଏବଂ ଐଶ୍ୱର୍ଯ୍ୟର ପ୍ରକାଶରେ ଯେ ସର୍ବୋତ୍ତମ — ସେତିକି ନୁହନ୍ତି, ସେ ସମୟ ଏବଂ ସ୍ଥିତିର ଆଧ୍ୟାତ୍ମିକ ଅତିକ୍ରମଣର ପ୍ରତୀକ ମଧ୍ୟ ।

ନଟରାଜଙ୍କ ନୃତ୍ୟରେ ବ୍ରହ୍ମାଣ୍ଡର ଛନ୍ଦ, ଅଭିବ୍ୟକ୍ତିର ରହସ୍ୟ ଲୁକ୍କାୟିତ ହୋଇଛି ।  ଭଗବାନ୍ ଶିବ ଯେତେବେଳେ ତାଣ୍ଡବ ନୃତ୍ୟ କରନ୍ତି, ସେତେବେଳେ ସେ ଏକାକୀ ନ ଥା'ନ୍ତି ବରଂ ସୃଷ୍ଟିର ବିକାଶ ଦିଗରେ ଯେତେ ଶକ୍ତି ସମ୍ମିଳିତ ଭାବେ କାର୍ଯ୍ୟରତ, ସେମାନେ ସମସ୍ତେ ସେଥିରେ ଯୋଗଦାନ କରନ୍ତି । ଏହି ସମସ୍ତ ଦେବାଦେବୀ ଏବଂ ସେମାନଙ୍କର ବାଦ୍ୟଗୁଡ଼ିକର ଅର୍ଥ ଏବଂ ତାତ୍ପର୍ଯ୍ୟ ଅଛି । ସ୍ଥୂଳ ରୂପରେ ଶିବତାଣ୍ଡବରେ ଶିବ ଏକାକୀ ବୋଲି ପ୍ରତୀତ ହୁଅନ୍ତି, କିନ୍ତୁ ନୃତ୍ୟରେ ସବୁ ଈଶ୍ୱରୀୟ ଶକ୍ତିଙ୍କର ଯୋଗଦାନ ରହିଥାଏ । ଆଜି ମଧ୍ୟ ଯଦି ଚିଦାମ୍ବରମ୍‌ର ମନ୍ଦିର ଆଡ଼କୁ ଦୃଷ୍ଟି ଦିଆଯାଏ ତେବେ ଆମେ ଦେଖିବା ନଟରାଜଙ୍କୁ ଘେରି ପାଞ୍ଚଟି ପ୍ରାକାର (ପାଚେରି) ରହିଛି, ନଟରାଜ ନିଜେ ସେସବୁ ଭିତରେ ଅବସ୍ଥିତ । ମୂଳତଃ ସେ ପଞ୍ଚମହାଭୂତ ଏବଂ ପଞ୍ଚ-ମହାପ୍ରାଣର ଅନ୍ତରରେ ଅବସ୍ଥିତ । ଚିଦାମ୍ବରମ୍‌ରେ ତାଙ୍କର ସ୍ୱରୂପ 'ଆକାଶ' ଅର୍ଥାତ୍ ଯେଉଁଠାରେ କି ଅନ୍ୟ କିଛିର ଅବକାଶ ନାହିଁ ଅଥଚ ସେଇ ଆକାଶହିଁ ପଞ୍ଚଭୂତର ପ୍ରାଣ । ସେ ମଧ୍ୟ ସର୍ବାନ୍ତରାତ୍ମା ଏବଂ ସର୍ବଭୂତ ନିବାସୀ । ଏଠାରେ ନଟରାଜଙ୍କର ଶକ୍ତିସ୍ୱରୂପା ନାଟ୍ୟେଶ୍ୱରୀ ମଧ୍ୟ ବିଦ୍ୟମାନା ।

ନଟରାଜ ଏବଂ ନାଟ୍ୟେଶ୍ୱରୀ ଏହି ଆଧ୍ୟାତ୍ମିକ ଆନ୍ତର ଯାତ୍ରାର ସାକ୍ଷୀସ୍ୱରୂପ, ଏହି ତାଣ୍ଡବନୃତ୍ୟର ସହଯୋଗୀ ଦେବତାଗଣ ଆକାଶରେ ଅଛନ୍ତି । ଏମାନଙ୍କ ସହ ସଂଗୀତର ଆଦ୍ୟପ୍ରବର୍ତ୍ତକ ତୁମ୍ବୁରୁ ଏବଂ ଦେବକଥାର ଗାୟକ ନାରଦ ବି ଥାଆନ୍ତି । ଏହା ସଂଗୀତ, ବ୍ୟାକରଣ ଏବଂ ନୃତ୍ୟର ତ୍ରିବେଣୀ-ସଂଗମ ଏବଂ କୁଣ୍ଡଳିନୀର ଜାଗରଣରେ ପ୍ରତ୍ୟୁଷ ବେଳାରେ ଇଡ଼ା, ପିଙ୍ଗଳା ତଥା ସୁଷୁମ୍ନାର ଲୀଳା-ବିଳାସକୁ ଅଭିବ୍ୟକ୍ତ କରନ୍ତି ।

ଏହି ଧରାଧାମ ଉପରେ ଚିଦାମ୍ବରମ୍‌ର ଈଶ୍ୱର ସ୍ୱୟଂ ଶିବ-ତତ୍ତ୍ୱାର୍ଥ-ସାଧକର ପ୍ରତୀକ । ମହର୍ଷି ବ୍ୟାଘ୍ରପାଦ ଯେତେବେଳେ ଶିବଙ୍କଠାରୁ ବ୍ୟାକରଣ ତତ୍ତ୍ୱକୁ ଗ୍ରହଣ କଲେ, ସେତେବେଳେ ଏହି ମାହେଶ୍ୱର ସୂତ୍ରର ପରମ୍ପରାର ସଂବାହକ ହେଲେ ପାଣିନି । ଏଠାରେ ଯେତେଦୂର କାଳାନ୍ତରାଳର ମହତ୍ତ୍ୱ ନାହିଁ, ତା'ଠାରୁ ଅଧିକ ମହତ୍ତ୍ୱ ଅଛି କାଳଜୟୀ ପରାତ୍ପର ତତ୍ତ୍ୱର । ଶିବଙ୍କର ନୃତ୍ୟ ସନାତନ, ଯେଉଁଥିରୁ ଜୀବନ-ମୃତ୍ୟୁର ଛନ୍ଦର ଆଭାସ ମିଳେ; ତା' ସହିତ ଦୈନନ୍ଦିନ ଜୀବନଚର୍ଯ୍ୟାର ମୂଳଭିତ୍ତି ମଧ୍ୟ ପ୍ରତିବିମ୍ବିତ ହେଉଥାଏ । ନଟରାଜ ନୃତ୍ୟରେ ବିଜ୍ଞାନ ଏବଂ ଆଧ୍ୟାତ୍ମିକତା ଦୁଇଟିଯାକ ଏକତ୍ର ସମାବିଷ୍ଟ ହୋଇଛନ୍ତି । ତାଙ୍କର ଡାହାଣ ହାତର ଉପରକୁ ଉଠିଥିବା ଡମ୍ବରୁ ହୃଦୟର ଅନାହତ ନାଦର ପ୍ରତୀକ । ବାମ ହାତର ଜ୍ୱାଳା-ଅଗ୍ନି ଶୁଦ୍ଧି ଏବଂ ପରିବର୍ତ୍ତନର ପ୍ରତୀକ ଏବଂ ଏହାର ସମାନୁପାତର ଠିକ୍ ମଝିରେ ସ୍ଥିତ ଶିବଙ୍କର ମସ୍ତକ ଶାନ୍ତ,

ଅନାସକ୍ତ ହୋଇ ମଧ କରୁଣା, କୃପା ଓ ଅନୁଗ୍ରହ ଦ୍ୱାରା ଓତପ୍ରୋତ । ଦ୍ୱିତୀୟ ଦକ୍ଷିଣ ହସ୍ତ ଅଭୟ ମୁଦ୍ରାରେ ଅଛି ଯାହା ସ୍ଥିତି, ଶାନ୍ତି ଏବଂ ରକ୍ଷାର ପ୍ରତୀକ ଅଟେ । ଦ୍ୱିତୀୟ ବାମ ହସ୍ତ ଉପରକୁ ଉଠିଥିବା ପାଦ ଆଡ଼କୁ ସଂକେତ କରେ ଯାହା ମାୟାଠାରୁ ମୁକ୍ତିର ପ୍ରତୀକ । ଏବଂ ଦକ୍ଷିଣ ପାଦ ଅଜ୍ଞାନ ଜୀବ (ଅନ୍ଧକାସୁର) ଉପରେ ସଂସ୍ଥାପିତ । ଶିବତ୍ୱର ଚରଣରେ ଏଇ ଅଜ୍ଞାନରୂପୀ ଜୀବ ଆତ୍ମ-ସମର୍ପଣ କରିବା ଦ୍ୱାରାହିଁ ମାନବଜୀବନରୁ ଅଜ୍ଞାନତା ଦୂର ହୁଏ ।

ଆଧୁନିକ ଭୌତିକ ଶାସ୍ତ୍ର ନିଜର ବିଶିଷ୍ଟ ସଂଜ୍ଞା-ଶବ୍ଦାବଳୀ ଦେଇ ଏହି ତତ୍ତ୍ୱକୁ ବିଜ୍ଞାନ ଦ୍ୱାରା ସିଦ୍ଧ ବା ପ୍ରତିପାଦିତ କରୁଛି ଯେ ପଦାର୍ଥରେ ହେଉଥିବା ଘାତପ୍ରତିଘାତ ସେହି ଅଣୁ ଓ ପରମାଣୁଗୁଡ଼ିକର ଛନ୍ଦୋମୟ ଗତି ଏବଂ ଯତି ଦ୍ୱାରା ହୋଇଥାଏ । ଯାହାର ଉଦ୍ଭବ ଏବଂ ବିଘଟନ ଆପେ ଆପେ ହେଉଥାଏ, ଏହି ନୃତ୍ୟହିଁ ପଦାର୍ଥର ଅସ୍ତିତ୍ୱର କାରଣ । ପୁଣି ଏଇ ନୃତ୍ୟ ଆକାଶର ଆନନ୍ତ୍ୟର ପୃଷ୍ଠଭୂମି ଉପରେହିଁ ସମ୍ଭବ ।

ଆଜିର ଭୌତିକ ଶାସ୍ତ୍ର ଶିବଙ୍କର ନୃତ୍ୟକୁ ପରମାଣୁଗୁଡ଼ିକ ମଧରେ ଦେଖୁଛି ଏବଂ ଅଧ୍ୟାତ୍ମ ପରମାଣୁ ତତ୍ତ୍ୱରେ ଶିବଙ୍କର ନୃତ୍ୟକୁ ଅନୁଭବ କରୁଛି । ଶିବତ୍ୱର ଅଭିବ୍ୟକ୍ତି ପାଇଁ ଶାସ୍ତ୍ରଗୁଡ଼ିକ ଧ୍ୱାନର, ଧ୍ୱାନମୂର୍ତ୍ତିର ଏବଂ ସର୍ବଗତି-ସ୍ରୋତସ୍ୱିନୀ ରୂପରେ ସନାତନ ନୃତ୍ୟର ଅଳଙ୍କାର ପ୍ରସ୍ତୁତ କରିଛନ୍ତି । ଏହାକୁ ଆଧାର କରି ଶିଳ୍ପୀ-ଋଷିମାନେ ନଟରାଜଙ୍କର ରୂପାଙ୍କନ କରିଛନ୍ତି । ଆଜିର ଭୌତିକ ଶାସ୍ତ୍ରବିତ୍‌ମାନେ ଅତ୍ୟାଧୁନିକ ବିଜ୍ଞାନର ଉପସ୍ଥାପନାକୁ ସନାତନ ନୃତ୍ୟର ବ୍ୟାଖ୍ୟାନୁଯାୟୀ ଅନୁଧ୍ୟାନ କରୁଛନ୍ତି କିନ୍ତୁ ଏହାର ଆଧ୍ୟାତ୍ମିକ ସ୍ଥିତି ଅଧ୍ୟାତ୍ମ ଏବଂ ବିଜ୍ଞାନ ସମସ୍ତଙ୍କୁ ଏକତ୍ୱର ଅନୁଭୂତି ଦେଉଛି । ନଟରାଜଙ୍କର ନୃତ୍ୟକୁ ପ୍ରତୀକାତ୍ମକ ଦୃଷ୍ଟିରେ ତିନି ଭାଗ କରା ଯାଇଛି । ପ୍ରଥମରେ ପ୍ରଭାମଣ୍ଡଳ ଅର୍ଥାତ୍ ବ୍ରହ୍ମାଣ୍ଡରେ ଗୀତର ପ୍ରଭାବ । ଦ୍ୱିତୀୟରେ ନୃତ୍ୟର ଉଦ୍ଦେଶ୍ୟ ଅର୍ଥାତ୍ ଯାହା ଜୀବକୁ ମାୟାଠାରୁ ମୁକ୍ତ କରେ ଏବଂ ତୃତୀୟରେ ଚିଦ୍‌ଅମ୍ବରରେ (ମନ ଆକାଶରେ) ଶିବତ୍ୱର ଅଧିଷ୍ଠାନ ।

ନଟରାଜ-ନୃତ୍ୟରେ ସମସ୍ତ ଦେବଦେବୀଙ୍କ ସମାଗମ ଏତାଦୃଶ :

**ବାଗ୍‌ଦେବୀ ଧୃତବଲ୍ଲକୀ ଶତମୁଖୋ**
**ବେଣୁଂ ଦଧତ୍ ପଦ୍ମଜ**
**ସ୍ତାଲାନନ୍ଦକରୋ ରମା ଭଗବତୀ**
**ଗେୟପ୍ରୟୋଗାନ୍ୱିତା ।**
**ବିଷ୍ଣୁଃ ସାନ୍ଦ୍ରମୃଦଙ୍ଗବାଦନ**
**ପଟୁର୍ଦେବାଃ ସମନ୍ତାତ୍ ସ୍ଥିତାଃ**
**ସେବନ୍ତେ ତମନୁ ପ୍ରଦୋଷସମୟେ**
**ଦେବଂ ମୃଡ଼ାନୀପତିମ୍ ॥**

ଅର୍ଥାତ୍ : କୌଣସି ଏକ ସମୟରେ ପ୍ରଦୋଷ କାଳରେ ଭଗବତୀ ଗୌରୀଙ୍କର ଅଧକ୍ଷତାରେ ନଟରାଜ ଶିବ ତାଣ୍ଡବ ନୃତ୍ୟ କରିବାକୁ ବାହାରିଲେ । ତାଙ୍କ ସହ ସଂଗୀତବାଦ୍ୟରେ ସକଳ ଦେବତା ସଙ୍ଗତ କଲେ । ବାଗ୍‌ଦେବୀ ବୀଣାବାଦନ କଲେ, ଶତମୁଖ ଇନ୍ଦ୍ର ବେଣୁ ବଜାଇଲେ, ବ୍ରହ୍ମା ଦେଲେ ହାତରେ ତାଳ, ଲକ୍ଷ୍ମୀଦେବୀ ଗୀତରେ ସଙ୍ଗତ ଦେଲେ । ବିଷ୍ଣୁ ମୃଦଙ୍ଗ ବଜାଇବାରେ ଲାଗିଲେ । ଅନ୍ୟ ସମସ୍ତ ଦେବଦେବୀ ଏବଂ ଗନ୍ଧର୍ବ, ଅପ୍‌ସରା, ଯକ୍ଷ, କିନ୍ନର ଆଦି ସମସ୍ତେ ଏଇ ତାଣ୍ଡବ ନୃତ୍ୟରେ ସମ୍ମିଳିତ ହେଲେ । ଏଇପରି ଭାବେ ସମସ୍ତେ ମହାଦେବ ଶମ୍ଭୁଙ୍କର ସେବା କଲେ, ଅର୍ଥାତ୍ ବିଶ୍ୱଦେବଗଣ ଶିବଙ୍କର ସୃଷ୍ଟି, ସ୍ଥିତି ତଥା ସଂହାର ଲୀଳାରେ ସମବେତ ଭାବେ କାଳେ କାଳେ ରହିଛନ୍ତି । ଏହି ନୃତ୍ୟ ଶିବଙ୍କ ପରି ଚିରନ୍ତନ ।

(‘କଲ୍ୟାଣ’ ପତ୍ରିକା, ଜାନୁଆରୀ, ୧୯୯୩ରୁ ସଂଗୃହୀତ)

ଅନୁବାଦ : ଶ୍ରୀଧର ❑

---

*(ପୃଷ୍ଠା ୩୪ର ଅବଶିଷ୍ଟାଂଶ)*

ସେହି ତରୁଣ ବୟସରେ ଉକ୍ତ ଦୃଶ୍ୟ ମୁଁ ଦେଖି ପାରିଥିଲି; ଯେତେବେଳେ ମୁଁ ଶ୍ରୀଅରବିନ୍ଦଙ୍କ ପାଦପଦ୍ମରେ ନିଜକୁ ସମର୍ପଣ କରିଥିଲି । ଏହା ସ୍ପଷ୍ଟ ଭାବରେ ମୋର ସ୍ମରଣ ରହିଛି । ସେତେବେଳେ ଅପରିମେୟ ବିସ୍ମୟ ମୋତେ ଆବୃତ କରି ରଖିଥିଲା । ଅନେକ ବର୍ଷ ତଳେ ଯାହା ମୁଁ ସ୍ୱଚକ୍ଷୁରେ ଦେଖିଥିଲି ତାହା ଥିଲା ପ୍ରକୃତରେ ଅଲୌକିକ ।

(Ref : *First Darshan of Lord Sri Aurobindo & Divine Mother*, Part - II, pp. 11 - 12)

ଅନୁବାଦ : ପ୍ରୀତି ପଟ୍ଟନାୟକ ❑

## ପାଠଚକ୍ରରୁ ଶିକ୍ଷାକେନ୍ଦ୍ର (୧୬) :

# ଆମ ଶିକ୍ଷାର ଲକ୍ଷ୍ୟ

## ପ୍ରସାଦ ତ୍ରିପାଠୀ

[ପରୀକ୍ଷା ଓ ପ୍ରତିଯୋଗିତାର ପ୍ରଭାବରୁ ଆମ ପିଲାମାନେ ଆଜି ବି ମୁକ୍ତ ହୋଇପାରି ନାହାନ୍ତି । ଆମ ଅଲକ୍ଷ୍ୟରେ କେଉଁଠି ବସି ପିଲାଟିଏ ହୁଏତ ଲୋତକ ଗଡ଼ାଉଥିବ ହାରିଯିବାର ଗ୍ଲାନିରେ... । ଏହି ଘଟଣାଟି ଭରିଦିଏ ଆଶାର ଆଲୋକ ଓ ହାତ ଧରି ବାଟ କଢ଼ାଇ ନିଏ ମା'ଙ୍କ ଆଡ଼କୁ ।]

ମାତୃଭବନ ସ୍କୁଲର ପ୍ରଥମ ବ୍ୟାଚ୍‌ର ପିଲାଟିଏ – ଆଶିଷ । ଏବେ ଜାପାନରେ ଅବସ୍ଥିତ । Physics ରେ Super Specialization କରିବା ପରେ ଜାପାନରେ କାର୍ଯ୍ୟରତ ଏବଂ ବର୍ଷରେ ଅନେକ ଥର ବିଭିନ୍ନ ଦେଶରୁ ନିମନ୍ତ୍ରଣ ରକ୍ଷା କରି ସେଠାରେ ସେ ସମ୍ପର୍କରେ କାର୍ଯ୍ୟ କରିବା ପାଇଁ ମଧ ତାକୁ ଯିବାକୁ ପଡୁଛି । (ପ୍ରବନ୍ଧଟିର ରଚନାକାଳ ୨୦୦୮) ସେଇ ଆଶିଷର ପିଲାଦିନର ଗୋଟିଏ ଘଟଣା ।

ସ୍କୁଲର ବାର୍ଷିକ କ୍ରୀଡ଼ାଧୋବ । ସେଥିରେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଏବଂ କିଛି କିଛି ପ୍ରତିଯୋଗିତା । ସବୁକିଛି କେବଳ ଆମୋଦ ପାଇଁ ହିଁ କରାଯାଉଥିଲା । ଅନେକ କାର୍ଯ୍ୟକ୍ରମ ହେଉଥିଲା । ସେଥିରେ ଗୋଟିଏ କାର୍ଯ୍ୟକ୍ରମ ଥିଲା – Obstacle Race; ଛୋଟ ଛୋଟ ନଡ଼ିଆ ତେଲ ଟିଣ ପଛପଟେ କଣା କରି ତା' ଭିତରେ ଦଉଡ଼ିଟିଏ ଭର୍ତ୍ତିକରି ଧରିବାକୁ ହେବ । ନିର୍ଦ୍ଦେଶ ପାଇଲେ, ହାତରେ ଧରିଥିବା ଦଉଡ଼ି ସାହାଯ୍ୟରେ ଟିଣଟିକୁ ଉଠାଇ ତା' ଉପରେ ଦଉଡ଼ିବାକୁ ପଡ଼ିବ । ସେତେବେଳେ ସ୍କୁଲରେ ପଢୁଥିବା ସବୁଠାରୁ ବଡ଼ ପିଲାମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମଟି କରାଯାଉଥିଲା । ସେମାନଙ୍କର ପ୍ରାୟ ସପ୍ତମ/ଅଷ୍ଟମ ଶ୍ରେଣୀ । ଟିକେ ଚାଲାକ ପିଲାମାନେ ଏଇ ଟିଣ ପ୍ରଭୃତିକୁ ଅନେକ ସତର୍କତାର ସହ ତିଆରି କରିଥା'ନ୍ତି । ଶକ୍ତ ଟିଣ, ଭଲ ଦଉଡ଼ି ବ୍ୟବହାର କରନ୍ତି – ଦଉଡୁ ଦଉଡୁ ବାଟରେ ଯେପରି ଟିଣ ଚେପା ହୋଇ ନଯାଏ କିଂବା ଦଉଡ଼ି ଛିଡ଼ି ନଯାଏ । ତା' ସହିତ ଦଉଡ଼ିକୁ ଗୋଡ଼ର ଦୁଇ ଆଙ୍ଗୁଠି ମଧ୍ୟରେ ଧରି ଟିଣ ଉପରେ ଚାଲିବା ବେଳେ କାଳେ ଖଣ୍ଡିଆ ହୋଇଯିବ ତେଣୁ ଭଲ ନରମ ଅଥଚ ଶକ୍ତ ଦଉଡ଼ି ମଧ ଦେଇ ଥାଆନ୍ତି । ଆଶିଷ ଏହି ଯନ୍ତ୍ର ହଳକ ତିଆରି କରିବାକୁ ଅନେକ ସମୟ ନିଏ ମାତ୍ର ଖୁବ୍ ମନୋଯୋଗ ସହକାରେ ତିଆରି କରେ । କହିବା ବାହୁଲ୍ୟ, ପ୍ରତ୍ୟେକ ଥର ସେ ସମସ୍ତ ପ୍ରତିଯୋଗୀମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରେ । ଏହି କାର୍ଯ୍ୟକ୍ରମଟି ପାଇଁ ପିଲାମାନଙ୍କୁ ନିଜ ନିଜର ଟିଣ ତିଆରି କରି ଆଣିବାକୁ କୁହାଯାଏ । ଯଦି ଅନ୍ୟ ପିଲାମାନେ ଦେଖନ୍ତି ଆଶିଷ ସେମାନଙ୍କ ମଧ୍ୟରେ ଅଛି ତେବେ ସେମାନେ ସ୍ଥିର ନିଶ୍ଚିତ ହୋଇଯାଆନ୍ତି ଯେ ପ୍ରଥମ ସ୍ଥାନଟି ନିଶ୍ଚୟ ଆଶିଷର, ଅନ୍ୟ ସ୍ଥାନଗୁଡ଼ିକ ପଛେ ଅନ୍ୟମାନେ ନେଇପାରନ୍ତି ।

ସେ ବର୍ଷ ବାର୍ଷିକ କ୍ରୀଡ଼ାସୋବରେ ଏଇ କାର୍ଯ୍ୟକ୍ରମର ସେମିଫାଇନାଲରେ ପ୍ରତ୍ୟେକ ଥର ପରି ଆଶିଷ ପ୍ରଥମ ହୋଇଥିଲା । ଅନ୍ୟମାନେ ଦୌଡ଼ିବା ବେଳେ ଜଣେ ପ୍ରତିଯୋଗୀଙ୍କର ଟିଣଟି ଚେପା ହୋଇଗଲା । ତା'ର ଟିଣ ନାହିଁ । ସେ ମୋତେ ଆସି ଗୋଟିଏ ହଳ ଟିଣ ପାଇଁ ଅନୁରୋଧ କଲା । ମୁଁ ଦେଖିଲି ଆଶିଷ ଅତି ଯତ୍ନ କରି ତା'ର ଟିଣ ହଳଟି ଧରିଛି । ମୁଁ ତାକୁ ଅନୁରୋଧ କଲି ଟିଣ ହଳଟି ସେହି ପିଲାକୁ ଦେବା ପାଇଁ । ମାତ୍ର ସେ ପିଲା ଜଣକ ଯେତେବେଳେ ଆଶିଷର ଟିଣ ହଳକ ନେଇ ଦୌଡ଼ିଲା ସେ ହଳକ ମଧ ଚେପା ହୋଇଗଲା । ସେ ଦୌଡ଼ିବା ମଝିରୁ ଆସି ଚେପା ଟିଣ ହଳକ ଆଶିଷକୁ ଫେରାଇ ଦେଲା ।

ଚେପା ଟିଣ ହଳକ ଦେଖି ଆଶିଷର ମୁଣ୍ଡ ଖରାପ ହୋଇଗଲା । ପୃଥିବୀର ସବୁଠାରୁ ମୂଲ୍ୟବାନ୍ ବସ୍ତୁ ହାତରେ ପାଇ ହଜାଇ ଦେଲେ ମଧ ବୋଧହୁଏ ଏତେ ବେଶୀ କେହି ମନ ଖରାପ କରିବେ ନାହିଁ । ଆଶିଷ ତାକୁ ଚେଷ୍ଟା କରି ସିଧା କଲା; ମାତ୍ର Final ଦୌଡ଼ିବା ବେଳେ ଅଧାବାଟରୁ ତା'ର ଟିଣଟି ପୁଣି ଚେପା ହୋଇଗଲା । ସେ ଦୌଡ଼ିବା ପୂର୍ବରୁ ଜାଣିଥିଲା ଯେ ସେ ଟିଣଟି ଆଉ ଆଦୌ କାମ ଦେବ ନାହିଁ । ତଥାପି କଷ୍ଟେ ମଷ୍ଟେ ଚେଷ୍ଟା କରୁଥିଲା, ମାତ୍ର ଅଧାବାଟରୁ

ଅଟକି ଗଲା । ସମସ୍ତେ ଦୌଡ଼ିଲେ । ଆଶିଷ ବାଟରୁ ଅଟକି ଗଲା ।

ତା'ପର ଅବସ୍ଥା ଦେଖିବାର କଥା । ଆଶିଷ ପଡ଼ିଆରୁ କାନ୍ଦି କାନ୍ଦି ଆସିଲା । ଏପର୍ଯ୍ୟନ୍ତ କେତେବେଳେ ହେଲେ ସେ ଏଇ ପ୍ରତିଯୋଗିତାରେ ଦ୍ୱିତୀୟ ବି ହୋଇ ନାହିଁ । ଏଥରକ କେବଳ ଅନ୍ୟ କାହାକୁ ଟିଣ ଦେବାରୁ ଏପରି ହେଲା । ତା'ର ଶତକଡ଼ା ଶହେ ଭାଗ ଦୁଃଖ, ଅଭିମାନ ମୋ ଉପରେ ଭରି ହୋଇଗଲା । ସେ ଚେପା ଟିଣହଳକୁ ଆହୁରି ବାଡ଼େଇ ବାଡ଼େଇ ଚେପା କରୁଥାଏ ଏବଂ କାନ୍ଦି କାନ୍ଦି ଲହୁଲୁହାଣ ହୋଇ ଯାଉଥାଏ । ଆଖିରୁ ଲୁହ, ନାକରୁ ସିଙ୍ଘାଣି ସବୁ ମିଶି ଏକାକାର । ଆସ୍ତେ ଆସ୍ତେ ତା'ର ପ୍ରତିକ୍ରିୟା ସୀମା ଅତିକ୍ରମ କରିବାକୁ ଲାଗିଲା । ମାତ୍ର ଏସବୁ ବିଷୟରେ ମୋର ଆଦୌ ଦୃଷ୍ଟି ନଥାଏ । କେହି ଜଣେ ଆସି ଆଶିଷର ଏଇ ଅବସ୍ଥା କଥା ମତେ ଜଣାଇ ଦେଲେ ।

ମୁଁ ତୁରନ୍ତ ମୋ ଜାଗାରୁ ଉଠି ଆଶିଷ ପାଖକୁ ଗଲି । ସେ ସ୍କୁଲର ପଛ ପାଖରେ ଥିବା ଏକ ପରିତ୍ୟକ୍ତ ସ୍ଥାନରେ ବସିଥାଏ । ମୁହଁ ଅତ୍ୟନ୍ତ ମ୍ରିୟମାଣ । ଆଖିରୁ ସଦ୍ୟ ଲୁହ ନିଗିଡ଼ିଥିବା ଚିହ୍ନ ଅଛି । ନାକ ସୁଁ ସୁଁ ହେଉଛି । ମୋତେ ଦେଖି ନଦେଖିବା ଭଳି ଅଭିମାନରେ ବସିଥାଏ । ମୁଁ ଜାଣିପାରିଲି ତା'ର ସବୁ ଅଭିଯୋଗ ମୋ ବିରୋଧରେ । ମୁଁ ଯଦି ତାକୁ ଟିଣ ହଳକ ଦେବାକୁ କହି ନଥା'ନ୍ତି, ହୁଏତ ତା'ର ଅବସ୍ଥା ଏପରି ହୋଇ ନଥା'ନ୍ତା । ତେଣୁ ମୋ ଉପରେ ଅଭିମାନ କରିବା ଅସ୍ୱାଭାବିକ ନୁହେଁ ।

ତେବେ ମୁଁ ଆଦୌ ତିଳେମାତ୍ର ପ୍ରତିକ୍ରିୟା ପ୍ରକାଶ ନକରି ପଚାରିଲି – ଆଶିଷ, କ'ଣ ହେଲା ? ଏମିତି ଏଠି କାହିଁକି ବସିଛୁ ? ସେମିତି ଥାଇ ସେ ଉତ୍ତର ଦେଲା – କିଛି ନାହିଁ । ତୁମେ ଯାଅ । ମୁଁ ପୁଣି ପଚାରିଲି – ଏଠି ଏମିତି କାହିଁକି ବସିଛୁ – ଚାଲ ସେ ପଟକୁ ଚାଲ । ଏଥରକ ଆଶିଷ ଆଉ ସମ୍ଭାଳି ପାରିଲା ନାହିଁ, ଭେଁ କରି କାନ୍ଦି ଉଠିଲା । ମୁଁ ତାକୁ ବୁଝାଇବାକୁ ଯାଇ ପଚାରିଲି – କ'ଣ ହୋଇଛି ନକହି କାନ୍ଦିଲେ କ'ଣ କରିପାରିବି ଯେ, ମୋତେ ଆଗ କହ – ତୋ'ର କ'ଣ ହୋଇଛି । ଅଧା କାନ୍ଦ ବନ୍ଦ କରି ସେ ଯାହା କହିଲା ତା'ର ସାରମର୍ମ ହେଲା, ''ଏ ପର୍ଯ୍ୟନ୍ତ ତୁମେ ଯେତେଥର ସେ ଟିଣ ଦୌଡ଼ା ପ୍ରତିଯୋଗିତା କରିଛ ସବୁଥିରେ ମୁଁ ପ୍ରଥମ ହୁଏ । କ୍ୱାଟର ଫାଇନାଲ୍, ସେମି ଫାଇନାଲ୍ କିଂବା ଫାଇନାଲ୍ କୌଣସିଥିରେ ମୁଁ ପ୍ରଥମ ତଳକୁ ଯାଇ ନାହିଁ । ସେଥିପାଇଁ ମୁଁ ଅନେକ ଦିନରୁ ମୋ ଟିଣ ଆଉ ଦଉଡ଼ି ଇତ୍ୟାଦି ସଜାଇ ରଖେ । ମାତ୍ର ଏଥରକ ତୁମେ କହିବାରୁ ମୁଁ ଅନ୍ୟ ଜଣଙ୍କୁ ଟିଣ ବ୍ୟବହାର କରିବାକୁ ଦେଲି । ଯାହା ଫଳରେ ଆଦୌ ପ୍ରଥମ, ଦ୍ୱିତୀୟ କି ତୃତୀୟ କିଛି ହେଲି ନାହିଁ ।''

ମୁଁ ସବୁ ଶୁଣି ସାରିବା ପରେ ଆଶିଷକୁ ଚାହିଁଲି । କହିଲି, ''ଆଶିଷ ମୋତେ ଚାହିଁଲୁ'' – ଆଶିଷ ଧୀରେ ଧୀରେ ମୁହଁ ଉଠାଇ ଚାହିଁଲା । ମୁଁ ତାକୁ ଅତି ସାଧାରଣ ଭାବରେ ପଚାରିଲି,

– ''ତେବେ ତୁ କେବଳ ପ୍ରଥମ ହେବା ପାଇଁ ଦୌଡ଼ୁଥିଲୁ ? ଏଇ ଦୌଡ଼ାରେ ତୋତେ କେତେ ଖୁସି ଲାଗୁଥିଲା, କେତେ ଆନନ୍ଦ ପାଉଥିଲୁ – ସେଥିପାଇଁ ଦୌଡ଼ୁ ନଥିଲୁ ? କହିଲୁ ଆଶିଷ, ମା' କେବେ କୌଣସି ସ୍ଥାନରେ କହିଛନ୍ତି ଆମେ ଶ୍ରେଣୀରେ ପ୍ରଥମ ହେବା ପାଇଁ ଶିକ୍ଷାଲାଭ କରିବା ଉଚିତ ? ବରଂ ମା' କହିଛନ୍ତି, ଆମେ ଶିକ୍ଷା ଗ୍ରହଣ କରୁଛୁ – ଶିକ୍ଷାରୁ କେବଳ ଆନନ୍ଦ ପାଇବା ପାଇଁ ।''

ହଠାତ୍ ଆଶିଷର ମୁହଁର ଭାବ ପରିବର୍ତ୍ତନ ହେବାକୁ ଆରମ୍ଭ କଲା । ଅଗ୍ନିରେ ଜଳ ସିଞ୍ଚି ଦେଲେ ସେ ଯେପରି ଥଣ୍ଡା ହୋଇଯାଏ, ଆଶିଷ ସେମିତି ହଠାତ୍ ଶାନ୍ତ ହୋଇଗଲା । ତା' ଭିତରର ରାଗ, କ୍ରୋଧ ସବୁ ସ୍ତିମିତ ହୋଇଗଲା । ମୁଁ ପୁଣି କ'ଣ କହିବାକୁ ଯାଉଥିଲି, ଆଶିଷ ହଠାତ୍ କହିଉଠିଲା,

''ଥାଉ ଭାଇ ଥାଉ – ମତେ ଆଉ କିଛି କୁହ ନାହିଁ । ମୋର ଭୁଲ୍ ହୋଇଛି, ମୁଁ ପୂରାପୂରି ଭୁଲି ଯାଇଥିଲି ଆମେ ଏପରି ଏକ ଶିକ୍ଷାନୁଷ୍ଠାନରେ ପଢ଼ିବାର କାରଣ କ'ଣ ? ତୁମର ଗୋଟିଏ ମାତ୍ର ବାକ୍ୟରେ ମୋ ଭିତର ସମ୍ପୂର୍ଣ୍ଣ ଶାନ୍ତ ଏବଂ ସ୍ଥିର ହୋଇଗଲା । ଆଉ ଦିନେ ବି ତୁମେ ମୋ ନିକଟରେ ଏ ତ୍ରୁଟି ଦେଖିବ ନାହିଁ ।''

ଗୋଟିଏ ଅଷ୍ଟମ ଶ୍ରେଣୀରେ ପଢ଼ୁଥିବା ବାଳକଟିଏ ମା'ଙ୍କର ଶିକ୍ଷା ଦର୍ଶନକୁ ମାତ୍ର ଗୋଟିଏ ମୁହୂର୍ତ୍ତରେ ଯେ ଏତେ ଭଲ ଭାବରେ ହୃଦୟଙ୍ଗମ କରିପାରିବ ଏ ଧାରଣା ମୋର ନଥିଲା । ଆଶିଷର ମୁହଁକୁ ନିଜେ ପୋଛି ଦେଇ ତାକୁ ସାଙ୍ଗରେ ଧରି ସ୍କୁଲର ଆରପଟକୁ ଆସିଲି । କହିବା ବାହୁଲ୍ୟ ଆଶିଷ ମୋ ସାଙ୍ଗରେ ଅତି ସାଧାରଣ ଭାବରେ ହସି ହସି ଆସୁଥାଏ – ମୋ ସାଙ୍ଗରେ ତାକୁ ଦେଖି ସମଗ୍ର ବାତାବରଣରେ ପୁଣି ଖୁସିର ଲହରୀ ଖେଳିବାକୁ ଆରମ୍ଭ କଲା ।

ମୁଁ ମନେ ମନେ ମା'ଙ୍କୁ ଅଶେଷ କୃତଜ୍ଞତା ଜଣାଇଲି ।

(ଆଶିଷ ନିଜେ ଅନେକ ଦିନପରେ ଥରେ ମାତୃଭବନଠାରେ ଶିକ୍ଷକ ପ୍ରଶିକ୍ଷଣ ଶିବିରରେ ଏକ ପୁରାତନ ଛାତ୍ରର ଅନୁଭୂତି କହିବା ଅବକାଶରେ ଉପରୋକ୍ତ ଘଟଣାଟି ବର୍ଣ୍ଣନା କରିବା ସମୟରେ ମୋର ଏହି ଘଟଣାଟି ସ୍ମୃତିରେ ଦ୍ୱିଗୁଣ ଭାବରେ ଉଜ୍ଜୀବିତ ହୋଇଗଲା ।)

(‘ପୂର୍ଣ୍ଣତା ପଥେ’, ଫେବ୍ରୁଆରୀ-ଏପ୍ରିଲ : ୨୦୧୨ରୁ ସଂଗୃହୀତ)

❑❑❑

## ଋତୁ ସମାହାର

ଦଳେ ଯୁବକ ପାର୍କରେ ମୁହାଁମୁହିଁ ଦୁଇଟି ବେଞ୍ଚରେ ବସି କେଉଁ ଋତୁ ସବୁଠାରୁ ସୁନ୍ଦର ଏହି ପ୍ରଶ୍ନ ଉପରେ ଆଲୋଚନା କରୁଥିଲେ । ଜଣେ କହିଲା, ‘‘ଗ୍ରୀଷ୍ମରେ ମୁଁ ହାଲିଆ ହୋଇପଡ଼େ, ସବୁବେଳେ ମୋତେ ଶୋଷ କରେ ।’’ ଆଉ ଜଣେ କହିଲା, ‘‘ବର୍ଷାରେ ଭିଜିଲେ ମୋତେ ଜ୍ୱର ହୁଏ । ବସନ୍ତ ଋତୁହିଁ ସବୁଠୁଁ ଭଲ ।’’ ତୃତୀୟ ଜଣକ କହିଲା, ‘‘ଶୀତରେ ମୁଁ ଖୁବ୍ କଷ୍ଟ ପାଏ, ଶରତ ଋତୁହିଁ ମୋତେ ଭଲ ଲାଗେ ।’’

ଜଣେ ବୃଦ୍ଧ ଅଟକି ଯାଇ ସେମାନଙ୍କର ଆଲୋଚନା ଶୁଣୁଥିଲେ । ଯୁବକଟିଏ ତାଙ୍କୁ ପ୍ରଶ୍ନ କଲା, ‘‘ଆପଣଙ୍କ ଦୀର୍ଘଜୀବନର ଅଭିଜ୍ଞତାରୁ ଆପଣ କୁହନ୍ତୁ କେଉଁ ଋତୁ ଭଲ ?’’

ବୃଦ୍ଧ ସେମାନଙ୍କ ମଝିରେ ବସି ପଡ଼ି କିଛି ସମୟ ନୀରବ ରହି କହିଲେ, ‘‘ଦେଖୁଛି, ସେ ପ୍ରଶ୍ନ ଉପରେ ମୁଁ ଚିନ୍ତା କରି ନାହିଁ । ବୟସ ଥିବା ଯାଏଁ ଜୀବନ ସଂଗ୍ରାମରେ ବ୍ୟାପୃତ ଥିଲି । ଅବସର ପରେ ମୋ ଝରକା ପାଖରେ ବସି ଗୋଟାଏ ଗଛକୁ ଅନାଇ ଦେଖେ, ବସନ୍ତ ଋତୁରେ ପୁଷ୍ପମଣ୍ଡିତ ହୋଇ ସେ କେଡ଼େ ସୁନ୍ଦର ଦିଶୁଛି । ଭାବେ, ବସନ୍ତ କେଡ଼େ ମନୋରମ ! ଗ୍ରୀଷ୍ମ ଋତୁରେ ତା’ ପତ୍ରଗହଳରୁ ଶୁଣେ ନାନାଦି ପକ୍ଷୀଙ୍କ ସ୍ୱର । ଭାବେ ଗ୍ରୀଷ୍ମ ଋତୁ କେଡ଼େ ମଧୁର ! ବର୍ଷା ଋତୁରେ ଗଛଟି ଏଡ଼େ ସତେଜ ଦେଖାଯାଏ – ସତେ ଯେମିତି ଆକାଶ ନିର୍ଗତ ଆଶିଷଧାରା ସେ ପିଇ ଯାଉଛି ! ସେତେବେଳେ ଭାବେ ବର୍ଷାଋତୁ କେଡ଼େ ମଙ୍ଗଳମୟ ! ଶରତରେ ଦେଖେ ଫଳର ସ୍ଫୁରଣ । ଭାବେ ଶରତ ଋତୁ କେଡ଼େ କମନୀୟ ! ଶୀତ ବେଳେ ପତ୍ରସବୁ ଝଡ଼ିଗଲେ ତା’ର ଶାଖାପ୍ରଶାଖା ମଧ୍ୟଦେଇ ରାତିରେ ଦେଖେ ଅସଂଖ୍ୟ ତାରା । ସତେ ଯେମିତି ସେମାନେ ସେହି ବୃକ୍ଷରେ ଫୁଟିଛନ୍ତି ! ମନେହୁଏ ଶୀତ ଋତୁ କେଡ଼େ ସୁନ୍ଦର !’’

ଯୁବକମାନେ ସ୍ତବ୍ଧ ହେଲେ । ସେମାନେ ବୁଝିଲେ, ବୃଦ୍ଧ ନିଜକୁ କେନ୍ଦ୍ର କରି ଋତୁର ମୂଲ୍ୟ ନିରୂପଣ କରି ନାହାନ୍ତି ବୋଲି ସବୁ ଋତୁ ତାଙ୍କ ପାଇଁ ମୂଲ୍ୟବାନ୍ । ❑

# ସନାତନ ଧର୍ମ
## (୪)
## କୁମାର ଚନ୍ଦ୍ର ମିଶ୍ର

ଆନ୍ତର ମୁକ୍ତି ବା ଆନ୍ତର ସ୍ୱାଧୀନତାକୁହିଁ 'ମୋକ୍ଷ' କୁହାଯାଏ ।

ଜଣେ ନାସ୍ତିକ 'ମୋକ୍ଷ'କୁ ବିଧ୍ୱଂସ, ବିଲୋପନର ସମଅର୍ଥବୋଧକ ଏକ ବିଚାର ରୂପେ ଗ୍ରହଣ କରିଥାଏ । କିନ୍ତୁ ତା'ର ପ୍ରକୃତ ତାତ୍ପର୍ଯ୍ୟ ହେଲା ସ୍ୱାଧୀନତା, ଯିଏ ବନ୍ଧନରୁ ମୁକ୍ତ ସେହିଁ ସ୍ୱାଧୀନ ବା ମୁକ୍ତ । କିନ୍ତୁ ସର୍ବଶେଷ ବନ୍ଧନଟି ହେଲା ସ୍ୱତଃ ମୋକ୍ଷ ନିମିତ୍ତ ଲାଳସା – ଯାହାକୁ ଆତ୍ମାଟି ସମ୍ପୂର୍ଣ୍ଣ ମୁକ୍ତ ହେବା ପୂର୍ବରୁ ପ୍ରତ୍ୟାଖ୍ୟାନ କରିବାକୁ ପଡ଼ିବ । ସର୍ବୋଚ୍ଚ ଜ୍ଞାନ ହେଲା କେହି ବି ବଦ୍ଧ ବା ବନ୍ଧନଯୁକ୍ତ ନୁହଁନ୍ତି । ତେଣୁ କବି ଗାଇଛନ୍ତି ଏକ ଗୂଢ଼ ରହସ୍ୟାବୃତ ଗୀତ –

''ଓଲଟ ବୃକ୍ଷେ ଖେଳୁଛି ଲୋଟଣି ପାରା,
ଅଠାକାଠି ପଞ୍ଜୁରିରେ ନ ପଡ଼େ ଧରା ।
ସେ ପାରାର ଡେଣା ନାହିଁ ଲକ୍ଷେ ଯୋଜନ ଉଡ଼ଇ,
ଜଳ, ଫଳ ନ ଭୁଞ୍ଜଇ ଅଟେ ଅମରା ।
ପାରା ଅଛି ଯେଉଁଠାରେ କେହି ତା ଦେଖି ନ ପାରଇ,
ଶୀତଳ ବୃକ୍ଷ ଛାୟାରେ ନ ପଡ଼େ ଖରା,
ପାରା ଯେବେ ଯିବ ଉଡ଼ି, ବୃକ୍ଷ ପଡ଼ିବ ଉଜୁଡ଼ି,
ଦାସ ରାଧା ବୋଲେ ଭଜ ଦୁଃଖ ପାଶୋରା ।''

ଆତ୍ମାଟି ସର୍ବଦା ସମ୍ପୂର୍ଣ୍ଣ ମୁକ୍ତ, ବନ୍ଧନର ଧାରଣା ଏକ ଭ୍ରମ । ମାତ୍ର ଆମେ ସେହି ଆତ୍ମାକୁ ଅନୁକରଣ କରାଯାଇଥିବା ଗଣ୍ଠିଗୁଡ଼ିକୁ ନେଇ ଖେଳୁ, ଯେଉଁ ଗଣ୍ଠିଗୁଡ଼ିକର ଏପରି ଗୁଣଧର୍ମ ରହିଛି ଯେ ଆମେ ଇଚ୍ଛା କଲେ ସେଗୁଡ଼ିକୁ ଖୋଲି ଦେଇ ପାରିବା ।

ତଥାପି ବନ୍ଧନଗୁଡ଼ିକ ଅସଂଖ୍ୟ ଓ ଜଟିଳ । ଏ ସମସ୍ତ ଗଣ୍ଠି ମଧ୍ୟରୁ ସବୁଠୁ କଷ୍ଟସାଧ୍ୟ କଠିନ ଗଣ୍ଠିଟି ହେଲା 'ଅହଂ' – ଏହା ଏପରି ଏକ ଭ୍ରମ ଯେ ଆମେ ମନେ କରିଥାଉ ଆମେ ସ୍ୱୟଂସମ୍ପୂର୍ଣ୍ଣ, ଭିନ୍ନ ଏକ ସତ୍ତା – ଯିଏ ସମଗ୍ର ବିଶ୍ୱଠାରୁ ଅଲଗା ଏକ ସତ୍ତା – ଏପରିକି 'ଏକମେବାଦ୍ୱିତୀୟଂ' ଯିଏ ଅଛନ୍ତି, ଯାହାଙ୍କ ସ୍ଥିତିହିଁ ଏକମାତ୍ର ସତ୍ୟ, ଯିଏ ଦେଶ-କାଳ-କାର୍ଯ୍ୟ-କାରଣର ଅତୀତ (beyond space, time and causality) ତାଙ୍କଠାରୁ ମଧ୍ୟ ଭିନ୍ନ । ଆମେ ସମସ୍ତେ ଆମ ସତ୍ତାରେ ଓ ପ୍ରକୃତିରେ କେବଳ ବ୍ରହ୍ମ ନୋହୁଁ ବରଂ ଆମେ ସମସ୍ତେ ସତ୍ତାରେ ଓ ପ୍ରକୃତିରେ ଗୋଟିଏ ସାଗରର ତରଙ୍ଗମାଳା ସଦୃଶ, ତାଙ୍କରି ପରିପୂର୍ଣ୍ଣତା ସହ ଆମେ ପ୍ରତ୍ୟେକେହିଁ ବ୍ରହ୍ମ ଅଟୁ । ଯାହା ଆମକୁ ଭିନ୍ନ ଓ ସୀମିତ କରେ ତାହା ହେଲା ଜଗତ ଲୀଳା ନିମିତ୍ତ ରହିଥିବା ନାମ ଓ ରୂପ ଯାହା ବିଶ୍ୱ ନାଟକ ନିମିତ୍ତ ଉଦ୍ଦିଷ୍ଟ ।

ଉଦାହରଣ ସ୍ୱରୂପ – ସୁନାରେ ଅଳଙ୍କାର ତିଆରି କରାଯାଇ ଥାଏ । ତାହାର ବିଭିନ୍ନ ଆକାର ବା ରୂପ ଅନୁଯାୟୀ ସେସବୁକୁ ବିଭିନ୍ନ ନାମ ଦିଆ ଯାଇଥାଏ; ଯେପରି ଚୁଡ଼ି, ମୁଦି, ହାର, ପାଉଁଜି ଇତ୍ୟାଦି । ଏସବୁ ଶରୀରର ବିଭିନ୍ନ ଅଙ୍ଗକୁ ଅଳଂକୃତ କରିଥା'ନ୍ତି । ହାତରେ ଚୁଡ଼ି, ଅଙ୍ଗୁଳିରେ ମୁଦି, ଗଳାରେ ହାର, ପାଦରେ ପାଉଁଜି ଶୋଭାପାଏ । ନାମ, ରୂପ ଓ ବ୍ୟବହାର ଦୃଷ୍ଟିରୁ ଏସବୁ ଭିନ୍ନ ହେଲେ ବି ସେସବୁର ମୌଳିକ ମୂଳ ଉପାଦାନ ହେଲା ସୁନା । ଠିକ୍ ସେହିପରି 'ଏକମେବାଦ୍ୱିତୀୟଂ' ବ୍ରହ୍ମ ଯେହେତୁ ସେ ସ୍ୱୟଂ ଏହି ସୃଷ୍ଟିରେ ପରିଣତ ହୋଇଛନ୍ତି – 'ଈଶା ବାସ୍ୟମିଦଂ ସର୍ବଂ', – ତେଣୁ ସେ ସବୁଥିରେ ଅଛନ୍ତି ଓ ସବୁ ତାଙ୍କରି ମଧ୍ୟରେ ସ୍ଥିତ ।

ତେବେ ଏହି ଅହଂ ଜନିତ ଭ୍ରମ ଆସିଲା କେଉଁଠୁ ? ମହାଯୋଗୀ ଶ୍ରୀଅରବିନ୍ଦ ଏହି ପ୍ରଶ୍ନର ଉତ୍ତର ଦେଇ କହନ୍ତି :

''Whence then comes this delusion of egoism, if there is no separate existence and only Brahman is? We answer that there is separate existence but only in manifestation not in reality. It is as if one actor could play different parts not in succession but at one and the same moment; each part is He Himself, one and indivisible, but each part is

different from the other. Brahman extends Himself in Time, Space & Causality which do not condition Him but exist in Him and can at any time be changed or abolished, and in Time, Space & Causality He attaches Himself to many namarupas which are merely existences in His universal being. They are real in manifestation, unreal outside manifestation.''

(CWSA, Vol. 12, p. 6)

ଏହାର ଓଡ଼ିଆ ଭାବାନୁବାଦ ହେଲା :

''ତେବେ ଏହି ଅହଂଜନିତ ଭ୍ରମ କେଉଁଠୁ ଆସିଲା – ଯଦି ସେଠାରେ ବ୍ରହ୍ମଙ୍କ ବ୍ୟତୀତ ଅନ୍ୟ କୌଣସି ସ୍ଥିତି ନାହିଁ ? ଆମର ଉତ୍ତର ହେଲା – ଭିନ୍ନ ସ୍ଥିତି ରହିଛି, କିନ୍ତୁ ଯଥାର୍ଥ ବାସ୍ତବତା ରୂପେ ନୁହେଁ, କେବଳ ଅଭିବ୍ୟକ୍ତି ରୂପରେ । ଏହା ଯେପରି ଜଣେ ଅଭିନେତା ବିଭିନ୍ନ ଚରିତ୍ରର ଅଭିନୟ କରେ (କିଂବା ଜଣେ ବ୍ୟକ୍ତି ସମାଜରେ ଏକା ସମୟରେ ଯେପରି ବିଭିନ୍ନ ଭୂମିକା ନିଭାଇ ଥାଏ – ପିତା ରୂପରେ, ବନ୍ଧୁ ରୂପରେ, ପତି ରୂପରେ, ଭାଇ ରୂପରେ...) କ୍ରମାନ୍ୱୟରେ ନୁହେଁ, ଏକ ସଙ୍ଗେ ସେହି ଏକା ମୁହୂର୍ତ୍ତରେ ବିଭିନ୍ନ ଚରିତ୍ର ଅଭିନୀତ ହୋଇ ଚାଲିଥାଏ; ମାତ୍ର ପ୍ରତ୍ୟେକ ଚରିତ୍ର ଅନ୍ୟଠାରୁ ଭିନ୍ନ ହୋଇ ରହିଥାଏ । ଦେଶ, କାଳ ଓ କାର୍ଯ୍ୟକାରଣ କ୍ଷେତ୍ରରେ ବ୍ରହ୍ମ ଆପଣାକୁ ସଂପ୍ରସାରିତ କରି ରଖିଛନ୍ତି, ଯାହା ତାଙ୍କରି ଉପରେ କୌଣସି ସର୍ତ୍ତ ଆରୋପ କରେ ନାହିଁ, ଅବସ୍ଥାନ୍ତର ଆଣେ ନାହିଁ, ମାତ୍ର ତାଙ୍କରି ମଧ୍ୟରେହିଁ ରହିଥାଏ ଓ ଦେଶ, କାଳ ଓ କାର୍ଯ୍ୟକାରଣ ମଧ୍ୟଦେଇ ସେ ଆପଣାକୁ ବହୁ ନାମ, ରୂପ ସହ ଜଡ଼ିତ କରି ପାରନ୍ତି ଯାହା ତାଙ୍କରି ବିଶ୍ୱସତ୍ତା ମଧ୍ୟରେ କେବଳ ଏକ ସ୍ଥିତି ମାତ୍ର । ଅଭିବ୍ୟକ୍ତି ମଧ୍ୟରେ ସେଗୁଡ଼ିକ ବାସ୍ତବ, ଅଭିବ୍ୟକ୍ତି ବାହାରେ ଅବାସ୍ତବ ।''

ସନାତନ ଧର୍ମରେ ମୁକ୍ତି କହିଲେ 'ଅହଂକାର' ଠାରୁ ମୁକ୍ତିକୁ ବୁଝାଏ । ଅହଂକାର ରୂପକ ପରଦାଟି ଅପସାରିତ ହେଲା ପରେହିଁ ଭଗବତ୍ ଉପଲବ୍ଧି ସମ୍ଭବ ହୁଏ ।

**ପରା-ବିଦ୍ୟା ଓ ଅପରା-ବିଦ୍ୟା :**

ଯେଉଁମାନେ ବୁଦ୍ଧିଗତ ଦାମ୍ଭିକତାର ପ୍ରଭାବରେ ଏଯାଏ ଆଚ୍ଛନ୍ନ ହୋଇ ରହିଛନ୍ତି, ସେମାନେ ଯୁକ୍ତିକୁ ସର୍ବୋଚ୍ଚ ମାର୍ଗଦର୍ଶକ ରୂପେ ଅସ୍ୱୀକୃତ ହେଲେ କିଂବା ନିନ୍ଦିତ ହେଲେ ପ୍ରବଳ ଧକ୍କା ଅନୁଭବ କରନ୍ତି କିଂବା ଆଚମ୍ଭିତ ହୋଇଥା'ନ୍ତି । ସେମାନେ ପ୍ରଶ୍ନ କରନ୍ତି : ''କିପରି ଜଣେ ବିଦ୍ୟା ବୁଦ୍ଧି ସମ୍ପନ୍ନ ବ୍ୟକ୍ତି ଯୁକ୍ତିକୁ ନ୍ୟୂନ କରି ଦେଖିପାରିବ ଓ ନିନ୍ଦା କରିପାରିବ ? ଲୋକମାନେ ଯାହାଙ୍କୁ ଭଗବାନ୍ ବୋଲି କହନ୍ତି ତାଙ୍କର ପ୍ରଭାବକୁ ସହସ୍ର କଣ୍ଠରେ ପ୍ରଶଂସା କରିପାରିବ ? ଏହିପରି ସନ୍ଦେହିଗଣ ୟୁରୋପୀୟ ଜଡ଼ବାଦର ପ୍ରଭାବରେ ରହିଛନ୍ତି, ଯାହା ମଣିଷକୁ ଜଡ଼ବାଦର ସଂକୀର୍ଣ୍ଣତା ମଧ୍ୟରେ ସୀମାବଦ୍ଧ କରି ରଖିଥାଏ । ତତ୍ ସଙ୍ଗେ ସଙ୍ଗେ ତାହାର ଦିବ୍ୟ ଉତ୍ସ ଓ ଦିବ୍ୟ ନିୟତିଠାରୁ ଏହାକୁ ବଞ୍ଚିତ କରି ରଖିଥାଏ । ଯେତେବେଳେ ୟୁରୋପ ଖ୍ରୀଷ୍ଟିଆନ ଧର୍ମକୁ ପାଦ୍ରୀ ଓ ସନ୍ନ୍ୟାସୀମାନଙ୍କୁ ହସ୍ତାନ୍ତର କରିଦେଲା ଓ ଗାଲିଲିଅନର ଶିକ୍ଷା* (teachings of the Galilean)କୁ ଭୁଲିଗଲା, ସେ ଏକ ଭୟଙ୍କର ପରିଣତି ପ୍ରତି ଆପଣାକୁ ଉନ୍ମୋଚିତ କରିଦେଲା; ଯାହା ତାହାକୁ ସମ୍ପୂର୍ଣ୍ଣଭାବେ ଆତ୍ମସାତ୍ କରିଦେବା ବାକି ରହିଛି । ମଣିଷ ଭିତରେ ଭଗବାନଙ୍କ ଉପସ୍ଥିତିକୁ ସାବ୍ୟସ୍ତ କରିବା ହେଲା ସମଗ୍ର ଦିବ୍ୟ ପ୍ରକଟନର ରହସ୍ୟ ଓ ସମଗ୍ର ଧର୍ମର ସାରତତ୍ତ୍ୱ । ଖ୍ରୀଷ୍ଟିଆନ ଧର୍ମ ଯାହା ଅସ୍ପଷ୍ଟ ରୂପେ ଶିକ୍ଷା ଦେଇଛି, ହିନ୍ଦୁଧର୍ମ ବେଦାନ୍ତରେ ତାହା ଅତି ସ୍ପଷ୍ଟ ଓ ସରଳ ରୂପେ ଉପସ୍ଥାପନ କରିଛି ।...

''ଯଦି କେହି ଜଣେ ଭାବେ ଯେ ଆମେ ସବୁବେଳେ ବୁଦ୍ଧି-ସର୍ବସ୍ୱ ସତ୍ତା, ତେବେ ସେ ଜଣେ ହିନ୍ଦୁ ନୁହେଁ । ହିନ୍ଦୁଧର୍ମ **ବୁଦ୍ଧିକୁ** ମହିମାନ୍ୱିତ କରିବାର ଦାୟିତ୍ୱ ସେମାନଙ୍କ ଉପରେ ନ୍ୟସ୍ତ କରିଥାଏ ଯେଉଁମାନେ ଭଗବାନଙ୍କୁ କଦାପି ଅନୁଭବ କରି ନାହାନ୍ତି କିଂବା ଉପଲବ୍ଧି କରି ନାହାନ୍ତି । ସେ (ଭାରତବର୍ଷ) କେବଳ ତାଙ୍କ(ଭଗବାନଙ୍କ) ଦ୍ୱାରା ନିର୍ବାଚିତ ଯିଏ ତାଙ୍କରି ମହିମା ଓ ସାର୍ବଭୌମ ଗରିମାର ଗୁଣଗାନ କରିବା ଲାଗି ଉଦ୍ଦିଷ୍ଟ – ଯାହା ସେ ସହସ୍ର ସହସ୍ର ବର୍ଷ ଧରି କରି ଆସୁଛି । ପ୍ରଥମେ ଆମେ ଯେତେବେଳେ ୟୁରୋପୀୟ ଶିକ୍ଷା ଲାଭ କଲୁ,

* Teaching of the Galilean : ଏହା ଯିଶୁଙ୍କର ଗୁଣପ୍ରକାଶକ ଏକ ବିଶ୍ଳେଷଣ । ପାଲେଷ୍ଟାଇନ୍‌ର ଉତ୍ତର ପ୍ରାନ୍ତରେ ଥିବା ଅଞ୍ଚଳକୁ Galilee କୁହାଯାଏ – ଯାହା ଆଧୁନିକ ଉତ୍ତର ଇସ୍‌ରାଏଲର ଅଂଶ ବିଶେଷ ।

ନିଜକୁ ବିଜ୍ଞାନର ଆଲୋକ ଦ୍ୱାରା ବିପଥଗାମୀ ହେବା ଲାଗି ପ୍ରଶ୍ରୟ ଦେଲୁ । ବିଜ୍ଞାନ ହେଉଛି ଆବଦ୍ଧ କୋଠରି ମଧ୍ୟରେ ସୀମିତ ରହିଥିବା ଏକ ଆଲୋକ, ତାହା ସୂର୍ଯ୍ୟ ନୁହେଁ ଯାହା ସମଗ୍ର ବିଶ୍ୱକୁ ସନ୍ଦୀପିତ ବା ଆଲୋକିତ କରେ । ବିଜ୍ଞାନ ସମୂହ ଅପରା ବିଦ୍ୟାର ଅନ୍ତର୍ଗତ; କିନ୍ତୁ ଏକ ଉଚ୍ଚତର ବିଦ୍ୟା ରହିଛି, ଏକ ବିପୁଳ ଜ୍ଞାନ ରହିଛି । ଆମେ ଯେତେବେଳେ ନିମ୍ନତର ଜ୍ଞାନର ପ୍ରଭାବରେ ରହିଥାଉ, ଆମେ କଳ୍ପନା କରୁ ଯେ ଆମେହିଁ ସମସ୍ତ କାର୍ଯ୍ୟ କରି ଚାଲିଛୁ ଓ ଆମେ ଯେଉଁ ସ୍ଥିତିରେ ରହିଛୁ ତାହାର କାରଣ ନିର୍ଦ୍ଧାରଣ କରିବା ଲାଗି ଚେଷ୍ଟା କରିଥାଉ ଯେପରିକି ଆମ ବୁଦ୍ଧି ହେଉଛି ସର୍ବେସର୍ବା ବିଚାରକ, ସର୍ବଜ୍ଞ ଓ ସର୍ବଶକ୍ତିଶାଳୀ । କିନ୍ତୁ ଏହି ମନୋଭାବଟି ଗୋଟିଏ ଭ୍ରମ, ଏକ ମାୟା । ଯିଏ ଥରେ ମାତ୍ର ଭଗବାନଙ୍କ ମହିମାକୁ ନିଜ ଅନ୍ତରରେ ଅନୁଭବ କରିଛି ସେ କଦାପି ପୁନର୍ବାର ବୁଦ୍ଧିର ପରାକାଷ୍ଠାକୁ ସ୍ୱୀକାର କରିପାରିବ ନାହିଁ । ଏକ ଉଚ୍ଚତର ସ୍ୱର ରହିଛି, ଏକ ଅବ୍ୟର୍ଥ ଦିବ୍ୟ ବାଣୀ ରହିଛି; ତାହା ସମସ୍ତଙ୍କ ହୃତ୍‌କେନ୍ଦ୍ରରେ ରହିଛି ଯେଉଁଠି ଭଗବାନ୍ ବସବାସ କରନ୍ତି । ସେ ମସ୍ତିଷ୍କ ମାଧ୍ୟମରେ କ୍ରିୟା କରନ୍ତି, କିନ୍ତୁ ମସ୍ତିଷ୍କ ତାଙ୍କର ଅନେକ ଯନ୍ତ୍ର ମଧ୍ୟରୁ ଗୋଟିଏ ଯନ୍ତ୍ର ମାତ୍ର । ମସ୍ତିଷ୍କ ଯାହା କିଛି ଯୋଜନା କରେ ହୃଦୟ ପ୍ରାରମ୍ଭରୁ ତାହା ଜାଣିଥାଏ ଓ ଯିଏ ମସ୍ତିଷ୍କକୁ ଅତିକ୍ରମ କରି ହୃଦୟ ନିକଟକୁ ଆସିଥା'ନ୍ତି ସେ ନିଶ୍ଚିତ ରୂପେ ଶାଶ୍ୱତଙ୍କ ବାଣୀ ଶୁଣିଥା'ନ୍ତି ।''

(CWSA, Vol. 7, p. 891-892)

ହିନ୍ଦୁ ପରମ୍ପରାରେ ବିଦ୍ୟା ଦୁଇପ୍ରକାର, ପରାବିଦ୍ୟା ଓ ଅପରାବିଦ୍ୟା; ଉଚ୍ଚତର ଜ୍ଞାନ ଓ ନିମ୍ନତର ଜ୍ଞାନ । ମୁଣ୍ଡକ ଉପନିଷଦ୍‌ରେ ଶୌନକ ଋଷି ମହର୍ଷି ଅଙ୍ଗିରସଙ୍କୁ ପ୍ରଶ୍ନ କରୁଛନ୍ତି : ''କସ୍ମିନ୍ନୁ ଭଗବୋ ବିଜ୍ଞାତେ ସର୍ବମିଦଂ ବିଜ୍ଞାତଂ ଭବତୀତି ?''

ଅର୍ଥାତ୍, ''ଭଗବନ୍ ! ଏପରି କ'ଣ ଅଛି ଯାହାକୁ ଜାଣିଲେ ସବୁକିଛି ଜାଣିହୁଏ ।'' ମହର୍ଷି ଅଙ୍ଗିରସଙ୍କ ଉତ୍ତର : ବ୍ରହ୍ମବିଦ୍‌ମାନେ କହନ୍ତି ଯେ ବିଦ୍ୟା ଦୁଇପ୍ରକାର । ଚତୁର୍ବେଦ (ଋକ୍, ଯଜୁଃ, ସାମ ଓ ଅଥର୍ବ), ନିରୁକ୍ତ, ଧର୍ମ ଶାସ୍ତ୍ର, ବ୍ୟାକରଣ, ତାଳ, ଛନ୍ଦ, ସଙ୍ଗୀତ, ଜ୍ୟୋତିଷ, କର୍ମକାଣ୍ଡ ଇତ୍ୟାଦି ଗ୍ରନ୍ଥ ଅଧ୍ୟୟନ କରି ପ୍ରାପ୍ତ କରିଥିବା ଜ୍ଞାନକୁ ଅପରା ବିଦ୍ୟା କୁହାଯାଏ । ଯେଉଁ ଜ୍ଞାନ ଦ୍ୱାରା ଶାଶ୍ୱତ, ଅକ୍ଷୟ, ଅଜର, ଅମର ଆତ୍ମାର ଉପଲବ୍ଧି ହୋଇଥାଏ ତାହାକୁହିଁ ପରା ବିଦ୍ୟା ବା ଉଚ୍ଚତର ଜ୍ଞାନ କୁହାଯାଏ । ଏହା ପରମ ବାସ୍ତବତା (Supreme Reality) ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଦେଇଥାଏ । ଏହି ଜ୍ଞାନ ଅତି ସୂକ୍ଷ୍ମ ଓ ରହସ୍ୟାବୃତ । ଏହା ନିଜସ୍ୱ ପ୍ରୟାସରେ ପ୍ରାପ୍ତ କରିବା ଦୁଷ୍କର ବା କଷ୍ଟସାଧ୍ୟ । ଅଭୀପ୍ସୁ ଲାଗି ଗୁରୁଙ୍କ ସାହାଯ୍ୟ ନିତାନ୍ତ ପ୍ରୟୋଜନ । ଗୁରୁ ଆପଣା ଅନୁଭୂତି ସାହାଯ୍ୟରେ ଏପରି ବହୁ ଅଭିଳଷିତ ପ୍ରଜ୍ଞାକୁ ଶିଷ୍ୟଠାରେ ସଞ୍ଚାରିତ କରିଦେଇ ପାରନ୍ତି । କେବଳ ବୁଦ୍ଧି ବା ଯୁକ୍ତିତର୍କ ଦ୍ୱାରା ଏହା ଉପଲବ୍ଧି କରିହୁଏ ନାହିଁ । ଏହା ସ୍ୱତଃଲବ୍ଧ ଜ୍ଞାନ ବା ପ୍ରତିବୋଧ (Intuition) ଦ୍ୱାରା ପ୍ରାପ୍ତ ହୋଇଥାଏ । ମହର୍ଷି ଅଙ୍ଗିରସ ବୁଦ୍ଧିର ମାର୍ଗ ଓ ଉପଲବ୍ଧିର ମାର୍ଗ ମଧ୍ୟରେ ଥିବା ଭିନ୍ନତାକୁ ଉପସ୍ଥାପନ କରିଛନ୍ତି । ମତାମତ ଓ ଉପଲବ୍ଧି ମଧ୍ୟରେ ଯେଉଁ ପ୍ରଭେଦ ରହିଥାଏ, ଅପରା ଜ୍ଞାନ ଓ ପରା ଜ୍ଞାନ ମଧ୍ୟରେ ସେହିପରି ପାର୍ଥକ୍ୟ ରହିଥାଏ । ମସ୍ତିଷ୍କ ଓ ହୃଦୟ ମଧ୍ୟରେ ଯେଉଁ ପ୍ରଭେଦ ଥାଏ, ଅପରା ଜ୍ଞାନ ଓ ପରା ଜ୍ଞାନ ମଧ୍ୟରେ ପ୍ରାୟ ସେପରି ଏକ ପାର୍ଥକ୍ୟ ରହିଥାଏ । ତେବେ ମସ୍ତିଷ୍କ ଓ ହୃତ୍‌କେନ୍ଦ୍ର ମଧ୍ୟରେ ଦୂରତା ମାତ୍ର ୧୮ ଇଞ୍ଚ । ଅଥଚ ଏହି ନିମ୍ନତମ ଦୂରତାକୁ ଅତିକ୍ରମ କରିବା ଲାଗି ଦୀର୍ଘତମ ସମୟ ଲାଗେ ।

**ପରମ ସତ୍ୟହିଁ ଗୁରୁତ୍ୱପୂର୍ଣ୍ଣ ବିଷୟ :**

''ଭାରତର ଅଭ୍ୟୁଦୟ ଓ ଭାରତୀୟ ସଂସ୍କୃତିର ଆଧାର'' ଗ୍ରନ୍ଥରେ ମହାଯୋଗୀ ଶ୍ରୀଅରବିନ୍ଦ କହନ୍ତି –

''...but whatever be our way of reaching him, the one important truth of spiritual experience is that he is in the heart and centre of all existence and all existence is in him and to find him is the great self-finding. Differences of credal belief are to the Indian mind nothing more than various ways of seeing the one Self and Godhead in all. Self-realisation is the one thing needful; to open to the inner Spirit, to live in the Infinite, to seek after and discover the Eternal, to be in union with God, that is the common idea and aim of religion,

that is the sense of spiritual salvation, that is the living Truth that fulfils and releases. This dynamic following after the highest spiritual truth and the highest spiritual aim are the uniting bond of Indian religion and, behind all its thousand forms, its one common essence.''

(CWSA, Vol. 20, p. 184)

ଏହାର ଓଡ଼ିଆ ଭାବାନୁବାଦ ହେଲା : ''ମାତ୍ର ତାଙ୍କ ନିକଟରେ ଉପନୀତ ହେବା ପଥ ଯାହା ହେଉନା କାହିଁକି ଆଧ୍ୟାତ୍ମିକ ଅନୁଭୂତିର ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ସତ୍ୟ ହେଲା ଯେ ସେ ଆମ ହୃଦୟ ମଧ୍ୟରେ ଅବସ୍ଥାନ କରନ୍ତି, ସେ ସମଗ୍ର ସୃଷ୍ଟିର କେନ୍ଦ୍ର ଓ ସମଗ୍ର ସୃଷ୍ଟି ତାଙ୍କରି ମଧ୍ୟରେହିଁ ଅବସ୍ଥିତ ଓ ତାଙ୍କୁ ଆବିଷ୍କାର କରିବା ଅର୍ଥ ନିଜକୁହିଁ ଆବିଷ୍କାର କରିବା । ଆତ୍ମ-ଉପଲବ୍ଧି ହେଲା ଏକମାତ୍ର ଅତ୍ୟାବଶ୍ୟକ ବିଷୟ – ଅନ୍ୟ କିଛି ନୁହେଁ । ଏକହିଁ ଆତ୍ମା ଓ ପରମ ଦିବ୍ୟସତ୍ତାଙ୍କୁ ସଭିଙ୍କ ମଧ୍ୟରେ ଆବିଷ୍କାର କରିବା – ବିଭିନ୍ନ ଧାରାରେ, ବିଭିନ୍ନ ରୂପରେ ଦର୍ଶନ କରିବା । ଆନ୍ତର ପରମାତ୍ମାଙ୍କ ପ୍ରତି ଉନ୍ମୀଳିତ ହେବା, ପରମ ଅସୀମତା ମଧ୍ୟରେ ବାସ କରିବା, ପରମ ଶାଶ୍ୱତଙ୍କୁ ଅନ୍ୱେଷଣ କରି ତାଙ୍କୁ ଆବିଷ୍କାର କରିବା, ପରମେଶ୍ୱରଙ୍କ ସହ ତାଦାତ୍ମ୍ୟ ଲାଭ କରିବା ବା ତାଙ୍କରି ସହ ଐକ୍ୟ ସ୍ଥାପନ କରିବା – ଏହାହିଁ ଧର୍ମର ସାଧାରଣ ଧାରଣା ଓ ଲକ୍ଷ୍ୟ, ଏହାହିଁ ଆଧ୍ୟାତ୍ମିକ ମୁକ୍ତିର ଯଥାର୍ଥ ଅର୍ଥ, ଏହାହିଁ ଜୀବନ୍ତ ପରମ ସତ୍ୟ ଯାହା ପୂର୍ଣ୍ଣତା ଓ ମୁକ୍ତି ପ୍ରଦାନ କରେ, ଜୀବନକୁ ସାର୍ଥକ କରେ । ହିନ୍ଦୁଧର୍ମର ସହସ୍ରାଧିକ ରୂପରେଖ ପଶ୍ଚାତରେ, ତାହାର ଏକମାତ୍ର ନିର୍ଯ୍ୟାସ ହେଲା ଏହି ସର୍ବୋଚ୍ଚ ଆଧ୍ୟାତ୍ମିକ ସତ୍ୟକୁ ଅନୁସରଣ କରିବା ଓ ଏହି ସର୍ବୋଚ୍ଚ ଆଧ୍ୟାତ୍ମିକ ଲକ୍ଷ୍ୟହିଁ ଭାରତୀୟ ଧର୍ମଗୁଡ଼ିକୁ ଏକତ୍ରିତ କରି ରଖିଛି ।''

## ସତ୍ୟର ଅନ୍ୱେଷଣରେ ସତ୍ୟକାମ (ଛାନ୍ଦୋଗ୍ୟ ଉପନିଷଦ୍, ୪-୪/୪-୮)

ଦିନେ ଜଣେ କିଶୋର ବାଳକ ହରିଦ୍ରୁମତ୍ ଗୌତମ ଋଷିଙ୍କ ଆଶ୍ରମ ଆସି ଋଷିଙ୍କୁ ବିନୀତ ସାଷ୍ଟାଙ୍ଗ ପ୍ରଣିପାତ କରି ଅନୁରୋଧ କଲା – ''ମୁଁ ଆପଣଙ୍କ ଆଶ୍ରମରେ ଯୋଗଦେଇ ବିଦ୍ୟା ଅଧ୍ୟୟନ କରିବା ପାଇଁ ଇଚ୍ଛା କରୁଛି । କୃପାକରି ମୋତେ ଆପଣଙ୍କ ଶିଷ୍ୟ ରୂପେ ସ୍ୱୀକାର କରନ୍ତୁ ।''

ଗୌତମ ମୁନି ପ୍ରଶ୍ନ କଲେ : ''ବାଳକ, ତୋର ଗୋତ୍ର କ'ଣ ?'' ବାଳକ ଉତ୍ତର ଦେଲା : ''ମୁନିବର ! ମୁଁ ମୋ ଗୋତ୍ର ଜାଣେ ନାହିଁ । ମୁଁ ମୋର ମା'ଙ୍କୁ ଆପଣା ଗୋତ୍ର ସମ୍ପର୍କରେ ପଚାରିଥିଲି । ସେ କହିଥିଲେ : ''ମୁଁ ବି ଜାଣେ ନାହିଁ, ତୋର ଗୋତ୍ର କ'ଣ ! ମୋର ଯୌବନ କାଳରେ ମୁଁ ବହୁ ବ୍ୟକ୍ତିଙ୍କ ସେବାରେ ନିୟୋଜିତ ଥିଲି । ସେତେବେଳେ ତୋର ଜନ୍ମ ହୋଇଥିଲା । ମୁଁ ନିଶ୍ଚିତ ରୂପେ କହିପାରିବି ନାହିଁ, ତୁ କେଉଁ ବଂଶ ପରମ୍ପରାର ସନ୍ତାନ । ତେବେ ମୋର ନାମ ହେଲା 'ଜାବାଳ' ଓ ତୋ'ର ନାମ ହେଲା 'ସତ୍ୟକାମ' । ତେଣୁ ହେ ମୁନିବର ! ମୋତେ ସତ୍ୟକାମ ଜାବାଳ ରୂପେ ସ୍ୱୀକାର କରନ୍ତୁ ।''

ଏହା ଶୁଣି ପ୍ରଜ୍ଞାବାନ୍ ଗୌତମ ଋଷି କହିଲେ : ''କେବଳ ଜଣେ ବ୍ରାହ୍ମଣହିଁ ଏପରି ସତ୍ୟବଚନ କହିପାରେ । ରେ ପ୍ରିୟ ବାଳକ ! ଯଜ୍ଞ ନିମିତ୍ତ ସମିଧ ସଂଗ୍ରହ କରିଆଣ । ମୁଁ ତୋତେ ବ୍ରହ୍ମଚର୍ଯ୍ୟ ଦୀକ୍ଷା ପ୍ରଦାନ କରିବି, ଯେହେତୁ ତୁ ସତ୍ୟନିଷ୍ଠ ଅଟୁ । ସତ୍ୟ ତଥ୍ୟ ଉପସ୍ଥାପନ କରି ତାହା ପ୍ରମାଣ କରିଛୁ ।'' ଏହି ପ୍ରକାରେ ସତ୍ୟକାମ ଜାବାଳ ବ୍ରହ୍ମଚାରୀ ରୂପେ ଦୀକ୍ଷିତ ହୋଇଗଲେ ।

କିଛିଦିନ ପରେ ଋଷି ହରିଦ୍ରୁମତ୍ ଗୌତମ ଚାରିଶତ ଦୁର୍ବଳ ଗୋରୁଗାଈଙ୍କୁ ଏକତ୍ରିତ କରି ସତ୍ୟକାମଙ୍କୁ କହିଲେ : ''ପ୍ରିୟ ବାଳକ ! ଏହି ଗାଈଗୁଡ଼ିକୁ ବଣ ମଧ୍ୟକୁ ଚରାଇବା ଲାଗି ନେଇଯାଅ ।'' ସତ୍ୟକାମ ଗାଈଗୁଡ଼ିକ ଦେଖି ବିନମ୍ର ଭାବରେ ନତମସ୍ତକ ହୋଇ କହିଲେ : ''ମାନ୍ୟବର ଗୁରୁଦେବ ! ମୁଁ ସେତେବେଳେ ଅରଣ୍ୟରୁ ଫେରିବି ଯେତେବେଳେ ଏମାନଙ୍କ ସଂଖ୍ୟା ଚାରିଶତରୁ ଏକ ସହସ୍ର ହୋଇଯିବ, ତା' ପୂର୍ବରୁ ନୁହେଁ ।'' ଗୁରୁଦେବଙ୍କ ଆଶୀର୍ବାଦ ନେଇ ସତ୍ୟକାମ ଗାଈଗୋରୁମାନଙ୍କ ସହ ଘୋର ଅରଣ୍ୟକୁ ଚାଲିଗଲେ । ସତ୍ୟକାମ ଅରଣ୍ୟରେ ଗାଈଗୋରୁମାନଙ୍କୁ ଖାଦ୍ୟ ଯୋଗାଇ ଦିନ ପରେ ଦିନ କଟେଇଲେ । ବର୍ଷ ପରେ ବର୍ଷ ବିତିଗଲା । ଗୋରୁଗାଈଙ୍କ ସଂଖ୍ୟା ବଢ଼ି ସହସ୍ର ହୋଇଗଲା ।

ଦିନେ ସନ୍ଧ୍ୟାରେ ଗୋଟିଏ ବୃଷଭ ଆସି ସତ୍ୟକାମଙ୍କୁ କହିଲା : ''ହେ ବାଳକ, ଆମ ସଂଖ୍ୟା ବର୍ତ୍ତମାନ ଏକ ସହସ୍ର ହୋଇ ଗଲାଣି, ଆମକୁ ବର୍ତ୍ତମାନ ଗୁରୁଙ୍କ ଗୃହକୁ ନେଇଚାଲ ।'' ବୃଷଭ ପୁଣି କହିଲା : ''ମୁଁ ତୁମକୁ ବ୍ରହ୍ମଙ୍କର ଏକପାଦର ଜ୍ଞାନ ପ୍ରଦାନ କରିବି । ସେ ପ୍ରକାଶବାନ୍ (Radiant) ଅଟନ୍ତି ।

ଯେଉଁ ବ୍ୟକ୍ତି ପ୍ରକାଶବାନ୍ ରୂପରେ ବ୍ରହ୍ମଙ୍କୁ ଧ୍ୟାନ କରନ୍ତି, ସେ ଏ ସଂସାରରେ ପ୍ରକାଶବାନ୍ ହୋଇଯା'ନ୍ତି ।'' ବୃଷଭ ଏତିକି କହି ପୁଣି କହିଲା ଯେ ଏହାପରେ ଅଗ୍ନିଦେବ ତୁମକୁ ଜ୍ଞାନ ପ୍ରଦାନ କରିବେ । ପରଦିନ ପ୍ରାତଃକାଳରେ ସତ୍ୟକାମ ଗାଇମାନଙ୍କ ସହ ଗୁରୁଙ୍କ ଆଶ୍ରମ ଅଭିମୁଖେ ଯାତ୍ରା ଆରମ୍ଭ କଲେ । ସନ୍ଧ୍ୟା ଉପଗତ ହେବାରୁ ଗାଈମାନଙ୍କୁ ଏକତ୍ରିତ କରି ରଖିଲେ । ତତ୍‌ପରେ ଅଗ୍ନି ସଂଯୋଗ କରି ସେଥିରେ ସମିଧ ଅର୍ପଣ କଲେ ଓ ପୂର୍ବାଭିମୁଖୀ ହୋଇ ଧ୍ୟାନ କଲେ । ସେତେବେଳେ ଅଗ୍ନିଦେବ ପ୍ରକଟିତ ହୋଇ କହିଲେ : ''ପ୍ରିୟ ବାଳକ ! ମୁଁ ତୁମକୁ ବ୍ରହ୍ମଙ୍କର ଦ୍ୱିତୀୟ ପାଦ ଜ୍ଞାନ ପ୍ରଦାନ କରିବି; ମନଦେଇ ଶୁଣ । ସେ ବ୍ରହ୍ମ ଅନନ୍ତବାନ୍ (Endless) ଅଟନ୍ତି । ଯିଏ ତାଙ୍କୁ ଏହି ରୂପରେ ଜାଣେ ଓ ଅନନ୍ତ ରୂପରେ ତାଙ୍କୁ ଧ୍ୟାନ କରେ ସେ ଏହି ସଂସାରରେ ଅନନ୍ତ ହୋଇଯାଏ ।'' ତତ୍‌ପରେ ଅଗ୍ନିଦେବ ପୁଣି ତାଙ୍କୁ କହିଲେ ଯେ ଏକ ହଂସ ତାଙ୍କୁ ବ୍ରହ୍ମଙ୍କର ତ୍ରିଚତୁର୍ଥାଂଶ ଜ୍ଞାନ ପ୍ରଦାନ କରିବେ । ପରଦିନ ପ୍ରାତଃକାଳରେ ସତ୍ୟକାମ ଗାଇମାନଙ୍କୁ ଅଡ଼େଇ ଗୁରୁଙ୍କ ଆଶ୍ରମ ଅଭିମୁଖେ ଯାତ୍ରା ଆରମ୍ଭ କରିଦେଲେ । ସୂର୍ଯ୍ୟାସ୍ତ ହେବାପରେ ଗାଈଗୋରୁମାନଙ୍କୁ ଏକତ୍ରିତ କରି ସମିଧରେ ଅଗ୍ନି ପ୍ରଜ୍ୱଳିତ କଲେ ଓ ଧ୍ୟାନରେ ବସିଲେ । ସେତେବେଳେ ହଠାତ୍ ଗୋଟିଏ ହଂସ ଉଡ଼ିଆସି ତାଙ୍କ ସମ୍ମୁଖରେ ଉପନୀତ ହେଲା ଓ କହିଲା — ''ହେ ସତ୍ୟକାମ ! ମୁଁ ତୁମକୁ ବ୍ରହ୍ମଙ୍କର ତୃତୀୟ ପାଦର ଜ୍ଞାନ ପ୍ରଦାନ କରିବି । ତାଙ୍କୁ 'ଜ୍ୟୋତିଷ୍ମାନ୍' (Effulgent) କହନ୍ତି । ବ୍ରହ୍ମଙ୍କୁ ଜ୍ୟୋତିଷ୍ମାନ୍ ରୂପରେ ଯିଏ ଧ୍ୟାନ କରେ ସେ ସଂସାରରେ ସ୍ୱୟଂ ଜ୍ୟୋତିଷ୍ମାନ୍ ହୁଏ ।'' ତତ୍‌ପରେ ହଂସ କହିଲା ଯେ ଗୋଟିଏ ଜଳକୁକ୍କୁଟ ଆସି ତାଙ୍କୁ ବ୍ରହ୍ମଙ୍କର ଚତୁର୍ଥପାଦ ବା ଅନ୍ତିମ ପାଦର ଜ୍ଞାନ ପ୍ରଦାନ କରିବ । ପରଦିନ ପ୍ରାତଃ କାଳରେ ସତ୍ୟକାମ ଗାଈଗୁଡ଼ିକୁ ଗୁରୁଙ୍କ ଆଶ୍ରମ ଅଭିମୁଖେ ଆଗେଇ ନେଲେ । ସନ୍ଧ୍ୟା ହେଲା ପରେ ଗାଈଗୁଡ଼ିକୁ ଏକତ୍ରିତ କରି ଅଗ୍ନି ପ୍ରଜ୍ୱଳିତ କଲେ । ଅଗ୍ନିରେ ସମିଧ ଅର୍ପଣ କରି ପୂର୍ବାଭିମୁଖୀ ହୋଇ ଉପବେଶନ କଲେ । ସେତେବେଳେ ଗୋଟିଏ ଜଳ କୁକ୍କୁଟ ସେଠାକୁ ଆସି କହିଲା : ''ହେ ସତ୍ୟକାମ ! ମୁଁ ତୁମକୁ ବ୍ରହ୍ମଙ୍କର ଅନ୍ତିମ ଚତୁର୍ଥପାଦର ଜ୍ଞାନ ପ୍ରଦାନ କରିବି । ସେ ଆୟତନବାନ୍ ବା ସର୍ବାଧାର (All supporting) ଅଟନ୍ତି । ଯିଏ ବ୍ରହ୍ମଙ୍କୁ ଏପରି ଭାବରେ ଜାଣେ ଓ ଏହି ରୂପରେ ଧ୍ୟାନ କରେ ସଂସାରରେ ସେ ସ୍ୱୟଂ ସେହିପରି ହୋଇଯାଏ ।''

ସେ ଯେତେବେଳେ ସହସ୍ର ଗାଈମାନଙ୍କ ସହ ଗୁରୁଙ୍କ ଆଶ୍ରମରେ ପହଞ୍ଚିଲେ ସେତେବେଳେ ଗୁରୁଦେବ ସତ୍ୟକାମଙ୍କୁ ଦେଖି କହିଲେ : ''ବତ୍ସ ! ତୁମ ମୁଖମଣ୍ଡଳ ବ୍ରହ୍ମଜ୍ଞାନରେ ଦୀପ୍ତିମନ୍ତ ହୋଇଛି, ତୁମେ ଏହି ଜ୍ଞାନ କାହାଠାରୁ ପ୍ରାପ୍ତ କଲ ?'' ସତ୍ୟକାମ ପ୍ରଣିପାତ କରି ବିନୀତ ଭାବେ ଗୁରୁଙ୍କୁ ଚାରିଜଣ ଶିକ୍ଷାଦାତାଙ୍କ ବିଷୟରେ କହିଲେ ଓ ଅନୁରୋଧ କଲେ : ''ଗୁରୁଦେବ ! ମୁଁ ଆପଣଙ୍କଠାରୁ ସେହି ଗୂଢ଼ଜ୍ଞାନ ପାଇବା ଲାଗି ପ୍ରାର୍ଥନା କରୁଛି । କାରଣ ମୁଁ ଜାଣେ ଯେ ଆପଣା ଗୁରୁଙ୍କଠାରୁ ପ୍ରତ୍ୟକ୍ଷ ରୂପେ ପାଇଥିବା ଜ୍ଞାନହିଁ ପୂର୍ଣ୍ଣ ହୋଇଥାଏ ।'' ଏବେ ମହର୍ଷି ଗୌତମ ସତ୍ୟକାମଙ୍କୁ ସେହି ପ୍ରାପ୍ତ ଜ୍ଞାନକୁ ବିସ୍ତୃତ ରୂପେ ବୁଝାଇ ଦେଲେ । ଏହି ପ୍ରକାରେ ସତ୍ୟକାମ ନିଜ ଗୁରୁଙ୍କଠାରୁ ପୂର୍ଣ୍ଣ ବ୍ରହ୍ମଜ୍ଞାନ ପ୍ରାପ୍ତ କରି ସ୍ୱୟଂ ଜଣେ ମହାନ୍ ଗୁରୁ ରୂପେ ପ୍ରସିଦ୍ଧି ଲାଭ କରିଥିଲେ ।

ଛାନ୍ଦୋଗ୍ୟ ଉପନିଷଦ୍ ବର୍ଣ୍ଣିତ ଏହି କ୍ଷୁଦ୍ର ଗଳ୍ପଟି କହେ — କିପରି ଆପଣା ଅନୁଭୂତି ଓ ଉପଲବ୍ଧି ଦ୍ୱାରା ଆପଣା ଗୁରୁଙ୍କ ସହାୟତାରେ ପରା ବିଦ୍ୟା ପ୍ରାପ୍ତ କରାଯାଇଥାଏ । ସତ୍ୟକାମ କୌଣସି ଶାସ୍ତ୍ର ଅଧ୍ୟୟନ କରି ବ୍ରହ୍ମ ଉପଲବ୍ଧି ପାଇ ନଥିଲେ । ପ୍ରକୃତିର କୋଳରେ ମୁକ୍ତ ଜୀବନଯାପନ କରି ଆପଣା ପ୍ରତିବୋଧ (Intuition) ଦ୍ୱାରା ସେହି ଦିବ୍ୟଜ୍ଞାନର ଆଭାସ ପାଇଥିଲେ ଯାହା ପରବର୍ତ୍ତୀକାଳରେ ଦକ୍ଷ ଓ ଅନୁଭୂତିଶୀଳ ଗୁରୁଙ୍କ ଦ୍ୱାରା ସମର୍ଥିତ ହୋଇଥିଲା ।

(କ୍ରମଶଃ)

❑❑❑

ଏହା ଖାଲି ବାକ୍ୟଟିଏ କିଂବା କେତୋଟି ଶବ୍ଦର ସମାହାର ମାତ୍ର ନୁହେଁ, ଏହା ଏକ ବାସ୍ତବ ଘଟଣା । ମୁଁ ତୁମ ସହ ଅତି ସ୍ଥୂଳଭାବେ ରହିଛି ଏବଂ ଯେଉଁମାନଙ୍କର ଏକ ସୂକ୍ଷ୍ମଦୃଷ୍ଟି ଅଛି ସେମାନେ ମୋତେ ଦେଖି ପାରନ୍ତି ।

— ଶ୍ରୀମା

# ଟେଡ଼ି ଷ୍ଟୋଡ଼ାର୍ଡ୍ ଏବଂ ଶ୍ରୀମତୀ ଥମ୍ପସନ୍

କାହାଣୀର ନାୟିକା ହେଉଛନ୍ତି ଶ୍ରୀମତୀ ଥମ୍ପସନ୍ ଓ ନାୟକ ଟେଡ଼ି ଷ୍ଟୋଡ଼ାର୍ଡ଼, ଯାହାକୁ ଆମେ ଟେଡ଼ି ବୋଲି ଜାଣିବା । ଶ୍ରୀମତୀ ଥମ୍ପସନ୍ ଅନେକ ବର୍ଷ ତଳେ କୌଣସି ଏକ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ ଏବଂ ଟେଡ଼ି ସେଇ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀର ଛାତ୍ର ଥିଲା । ସୌଭାଗ୍ୟ କ୍ରମେ ଶ୍ରୀମତୀ ଥମ୍ପସନ୍ ଉକ୍ତ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀର ଶ୍ରେଣୀ ଶିକ୍ଷୟିତ୍ରୀ ବା କ୍ଲାସ ଟିଚର ନିଯୁକ୍ତ ହେଲେ ।

ନିଜ ଶିକ୍ଷକତାର ପ୍ରଥମ ଦିନ ଶ୍ରୀମତୀ ଥମ୍ପସନ୍ ପଞ୍ଚମ ଶ୍ରେଣୀ ପିଲାଙ୍କ ସମ୍ମୁଖରେ ଛିଡ଼ା ହୋଇ ନିଜର ପରିଚୟ ଦେବା ସହିତ ପିଲାଙ୍କୁ ସେ ଏକ ଆଦର୍ଶବାଦର କଥା ମଧ କହିଥିଲେ ଯାହାକି ଅଧିକାଂଶ ଶିକ୍ଷକ-ଶିକ୍ଷୟିତ୍ରୀ କରିଥା'ନ୍ତି । ଶ୍ରୀମତୀ ଥମ୍ପସନ୍ ସେଦିନ ପିଲାମାନଙ୍କୁ କହିଥିଲେ ଯେ, ''ମୁଁ ଶ୍ରେଣୀର ସବୁ ପିଲାଙ୍କୁ ସମାନ ଦୃଷ୍ଟିରେ ଦେଖିବି । କାହାରି ପ୍ରତି କିଛି ପାତରଅନ୍ତର କରିବି ନାହିଁ । ଆକାଶରୁ ମେଘ ବରଷିଲା ବେଳେ ଯେପରି ଉଚ୍ଚ-ନୀଚ, ଖାଲ-ଢ଼ିପ, ପର୍ବତ, ସମୁଦ୍ରର ବିବେଚନା ନ କରି ନିଜକୁ ସେ କେବଳ ସମାନ ଭାବରେ ଅଜାଡ଼ି ଦେବାରେ ଲାଗିଥାଏ, ମୁଁ ବି ତୁମମାନଙ୍କ ପ୍ରତି ମୋର ହୃଦୟର ସ୍ନେହ, ପ୍ରେମ ଓ ଭଲ ପାଇବାକୁ ସମାନ ଭାବରେ ବାଣ୍ଟି ଦେବି ।''

ଶ୍ରୀମତୀ ଥମ୍ପସନ୍ ଏତେ ବଡ଼ କଥାଟିଏ ପିଲାଙ୍କ ସମ୍ମୁଖରେ କହିଦେଲେ ସିନା, କିନ୍ତୁ ତାଙ୍କର ପ୍ରତିଶ୍ରୁତି ସେ ଅକ୍ଷରେ ଅକ୍ଷରେ ପାଳନ କରି ପାରି ନଥିଲେ, ଯାହାକି ଅଧିକାଂଶ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଜୀବନରେ ଘଟିଥାଏ । ସେମାନେ କେତେକ ପିଲାଙ୍କ ପ୍ରତି ସ୍ୱତଃପ୍ରବୃତ୍ତ ଭାବରେ ଆକର୍ଷିତ ହୋଇ ପଡ଼ନ୍ତି ଏବଂ ଏହା ପଛରେ କିଛି ବିଶେଷ କାରଣ ମଧ ରହିଥାଏ । ଶ୍ରୀମତୀ ଥମ୍ପସନ୍ଙ୍କ ଜୀବନରେ ମଧ ତାହା ହିଁ ଘଟିଲା । ତାଙ୍କ ସମ୍ମୁଖରେ ପ୍ରଥମ ଧାଡ଼ିରେ ବସିଥିବା ଗୋଟିଏ କୁନି ପୁଅର ନାଁ ଥିଲା ଟେଡ଼ି । ସମସ୍ତଙ୍କଠାରୁ ଅଲଗା ବୋଲି ବାରି ହୋଇ ପଡୁଥିବା ଟେଡ଼ି ସେଇ ପ୍ରଥମ ସାକ୍ଷାତରେ ହିଁ ଶ୍ରୀମତୀ ଥମ୍ପସନ୍ଙ୍କୁ ତା' ଆଡ଼କୁ ଆକର୍ଷିତ କରି ନେଇଥିଲା । ପରବର୍ତ୍ତୀ କିଛି ଦିନ ମଧରେ ଶ୍ରୀମତୀ ଥମ୍ପସନ୍ ଲକ୍ଷ୍ୟ କଲେ ଯେ ଟେଡ଼ି ତା'ର ସାଙ୍ଗ ପିଲାଙ୍କ ସହିତ ଭଲ ଭାବରେ ମିଶୁ ନାହିଁ । ସେମାନଙ୍କ ସହିତ ଖେଳକୁଦ କରୁ ନାହିଁ । ଅନ୍ୟମନସ୍କ ଓ ଗୁମ୍‌ସୁମ୍ ରହୁଛି । ତା'ର ପୋଷାକପତ୍ର ମଧ ଅତ୍ୟନ୍ତ ଅପରିଷ୍କାର ମନେ ହେଉଥିଲା – ସତେଅବା ସେ ଅନେକ ଦିନ ହେଲା ଗାଧୁଆପାଧୁଆ ବି କରି ନାହିଁ । ଲେଖାପଢ଼ା ପ୍ରତି ସେ ଧ୍ୟାନ ଦେଉ ନଥିଲା । ଆଜି ଖାତା ନାହିଁ ତ କାଲି ବହି ନାହିଁ । ଫଳରେ କ୍ଲାସ ଟେଷ୍ଟମାନଙ୍କରେ ତାକୁ ବଡ଼ ବଡ଼ ଆଳୁ (ଜିରୋ) ମିଳୁଥିଲା ଏବଂ ତା'ର ରିପୋର୍ଟ କାର୍ଡ଼ରେ ଶ୍ରୀମତୀ ଥମ୍ପସନ୍ଙ୍କୁ ନାଲି କାଳିରେ ବଡ଼ ବଡ଼ ଅକ୍ଷରରେ ଫେଲ୍ ବୋଲି ଲେଖିବାକୁ ପଡୁଥିଲା ।

ଶ୍ରୀମତୀ ଥମ୍ପସନ୍ ଯେଉଁ ଶିକ୍ଷାନୁଷ୍ଠାନରେ ଶିକ୍ଷକତା କରୁଥିଲେ, ଆରମ୍ଭରୁ ସେଠାରେ ଏକ ନିୟମ ପ୍ରଚଳିତ ଥିଲା ଯେ ପ୍ରତ୍ୟେକ ଶିକ୍ଷକ/ଶିକ୍ଷୟିତ୍ରୀ ସେମାନଙ୍କର ପିଲାମାନଙ୍କୁ କିପରି ଭାବରେ ପର୍ଯ୍ୟବେକ୍ଷଣ କରୁଛନ୍ତି, ନିୟମିତ ଭାବରେ ତା'ର ବିବରଣୀ ଲିପିବଦ୍ଧ କରି ରଖିବେ । ଗୋଟିଏ ଦୃଷ୍ଟିରୁ ଦେଖିଲେ ଏହା ପିଲାମାନଙ୍କର ଜୀବନ ଇତିହାସ ଥିଲା । ଏହାକୁ ଦେଖି ସେଠାକାର ଶିକ୍ଷକ/ଶିକ୍ଷୟିତ୍ରୀମାନେ ପ୍ରତ୍ୟେକ ପିଲାର ଅଗ୍ରଗତିରେ କିପରି ସହାୟକ ହୋଇପାରିବେ ସେଇ ଅନୁସାରେ ନିଜକୁ ପ୍ରସ୍ତୁତ କରୁଥିଲେ ।

ଦିନେ ଶ୍ରୀମତୀ ଥମ୍ପସନ୍ କୌତୂହଳବଶତଃ ଟେଡ଼ି ସମ୍ପର୍କରେ ତା'ର ପୂର୍ବ ଶ୍ରେଣୀର ଶିକ୍ଷକମାନଙ୍କ ଦ୍ୱାରା ଲେଖା ହୋଇଥିବା ବିବରଣୀ ପୁସ୍ତିକା ଖୋଲି ପଢ଼ିବାକୁ ଲାଗିଲେ, ଯଦ୍ଦ୍ୱାରା ସେ ପିଲାଟିକୁ ଅଧିକ ଭଲ ଭାବରେ ବୁଝିପାରିବେ । ଟେଡ଼ିର ପ୍ରଥମ ଶ୍ରେଣୀର ଶିକ୍ଷୟିତ୍ରୀ ଲେଖିଥିଲେ, 'ଟେଡ଼ି ଗୋଟିଏ ଉଦୀୟମାନ ପିଲା ଏବଂ ସେ ସବୁବେଳେ ହସଖୁସିରେ ଭରି ରହିଥାଏ । ତା'ର କାମ ସେ ନିପୁଣତାର ସହିତ ଯଥା ସମୟରେ ସମ୍ପାଦନ କରିଥାଏ । ତା'ର ଉପସ୍ଥିତି ଶ୍ରେଣୀ କୋଠରିକୁ ଆନନ୍ଦମୁଖର କରି ରଖିଥାଏ ।'' ତା'ର ଦ୍ୱିତୀୟ ଶ୍ରେଣୀର ଶିକ୍ଷୟିତ୍ରୀ ଟେଡ଼ି ସମ୍ପର୍କରେ ଲେଖିଥିଲେ, ''ଟେଡ଼ି ଜଣେ ବହୁତ ଭଲ ପିଲା । ତା'ର ସାଙ୍ଗମାନେ ତାକୁ ବହୁତ ଭଲ ପାଆନ୍ତି । କିନ୍ତୁ ବିଗତ କିଛିଦିନ ହେଲା ସେ ଉଦାସ ଏବଂ ଚିନ୍ତିତ ରହୁଛି । କାରଣ ତା'ର ମାଆ ଏକ ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇଛନ୍ତି । ଫଳରେ ତା'ର ପାରିବାରିକ ଜୀବନ ଯନ୍ତ୍ରଣା ଜର୍ଜରିତ ହୋଇ ପଡ଼ିଛି ।'' ତା'ର ତୃତୀୟ

ଶ୍ରେଣୀର ଶିକ୍ଷୟିତ୍ରୀ ଲେଖିଥିଲେ, ''ଟେଡ଼ିର ମାଆଙ୍କ ମୃତ୍ୟୁ ତା' ପାଇଁ ଏକ ଅପୂରଣୀୟ କ୍ଷତି । ସତେଅବା ତା' ମୁଣ୍ଡ ଉପରେ ଆକାଶ ଛିଣ୍ଡି ପଡ଼ିଛି । ତଥାପି ସେ ନିଜ ତରଫରୁ ତା'ର ସବୁ କାମ ଯଥାଯଥ ଭାବରେ କରିବାକୁ ଚେଷ୍ଟା କରୁଛି । କିନ୍ତୁ ତା'ର ବାପା ସେଥିପ୍ରତି ବିଶେଷ ଆଗ୍ରହ ଦେଖାଇ ନାହାନ୍ତି । ଯଦି ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରା ନଯାଏ ତେବେ ତା'ର ବ୍ୟକ୍ତିଗତ ଜୀବନ ପ୍ରଭାବିତ ହୋଇପାରେ ।'' ତା'ର ଚତୁର୍ଥ ଶ୍ରେଣୀର ଶିକ୍ଷକ ଲେଖିଥିଲେ, ''ଟେଡ଼ିର ଜୀବନ ଦୁର୍ବିଷହ ହୋଇ ପଡ଼ିଛି । ଏବେ ଲେଖା ପଢ଼ାରେ ତା'ର ଆଉ ମନ ଲାଗୁ ନାହିଁ । ସେ ତା'ର ସାଙ୍ଗସାଥୀଙ୍କ ସହିତ ଆଉ ମିଶୁ ନାହିଁ । କେବେ କେବେ ସେ ଶ୍ରେଣୀର କୋଠରିରେ ଶୋଇ ବି ପଡୁଛି ।''

ଏଥର ଶ୍ରୀମତୀ ଥମ୍ପସନ୍ ଟେଡ଼ି ଏବଂ ତା'ର ସମସ୍ୟାକୁ ହୃଦୟଙ୍ଗମ କରି ସାରିଥିଲେ ଏବଂ ତା' ପ୍ରତି ନିଜର ବ୍ୟବହାର ପାଇଁ ଲଜ୍ଜା ବି ଅନୁଭବ କରୁଥିଲେ ।

କିଛିଦିନ ପରେ ଖ୍ରୀଷ୍ଟମାସ୍ ଆସିଲା । ଏଇ ଅବସରରେ ପିଲାମାନେ ରଙ୍ଗବେରଙ୍ଗ କାଗଜ ଏବଂ ରିବନ ବନ୍ଧା ହୋଇଥିବା ସୁନ୍ଦର ଉପହାରମାନ ଆଣି ଶ୍ରୀମତୀ ଥମ୍ପସନ୍‌ଙ୍କୁ ଦେବାକୁ ଲାଗିଲେ । ଦେଖୁ ଦେଖୁ ଉପହାରରେ ତାଙ୍କ ଟେବୁଲଟି ଭର୍ତ୍ତି ହୋଇଗଲା । ତଥାପି ଶ୍ରୀମତୀ ଥମ୍ପସନ୍ ମନେ ମନେ ଟେଡ଼ିକୁ ଅପେକ୍ଷା କରୁଥିଲେ । ଟେଡ଼ି ସବାଶେଷରେ ଆସିଲା । ତା' ହାତରେ ପୁରୁଣା ମଇଳା କାଗଜରେ ଗୁଡ଼ା ହୋଇଥିବା ଛୋଟ ପୁଡ଼ିଆଟିଏ ଥିଲା । ସେଇଟିକୁ ସେ ଶ୍ରୀମତୀ ଥମ୍ପସନ୍‌ଙ୍କ ପାଇଁ ଆଣିଥିଲେ ମଧ୍ୟ ତା'ର ସାଙ୍ଗମାନଙ୍କ ଚକଚକିଆ ଉପହାରମାନ ଦେଖି ସେ ତା'ର ପୁଡ଼ିଆଟିକୁ ଦେବା ପାଇଁ ଲଜ୍ଜା ଅନୁଭବ କରୁଥିଲା । କିନ୍ତୁ ଶ୍ରୀମତୀ ଥମ୍ପସନ୍ ଆଗ୍ରହ ସହକାରେ ତା' ହାତରୁ ପୁଡ଼ିଆଟି ନେଲେ ଏବଂ ସମସ୍ତଙ୍କ ସମ୍ମୁଖରେ ଟେଡ଼ିର ପୁଡ଼ିଆଟିକୁ ହିଁ ପ୍ରଥମେ ଖୋଲିଲେ । ସେଥିରେ ଅଧା ମୋତି ଝରି ପଡ଼ିଥିବା ଗୋଟେ ନକଲି ହାର ଏବଂ ଏକ ତୃତୀୟାଂଶ ସରି ଯାଇଥିବା ଗୋଟେ ପୁରୁଣା ଅତର ଶିଶି ଥିଲା । ଏହା ଦେଖି ଶ୍ରେଣୀ ପିଲାମାନେ ହୋ ହୋ ହୋଇ ହସିବାକୁ ଲାଗିଲେ । କିନ୍ତୁ ହଠାତ୍ ସେମାନଙ୍କର ହସ ବନ୍ଦ ହୋଇଗଲା ଏବଂ ଶ୍ରେଣୀର କୋଠରିରେ ନିସ୍ତବ୍ଧତା ଛାଇ ଗଲା – ଯେତେବେଳେ ସେମାନେ ଦେଖିଲେ ଯେ ଶ୍ରୀମତୀ ଥମ୍ପସନ୍ ସେଇ ଉପହାର ପାଇଁ ଟେଡ଼ିକୁ ପ୍ରଶଂସା କରିବା ସହିତ ହାରଟିକୁ ନିଜ ବେକରେ ପିନ୍ଧି ପକାଇଲେ ଏବଂ ଅତର ଶିଶିରୁ ଟିକେ ହାତରେ ଲଗାଇ ତାକୁ ଶୁଙ୍ଘିଲେ ଓ ଖୁସି ଅନୁଭବ କଲେ ।

ସେଦିନ ସ୍କୁଲ ଛୁଟି ହେଲା ପରେ ଟେଡ଼ି ବାହାରେ କିଛି ସମୟ ଅପେକ୍ଷା କଲା ଏବଂ ଶ୍ରୀମତୀ ଥମ୍ପସନ୍‌ଙ୍କୁ ଏକାନ୍ତରେ ଯାଇ କହିଲା, ''ଆଜି ସେ ହାରଟି ପିନ୍ଧିଲା ପରେ ଆପଣ ଠିକ୍ ମୋ' ମାଆ ଭଳି ଦେଖା ଯାଉଥିଲେ ଏବଂ ଆପଣଙ୍କ ହସ ମଧ୍ୟ ମୋ ମାଆର ହସ ଭଳି ଲାଗୁଥିଲା ।'' ଟେଡ଼ି ଫେରିଯିବା ପରେ ଶ୍ରୀମତୀ ଥମ୍ପସନ୍ କେତେ ସମୟ ଧରି ଭୋ ଭୋ ହୋଇ କାନ୍ଦିଲେ । ସେଇଦିନଠାରୁ ସେ ପିଲାମାନଙ୍କୁ ବିଭିନ୍ନ ବିଷୟ ଶିଖାଇବା ସହିତ ସେମାନଙ୍କଠାରୁ ମଧ୍ୟ ଶିଖିବା ଆରମ୍ଭ କଲେ ।

ଏଥର ଶ୍ରୀମତୀ ଥମ୍ପସନ୍ ଟେଡ଼ି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଲାଗିଲେ । ତା' ସହିତ କାମ କଲାବେଳେ ତାଙ୍କର ମସ୍ତିଷ୍କ ଜୀବନ୍ତ ହୋଇ ଉଠୁଥିଲା । ଟେଡ଼ିକୁ ସେ ଯେତିକି ପ୍ରୋତ୍ସାହିତ କରୁଥିଲେ ସେ ସେତିକି ସେତିକି ଅଗ୍ରଗତି କରୁଥିଲା । ଶିକ୍ଷା ବର୍ଷ ସମାପ୍ତ ହେଲା ପରେ ଶ୍ରୀମତୀ ଥମ୍ପସନ୍ ଟେଡ଼ିର ବିବରଣୀ ପୁସ୍ତିକାରେ ଲେଖିଲେ, ''ଚଳିତ ଶିକ୍ଷା ବର୍ଷର ଅନ୍ତିମ ପରୀକ୍ଷାରେ ଟେଡ଼ି ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିବା ସହିତ ଉଚ୍ଚଶିକ୍ଷା ପାଇଁ ଅନ୍ୟ ଏକ ବିଦ୍ୟାଳୟରେ ଭର୍ତ୍ତି ହୋଇଛି ।'' କିନ୍ତୁ ଆମେ ଦୁହେଁ କେହି କାହାକୁ ଭୁଲିପାରି ନାହୁଁ ।

ଏ ଘଟଣାର ବର୍ଷକ ପରେ ଶ୍ରୀମତୀ ଥମ୍ପସନ୍ ଟେଡ଼ିର ହସ୍ତଲିଖିତ ଏକ ପତ୍ର ପାଇଲେ । ଟେଡ଼ି ଲେଖିଥିଲା – ''ପ୍ରିୟ ମାଡ଼ାମ୍, ବର୍ତ୍ତମାନ ସୁଦ୍ଧା ମୁଁ ଯେତେଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସଂସ୍ପର୍ଶରେ ଆସିଛି, ସେ ସମସ୍ତଙ୍କ ମଧ୍ୟରୁ ଆପଣ ହେଉଛନ୍ତି ମୋର ସବୁଠୁ ପ୍ରିୟ ଶିକ୍ଷୟିତ୍ରୀ ।'' ଟେଡ଼ିର ଦ୍ୱିତୀୟ ପତ୍ର ପ୍ରାୟ ଛଅବର୍ଷ ପରେ ତାଙ୍କର ହସ୍ତଗତ ହେଲା । ସେଥିରେ ସେ ଲେଖିଥିଲା, ''ପ୍ରିୟ ମାଡ଼ାମ୍, ଇତି ମଧ୍ୟରେ ମୁଁ ମୋର ସିନିୟର ସେକେଣ୍ଡାରୀ ସମ୍ପୂର୍ଣ୍ଣ କରିଛି ଏବଂ ଶ୍ରେଣୀରେ ତୃତୀୟ ସ୍ଥାନରେ ରହିଛି । ଆଉ ମୁଁ ଆପଣଙ୍କୁ ଏ କଥା ମଧ୍ୟ ଜଣାଇବାକୁ ଚାହେଁ ଯେ ଗତ ସାତବର୍ଷ ମଧ୍ୟରେ ମୁଁ ଯେତେ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସଂସ୍ପର୍ଶରେ ଆସିଛି, ସେମାନଙ୍କ ମଧ୍ୟରୁ ଆପଣ ହେଉଛନ୍ତି ମୋର ସର୍ବଶ୍ରେଷ୍ଠ ଶିକ୍ଷୟିତ୍ରୀ ।'' ଶ୍ରୀମତୀ ଥମ୍ପସନ୍ ବେଶ୍ ଆନନ୍ଦ ଅନୁଭବ କରୁଥିଲେ ।

ଚାରିବର୍ଷ ପରେ ଶ୍ରୀମତୀ ଥମ୍ପସନ୍ ପୁଣି ଖଣ୍ଡିଏ ଚିଠି

ପାଇଲେ ଟେଡ଼ି ପାଖରୁ । ସେଥିରେ ସେ ଲେଖିଥିଲା, ''ପ୍ରିୟ ମାଡ଼ାମ୍, ନାନା ଘାତ ପ୍ରତିଘାତ ସତ୍ତ୍ୱେ ମୁଁ ମୋର ଅଧ୍ୟୟନ ଜାରି ରଖିଛି ଏବଂ ଖୁବ୍ ଶୀଘ୍ର ଭଲ ନମ୍ବର ରଖି ମୁଁ ମୋର ସ୍ନାତକ ଡିଗ୍ରୀ ହାସଲ କରିବି ବୋଲି ମନରେ ଆଶା ବାନ୍ଧିଛି । ସେଥିପାଇଁ ପ୍ରୟାସ ବି କରି ଚାଲିଛି । ଏ ଦୁଃସମୟରେ ଆପଣ କହିଥିବା କଥାଗୁଡ଼ିକ ମୋର ବେଶୀ ମନେ ପଡ଼ିଯାଉଛି । ତେଣୁ ଏବେ ବି ଆପଣ ମୋର ପ୍ରିୟ ଶିକ୍ଷୟିତ୍ରୀ ହୋଇ ରହିଛନ୍ତି ।''

ଏହା ପରେ ଆହୁରି ଚାରିବର୍ଷ ବିତିଗଲା । ଟେଡ଼ି ଦ୍ୱାରା ଲିଖିତ ଓ ପ୍ରେରିତ ଆଉ ଏକ ଚିଠି ଶ୍ରୀମତୀ ଥମ୍ପସନ୍‌ଙ୍କର ହସ୍ତଗତ ହେଲା । ସେଥିରେ ସେ ଲେଖିଥିଲା, ''ପ୍ରିୟ ମାଡ଼ାମ୍, ସ୍ନାତକ ସମାପ୍ତ ହେବା ପରେ ବି ନାନାବିଧ ପ୍ରତିକୂଳ ପରିସ୍ଥିତି ଦେଇ ମୁଁ ମୋର ଅଧ୍ୟୟନ ଜାରି ରଖିଛି ଏବଂ ଏବେ ମଧ୍ୟ ମୁକ୍ତ କଣ୍ଠରେ ସ୍ୱୀକାର କରୁଛି ଯେ ଏଯାବତ୍ ମୁଁ ଯେତେ ଜଣ ଶିକ୍ଷକଙ୍କ ସଂସ୍ପର୍ଶରେ ଆସିଛି ସେ ସମସ୍ତଙ୍କ ମଧ୍ୟରେ ଆପଣ ହେଉଛନ୍ତି ମୋର ପ୍ରିୟ ଏବଂ ଶ୍ରେଷ୍ଠ ଶିକ୍ଷୟିତ୍ରୀ ।'' ଏଥର ଟେଡ଼ିର ନାଆଁ ଟିକେ ଲମ୍ବା ହୋଇ ଯାଇଥିଲା । କାରଣ ତା'ର ନାମ ସହିତ ଉପାଧି ମଧ୍ୟ ଯୋଡ଼ି ହୋଇଥିଲା – ଡାକ୍ତର ଥିଓଡ଼ୋର୍ ଏଫ୍ ଷ୍ଟୋଡ଼ାର୍ଡ଼, ଏମ୍. ଡ଼ି ।

ତଥାପି କାହାଣୀଟି ଏଇଠି ଶେଷ ହୋଇଯାଉ ନାହିଁ । ସେ ବର୍ଷ ବସନ୍ତ ଋତୁ ପରେ ଶ୍ରୀମତୀ ଥମ୍ପସନ୍ ଟେଡ଼ି ପାଖରୁ ଆଉ ଖଣ୍ଡିଏ ଚିଠି ପାଇଲେ । ଉକ୍ତ ଚିଠିରେ ଟେଡ଼ି ଲେଖିଥିଲା, ''ପ୍ରିୟ ମାଡ଼ାମ୍, ଆପଣ ଜାଣି ଖୁସି ହେବେ ଯେ ମୁଁ ଗୋଟିଏ ଝିଅକୁ ଭଲ ପାଉଛି ଏବଂ ଆମେ ଦୁହେଁ ଖୁବ୍ ଶୀଘ୍ର ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛୁ । ଆପଣ ତ ଜାଣନ୍ତି, ପିଲାଟି ଦିନରୁ ମୁଁ ମାଆଙ୍କୁ ହରାଇଥିଲି । ଇତି ମଧ୍ୟରେ ବାପା ମଧ୍ୟ ମୋତେ ଛାଡ଼ି ଆରପାରିକୁ ଚାଲି ଗଲେଣି । ଏତେ ବଡ଼ ପୃଥିବୀରେ ମୋର ନିଜର ବୋଲି କେହି ନାହାନ୍ତି । ମୋର ବିବାହ ଉତ୍ସବରେ ଆପଣ ମୋର ମାଆଙ୍କ ଭୂମିକାରେ ଉପସ୍ଥିତ ରହିବେ କି ?'' ଚିଠିଟି ପଢ଼ି ଶ୍ରୀମତୀ ଥମ୍ପସନ୍ ଆତ୍ମବିଭୋର ହୋଇଗଲେ ଏବଂ ଟେଡ଼ିର ପ୍ରସ୍ତାବରେ ରାଜି ବୋଲି ସଙ୍ଗେ ସଙ୍ଗେ ତାକୁ ପ୍ରତ୍ୟୁତ୍ତରରେ ଜଣାଇ ଦେଲେ ।

ଟେଡ଼ିର ବିବାହ ଉତ୍ସବରେ ଶ୍ରୀମତୀ ଥମ୍ପସନ୍ ସତକୁ ସତ ତା' ମାଆର ଭୂମିକାରେ ଯାଇ ଉପସ୍ଥିତ ହେଲେ – କେବଳ ସେତିକି ନୁହେଁ, ଖ୍ରୀଷ୍ଟମାସ୍ ପର୍ବରେ ଟେଡ଼ି ତାଙ୍କୁ ଉପହାର ଦେଇଥିବା ସେଇ ପୁରୁଣା ହାରଟିକୁ ସେ ନିଜ ଗଳାରେ ପିନ୍ଧିଥିଲେ, ଯା'ର କେତୋଟି ମୋତି ଝଡ଼ି ପଡ଼ିଥିଲା ଏବଂ ସେଇ ଅତର ଶିଶିରୁ ଅତର କାଢ଼ି ନିଜ ଦେହରେ ଲଗାଇଥିଲେ, ଯା'ର ଏକ ତୃତୀୟାଂଶ ଅତର ପୂର୍ବରୁ ବ୍ୟବହୃତ ହୋଇ ସାରିଥିଲା ।

ଶ୍ରୀମତୀ ଥମ୍ପସନ୍‌ଙ୍କୁ ନିଜର ମାଆ ରୂପରେ ଦେଖି ଟେଡ଼ି ଭାବପ୍ରବଣ ହୋଇ ଉଠିଲା । ଦୁହେଁ ପରସ୍ପରକୁ ଆଲିଙ୍ଗନ କଲେ । ଡାକ୍ତର ଟେଡ଼ି ଷ୍ଟୋଡ଼ାର୍ଡ଼ ଫିସ୍ ଫିସ୍ କରି ଶ୍ରୀମତୀ ଥମ୍ପସନ୍‌ଙ୍କ କାନରେ କହିଲେ, ''ଶ୍ରୀମତୀ ଥମ୍ପସନ୍ ଆପଣ ମୋ' ଉପରେ ଭରସା ରଖିଥିବାରୁ ମୁଁ ଆପଣଙ୍କୁ କୃତଜ୍ଞତା ଜଣାଉଛି । ଏଇଥିପାଇଁ ମଧ୍ୟ ମୁଁ ଆପଣଙ୍କୁ ଅଶେଷ କୃତଜ୍ଞତା ଜଣାଉଛି ଯେ ଆପଣ ମୋର ପଢ଼ାପଢ଼ି ପ୍ରତି ବିଶେଷ ଗୁରୁତ୍ୱ ଦେଲେ । ସବୁବେଳେ ମୋର ପଥ ନିର୍ଦ୍ଦେଶ କଲେ ଏବଂ ମୋ' ଭିତରେ ଏଇ ଆତ୍ମବିଶ୍ୱାସ ସୃଷ୍ଟି କଲେ ଯେ ମୁଁ ମଧ୍ୟ କିଛି କରିପାରିବି ।'' ଶ୍ରୀମତୀ ଥମ୍ପସନ୍‌ଙ୍କ ଆଖିରୁ ଲୁହ ଧାର ବୋହି ପଡୁଥିଲା । ସେ ନିଜ ଆଖି ଲୁହକୁ ପୋଛୁ ପୋଛୁ ଟେଡ଼ିକୁ କହିଲେ, ''ତୁମେ ଭୁଲ୍ କହୁଛ ଯେ ମୁଁ କିଛି କରିପାରିବି । ତୁମକୁ ଭେଟିବା ପୂର୍ବରୁ ମୁଁ ଏ କଥା ଜାଣି ନଥିଲି ଯେ ସତକୁ ସତ ପିଲାଙ୍କୁ କିପରି ଶିଖାଇବାକୁ ହୁଏ । ତୁମେ ହିଁ ମୋର ଆଖି ଖୋଲି ଦେଇଥିଲ ।''

ଜଣେ ସମର୍ପିତ ଶିକ୍ଷକ ଚାହିଁଲେ ତା'ର ସ୍ନେହ, ପ୍ରେମ, ତ୍ୟାଗ ଓ ଅନନ୍ୟ ନିଷ୍ଠା ବଳରେ ପର୍ବତ ଶିଖରରେ ମଧ୍ୟ ପଦ୍ମ ଫୁଟାଇ ପାରେ । ଏଲିଜାବେଥ୍ ସିଲାନସ୍ ବାଲାର୍ଡ଼ (Elizabeth Silance Ballard)ଙ୍କ ରଚିତ 'Making a Difference' ଶୀର୍ଷକ ଏଇ କାହାଣୀର ନାୟିକା ଶ୍ରୀମତୀ ଥମ୍ପସନ୍ ହେଉଛନ୍ତି ତା'ର ଜ୍ୱଳନ୍ତ ଉଦାହରଣ । କହିବା ବାହୁଲ୍ୟ, ଆମ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କରେ ମଧ୍ୟ ଶ୍ରୀମତୀ ଥମ୍ପସନ୍‌ଙ୍କ ଭଳି ଅନେକ ସମର୍ପିତ ଶିକ୍ଷକ, ଶିକ୍ଷୟିତ୍ରୀ ଅଛନ୍ତି । ଚାଲନ୍ତୁ, ସେମାନଙ୍କୁ ଥରେ ଖୋଜିବାର ପ୍ରୟାସ କରିବା ।

(ଉପସ୍ଥାପନା : କାହ୍ନୁଚରଣ ମହାକୁର
ସୌଜନ୍ୟ : ସୁହୃତ୍)

❑❑❑

ଇତିହାସର କେତୋଟି ମୁହୂର୍ତ୍ତ :

# ରହସ୍ୟମୟ ସାନ୍ତାକ୍ଲଜ୍

## ମନୋଜ ଦାସ

ଯିଶୁଖ୍ରୀଷ୍ଟଙ୍କ ଜନ୍ମଦିନ ଭାବରେ ପାଳିତ ହୁଏ କ୍ରିସ୍‌ମାସ – ୨୫ ଡିସେମ୍ବର – ଆନନ୍ଦ ଓ ଉତ୍ସବର ବାତାବରଣ ଭିତରେ ।

ପୃଥିବୀର ବହୁ ଅଞ୍ଚଳରେ ଏ ଦିନଟି ପିଲାଙ୍କ ପାଇଁ ଲୋଭନୀୟ । ସାନ୍ତାକ୍ଲଜ୍ ବା ଫାଦର୍ କ୍ରିସ୍‌ମାସ ରାତିରେ ସେମାନଙ୍କ ପାଇଁ କିଛି କିଛି ଉପହାର ଥୋଇଦେଇ ଯା'ନ୍ତି । ସେ ମହାଶୟଙ୍କ ପୋଷାକ ଏବଂ ଟୋପି ଲାଲ, ଗହଳ ଦାଢ଼ି, ନିଶ ବିଲକୁଲ ତୁଷାର ଭଳି ଧଳା ।

ଅନେକ ଚିତ୍ରରେ ଆମେ ଦେଖୁ, ସେ ବୃଦ୍ଧ ଦୟାଳୁ ସାଧୁଟି କାନ୍ଧରେ ଥଳିଟିଏ ଝୁଲେଇ ଚଳମାନ ଅବସ୍ଥାରେ ଅଛନ୍ତି । ସେ ଯାଦୁ ଥଳିରୁ ଯେତେ ଚିଜ ବାହାର କରି ବିତରଣ କଲେ ବି ତାହା ଖାଲି ହୁଏନା ।

ଯେଉଁସବୁ ଦେଶରେ ତୁଷାରପାତ ପ୍ରବଳ, ସେସବୁ ଦେଶର ପତ୍ରପତ୍ରିକାରେ ଆମେ ଦେଖୁ ସାନ୍ତାକ୍ଲଜ୍ ମହାଶୟ ହଳେ ହରିଣ ଟାଣୁଥିବା ବଲ୍‌ଗା ଗାଡ଼ି ଚଢ଼ି କାନ୍ଧରେ ଥଳି ପକାଇ ଅଗ୍ରସର ହେଉଛନ୍ତି ।

କିଏ ଏହି ବନ୍ଧୁ ?

୩୪୩ ମସିହାର କଥା । ଭୂମଧ୍ୟସାଗର ଉପକୂଳରେ ମାୟର ନାମକ ଛୋଟିଆ ସହରରେ (ବର୍ତ୍ତମାନ ତାହା ତୁରସ୍କର ଅନ୍ତର୍ଭୁକ୍ତ) ନିକୋଲାସ୍ ବୋଲି ଜଣେ ଧର୍ମଯାଜକ ଥିଲେ । ସେ ଗରିବମାନଙ୍କ ଦୁଃଖରେ ଦୁଃଖୀ ହେଉଥିଲେ । ସେମାନଙ୍କୁ ଯଥାସମ୍ଭବ ସାହାଯ୍ୟ କରୁଥିଲେ । ଶ୍ରଦ୍ଧାଭରେ ଲୋକେ ତାଙ୍କୁ ସାଧୁ ବା ସେଣ୍ଟ୍ (Saint) ଭାବରେ ସମ୍ମାନ ଦେଉଥିଲେ । ତାଙ୍କୁ ସେଣ୍ଟ୍ ନିକୋଲାସ୍ ବୋଲି ଡାକୁଥିଲେ ।

ଗୋଟିଏ ପରିବାରରେ ଥିଲେ ତିନୋଟି ଝିଅ । ସେମାନଙ୍କ ବାପା ସେମାନଙ୍କୁ ବିବାହ ଦେଇପାରୁ ନଥିଲେ । ଯୌତୁକ ଦେବା ସକାଶେ ତାଙ୍କଠିଁ କିଛି ପଇସାପତ୍ର ନଥିଲା । କ୍ରିସ୍‌ମାସ୍ ପୂର୍ବଦିନ ରାତିରେ ନିକୋଲାସ୍ ସେ ପରିବାର ରହୁଥିବା ଛୋଟିଆ ଘରପାଖ ଦେଇ ଯାଉଛନ୍ତି, ତାଙ୍କୁ ଶୁଣାଗଲା ସେ ତିନି ଭଉଣୀଙ୍କ କରୁଣ କଥାବାର୍ତ୍ତା । ସେମାନେ ନିଜ ନିଜକୁ କ୍ରୀତଦାସ ଭଳି ବିକିଦେବା କଥା ଭାବୁଥିଲେ ।

ନିକୋଲାସ୍ ସେ ଘରର ଚିମିଣୀ ବାଟେ କିଛି ସୁନା, ଟଙ୍କା ପକାଇ ଦେଲେ । ଠିକ୍ ଚିମିଣୀ ତଳେ ଘର ଭିତରେ ମୋଜାଟିଏ ଟଙ୍ଗା ହୋଇଥିଲା ଶୁଖିବା ନିମନ୍ତେ । ସକାଳେ ଭଉଣୀମାନେ ମୋଜା ଭିତରୁ ସେ ଉପହାର ପାଇଲେ । ସେମାନଙ୍କ ଆନନ୍ଦ କହିଲେ ନସରେ ।

ଏହି ଯେଉଁ ସେଣ୍ଟ୍ ନିକୋଲାସ୍, କାଳକ୍ରମେ ନାମଟି ତାଙ୍କର ସଂକ୍ଷିପ୍ତ ହୋଇ ହେଲା ସାନ୍ତାକ୍ଲଜ୍‌ରେ ପରିଣତ । ବିଭିନ୍ନ ଦେଶରେ ବିଭିନ୍ନ ଲୋକକଥା ସହ ସେ ସାମିଲ ହେଲେ ।

ଆନୁମାନିକ ୩୪୫ ମସିହା ଡିସେମ୍ବର ୬ ତାରିଖରେ ସେ ଇହଧାମରୁ ବିଦାୟ ନେଇଥିଲେ ।

('ମନୋଜ ଦାସ ପରିବେଷିତ ଅର୍ଦ୍ଧଶତ କିଶୋର କାହାଣୀ'ରୁ ସଂଗୃହୀତ, ପୃ. ୧୫୬-୧୫୭)

❑❑❑

ସୌନ୍ଦର୍ଯ୍ୟର ତପସ୍ୟା :

# ଏକଲବ୍ୟର ସାଧନା

## (୭)

[''ପରମ ଦିବ୍ୟ ଶକ୍ତିଙ୍କ ଉପରେ ବିଶ୍ୱାସ ରଖ, ତୁମର ମନକୁ ନିଶ୍ଚଳ ବିଶ୍ରାମ ସ୍ଥିତିରେ ପ୍ରତିଷ୍ଠିତ କର ଏବଂ ମା'ଙ୍କ ଦିବ୍ୟ ଶକ୍ତି ଅବାଧରେ ତୁମ ମଧ୍ୟରେ କ୍ରିୟା କରୁ ।''

(CWSA, Vol. 32, p. 212) — ଶ୍ରୀଅରବିନ୍ଦ]

### ରୋଗବ୍ୟାଧିର ପ୍ରତିରୋଧ ଓ ପ୍ରତିକାର (ଗ) :

ଆମର 'ସୌନ୍ଦର୍ଯ୍ୟର ତପସ୍ୟା' ମାର୍ଗରେ ଶାରୀରିକ ରୋଗବ୍ୟାଧି ସମ୍ବନ୍ଧରେ ଏକ ପ୍ରଧାନ ପ୍ରତିବନ୍ଧକ ସୃଷ୍ଟିକାରୀ ଧାରଣା (suggestion) ହେଉଛି — 'ମୋର ଶ୍ରୀମା'ଙ୍କ ଉପରେ ବିଶ୍ୱାସ ରହିଛି, ରୋଗବ୍ୟାଧି ହୋଇଛି ବୋଲି ଏତେ ମୁଣ୍ଡ ଖେଳାଇବି କାହିଁକି ? ଔଷଧପତ୍ର, ପ୍ରତିଷେଧକ ଆଦି ଗ୍ରହଣ କରିବା କ'ଣ ଆବଶ୍ୟକ ? ଇତ୍ୟାଦି...'

'ବିଶ୍ୱାସେ ମିଳଇ ବିଷ୍ଣୁ ...' — ପ୍ରବଚନଟି ଅକ୍ଷରେ ଅକ୍ଷରେ ସତ, କିନ୍ତୁ କି ଧରଣର ବିଶ୍ୱାସ ?

ଶ୍ରୀମା'ଙ୍କ ଉକ୍ତିରେ : ''...ତୁମର ବିଶ୍ୱାସଟି ପୂର୍ଣ୍ଣାଙ୍ଗ ହୋଇଥିବା ଏକାନ୍ତ ଆବଶ୍ୟକ, ଏହା ସ୍ୱୟଂସମ୍ଭୃତ, ସମ୍ପୂର୍ଣ୍ଣ ହୋଇଥିବା ଏକାନ୍ତ ଆବଶ୍ୟକ । ଏବଂ ଏହା ଯଥାର୍ଥ ସ୍ୱଭାବର ହୋଇଥିବା ଉଚିତ, କେବଳ ମାନସିକ ଚିନ୍ତା ପ୍ରସୂତ ବା ସଂକଳ୍ପର ଏକ ଶକ୍ତି ହେଲେ ଚଳିବ ନାହିଁ, ଏହାଠାରୁ ଅଧିକ ଉଚ୍ଚସ୍ତରର ଓ ଗଭୀର ବିଶ୍ୱାସ ହୋଇଥିବା ଆବଶ୍ୟକ । ମନ ଦ୍ୱାରା ପ୍ରସ୍ତାବିତ ସଂକଳ୍ପ କେବେ କେବେ ଦୋହଲି ଯାଇ ବିପରୀତ ପ୍ରତିକ୍ରିୟା ପ୍ରତିଷ୍ଠା କରିଥାଏ ଏବଂ ଏକ ପ୍ରତିରୋଧ ବି ସୃଷ୍ଟି କରିଥାଏ ।... ମାନସିକ ବିଶ୍ୱାସ ଯଥେଷ୍ଟ ନୁହେଁ, ଏହା ଏକ ପ୍ରାଣିକ, ଏପରିକି ଏକ ଶାରୀରିକ ବିଶ୍ୱାସ ସହିତ ସ୍ୱୟଂ ସମ୍ପୂର୍ଣ୍ଣ ରୂପେ ସୁଦୃଢ଼ ଭାବରେ ପ୍ରବର୍ତ୍ତକ ହୋଇଥିବା ଆବଶ୍ୟକ । ଯଦି ତୁମେ ନିଜ ମଧ୍ୟରେ, ନିଜର ସମଗ୍ର ସତ୍ତାରେ ଏହି ଧରଣର ଏକ ପୂର୍ଣ୍ଣାଙ୍ଗ ବିଶ୍ୱାସ ସୃଷ୍ଟି କରିପାର, ତେବେ କୌଣସି କିଛି ବାଧା ଦେଇ ପାରିବ ନାହିଁ । କିନ୍ତୁ ଏଥିସକାଶେ ତୁମକୁ ତୁମର ଏକେବାରେ ଅବଚେତନ ସ୍ତରରେ ପହଞ୍ଚିବାକୁ ହେବ, ତୁମକୁ ସମ୍ପୂର୍ଣ୍ଣ ରୂପେ ତୁମ ଶରୀରର କୋଷାଣୁ ମଧ୍ୟରେ ଏହି ବିଶ୍ୱାସକୁ ନିଶ୍ଚିତ ରୂପେ ଦୃଢ଼ ଭାବରେ ପ୍ରତିଷ୍ଠିତ କରିବାକୁ ହେବ । ...''

(MCW, Vol. 3, p. 36)

ପୁନଶ୍ଚ ଏହି ଧରଣର ଏକ ଭାବନା ବି ମନକୁ ଆସିଥାଏ — 'ସହରତଳି ବାସିନ୍ଦାମାନଙ୍କର ତ ଏତେ ଔଷଧପତ୍ର ଦରକାର ପଡ଼େ ନାହିଁ ? ସମ୍ପୂର୍ଣ୍ଣ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହି ବି ସେମାନେ ଆମଠାରୁ ଅନେକ ସୁସ୍ଥ ଓ ସ୍ୱାଚ୍ଛନ୍ଦ୍ୟ ଜୀବନ ଭୋଗ କରୁଛନ୍ତି ? ଆମର ଏମିତି ଦୟନୀୟ ଦଶା କାହିଁକି ?...'

— ମନୋଜ୍ଞ ଭାବନାଟିଏ ! ବସ୍ତି-ବାସିନ୍ଦାମାନଙ୍କର ଅଜ୍ଞାନତା(ignorance)ହିଁ ସେମାନଙ୍କୁ ନାନା ପ୍ରକାର ରୋଗବ୍ୟାଧି ଭୋଗିବାରୁ ମୁକ୍ତ (immune) ରଖିଥାଏ । କିନ୍ତୁ ହାରାହାରି ନାଗରିକ ଅର୍ଥାତ୍ ପୌରବାସୀ ଯେଉଁମାନେ ସାଧାରଣ ଜୀବନଯାପନରେ କାଳାତିପାତ କରୁଛନ୍ତି, ଏବେ ସେମାନଙ୍କ ସକାଶେ ଔଷଧ ଓ ପ୍ରତିଷେଧକ ବିଧିବିଧାନସବୁ ଏକେବାରେ ଅପରିହାର୍ଯ୍ୟ ହୋଇଉଠିଛି କି ନାହିଁ ? ବସ୍ତି-ବାସିନ୍ଦାମାନେ ଔଷଧପତ୍ର ନଖାଇ, ପ୍ରତିଷେଧକ ବିଧିବିଧାନ ନମାନି, ଶରୀର ସମ୍ବନ୍ଧେ କିଛି ଭାବନା ମନକୁ ଆଣୁଛନ୍ତି କି ? କିନ୍ତୁ ପୌରବାସୀଗଣଙ୍କ କ୍ଷେତ୍ରରେ ଏକ ଦୃଢ଼ ବିଶ୍ୱାସ ଜନ୍ମୁଛି ଯେ ଯେତେବେଳେ ସେମାନେ ପ୍ରତିଷେଧାତ୍ମକ ବ୍ୟବସ୍ଥା ନେଉଛନ୍ତି ସେତେବେଳେ ସେମାନେ ଭାବି ନେଇଥା'ନ୍ତି : 'ମୁଁ ଏବେ ଜୀବାଣୁନାଶକ ପ୍ରତିବିଧାନ ନେଇ ସାରିଛି ଏବଂ ବେଶ୍ ନିରାପଦ ।'

କିନ୍ତୁ ଏ ତ ଗଲା ହାରାହାରି ପୌରବାସୀଙ୍କ କଥା । କିନ୍ତୁ ଆମେ ଯେଉଁମାନେ ଯୋଗ ସାଧନା କରୁଛୁ, ଆମମାନଙ୍କ କ୍ଷେତ୍ରରେ ମଧ୍ୟ ସେହି ସମାନ ଧରଣର ପ୍ରତିକ୍ରିୟା ସୃଷ୍ଟି

ହୋଇଥାଏ । ଛଣା ହୋଇଥିବା ସ୍ୱଚ୍ଛ ପାଣି ନପିଇ ମ୍ୟୁନିସିପାଲିଟି ନଳକୂପରୁ ଗିଲାସେ ପାଣି ପିଇ ଦେଲେ ସ୍ୱତଃସ୍ଫୂର୍ତ୍ତ ଭାବରେ ଆମ ମନରେ ଏକ ଭାବନା ଆସିଥାଏ – 'ଏବେ ତ ମୁଁ ଦୂଷିତ ପାଣି ପିଇ ଦେଲି; କିଛି ଅଘଟଣ ଘଟିବ ନାହିଁ ତ ?' ଏପରିକି ଏହି ପ୍ରକାର ଭାବନା ଆମର ସଚେତନ ମନ ମାଧ୍ୟମରେ ଭିତରକୁ ପ୍ରବେଶ କରି ନଥିଲେ ବି ଆମର ସମଗ୍ର ଅବଚେତନ ସ୍ତରଟି ରହିଛି, ଯେଉଁଠି କହିବାକୁ ଗଲେ ଅସହାୟ ଭାବରେ ଏହି ଧରଣର ଭାବନାସବୁ ଅନାୟାସରେ ପ୍ରବେଶ କରିପାରେ । ତେଣୁ ଆମେ ସାଧନା କରୁଥିଲେ ମଧ୍ୟ ଉପରୋକ୍ତ ଧାରଣାଦିରୁ ମୁକ୍ତ ରହିବାକୁ ଯଥେଷ୍ଟ ପରିମାଣରେ ଶୁଦ୍ଧ ଓ ଶକ୍ତିମନ୍ତ ନଥାଉ । ପୁନଶ୍ଚ ଆମର ଏହି ଅବଚେତନ ସ୍ତରଟି ଆମର ସଚେତନ ସ୍ତରଟିଠାରୁ ଶହେ ଗୁଣରୁ ଅଧିକ ଶକ୍ତିଶାଳୀ । ରୋଗବ୍ୟାଧି ସମ୍ବନ୍ଧରେ ବଂଶାନୁକ୍ରମିକ ଭାବରେ ଆମର ଏହି ଅବଚେତନ ସ୍ତରଟିରେ ନାନାରକମର ଭାବନା ଦୃଢ଼ ଭାବରେ ବସାବାନ୍ଧି ରହିଥାଏ । ଏବଂ ଏହି ସ୍ତରଟିରେ ଆମର ଟିକିଏ ଦେହ ଖରାପ ହେଲେ ଭୟ ଓ ଆତଙ୍କରେ ଆମେ ଥରି ଉଠିଥାଉ । ଆମେ ଯଦି ଦଶ ମିନିଟ ଧରି ଆମ ମନର ଗତିବିଧିକୁ ଗଭୀର ଭାବରେ ପର୍ଯ୍ୟବେକ୍ଷଣ କରୁ, ତେବେ ଆମେ ଲକ୍ଷ୍ୟ କରିବା ଯେ ଦଶରୁ ନଅଟି କ୍ଷେତ୍ରରେ ଏହା ଭୟ ଓ ଆତଙ୍କରେ ଭରପୂର ହୋଇ ରହିଛି । କିନ୍ତୁ ସାଧାରଣତଃ ଆମେ ସଚେତନ ଭାବରେ ଏ ସମ୍ବନ୍ଧେ ମନୋଯୋଗ ଦେଇ ନଥାଉ ।

ସବୁପ୍ରକାର ଭୟ ଓ ଆତଙ୍କରୁ ମୁକ୍ତ ହୋଇ ଉଠିବାକୁ ହେଲେ ଆମକୁ ନିୟମିତ ଓ ଅପରିବର୍ତ୍ତିତ ଭାବରେ କଠୋର ପ୍ରଚେଷ୍ଟା ଓ ଆତ୍ମନିୟନ୍ତ୍ରଣର ସାଧନା କରିବାକୁ ହେବ । ଏସବୁ କରି ଆମେ ଆମ ମନରୁ ଓ ପ୍ରାଣରୁ ଭୟ ଓ ଆତଙ୍କକୁ ସମୂଳେ ଦୂର କରିଦେଲେ ମଧ୍ୟ, ଶରୀରଟିକୁ ଏ ସମ୍ବନ୍ଧରେ ଦୃଢ଼ପ୍ରତ୍ୟୟ କରାଇବା ଅଧିକ ଆୟାସସାଧ୍ୟ ହୋଇ ଉଠିଥାଏ ।

ତେଣୁ ଶ୍ରୀମା'ଙ୍କ ଉକ୍ତିରେ : ''ଥରେ ତୁମେ ଯୋଗ ପଥରେ ପ୍ରବେଶ କଲେ ତୁମକୁ ସକଳ ପ୍ରକାର ଭୟରୁ ମୁକ୍ତ ରହିବାକୁ ହେବ – ତୁମ ମନର ଭୟ, ପ୍ରାଣର ଭୟ, ତୁମ ଶରୀରର ଭୟ ଯାହାକି ତୁମର ପ୍ରତିଟି କୋଷାଣୁରେ ଆଶ୍ରୟ ନେଇଛି ।'' (MCW, Vol. 3, p. 57)

ତେଣୁ ଆମର ବର୍ତ୍ତମାନର ସ୍ଥିତିରେ ରୋଗମୁକ୍ତ ହେବା ସକାଶେ ଆମେ ଯେଉଁ ପଦ୍ଧତିସବୁକୁ ଅନୁସରଣ କରିବା ସେଇଟି **ସମ୍ପୂର୍ଣ୍ଣ ଭାବରେ** ଆମ ଚେତନାର ବର୍ତ୍ତମାନ ସ୍ଥିତିଟି ଉପରେହିଁ ନିର୍ଭର କରୁଛି । କାରଣ ଆମର ଶରୀରଟି ହେଉଛି ଆମ ଚେତନାର ଏକ ନିମିତ୍ତ ମାତ୍ର ।... ବର୍ତ୍ତମାନ ବୁଦ୍ଧି ଉପରେ ଆଧାରିତ ମନୁଷ୍ୟ ସମାଜର ଅଧୁନାତନ ଶରୀର-ବିଜ୍ଞାନ ଯେପରି ଉତ୍ତରୋତ୍ତର ଅଗ୍ରଗତି କରି ଚାଲିଛି, ଠିକ୍ ସେହିପରି ପୃଥିବୀପୃଷ୍ଠରେ ଦିବ୍ୟ ଜୀବନ ସ୍ଥାପନ କରିବା ସକାଶେ ସତ୍ୟର ଅନୁସନ୍ଧାନ ମଧ୍ୟ ସେମିତି ନିଷ୍ଠାର ସହିତ ପ୍ରୟାସ ଜାରି ରଖିଛି । ଯଦ୍ଦ୍ୱାରା ଏହି ଦୁଇଟି ପ୍ରୟାସ ଆଶ୍ଚର୍ଯ୍ୟଜନକ ଭାବରେ ପରମ ଦିବ୍ୟ ଚେତନାର ମୌଳିକ ସତ୍ୟଟିର ଅଧିକରୁ ଅଧିକ ନିକଟତର ହୋଇ ଉଠୁଛି । ତେଣୁ ବର୍ତ୍ତମାନର ଏହି ଦେବ-ମୁହୂର୍ତ୍ତଟିରେ ଉଭୟ ଗତିବିଧିର ଏକ ଭବିଷ୍ୟ କଳ୍ପନା ଆଉ ଅସମ୍ଭବ ହୋଇ ରହି ନାହିଁ ।

ତେଣୁ ଯେଉଁମାନେ ଭୌତିକ ଚେତନାରେ ବାସ କରୁଛନ୍ତି, ଅର୍ଥାତ୍ ସାଧାରଣ ମଣିଷ ସମାଜ ଶରୀର କ୍ଷେତ୍ରରେ ବିଜ୍ଞାନସମ୍ମତ ଯାବତୀୟ ପ୍ରକ୍ରିୟା ବ୍ୟବହାର କରିବା ସ୍ୱାଭାବିକ । ଏବଂ ଅତିରିକ୍ତ ପରିମାଣରେ ଅଧିକ ସଚେତନ ଥିବା ମଣିଷ ସମାଜ – ଆଶ୍ରମରେ ଯେଉଁମାନେ ବାସ କରୁଛନ୍ତି ତଥା ଆଶ୍ରମ ବାହାରେ ରହିଥିବା ଭକ୍ତବୃନ୍ଦ – ଯେଉଁ ଚେତନାରେ ବାସ କରୁଛନ୍ତି, ଏହାକୁ ସମ୍ପୂର୍ଣ୍ଣତଃ ଏକ ସାଧାରଣ ଭୌତିକ ଚେତନା ବୋଲି କୁହା ନଗଲେ ମଧ୍ୟ, ଅନ୍ତତଃ ପ୍ରଧାନତଃ ଏକ ଭୌତିକ ଚେତନାରେ ବାସ କରୁଥିବାରୁ, ଶରୀରର ସ୍ୱାସ୍ଥ୍ୟ ବିଧାନ ସକାଶେ ଭୌତିକ ବିଜ୍ଞାନ ଯେଉଁସବୁ ନିର୍ଦ୍ଧାରିତ ବିଧିବିଧାନକୁ ନିରୂପିତ କରି ଦେଇଛି, ଏମାନଙ୍କ କ୍ଷେତ୍ରରେ ମଧ୍ୟ ସେସବୁକୁ ଅନୁକରଣ କରିବାହିଁ ସ୍ୱାଭାବିକ କଥା ବୋଲି କୁହାଯିବ ।

ଶ୍ରୀମାଶ୍ରୀଅରବିନ୍ଦଙ୍କର 'ପୂର୍ଣ୍ଣାଙ୍ଗ ଯୋଗ'ର ସାଧକଗଣ (ଯେଉଁଠି ରହିଥା'ନ୍ତୁ ନା କାହିଁକି), ଆମେ ପ୍ରତ୍ୟେକେ ବିଭିନ୍ନ ସ୍ତରର ମଣିଷ ହୋଇ ଦୈନନ୍ଦିନ ଜୀବନଯାପନ କରୁଛୁ । ତେଣୁ ଆମକୁ ଆମର ସ୍ୱାସ୍ଥ୍ୟରକ୍ଷା ସକାଶେ ବିଜ୍ଞାନର ବିଧିବିଧାନକୁ ସ୍ୱାଭାବିକ ରୂପେ ଅନୁକରଣ କରିବାକୁ ହେବ । ଏଇ କାରଣରୁ ଶ୍ରୀମା ଆଶ୍ରମ ସଙ୍ଗଠନରେ ଡାକ୍ତର, ଡାକ୍ତରଖାନା, ପରିଶୋଧିତ ଜଳ, ସ୍ୱାସ୍ଥ୍ୟସମ୍ମତ ଉନ୍ନତ ଧାରାରେ ରୋଷେଇ, ଭୋଜନ ଏବଂ ଶୃଙ୍ଖଳିତ ଜୀବନଧାରା ତଥା ପୃଥିବୀର ବିଭିନ୍ନ ପ୍ରାନ୍ତରେ ସ୍ୱୀକୃତ ଅତ୍ୟାଧୁନିକ ଶାରୀରିକ ଶିକ୍ଷଣ-ପ୍ରଣାଳୀର ସୁବନ୍ଦୋବସ୍ତ କରିଛନ୍ତି ।

କିନ୍ତୁ ଆମର ଏବେକାର ସ୍ଥିତିଟିକୁ ଆମେ କଦାପି ଆମର ସର୍ବୋଚ୍ଚ ଆଦର୍ଶ ବୋଲି ବରଣ କରି ନେବୁ ନାହିଁ କି ଆମର

ସର୍ବୋତ୍ତମ ସିଦ୍ଧି ବୋଲି ମାନିନେବୁ ନାହିଁ । ପୃଥିବୀପୃଷ୍ଠରେ ଅଧୁନା କ୍ରିୟାଶୀଳ ଅତିମାନସ ଶକ୍ତି ପ୍ରତି ଆମେ ଆମର ପାରୁ-ପର୍ଯ୍ୟନ୍ତ ଅଧିକରୁ ଅଧିକ ଉନ୍ମୁକ୍ତ ରହିବାର ଆନ୍ତରିକ ପ୍ରୟାସକୁ ଜାରି ରଖିଥିବୁ । ଏବଂ ଦିନେ ନା ଦିନେ ଆମମାନଙ୍କ ମଧ୍ୟରୁ ବୀର, ଅଗ୍ରଣୀ କତିପୟ ବରେଣ୍ୟ ସାଧକବୃନ୍ଦ ପୃଥିବୀପୃଷ୍ଠରେ ପ୍ରଥମ କରି 'ଦିବ୍ୟ ଶରୀରରେ ଦିବ୍ୟ ଜୀବନଯାପନ ସକାଶେ ପ୍ରସ୍ତୁତ ହୋଇ ଉଠିବେ । ଏହାହିଁ ତ ଆମର ଚରମ ସିଦ୍ଧି । ମାତ୍ର, ଆମେ କଦାପି ନିଜକୁ ଏକ ଭ୍ରମ ଭିତରେ ପକାଇ ଏକଥା ଭାବି ବସିବା ନାହିଁ ଯେ ଏହି ରୂପାନ୍ତର ସିଦ୍ଧିଟି ଦ୍ରୁତ ଗତିରେ ଘଟିବ, ଅଲୌକିକ ଧାରାରେ ଘଟିବ, ଏହି କ୍ଷଣି, ଆଶ୍ଚର୍ଯ୍ୟଜନକ ଭାବରେ, କୌଣସି ପ୍ରଚେଷ୍ଟା ଓ କଠିନ ପ୍ରୟାସ ବିନା ଘଟିବ ।

(MCW, Vol. 9, pp. 108-111)

ତେଣୁ ବର୍ତ୍ତମାନ ଆମ ଶରୀରର କୌଣସି ବାଧାବିପତ୍ତି, ମୁଖ୍ୟତଃ ରୋଗବ୍ୟାଧି ହେଲେ 'ଅନ୍ତରେ ମନ ସ୍ଥିର କରି, ଗୋବିନ୍ଦ ପାଦକୁ ସୁମରି' ମନୋଭାବ ସହ ଆବଶ୍ୟକ ନିରାକରଣର ବିଧିବିଧାନକୁ ସ୍ୱାଭାବିକ ଭାବରେ ପ୍ରୟୋଗ କରିବୁ ଏବଂ ଏହା ସାଙ୍ଗକୁ ଶ୍ରୀମା'ଙ୍କର ନିମ୍ନୋକ୍ତ ବାଣୀଟିକୁ ଅନ୍ତରରେ ନିତ୍ୟ ଅନୁସରଣ କରି ଚାଲିଥିବୁ –

''ତୁମର ମନକୁ ତୁମର ବାଧାବିପତ୍ତିର ଭାରାକ୍ରାନ୍ତ ଚିନ୍ତାରୁ ପ୍ରତ୍ୟାଖ୍ୟାନ କରି ଆଣ, ଊର୍ଦ୍ଧ୍ୱରୁ ଅବତରି ଆସୁଥିବା ଦିବ୍ୟ ଆଲୋକ ଓ ଦିବ୍ୟ ଶକ୍ତି ଉପରେ କେବଳ ଏକାଗ୍ର ହୁଅ; ପରମପ୍ରଭୁ ସନ୍ତୁଷ୍ଟ ହୋଇ ତୁମ ଶରୀର ସକାଶେ ଯାହା ବିଧାନ କରିବେ, ତାହାହିଁ ଘଟୁ । ତୁମ ଶାରୀର ସତ୍ତାର ସମ୍ପୂର୍ଣ୍ଣ ଦାୟିତ୍ୱ ତାଙ୍କରି କରକମଳରେ ଅର୍ପଣ କରିଦିଅ ।

**''ଏହିଟି ହେଉଛି ଆରୋଗ୍ୟଲାଭ ।**

''ମୋର ଆଶୀର୍ବାଦ ସହ ।''

(MCW, Vol. 15, p. 162) – ଶ୍ରୀମା

ପରେ, ଭବିଷ୍ୟତରେ ଆମେ ଯେତେବେଳେ ଆମର ଅତୀତର ପ୍ରତିଟି ଦୁଃଖଯନ୍ତ୍ରଣା, ରୋଗବ୍ୟାଧି ତଥା ବାଧାବିପତ୍ତିକୁ ମନୋଯୋଗପୂର୍ବକ ଅନୁଧ୍ୟାନ କରି ବସିବୁ ସେତେବେଳେ ଆମେ ପ୍ରାଞ୍ଜଳ ଭାବରେ ହୃଦୟଙ୍ଗମ କରିବୁ ଯେ ସର୍ପିଳ ଗତିରେ ଆମର ଊର୍ଦ୍ଧ୍ୱମୁଖୀ ଆରୋହଣ ପଥରେ ପ୍ରତିଟି ଘଟଣା ଏକ ସ୍ପ୍ରିଙ୍ଗ୍ ବୋର୍ଡ଼ ପରି ସହାୟ କରିଛି । 'ମଙ୍ଗଳମୟ ଶ୍ରୀହରି ଅମଙ୍ଗଳ ଦ୍ୱାରା ଆମର ପରମ ମଙ୍ଗଳ ଘଟାଇଛନ୍ତି ।'

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି,
ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା
**Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର
PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ
ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।
– ନବଜ୍ୟୋତି କାର୍ଯ୍ୟାଳୟ

# ଅଳୀକ ଅହମିକା

## ମନୋଜ ଦାସ

[''**ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ**'' – ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କର ରଚନାର ଏକ ସଂକଳନ । କିଛି ବର୍ଷ ପୂର୍ବେ ପାକ୍ଷିକ ପତ୍ରିକା 'ପ୍ରତିନିଧି'ରେ ଏହି ସନ୍ଦର୍ଭମାଳା ପ୍ରକାଶିତ ହୋଇଥିଲା । ଏକଦା ଇଂରାଜୀ 'ହେରିଟେଜ୍', 'ଚନ୍ଦାମାମା' ସମେତ ଓଡ଼ିଆ 'ଦିଗନ୍ତ', 'ବିଜୟା' ପ୍ରମୁଖ ପତ୍ରପତ୍ରିକାରେ ଲେଖକଙ୍କ 'ଦେବପ୍ରିୟ' ଛଦ୍ମ ନାମରେ କେତେକ ସନ୍ଦର୍ଭ ପ୍ରକାଶିତ ହୋଇଥିଲା । ସେଥିରୁ କେତେକ ଏହି ସଂକଳନରେ ଅନ୍ତର୍ଭୁକ୍ତ କରାଯାଇଛି । ଏଥିରେ ସନ୍ନିବେଶିତ ମାର୍ଗଦର୍ଶକ ତଥା ସୁଖପାଠ୍ୟ ସନ୍ଦର୍ଭମାଳା ନିଶ୍ଚିତଭାବେ ତରୁଣ, ତରୁଣୀ ତଥା ବିଭିନ୍ନ ବର୍ଗ ଓ ବୟସର ପାଠକପାଠିକାମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ହୃଦ୍‌ବୋଧ ହେଉଛି ।...

ଏହି ସଂକଳନଟିର ପ୍ରଥମ ମୁଦ୍ରଣ ୨୦୧୯ ମସିହାରେ । ଏହାର ସଂକଳକଙ୍କ ଟିପ୍‌ପଣୀରେ ଉଲ୍ଲେଖ ଅଛି, ''ତେବେ ଲେଖକଙ୍କର ଏକ ନିବେଦନ ରହିଛି । ଏସବୁ ମୁଖ୍ୟତଃ ସରଳ ମନସ୍ତତ୍ତ୍ୱ-ଭିତ୍ତିକ ରଚନା । ଜୀବନରେ ଲେଖକ ସହଜରେ ବର୍ଜନୀୟ ଯେଉଁ ସମସ୍ତ ଦୁର୍ବଳତା ନିଜ ଭିତରେ ତଥା ବହୁ ବ୍ୟକ୍ତିଙ୍କ ଭିତରେ ରହିଥିବା ଲକ୍ଷ୍ୟ କରିଛନ୍ତି, ଟିକିଏ ସଚେତନ ହେଲେ ତରୁଣ ତରୁଣୀମାନେ ସେସବୁର ଊର୍ଦ୍ଧ୍ୱକୁ ଯାଇପାରିବେ ବୋଲି ତାଙ୍କର ବିଶ୍ୱାସ । ନିଜ ନାମରେ ଏସବୁ ପ୍ରକାଶ କରିବା ନିମନ୍ତେ ତାଙ୍କ ସଂକୋଚର ହେତୁ ହେଲା ପାଠକମାନେ ହୁଏତ ମନେ କରିବେ ଲେଖକ ଏ ସମସ୍ତ ଦୁର୍ବଳତା ଉପରେ ବିଜୟ ଲାଭ କରିଛନ୍ତି । କିନ୍ତୁ ତାହା ନୁହେଁ । ସେ ପର୍ଯ୍ୟବେକ୍ଷକ ଏବଂ ଶୁଭେଚ୍ଛୁ ମାତ୍ର ।''

'**ଅଳୀକ ଅହମିକା**' ଏହି ସନ୍ଦର୍ଭମାଳା ଅନ୍ତର୍ଭୁକ୍ତ ଏକ ହୃଦୟଗ୍ରାହୀ ଶିକ୍ଷଣୀୟ ରଚନା ।]

ପ୍ରଖ୍ୟାତ ଫରାସୀ ଲେଖକ ଆଲେକ୍‌ଜାଣ୍ଡାର ଦୁମା (୧୮୨୪-୧୮୯୫) ଯେତେବେଳେ ପ୍ୟାରିସର ସମ୍ଭ୍ରାନ୍ତ ସମାଜରେ ଖୁବ୍ ଆଦୃତ, ସେତିକିବେଳର ଏକ ଛୋଟ ଘଟଣା । ଦିନେ ଗୋଟିଏ ସମାବେଶରେ ସେ ଜଣେ ରାଜପରିବାରର ଯୁବକଙ୍କ ପାଖରେ ବସିଥା'ନ୍ତି । ଯୁବକଟି ଦୁମାଙ୍କୁ ବିଶେଷ ସମ୍ମାନ ଦେଖାଇ କଥାବାର୍ତ୍ତା କରୁଥା'ନ୍ତି ।

ଦୂରରୁ ଜଣେ ସମ୍ଭ୍ରାନ୍ତ ବ୍ୟକ୍ତି ତାହା ଦେଖି ବଡ଼ ଅସନ୍ତୁଷ୍ଟ ହେଲେ । କାରଣ ଦୁମାଙ୍କ ଜନ୍ମ କୌଣସି ସମ୍ଭ୍ରାନ୍ତ ବା ସାମନ୍ତ ପରିବାରରେ ନୁହେଁ; ଅତି ମାମୁଲି ତାଙ୍କ ପାରିବାରିକ ପଟଭୂମି । ତାଙ୍କୁ କାହିଁକି ଏମିତି ସମ୍ମାନ ଦିଆଯିବ ? କୌଣସି କାମରେ ରାଜପରିବାରର ଯୁବକଟି ତାଙ୍କ ଚୌକି ଛାଡ଼ି ଉଠିଯିବା ମାତ୍ରେ ଉକ୍ତ ସମ୍ଭ୍ରାନ୍ତ ବ୍ୟକ୍ତିଟି ଯାଇ ସେ ଚୌକିରେ ବସି ପଡ଼ିଲେ ଓ ଦୁମାଙ୍କୁ ନିଜ ପରିଚୟ ମଧ୍ୟ ନଦେଇ ଖୁବ୍ ମାତବରି କଣ୍ଠରେ ପଚାରିଲେ, ''ଆଉ, ଲେଖାଲେଖି କେମିତି ଚାଲିଛି ?''

''ଚାଲିଛି ଆଜ୍ଞା, ଚାଲିଛି ।'' – ଦୁମା ଉତ୍ତର ଦେଲେ

''ବେଶ୍ ବେଶ୍, ଲେଖୁଥାଅ । ପ୍ରତିଭାହିଁ ଅସଲ କଥା । ବଂଶ ପରିବାରରେ କ'ଣ ଅଛି ! ଆଚ୍ଛା ମିଷ୍ଟର ଦୁମା, ତୁମ ବାପା ଜାତିରେ କ'ଣ ଥିଲେ ?''

''ମୋ ବାପା ଥିଲେ ତିନିଭାଗ ଗୋରା, ଏକ ଭାଗ କଳା ।''

''ଆଚ୍ଛା ! ତୁମ ପିତାମହ ?''

''ପିତାମହ ଥିଲେ ଅଧା କଳା ଅଧା ଗୋରା ।''

''ବୁଝିଲି । ସେଥିରେ କ'ଣ ଅଛି ! ଆଚ୍ଛା ତାଙ୍କ ପିତା ?''

''ସେ ଥିଲେ ପୂରା ନିଗ୍ରୋ ।''

''ସତେ ? ଆଉ ପିତାମହଙ୍କ ପିତା ?''

''ପିତାମହଙ୍କ ପିତା ଥିଲେ ବାନର ଜାତୀୟ । ଅର୍ଥାତ୍, ମୋ ବଂଶର ଆରମ୍ଭ ଏବଂ ଆପଣଙ୍କ ବଂଶ ବର୍ତ୍ତମାନ ଆପଣଙ୍କଠାରେ ଯେଉଁ ଅବସ୍ଥାରେ ପହଞ୍ଚିଛି ମୋ ପିତାମହଙ୍କ ପିତା ସେଇୟା ଥିଲେ ।'' ଟିକିଏ ଉଚ୍ଚ କଣ୍ଠରେ ଉତ୍ତର ଦେଲେ ଆଲେକ୍‌ଜାଣ୍ଡାର ଦୁମା । କେତେଜଣ ହସି ଉଠିଲେ । ସଂଳାପ ସେତିକିରେ ଶେଷ ହେଲା ।

ଯାହାର ନିଜସ୍ୱ ବିଶେଷତ୍ୱ ନଥାଏ ସେ ଅନ୍ୟର

ବଂଶଗତ ଐତିହ୍ୟ ତୁଳନାରେ ନିଜର ଐତିହ୍ୟ ଉନ୍ନତ, ଏହାହିଁ ପ୍ରତିପାଦିତ କରି ସନ୍ତୋଷ ପାଏ । ନିଜ ବଂଶର କୌଣସି ଗୁରୁତ୍ୱ ନଥିଲେ ମଧ୍ୟ ଉପରୋକ୍ତ ତଥାକଥିତ ସମ୍ଭ୍ରାନ୍ତ ଲୋକଟି ଭଳି ସେ ଅନ୍ୟର ଐତିହ୍ୟ ଅତି ନିମ୍ନ ସ୍ତରର ବୋଲି ମନେ କରି ଆତ୍ମସନ୍ତୋଷ ଲାଭ କରେ ।

ବହୁ କିସମର ମଣିଷଙ୍କ ଭିତରେ ଆମକୁ ଚଳିବାକୁ ହେବ । କାହା ଭିତରେ କେତେ ପ୍ରକାର କୁସଂସ୍କାର ରହିଛି । ଯିଏ କୁସଂସ୍କାରର ଦାସ, ସିଏ ଖରାପ ମଣିଷ ନୁହେଁ, ସିଏ ଜ୍ଞାନରେ ଊଣା ଏବଂ ଖୁବ୍ ବେଶୀ ହେଲେ ଭୀରୁ ହୋଇପାରେ । କିନ୍ତୁ ଯୁଗେ ଯୁଗେ ପ୍ରତି ସମାଜରେ ସଚେତନ ଓ ସାହସୀ ଲୋକ ଅଛନ୍ତି – ସେକଥା ଆମେ ଭୁଲିଯିବା ନାହିଁ । ପୂର୍ବଥର ବିଖ୍ୟାତ ବୈଜ୍ଞାନିକ ଓ ଆମର ପୂର୍ବତନ ରାଷ୍ଟ୍ରପତି ଅବଦୁଲ୍ କାଲାମଙ୍କ ଆତ୍ମକଥାରୁ ଏକ ଘଟଣାର ଅବତାରଣା କରା ଯାଇଥିଲା । ସେହି ବହି (Wings of Fire)ରେ ରହିଛି ଅନ୍ୟ ଏକ ଉଲ୍ଲେଖଯୋଗ୍ୟ ଘଟଣା । ରାମେଶ୍ୱରମ୍‌ରେ ତାଙ୍କ ଘର । ତାହା ଏକ ପବିତ୍ର ହିନ୍ଦୁ ତୀର୍ଥ । କିନ୍ତୁ ସେଠାକାର ହିନ୍ଦୁ ଉତ୍ସବମାନଙ୍କରେ ମୁସଲମାନମାନେ ବିଶେଷ ଅଂଶ ଗ୍ରହଣ କରନ୍ତି । କାଲାମଙ୍କର ଜଣେ ଅନ୍ତରଙ୍ଗ ହିନ୍ଦୁ ବନ୍ଧୁ ଥିଲେ । ଉଭୟେ ପଞ୍ଚମ ଶ୍ରେଣୀରେ ପଢୁଥିଲେ । ଦିନେ ଜଣେ ନୂଆ ଶିକ୍ଷକ ଆସି ଯେତେବେଳେ ଜାଣିଲେ କାଲାମ ମୁସଲମାନ ଏବଂ ସେହି ହିନ୍ଦୁ ପିଲାଟି ମନ୍ଦିରର ମୁଖ୍ୟ ପୂଜକଙ୍କ ସନ୍ତାନ, ସେ କାଲାମଙ୍କୁ ବ୍ରାହ୍ମଣ ପିଲାଠୁଁ ଅଲଗା ହୋଇ ପଛ ବେଞ୍ଚରେ ବସିବାକୁ ନିର୍ଦ୍ଦେଶ ଦେଲେ । କାଲାମଙ୍କ ବ୍ରାହ୍ମଣ ବନ୍ଧୁ କାନ୍ଦି ପକାଇଲେ ।

ସେକଥା ଶୁଣିଲେ ସେ ପିଲାର ବାପା, ମୁଖ୍ୟ ପୂଜକ । ସେ ତତ୍‌କ୍ଷଣାତ୍ ଶିକ୍ଷକଙ୍କୁ ଡାକି ଚେତାବନୀ ଦେଲେ । ସେଭଳି ସାମ୍ପ୍ରଦାୟିକ ମନୋଭାବ ସେଠି ଅଚଳ । ହୁଏତ ସେ ଶିକ୍ଷକ ସେଠାରୁ ବିଦାୟ ନେବେ, ନହେଲେ ନିଜ କୁସଂସ୍କାର ତ୍ୟାଗ କରିବେ ।

କ୍ରମେ ସେ ଶିକ୍ଷକ ଜଣକ ନିଜକୁ ପ୍ରକୃତ ଅର୍ଥରେ ସଜାଡ଼ି ନେଲେ । ନିଜ ଭିତରୁ ବିଦୂରିତ କଲେ କୁସଂସ୍କାର । ଏକଥା ନିଃସନ୍ଦେହରେ କୁହାଯାଇପାରେ ଯେ ମୁଖ୍ୟପୂଜକ ମହୋଦୟଙ୍କ ଆଲୋକିତ ଚେତନାହିଁ ଶିକ୍ଷକଙ୍କୁ ଦେଲା ଦିଗ୍‌ଦର୍ଶନ । କୌଣସି ବ୍ୟକ୍ତି ତା'ର ମାମୁଲି ଐତିହ୍ୟକୁ କେନ୍ଦ୍ର କରି ନିଜକୁ ନ୍ୟୁନ ଅନୁଭବ କରିବାର ହେତୁ ନାହିଁ କିଂବା ସମ୍ଭ୍ରାନ୍ତ ଐତିହ୍ୟ ପାଇଁ ଗର୍ବ ଅନୁଭବ କରିବାର ଯୁକ୍ତି ନାହିଁ । ଆପଣ ଯଦି ଡାରୱଇନଙ୍କ ବିବର୍ତ୍ତନ ତତ୍ତ୍ୱରେ ବିଶ୍ୱାସୀ ତେବେ ସଭିଙ୍କ ପୂର୍ବପୁରୁଷ ମର୍କଟ ଜାତୀୟ ପ୍ରାଣୀ, ଆପଣ ଯଦି ଖ୍ରୀଷ୍ଟ ଶାସ୍ତ୍ରରେ ବିଶ୍ୱାସ କରୁଥିବେ, ତେବେ ଆମ ସଭିଙ୍କ ଉତ୍ସ ଏକହିଁ ମାତାପିତା – ଶ୍ରୀଯୁକ୍ତ ଆଦାମ ଓ ଶ୍ରୀମତୀ ଇଭ୍ । ଆପଣ ଯଦି ଭାରତର ସନାତନ ଦର୍ଶନରେ ବିଶ୍ୱାସୀ, ତେବେ ସଭିଙ୍କ ଉତ୍ସ ଏକହିଁ ବ୍ରହ୍ମ ।

❑❑❑

ଆମେରିକାର ବିଖ୍ୟାତ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍(୧୮୦୯ - ୧୮୬୫)ଙ୍କୁ ଥରେ ଜଣେ ରାଜନୀତିକ ପ୍ରତିଦ୍ୱନ୍ଦ୍ୱୀ ତୀବ୍ର ସମାଲୋଚନା କରୁଥା'ନ୍ତି । ଆବ୍ରାହମ୍ ଲିଙ୍କନ୍ ସେ ଭଦ୍ରଲୋକଙ୍କ ବିରୋଧରେ ଖଣ୍ଡିଏ କଡ଼ା ଚିଠି ଲେଖି ତାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁଙ୍କୁ ସେ ଖଣ୍ଡିକ ପଢ଼ି ଶୁଣାଇଲେ । ବନ୍ଧୁ କହିଲେ, ''ବାଃ ଚମତ୍କାର ହୋଇଛି । ଏ ଚିଠି ପାଇଲେ ସେ ଜବତ ହେବ ।''

ଲିଙ୍କନ୍ ଚିଠି ଖଣ୍ଡିକ ଚିରି ଟିକିଟିକି କରି ଅଳିଆ ଝୁଡ଼ି ଭିତରକୁ ଫୋପାଡ଼ି ଦେଲେ ।

''ଇଏ କ'ଣ ହେଲା ?'' ବନ୍ଧୁ ପଚାରିଲେ ।

''ମୁଁ ଏମିତି ଚିଠି ପଠାଏଁ ନାହିଁ । ଲେଖିବା ପରେ ମୋର କ୍ରୋଧ ବା ଅଭିମାନ ଶାନ୍ତ ହୋଇଯାଏ । ମୁଁ ଚିରି ପକାଏ'' – ଉତ୍ତର ଦେଲେ ସେ ମହତ୍ ରାଷ୍ଟ୍ରନେତା ।

(ସଂଗୃହୀତ)

**ପରମ କାରୁଣିକ ବୁଦ୍ଧଙ୍କ ସଂସ୍ପର୍ଶରେ :**

# ବିଷକୁମ୍ଭ

ଭଗବାନ୍ ତଥାଗତ ଥରେ ଅରଣ୍ୟ ପଥଦେଇ ଏକ ବିହାରରୁ ଅନ୍ୟ ଏକ ବିହାରକୁ ଯାତ୍ରା କରୁଥିଲେ । ପଥ ସରି ଆସିବାକୁ ଯାଉଛି ସେ ଦେଖିଲେ ଲୋକଟିଏ ଜଙ୍ଗଲ ପଥରୁ ଅନତି ଦୂରରେ ବଡ଼ ଗାତଟିଏ ଖୋଳୁଛି । ବ୍ୟକ୍ତିଟିର ନିକଟରେ ପହଞ୍ଚି ଦେଖିଲେ ଲୋକଟି ଘର୍ମାକ୍ତ, ପରିଶ୍ରାନ୍ତ ହୋଇ ଗଲାଣି, ତଥାପି ତା'ର ଅନ୍ୟ କୌଣସି ଆଡ଼କୁ ନଜର ନାହିଁ । ଏବେ ସେ ଗର୍ତ୍ତ ଭିତରକୁ ଡେଇଁବାକୁ ଉଦ୍ୟତ । ବୁଦ୍ଧଙ୍କ ସହ ତାଙ୍କର ଜଣେ ଶିଷ୍ୟ ଭିକ୍ଷୁ ବି ଥିଲେ । ସେ ଦୁହେଁ ପାଖକୁ ଆସି ପହଞ୍ଚିଲା ବେଳକୁ ଲୋକଟି ଗର୍ତ୍ତ ଭିତରୁ କିଛି ଏକ ହାଣ୍ଡି ଭଳି ବଡ଼ ଜିନିଷ ଖୋଳି ସାରିଛି, ତାକୁ କିପରି ଉଠାଇବ ସେଥିପାଇଁ ଚେଷ୍ଟା କରୁଛି । ବୁଦ୍ଧଦେବ ଗାତ ଭିତରକୁ ଚାହିଁଲେ, ଦେଖିଲେ ଲୋକଟି କୁମ୍ଭ ଆକାରର ପିତ୍ତଳ ହାଣ୍ଡିକୁ ଉଠାଇ ଧରିଛି; କିନ୍ତୁ ନିଜେ ତ ଗର୍ତ୍ତରୁ ଉପରକୁ ବାହାରି ଆସିପାରୁ ନାହିଁ, କୁମ୍ଭଟିକୁ ଉପରକୁ ଉଠାଇବ କେମିତି । ବୁଦ୍ଧଦେବ ଦୟାପରବଶ ହୋଇ ପଚାରିଲେ, 'କିଛି ସାହାଯ୍ୟ ଦରକାର କି ?' ଲୋକଟି ଚମକି ପଡ଼ିଲା ଧରା ପଡ଼ିଗଲା ଭଳି; ତା'ପରେ ଉପରକୁ ଚାହିଁ ଦେଖିଲା ସାଧୁ ବ୍ୟକ୍ତି, ଆଶ୍ୱସ୍ତ ହୋଇ କହିଲା, ''ହଁ ଆଜ୍ଞା, ଉପରୁ ଏଇ କଳସୀର ଫନ୍ଦ ଧରି ଟେକି ନିଅନ୍ତୁ, ମୁଁ ତଳୁ ହାତଦେଇ ଠେଲି ଦେଉଛି ।'' ଯା'ହେଉ ବୁଦ୍ଧଙ୍କ ସାହାଯ୍ୟରେ ପିତ୍ତଳ କଳସୀ ଉପରକୁ ଆସି ମାଟିରେ ରଖାଗଲା । ଲୋକଟି ଉପରକୁ ଉଠି ଆସି ସିଧା କଳସୀ ପାଖରେ ହାଜର, କାହାକୁ ବି ଚାହିଁଲାନି କି ଧନ୍ୟବାଦ ଜଣାଇଲା ନାହିଁ । ପ୍ରଥମେ କଳସୀ ଦେହରୁ ଲାଗିଥିବା ମାଟି ଝାଡ଼ିଝୁଡ଼ି ତା'ପରେ ଘୋଡ଼ଣୀଟି ଖୋଲିଲା । ସେଥିରେ ସୁନାମୋହର ଓ ରତ୍ନର ଉଭାସ ହେତୁ ଚାରିଆଡ଼େ ଉଜ୍ଜ୍ୱଳ ଆଲୋକ ଖେଳିଗଲା, ଲୋକଟିର ମୁହଁରେ ଓ ଆଖିରେ ଲୋଭ ଝଲସି ଉଠିଲା । ତଥାପି ସେ ବୁଦ୍ଧଙ୍କୁ ଚାହିଁ କହିଲା, ''ସନ୍ନ୍ୟାସୀ ଠାକୁର ! ତୁମ ଉପସ୍ଥିତି ମୋ ଭାଗ୍ୟ ଖୋଲିଦେଲା । ତା'ଛଡ଼ା ତୁମେ ମୋତେ ସାହାଯ୍ୟ କଲ, ଏ ଧନରୁ ଅଳ୍ପ କିଛି ତୁମେ ନେଇପାର ।''

ବୁଦ୍ଧଦେବ ହସିଦେଇ ମନା କଲେ । ସାଙ୍ଗରେ ଯେଉଁ ଭିକ୍ଷୁ ଥିଲେ, ସେ ଚମକି ପଡ଼ିଲେ । ତାଙ୍କ ମୁହଁରେ ବିଷାଦ ଖେଳିଗଲା, ବୁଦ୍ଧଙ୍କ ଆଖିରେ ତାହା ଧରା ପଡ଼ିଲା । ତେଣୁ ସେ କହିଲେ, ''ଏଇ କୁମ୍ଭଟି ବିଷରେ ଭରା; ଏଥିରୁ କାଣିଚାଏ ବି ବିଷ କ୍ଷତିକାରକ; ଭାଇ ଭିକ୍ଷୁ, ଏହା ସର୍ବନାଶକାରୀ । ତେଣୁ ତୁମ ପାଇଁ ବି ଅଭିପ୍ରେତ ନୁହେଁ ।'' ମୋହର ଭରା କଳସୀକୁ ଜାବୁଡ଼ି ଧରିଥିବା ଲୋକଟି ଶୁଣିଲା ସନ୍ନ୍ୟାସୀଙ୍କ କଥା । କହିଲା, ''ତୁମେ ତ ସଂସାରବିରାଗୀ, ତୁମର ଏଥିରେ ଦରକାର ନ ଥାଇପାରେ, ବିଷ ହେଲେ ବି ମୁଁ ଏହାକୁ ଭୋଗ କରିବି, ଆମ ଭଳି ଲୋକଙ୍କର ବହୁତ କାମରେ ଆସିବ ।'' ତା'ପରେ ସିଏ ନିଜ କାନ୍ଧରୁ ଗାମୁଛା କାଢ଼ି ପିତ୍ତଳ କଳସୀଟିକୁ ବନ୍ଧାବନ୍ଧି କରି କାନ୍ଧରେ ଥୋଇ ତା' ରାସ୍ତାରେ ଚାଲିଗଲା । ବୁଦ୍ଧଦେବ ମଧ୍ୟ ଅନ୍ୟ ପଥ ଧରି ଚାଲିଲେ ନିଜର ଗନ୍ତବ୍ୟସ୍ଥଳ ବିହାର ଅଭିମୁଖରେ ।

ଏହା ଭିତରେ ଅନେକ ଦିନ ବିତି ଯାଇଛି । ଲୋକଟି ଧନ ବିନିମୟରେ ଜାଗାଜମି କିଣିଛି, ଘରବାଡ଼ି ତୋଳିଛି, ମହାଜନୀ କାରବାର କରିଛି । ତା'ର ଐଶ୍ୱର୍ଯ୍ୟ ବଢ଼ିବା ସାଙ୍ଗେ ସାଙ୍ଗେ ସାମାଜିକ ମର୍ଯ୍ୟାଦା ବି ବଦଳି ଯାଇଛି । ଆଗେ ସମାଜର ଯେଉଁ ପର୍ଯ୍ୟାୟରେ ଥିଲା, ସେଥିରେ ତା'ର ଆଉ ମନ ଲାଗିଲା ନାହିଁ । ଅନ୍ୟତ୍ର ଯିବା ପାଇଁ, ଧନୀମାନଙ୍କ ସମକକ୍ଷ ହେବା ଓ ଉଚ୍ଚବର୍ଗଙ୍କ ସହ ମିଳାମିଶା କରିବା ପାଇଁ ସବୁପ୍ରକାର ପ୍ରଯତ୍ନ କଲା । ପୂର୍ବର ବନ୍ଧୁବାନ୍ଧବ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ, ହଠାତ୍ ଏମିତି କ'ଣ ଘଟିଲା ଯେ ସେମାନଙ୍କ ଭିତରୁ ଜଣେ ଧନୀ ହୋଇଗଲା, ନିଶ୍ଚୟ କିଛି ଗୁପ୍ତଧନର ସନ୍ଧାନ ପାଇଥିବ । ତେଣୁ ରାଜଦରବାରରେ ଜଣାଇବା ଦରକାର । ଅବଶ୍ୟ ଏହି ଖବର ପରିବେଷଣ ପଛରେ ଈର୍ଷା ରହିଥିଲା । ଯାହାହେଉ, ଏକଥା ରାଜାଙ୍କ କାନକୁ ଗଲା । ସେ ତାଙ୍କ ଲୋକ ଜରିଆରେ ଖବର ନେଲେ, ଲୋକଟିକୁ ଡକାଇ ପଚରା-ଉଚରା କଲେ । ସେ ବହୁତ ରାଗିଗଲେ କିପରି ତାଙ୍କୁ ନ ଜଣାଇ ଧନରତ୍ନସବୁ ମନଇଚ୍ଛା ଖର୍ଚ୍ଚ କରି ପକାଇଲା ! ଜଣାପଡ଼ିଲା – ଯାହା ସେ ସତରେହିଁ ପାଇଥିଲା, ସେଥିରୁ ବେଶୀଭାଗ ସେ ଜମିବାଡ଼ି ଘର ଦୁଆର କିଣାକିଣିରେ ଖର୍ଚ୍ଚ କରିଦେଇଛି । ରାଜାଙ୍କ ଆଦେଶରେ ସେସବୁର ବାଜ୍ୟାପ୍ତି କରି ଦିଆଗଲା, ଯାହା ସେଇ ଲୋକଟି ପାଖରେ ଅବଶିଷ୍ଟ ଥିଲା, ତାହା ରାଜଭଣ୍ଡାରରେ ଜମା କରି ଦିଆଗଲା । କେବଳ ସେତିକି ନୁହେଁ ଲୋକଟିକୁ ଅଟକ କରି ରଖାଗଲା ।

ରାଜାଙ୍କ ଦରବାରରେ  ଲୋକଟିର ବିଚାର ହେଲା । ବିଚାରପତି କହିଲେ, ''ଏ ପ୍ରାନ୍ତରେ ଯେଉଁଠି ଯାହା ଧନରତ୍ନ ଅଛି, ସେସବୁ ଏ ରାଜ୍ୟର, ପ୍ରମୁଖ ନାଗରିକ ହୋଇଥିବାରୁ ସେଇ ଧନ ଉପରେ ପ୍ରଥମ ଅଧିକାର ରାଜାଙ୍କର, ସେ ତାକୁ ନେଇ ପ୍ରଜାହିତରେ ଲଗାଇବେ, ବାକି ଯାହା ବଳିବ, ନିଜ ସୁଖ-ସ୍ୱାଚ୍ଛନ୍ଦ୍ୟରେ ଲଗାଇ ପାରନ୍ତି । ଯେହେତୁ ପ୍ରଥମରୁହିଁ ଲୋକଟି ସବୁଯାକ ସମ୍ପଦ ନିଜ ପାଇଁ, ନିଜ ପରିବାର ପାଇଁ ବ୍ୟୟ କରିଛି, ସେଥିପାଇଁ ଲୋକଟି ତା'ର ପରିବାରବର୍ଗଙ୍କ ସହ ଅନ୍ୟାନ୍ୟ ବନ୍ଦୀମାନଙ୍କ ଭଳି ବନ୍ଦିଶାଳାରେହିଁ ଅବଶିଷ୍ଟ ଜୀବନ ବିତାଇବ ।'' ସାମାନ୍ୟ ଭୁଲ୍ ବୋଲି ସେ ଲୋକଟି ଯାହାକୁ ଭାବିଥିଲା, ଏମିତିକି, କାହାରି ଦାବି ନଥିବା ମାଟିତଳୁ ମିଳିଥିବା ଧନର କଳସୀ ନେଇଯିବା ଓ ନିଜ ମନଇଚ୍ଛା ଖର୍ଚ୍ଚ କରିବାରେ କୌଣସି ବି ଦୋଷ ଥାଇପାରେ ବୋଲି ଥରେ ବି କେବେ ମନକୁ ସ୍ପର୍ଶ କରି ନଥିଲା; ଏହାର ପରିଣାମ ଯେ ଏମିତି ଭୟାବହ ହୋଇପାରେ ଏହା ସେ ବିଶ୍ୱାସ କରିପାରିଲା ନାହିଁ । ମନେପଡ଼ିଲା ସେଇ ବୌଦ୍ଧ ଭିକ୍ଷୁଙ୍କ କଥା, ''ସତରେ ତ ତାହା ମୋ ଜୀବନରେ ବିଷ ଭଳି କାମ କଲା !''

ଯା'ହେଉ, କେତେବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିଲା ତା'ର ମାତାପିତା, ସ୍ତ୍ରୀପିଲା ଓ ତା' ନିଜ ଶ୍ରମ ସହିତ । ଏଇଥିପାଇଁ ମନକଷ୍ଟ ତାକୁ ବେଳେବେଳେ ଅସହ୍ୟ ବୋଧ ହେଉଥିଲା । ସେତେବେଳେ ସେ ଜଙ୍ଗଲ ଭିତରେ ଦେଖିଥିବା ସାଧୁପୁରୁଷଙ୍କୁ ମନେ ପକାଏ, କ'ଣ ତାଙ୍କ ନାଁ ଜଣା ନାହିଁ, କେଡ଼େ ସତକଥାଟିଏ ସେ କହିଥିଲେ – 'ଏଗୁଡ଼ିକ ସୁନାରୁପାର ମୋହର ନୁହେଁ, ଏଇ ଭାଣ୍ଡଟା ବିଷଭାଣ୍ଡ । ଏହାର ପ୍ରତିଟି ମୋହର ବିଷମିଶ୍ରିତ । ପୂରା ଭାଣ୍ଡଟାରେ ଯେଉଁ ବିଷ, ଅଳ୍ପ କେତୋଟିରେ ବି ସେଇ ସମାନ ବିଷ' – ଏହା କହି ସେ ସାହାଯ୍ୟ କରିଥିଲେ ବି ଏଥିରୁ କିଛି ନେବାକୁ ରାଜି ହୋଇ ନଥିଲେ । ସବୁବେଳେ ତାଙ୍କ କଥା ଭାବି ଭାବି ସେଇ ଭିକ୍ଷୁଙ୍କ ପ୍ରତି ତା'ର ଶ୍ରଦ୍ଧା ବଢ଼ିଲା ।

କିଛିବର୍ଷ ଏପରି ବିତିଗଲା । ରାଜା ମଝିରେ ମଝିରେ ବନ୍ଦିଶାଳା ପରିଦର୍ଶନ କରିବାକୁ ଯାଆନ୍ତି । ସେତେବେଳେ ସିଏ ବନ୍ଦିମାନଙ୍କ ସହ କଥାବାର୍ତ୍ତା କରନ୍ତି । ଦୟା ହେଲେ କାହାର ଦଣ୍ଡର ଅବଧି କମାଇ ଦିଅନ୍ତି, କେବେ ପୁଣି କଠିନ ଶାସ୍ତିକୁ ଲାଘବ କରିଦିଅନ୍ତି । ସେଥର କାରାଗାର ପରିଦର୍ଶନରେ ଆସି ସେଇ ବନ୍ଦୀଟି ସାଙ୍ଗରେ ରାଜା ମହୋଦୟ କଥାବାର୍ତ୍ତା କଲାବେଳେ ବନ୍ଦୀଟି କହିଲା, ''ମୋର ସେଇ ବୌଦ୍ଧ ସାଧୁଙ୍କୁ ଦେଖିବାକୁ ଓ ତାଙ୍କଠୁ କ୍ଷମା ମାଗିବାକୁ ବହୁତ ଇଚ୍ଛା ହେଉଛି । ହଜୁର ଆପଣ ! ଅନୁଗ୍ରହ କରି ତା'ର ବ୍ୟବସ୍ଥା କରିଦେଲେ ମୁଁ ସାରା ଜୀବନ ଆପଣଙ୍କଠାରେ ଋଣୀ ହୋଇ ରହନ୍ତି ।'' ରାଜା ବନ୍ଦୀର କଥାଶୁଣି ଆଶ୍ଚର୍ଯ୍ୟ ହେଲେ । ପଚରାପଚରି କରି ଲୋକଟିଠାରୁ କଥା ଆଦାୟ କଲେ । ସେ ଅନୁମାନ କଲେ ଯେ ବୌଦ୍ଧଭିକ୍ଷୁ ଜଣକ ଦୂରଦର୍ଶୀ ବୁଦ୍ଧଦେବଙ୍କ ବ୍ୟତୀତ ଆଉ କେହି ହୋଇ ନଥିବେ । ଯା'ହେଉ ବନ୍ଦୀଟିକୁ ଆଶ୍ୱସ୍ତ କଲେ ଯେ ଯେବେ ସେହି ପରିବ୍ରାଜକ ବୌଦ୍ଧଭିକ୍ଷୁ ସେ ରାଜ୍ୟକୁ ଆସିବେ, ସେ ତାଙ୍କୁ ବନ୍ଦିଶାଳାକୁ ନେଇଆସିବେ । ବନ୍ଦୀଟି ଆଶାନ୍ୱିତ ହୋଇ ଅପେକ୍ଷା କଲା, କେବେ ସେଇ ପରିବ୍ରାଜକ-ଭିକ୍ଷୁଙ୍କୁ ଭେଟିବ, ତାଙ୍କ ପାଦତଳେ ପଡ଼ି କ୍ଷମା ମାଗିବ ।

ବୁଦ୍ଧଦେବ ଏହା ଭିତରେ ଅନେକ ରାଜ୍ୟ ବୁଲାବୁଲି କରି ପାଖ ରାଜ୍ୟକୁ ଆସିଛନ୍ତି ବୋଲି ଶୁଣାଗଲା । ତେଣୁ ଏ ରାଜା ତାଙ୍କୁ ନିଜ ରାଜ୍ୟକୁ ଆମନ୍ତ୍ରଣ କଲେ । ରାଜା ମଧ୍ୟ ବୁଦ୍ଧଦେବଙ୍କ ସମ୍ବନ୍ଧରେ ଅନେକ ତଥ୍ୟ ସଂଗ୍ରହ କରି ତାଙ୍କର ସାକ୍ଷାତ୍ ପାଇଁ ଆଗ୍ରହୀ ଥିଲେ । ଯା'ହେଉ କିଛିଦିନ ଭିତରେ ବୁଦ୍ଧଦେବଙ୍କୁ ସେଇ ରାଜ୍ୟର ରାଜାରାଣୀ ତାଙ୍କ ପାରିଷଦ କେତେକଙ୍କ ସହ ନିଜ ରାଜଧାନୀକୁ ପାଛୋଟି ଆଣିଲେ । ସେଠାରେ ସେ କିଛିଦିନ ରହିଲେ, ପ୍ରତିଦିନ କିଛି ସମୟ ତାଙ୍କର ପ୍ରବଚନ ବି ହେଲା । ଦିନେ ସେଇ ବନ୍ଦୀଟିକୁ ବି ସୁଯୋଗ ଦିଆଗଲା ବୁଦ୍ଧଙ୍କ ସହ ସାକ୍ଷାତ୍ କରିବା ପାଇଁ । କରୁଣାମୟ ବୁଦ୍ଧ ଲୋକଟିକୁ ଦେଖିଲାମାତ୍ରେ ଚିହ୍ନି ପାରିଲେ, ଯଦିଓ ତା'ର ମନ ଓ ଦେହର ସ୍ଥିତି ଶୋଚନୀୟ ହୋଇ ଯାଇଥିଲା । ଲୋକଟି ମଧ୍ୟ ସେଇ ପରୋପକାରୀ ଭିକ୍ଷୁ ପୁରୁଷଙ୍କୁ ଚିହ୍ନିପାରି ତାଙ୍କ ପାଦତଳେ ପଡ଼ିଗଲା, ଆଖିରୁ ଲୁହ ବୋହିଗଲା, ତରତରରେ ଅଶ୍ରୁ ପୋଛି ପକାଇ ସେ ବୁଦ୍ଧଙ୍କର ପାଦଦିଓଟିକୁ ଧରି କହିଲା, ''ପ୍ରଭୁ ଆପଣ ଜଙ୍ଗଲ ପଥରେ ଟଙ୍କା ସୁନାର ସେଇ କୁମ୍ଭଟିକୁ ଗର୍ତ୍ତରୁ ଉଠାଇ ଆଣିବାରେ ମୋତେ ସାହାଯ୍ୟ କରିଥିଲେ ଓ ସାବଧାନ କରି ଦେଇଥିଲେ ଯେ ଏଇ କଳସୀଟି ବିଷରେ ପୂର୍ଣ୍ଣ ବୋଲି । ମୋ ମନ ସେଥିରେ ବିଶ୍ୱାସ କଲା ନାହିଁ; କିନ୍ତୁ ପରେ ମୁଁ ମର୍ମେ ମର୍ମେ ବୁଝିଲି ଓ ଅଙ୍ଗେ ନିଭାଇଲି ସତରେହିଁ ସେଗୁଡ଼ିକ ସୁନା-ରୁପାର ମୋହର ଓ ରତ୍ନଭଣ୍ଡାର ନଥିଲା, ମୋ ପାଇଁ ସେଗୁଡ଼ିକ ବିଷର କାମ କଲା । ଆଗରୁ ଦରିଦ୍ର ଶ୍ରମଶୀଳ ଲୋକଟିଏ ରହି ଯେଉଁ ସୁଖଶାନ୍ତି ଅନୁଭବ କରୁଥିଲି, ସେସବୁ

କୁଆଡ଼େ ଗଲା । କେତେ ବର୍ଷ ଧରି ମୁଁ, ମୋର ବୃଦ୍ଧ ମାତାପିତା, ମୋ ପିଲାକୁଟୁମ୍ବ ସମସ୍ତେ କାରାଗାରରେ ପଡ଼ି ରହିଛୁ । ସତ୍ୟଟା ବୁଝିଲା ବେଳକୁ ପ୍ରତିକାର କରିବାର ଉପାୟ ନାହିଁ । ମୋତେ କ୍ଷମା କରନ୍ତୁ – ମୁଁ ଆପଣଙ୍କ କଥାକୁ ଅବଜ୍ଞା କରିଥିଲି, ଅବିଶ୍ୱାସ କରିଥିଲି ସେତେବେଳେ, ଆପଣାର ମହତ୍ତ୍ୱ ଦେଇ ମୋର ମୂର୍ଖତାକୁ ମନରେ ଧରନ୍ତୁ ନାହିଁ ।''

ବୁଦ୍ଧଦେବ ଲୋକଟିକୁ ଦେଖି ମନେ ପକାଇଲେ ସେଇ ଦିନର ସେଇ ଲୋକଟିର କଥା ଯିଏ ଅରଣ୍ୟର ପାର୍ଶ୍ୱପଥରେ ଗର୍ତ୍ତଟିଏ ଖୋଳୁଥିଲା ଓ ସେଇ ଗର୍ତ୍ତରୁ କଳସୀଟିଏ କାଢ଼ି ଉପରକୁ ଉଠାଇବାର ଚେଷ୍ଟାରେ ଲାଗି ପଡ଼ିଥିଲା । ମନରେ ଥିଲା ଖୁବ୍ ସ୍ଫୂର୍ତ୍ତି ଓ ଅମିତ ବଳ; ଆଖିରେ ଥିଲା ଲୋଭାତୁର ଚାହାଣି । ସେତେବେଳେ ଲୋକଟି ଥିଲା ସ୍ୱାସ୍ଥ୍ୟବାନ୍, ଏବେ ତ ଜୀର୍ଣ୍ଣଶୀର୍ଣ୍ଣ ଦିଶୁଛି – ଯେମିତି ଅଦିନରେ ବୁଢ଼ା ହୋଇ ଯାଇଛି । ଏବେ ତା'ର କଥା ଶୁଣି ବୁଝିଲେ ରତ୍ନ-ଭାଣ୍ଡଟା ତା'ର ଉପକାର କରିବା ଦୂରେ ଥାଉ, ତା'ର ଅବନତିର କାରଣ ହୋଇଛି । ଏତେଦିନ ପରେ ଧନର ତତ୍ତ୍ୱକୁ ବୁଝିବାର ସମୟ ଆସିଛି ବୋଲି ଦେଖି ସେଠାରେ ଉପସ୍ଥିତ ଥିବା ଜନତାକୁ ଚାହିଁ ସେ କହିଲେ, ''ବନ୍ଧୁ ବାଟୋଇ ଭାଇ, ସେଇ ଯେଉଁ କୁମ୍ଭଟିର କଥା କହୁଛ, ସେଥିରେ ପ୍ରକୃତରେ ବିଷ ନଥିଲା, ତୁମ ସଂସ୍ପର୍ଶରେ ଆସି ତାହା ବିଷ ପାଲଟି ଗଲା । ପ୍ରଥମେ, ଯିଏ ପୋତିଥିଲା ସିଏ ବି ସ୍ୱାର୍ଥପର ଲୋଭୀ ଥିଲା, ତାହାର ହାତ ବାଜି ତାହା ପୂର୍ବରୁ ବିଷ ହୋଇଥିଲା, ତା'ପରେ ତୁମର କ୍ଷୁଦ୍ର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ତୁମେ ଯେତେବେଳେ ତାହାର ଉପଯୋଗ କଲ, ସ୍ୱାଭାବିକ ଭାବେ ତୁମ ଜୀବନରେ ତାହା ବିଷର ପରିଣାମ ଆଣିଲା । ଧନରତ୍ନ, ସୁନାରୁପାର ମୋହରକୁ ଅମୃତ ବା ବିଷରେ ରୂପାନ୍ତର କରିବାର ଦାୟିତ୍ୱ ମନୁଷ୍ୟର – ଯାହା ତା'ର ନିଜର ନୁହେଁ ବରଂ ତା' ପାଖକୁ ଆସେ । ଯେତେବେଳେ ତାହା ଦଶଜଣଙ୍କର ହିତରେ ଆସେ, ପ୍ରାଣୀଙ୍କର କଲ୍ୟାଣରେ ଲାଗେ, ତାହା ହୁଏ ଅମୃତ, ପୁଣି ଯେତେବେଳେ ତାହା ଧନଲିପ୍ସୁ ବ୍ୟକ୍ତିର କ୍ଷୁଦ୍ର ସ୍ୱାର୍ଥ ପାଇଁ ନିୟୋଜିତ ହୁଏ – ତାହା ଯେତେ ବିପୁଳ ହେଉନା କାହିଁକି ତହିଁରେ ବିଷ ମିଶ୍ରିତ ହୋଇଯାଏ । ସେ ଜିନିଷଟା ସମ୍ପୃକ୍ତ ବ୍ୟକ୍ତି ଓ ସମୂହ ପାଇଁ ବିଷବତ୍ ହୋଇଯାଏ । ତୁମେ ଦେଖିଥିବ – ସ୍ୱଚ୍ଛ ନିର୍ଝରିଣୀର ଜଳ ଜୀବନଦାନ କରେ, କିନ୍ତୁ ଅର୍ଦ୍ଧଶୁଷ୍କ ପୋଖରୀର ପଙ୍କିଳ ଜଳରୁ ଗଣ୍ଡୁଷେ ମାତ୍ର ପାନ କଲେ, ତାହା ସ୍ୱାସ୍ଥ୍ୟହାନି ଘଟାଏ । ଠିକ୍ ସେଇଭଳି ଧନ ଏକହିଁ, ତା'ର ରକ୍ଷଣାବେକ୍ଷଣ ଓ ବ୍ୟବହାରହିଁ ଲୋକର ଚରିତ୍ର ଓ ମନୋଭାବ ହେତୁ ଧନରେ ଏଇ ପାର୍ଥକ୍ୟ ସୃଷ୍ଟି କରେ ।''

ଏକଥା କହିସାରିବା ପରେ ବୁଦ୍ଧଦେବ ରାଜାଙ୍କୁ ଅନୁରୋଧ କଲେ ଲୋକଟିକୁ ବନ୍ଦିଶାଳରୁ ମୁକ୍ତ କରିଦେବା ପାଇଁ ଓ ତା'ର ବୁଦ୍ଧିବିଦ୍ୟାକୁ ଚାହିଁ କିଛି କାମରେ ନିଯୁକ୍ତ କରିଦେବା ଲାଗି । ''ଏବେ ଯେହେତୁ ଲୋକଟି ତା'ର ଭୁଲ୍ ବୁଝିପାରିଛି ଓ ସେଥିପାଇଁ ଅନୁତାପ ବି ରହିଛି – ମୋତେ ଲାଗୁଛି ତା'ର ଆଉ ଦଣ୍ଡର ଆବଶ୍ୟକତା ନାହିଁ ।'' ରାଜା ମଧ୍ୟ ତଥାଗତଙ୍କ କଥା ଓ ଉଚିତ ବ୍ୟବହାରରେ ଅଭିଭୂତ ହୋଇ ପଡ଼ିଥିଲେ । ସେ ଲୋକଟିକୁ ସପରିବାର ମୁକୁଳାଇ ଦେଲେ, କିଛି ଅର୍ଥ ଦେଇ ବେପାର-ବାଣିଜ୍ୟ କରିବାରେ ଲଗାଇ ଦେଲେ ।

ସବୁକିଛି ବୁଦ୍ଧଙ୍କ ସଂସର୍ଗଲାଭର ଫଳସ୍ୱରୂପ ସହଜରେ ଘଟିଗଲା । ରାଜାରାଣୀ ଓ ପରିଷଦବର୍ଗ ତଥା ବନ୍ଦୀଟି ମଧ୍ୟ ଅନୁଭବ କଲେ – ସେମାନେ ଯେପରି ଅଳ୍ପ କିଛି ସମୟ ମଧ୍ୟରେ ଅନ୍ୟ ମଣିଷ ହୋଇ ଯାଇଛନ୍ତି ଯାହା ଏତେଦିନରେ ହୋଇ ନଥିଲା । ମହାପୁରୁଷଙ୍କର ସାମାନ୍ୟ ସଂସ୍ପର୍ଶ ଜୀବନକୁ ଏଇଭଳି ସୁଧାମୟ କରିଥାଏ । ❑

ଧନପତି ଓ ବ୍ୟବସାୟୀମାନଙ୍କୁ ଦିବ୍ୟ-ଭବିଷ୍ୟତ୍ ସହିତ ସହଯୋଗ କରିବା ନିମିତ୍ତ ସୁଯୋଗ ଦିଆଯାଇଛି; କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଏହାକୁ ଅସ୍ୱୀକାର କରୁଛନ୍ତି – ଏହି ବିଶ୍ୱାସରେ ଯେ ଧନସମ୍ପତ୍ତି ଭବିଷ୍ୟତ୍ ଅପେକ୍ଷା ଅଧିକ ଶକ୍ତିଶାଳୀ ।

ସୁତରାଂ ଦିବ୍ୟ-ଭବିଷ୍ୟତ୍ ସେମାନଙ୍କୁ ତାହାର ମହାଶକ୍ତି ଦ୍ୱାରା ଧ୍ୱଂସ କରିବ ।

୨୧.୧୧.୧୯୬୯ – ଶ୍ରୀମା

ଚେତନାର ଦିଗ୍‌ବଳୟ :

# କୁଶକ୍ତିର କରାମତି

***ପ୍ରଶ୍ନ :** ମୁଁ ଭାବେ ସ୍ୱାଭାବିକ ଭାବେ ମଣିଷ ଦିବ୍ୟ ଚେତନାର ଅଧିକାରୀ । ସମାଜରେ ଯେତେ ଖରାପ କର୍ମ ହୁଏ, ତାହା କୌଣସି ଖରାପ ଶକ୍ତି ଆମ ଦ୍ୱାରା କରାଇ ନିଏ । ସେହି ଖରାପ ଶକ୍ତିକୁ ଆମେ କିପରି ଚିହ୍ନିବା ଏବଂ ତା'ଠାରୁ ଦୂରରେ ରହିପାରିବା ?*

**ଉତ୍ତର :** ସ୍ୱାଭାବିକ ଭାବେ ମଣିଷ ଦିବ୍ୟ ଚେତନାର ଅଧିକାରୀ – ଏହା ମୌଳିକ ସ୍ତରରେ ସତ୍ୟ । କିନ୍ତୁ ସଚରାଚର ମଣିଷ ତା'ର ଏହି ଅଧିକାର ସମ୍ପର୍କରେ ସଚେତନ ନଥାଏ । ସ୍ପଷ୍ଟ ଭାବରେ କହିଲେ, ଆମେ ଗଭୀର ଅଜ୍ଞାନରେ ନିମଜ୍ଜିତ । ଏହି ଅଜ୍ଞାନର ରୂପ ଦିବ୍ୟ ଗୁଣ ସମୂହର ବିପରୀତ । ଏହି ଅଜ୍ଞାନ ହିଁ ନାନାଦି କୁଶକ୍ତିରେ ପରିଣତ ହୋଇଥାଏ । ଯେଉଁ ମଣିଷର ଚେତନାରେ ଜ୍ଞାନ ସକାଶେ ତିଳେ ମଧ ଆକାଂକ୍ଷା ଜାଗରିତ ହୋଇ ନାହିଁ, ସେ ହୁଏତ ଆଜୀବନ ନିଶ୍ଚିନ୍ତ ଭାବରେ ଅଜ୍ଞାନ କବଳିତ ହୋଇ ରହିଥିବ, ତା'ର ପରିଣାମ ଭୋଗୁଥିବ । କିନ୍ତୁ ଏ ଜନ୍ମରେ ନ ହେଲେ ପର ଜନ୍ମରେ ସେ ନିଜ ଜୀବନକୁ ନେଇ ଅଶାନ୍ତ ଅନୁଭବ କରିବ । ସେହିଠାରୁ ତା'ର ସନ୍ଧାନ ଆରମ୍ଭ ହେବ ।

କିନ୍ତୁ ଅଜ୍ଞାନର ପ୍ରହରୀ କୁଶକ୍ତିମାନେ ତାକୁ ତା'ର ସନ୍ଧାନରେ ନିୟତ ବାଧା ଦେବାକୁ ପ୍ରୟାସୀ ହେବେ । ସେହି ବାଧା ସହିତ ଲଢ଼େଇ ହେଲା ମଣିଷର ପ୍ରଗତିର ପଥ । ଯିଏ ସେହି ଲଢ଼େଇକୁ ସଚେତନ ଭାବରେ ନିଜ ଜୀବନର ବ୍ରତ ଓ ଆଭିମୁଖ୍ୟ ରୂପେ ଗ୍ରହଣ କରେ, ସେ ଜଣେ ସାଧକ ବା ଅଧ୍ୟାତ୍ମ ପଥର ଯାତ୍ରୀ ।

ଏ ଲଢ଼େଇ ଚାଲୁ ରଖିବା ନିମନ୍ତେ ଆମ ଚେତନାରେ ପ୍ରାଥମିକ ଯୋଗ୍ୟତା ଭାବରେ ରହିଛି ସାଧାରଣ ଭଲମନ୍ଦ ଜ୍ଞାନ । ସ୍ୱାଭାବିକ ମଣିଷ କଥା କହୁଛି । ଉଚିତ ଅନୁଚିତ ମଧରେ ପାର୍ଥକ୍ୟ ସେ ଜାଣେ । ଜଣେ ଗର୍ହିତ କର୍ମଟିଏ କଲାବେଳେ ତା' ସମଗ୍ର ଚେତନା ତାକୁ ସମର୍ଥନ କରେ ନାହିଁ । କରୁଥିଲେ, ''ମିଥ୍ୟା ନିର୍ଣ୍ଣାୟକ ପଦ୍ଧତି'' (Polygraph : Lie-Detection Test) କାର୍ଯ୍ୟକାରୀ ହୁଅନ୍ତା ନାହିଁ । ଜଣେ ଦୁର୍ବଳମନା ହୋଇଥିଲେ ଅଜ୍ଞାନ ଶକ୍ତିର ପ୍ରହରୀ ଓ କର୍ମକର୍ତ୍ତାମାନେ ଲୋଭ, ଉଚ୍ଚାଭିଳାଷ, କ୍ରୋଧ ଏବଂ ଈର୍ଷା ରୂପେ ତା' ବିବେକବୋଧକୁ ଅସାଡ଼ କରିଦିଅନ୍ତି । ଏହି କୁଶକ୍ତିମାନେ ଥରେ ଥରେ ଏତେ ପ୍ରବଳ ଓ ଭୀଷଣ ରୂପ ନିଅନ୍ତି ଯେ ସେମାନେ ଗୋଟାଏ ସମଗ୍ର ଦେଶର ଚେତନାକୁ ମଧ ପଙ୍ଗୁ କରିଦେଇ ପାରନ୍ତି । ହିଟଲର-ଅଧିଷ୍ଠିତ ଜର୍ମାନୀର ସେହି ଅବସ୍ଥା ହୋଇଥିଲା । ଏକ ବିକଶିତ ଦେଶର ତଥାକଥିତ ସଭ୍ୟ ନରନାରୀମାନଙ୍କ ଆଖି ଆଗରେ ପ୍ରକାଶ୍ୟ ଦିବାଲୋକରେ ଏକ ପରେ ଏକ ପରିବାରକୁ ମୃତ୍ୟୁ ଯନ୍ତା (Gas Chamber) ଅଭିମୁଖେ ଧରିନେଇ ଯାଉଥିଲେ ଜର୍ମାନ୍ ପୁଲିସ ଓ ସେନା ।

ଅଜ୍ଞାନ ଓ ଅହଙ୍କାରର କ୍ରୀତଦାସ ଦୁରାଚାରୀମାନେ କ୍ରମାଗତ ଭାବେ କୁଶକ୍ତିର ଆୟତ୍ତାଧୀନ ଥିବା ସ୍ଥଳେ ହଠାତ୍ ଯେଉଁମାନେ ନିର୍ମମ କାମ କରିପକାନ୍ତି, ସେମାନେ ସାମୟିକ ଭାବରେ ଏକ ଏକ କୁଶକ୍ତି ଦ୍ୱାରା ଆୟତ୍ତ ହୋଇଥା'ନ୍ତି । କାମଟି କିପରି କଲେ ତାହା ଭାବି ପରେ ସେମାନେ ହତଭମ୍ବ ବନିଯା'ନ୍ତି । ଯେଉଁମାନେ ଯୋଜନାଚାଳିତ ଅଭ୍ୟସ୍ତ ଘାତକ ଓ ପାପାଚାରୀ (ନକଲି ଔଷଧ ନିର୍ମାତା, ବ୍ୟକ୍ତି ବା ପ୍ରତିଷ୍ଠାନ ବା ଦେଶ ପ୍ରତି ଅଭ୍ୟାସଗତ ବିଶ୍ୱାସଘାତକ ଇତ୍ୟାଦି), ସେମାନଙ୍କୁ ଅନ୍ଧକାର ଶକ୍ତି ସର୍ବଦା ଆଚ୍ଛନ୍ନ କରି ରଖିଥାଏ ।

ସାଧାରଣ ପର୍ଯ୍ୟାୟର କୁନି କୁନି କୁଶକ୍ତିମାନଙ୍କୁ ଚିହ୍ନିବା ସକାଶେ ଆମ ସ୍ୱାଭାବିକ ବିବେକ ଯଥେଷ୍ଟ । ବଳବାନ୍ ଶକ୍ତିମାନଙ୍କୁ ଅଭିଜ୍ଞତା ଦ୍ୱାରା ଚିହ୍ନି ହୁଏ – କିନ୍ତୁ ଏକାଧିକ ଜନ୍ମ ଲାଗି ଯାଇପାରେ । ବିକଳ୍ପ ମାର୍ଗ ହେଲା ଚେତନାର ବିକାଶ । ଏମାନଙ୍କ କବଳରୁ ଆତ୍ମରକ୍ଷାର ଏକମାତ୍ର ଉପାୟ ଦିବ୍ୟଶକ୍ତିର ଆବାହନ । ଏମାନଙ୍କ ସୃଷ୍ଟି ରହସ୍ୟ ଭିନ୍ନ ପ୍ରସଙ୍ଗ ।

**– ମନୋଜ ଦାସ**

('ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ, ପୃ. ୬୯ - ୭୦) ❑

tarika

**AYURVEDIC HERBAL REMEDIES**

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

Statement about ownership and other particulars about the newspaper (NAVAPRAKASH) to be published in the first issue of every year after the last day of February.

**Form–IV**

(See Rule 8)

| | | |
|---|---|---|
| 1. Place of Publication | ··· | Sri Aurobindo Ashram, Pondicherry - 605 002 |
| 2. Periodicity of its Publication | ··· | Monthly |
| 3. Printer's Name | ··· | Swadhin Chatterjee |
| Nationality | ··· | Indian |
| Address | ··· | Sri Aurobindo Ashram Press, Pondicherry - 605 002 |
| 4. Publisher's Name | ··· | Manoj Das Gupta |
| Nationality | ··· | Indian |
| Address | ··· | Sri Aurobindo Ashram, Pondicherry - 605 002 |
| 5. Editor's Name | ··· | Gopal Chandra Mahana |
| Nationality | ··· | Indian |
| Address | ··· | Sri Aurobindo Ashram, Pondicherry - 605 002 |
| 6. Name and Address of individuals who own the newspaper and partners or shareholders holding more than one percent of the total capital. | ··· | Sri Aurobindo Ashram Trust, Pondicherry - 605 002 |

I, Sri Manoj Das Gupta, hereby declare that the particulars given above are true to the best of my knowledge and belief.

(Sd/) Manoj Das Gupta

*Date : 8.3.2023* *Signature of Publisher*

**Vol. LIV, No. 3** **R.N.I. No. 18163/70.**
Navaprakash (Monthly), March, 2023 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23


**ବିଶେଷ ସୂଚନା :**

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




**ସାବିତ୍ରୀ**

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**
**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)


Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**